# ଠାକୁର

# ଅଭିରାମ ପରମହଂସ

## ଜୀବନୀ, ସାହିତ୍ୟ ଓ ଦର୍ଶନ



ଡକ୍ଟର ବିଧୁପ୍ରଭା ରଥ

# ଠାକୁର ଅଭିରାମ ପରମହଂସ

## ଜୀବନୀ, ସାହିତ୍ୟ ଓ ଦର୍ଶନ

ଡକ୍ଟର ବିଧୁପ୍ରଭା ରଥ

ସିଦ୍ଧେଶ ପବ୍ଲିଶିଙ୍ଗ ହାଉସ୍
କଟକ

**ଠାକୁର ଅଭିରାମ ପରମହଂସ : ଜୀବନୀ, ସାହିତ୍ୟ ଓ ଦର୍ଶନ**

- ଲେଖିକା : ଡକ୍ଟର ବିଧୁପ୍ରଭା ରଥ
- ପ୍ରକାଶକ : ସିଦ୍ଧେଶ ପବ୍ଲିଶିଙ୍ଗ ହାଉସ୍<br>ଅଲିଶା ବଜାର<br>କଟକ-୭୫୩୦୦୨
- ମୋ. ନଂ. : ୯୪୩୮୪୩୮୬୦୯
- ମୁଦ୍ରଣ : ଅଭିଷେକ ଗ୍ରାଫିକ୍ସ<br>କଟକ-୮
- ଅଙ୍ଗସଜ୍ଜା : ଆନନ୍ଦ
- ପ୍ରଚ୍ଛଦ : ଆନନ୍ଦ
- ମୂଲ୍ୟ : ଟ.୭୫/-(ବନ୍ଧାଇ)<br>ଟ.୬୫/-(ସାଧା)
- ପ୍ରଥମ ସଂସ୍କରଣ : ଶ୍ରୀ ଗଣେଶ ଚତୁର୍ଥୀ-୨୦୦୮

**THAKUR ABHIRAM PARAMAHANSHA : JIBANI,SAHITYA O DARSHAN**

- Written by : Dr. Bidhuprava Rath
- Published by : Sidhesh Publishing House<br>Alisha Bazar,<br>Cuttack -753002
- Mobile No : 9438438609
- Printed at : Abhisek Graphics<br>Cuttack-8
- DTP : Ananda
- Cover : Ananda
- Price : Rs.75/- (Binding)<br>Rs.65/-(Paper Back)
- First Edition : Shree Ganesh Chaturthi-2008

ଯୋଗାଚାର୍ଯ୍ୟ ଶ୍ରୀଯୁକ୍ତ ଶିବରାମ ରଥ ଓ ଶ୍ରୀମତୀ କ୍ଷେତ୍ରମଣି ଦେବୀ

ନନା ଏବଂ ମା'ଙ୍କୁ 'ବିଧୁ'ର ପ୍ରଥମ ସମର୍ପଣ

–ବିଧୁପ୍ରଭା

ଶ୍ରୀ ଶ୍ରୀ ଠାକୁର ଲେଖିଛନ୍ତି

ଦେହାଭିମାନରୁ ହୃଦୟ ଅନ୍ଧାରା ।
ଭକ୍ତଗୁଣେ ସ୍ଥିତା - ସ୍ୱାର୍ଥପ୍ରେରଣା ।

ମୁହିଁ ଜାଣୁଅଛି ଭୁଲକୁ ଭାବିନା ।
ଶିଷ୍ଟଲୋକମାନଙ୍କ, 'ଆତ୍ମପ୍ରବଞ୍ଚନା' ।
ହିନ୍ଦୁ ନିଷ୍ଠାରେ ସ୍ଥିର ଥାଇ ହୃଦୟ ।
'ଉପାସ୍ତି ଭକ୍ତି ନାହିଁ ନିଷ୍ଠାରେ ।'

ନିତ୍ୟ ବନ୍ଦନା ଅର୍ଚ୍ଚନା ଆରତି ।
ନିତ୍ୟ ସାଧନାରୁ ଶାନ୍ତି ସମାହୃତି ।
ସୁଦୃଢ଼ ନିଷ୍ଠାରେ ନିର୍ଭରତା ଯୋଗ ।
ନାହିଁ ନାହିଁ ଜଗ ତୁମରି ସ୍ୱୟଂ ।

ଓହୋ ଜଗନ୍ନାଥ! ଶରଣ ଦେବେକେ ।।
ଏମିତି ଭାବନ୍ତି ମନର ଶୋଚନା ।

ଗଉଣ ମୁଁ ଦୁଃଖୀ ଶରଣାର୍ଥୀ ଜନ ।

# ଆମୁଖ

ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ଭୟଙ୍କର ଅଣୁ ପରମାଣୁ ବିସ୍ଫୋରଣର ଅର୍ଗଳି ଦେଇ ଗତି କରୁଛି । ବହୁ ପୁରାତନ ଏହି ମାନବ ସଭ୍ୟତା କ୍ରମଶଃ ବିଲୟର ଧ୍ୱଂସସ୍ତୂପ ଦିଗକୁ ପ୍ରଧାବିତ ହେଉଛି । କାରଣ ଆଜି ବିଜ୍ଞାନର ଦ୍ରୁତ ବୈଷୟିକ ଅଗ୍ରଗତି ମଣିଷକୁ ସେହି ସଫଳତା ନିକଟକୁ ଆକର୍ଷଣ କରି ନେଉଛି । ଏହାର ପରିଣତି ସ୍ୱରୂପ ଦୁଇଟି ବିଶ୍ୱମହାଯୁଦ୍ଧ, ଶିଳ୍ପବିପ୍ଳବ, ଆଇନ୍‌ଷ୍ଟାଇନ୍, ଡାରଉଇନ୍ ପ୍ରଭୃତି ବୈଜ୍ଞାନିକମାନଙ୍କର ନୂତନ ଆବିଷ୍କାର ତଥା ପୃଥିବୀର ଆଭ୍ୟନ୍ତରୀଣ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପ୍ରଭୃତି ମୌଳିକ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ ସ୍ପଷ୍ଟ ହୃଦ୍‌ବୋଧ ହୁଏ ଯେ, ମଣିଷ କ୍ରମଶଃ ଅସହିଷ୍ଣୁ ଏବଂ ସ୍ୱାର୍ଥପର ହୋଇ ପଡୁଛି । ଏତଦ୍‌ବ୍ୟତୀତ ବହୁ ପାଶ୍ଚାତ୍ୟ ବୁଦ୍ଧିଜୀବୀ ଏବଂ ମନୀଷୀମାନଙ୍କର ନୂତନ ସିଦ୍ଧାନ୍ତ ଫଳରେ ଆଧୁନିକ ମାନବ ସମାଜ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ସନ୍ଦିହାନ ହୋଇ ପଡୁଛନ୍ତି ।

ମୁଖ୍ୟତଃ ଧର୍ମ ଏବଂ ଭଗବତ୍ ବିଶ୍ୱାସ ମଣିଷର ନୈତିକ ଆତ୍ମବଳକୁ ସୁଦୃଢ଼ କରିଥାଏ । ସୁତରାଂ ଏହି କ୍ଷୟମାଣ ସଭ୍ୟତାକୁ ପୁନରୁତ୍‌ଥାନ କରିବାକୁ ହେଲେ ସମଗ୍ର ବିଶ୍ୱରେ ପୂର୍ବର ଆଧ୍ୟାତ୍ମିକ ଚେତନାକୁ ନୂତନ ମୋଡ଼ଦେଇ ପ୍ରଚାର କରିବାକୁ ହେବ । ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଗଭୀର ଭାବରେ ଅନୁଧ୍ୟାନ କରି, ସାଂପ୍ରତିକ ପରିସ୍ଥିତିର ଭୟାବହତା ସମ୍ପର୍କରେ ପୂର୍ଣ୍ଣ ସଚେତନ ଥାଇ ମୁଁ ଏକ ଶାନ୍ତିପୂର୍ଣ୍ଣ ସମାଧାନ କରିବା ଉଦ୍ଦେଶ୍ୟରେ ଏହି ଧର୍ମ ତଥା ସଂସ୍କୃତି ସମ୍ପର୍କୀୟ ବିଷୟକୁ ମୋର ଆଲୋଚନାରେ ପରିସରଭୁକ୍ତ କରିଛି । ଭାରତୀୟ ସାହିତ୍ୟର ମୂଳଭିତ୍ତି ଧର୍ମ ସମ୍ପର୍କିତ ଆଧ୍ୟାତ୍ମିକ ଅନ୍ୱେଷାର କେନ୍ଦ୍ରବିନ୍ଦୁରେ ପ୍ରତିଷ୍ଠିତ ହୋଇଛି । ବିଶ୍ୱସ୍ରଷ୍ଟାଙ୍କ ଦେବତ୍ୱ ଉପରେ ମାନବତ୍ୱ ଆରୋପ କରି ମାନବିକ ଗୁଣାବଳୀର ଚାରିତ୍ରିକ ମହତ୍ତ୍ୱ ପ୍ରତିପାଦନ କରିବା ହେଉଛି ଭାରତୀୟ ମନୀଷୀମାନଙ୍କର ଏକ ଉଲ୍ଲେଖଯୋଗ୍ୟ ଅବଦାନ । ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି ବେଦ, ରାମାୟଣ, ଶ୍ରୀମଦ୍‌ଭାଗବତ୍ ଗୀତା ତଥା ଅନ୍ୟାନ୍ୟ ଅସଂଖ୍ୟ ପୁରାଣ, କାବ୍ୟ, ପଦାବଳୀ, ଜଣାଣ, ଭଜନ, ଚଉତିଶା, ଚଉପଦୀ ଇତ୍ୟାଦି । ମୁଁ ଯେଉଁ ସନ୍ଥକବି ଅଭିରାମ ପରମହଂସଙ୍କ ଜୀବନୀ ସାହିତ୍ୟ ଓ ଦର୍ଶନ ସମ୍ପର୍କରେ ଆଲୋଚନା କରିବା ପାଇଁ ଉଦ୍ୟମ କରିଛି ସେ ବିଂଶ ଶତାବ୍ଦୀର ଜଣେ ଶ୍ରେଷ୍ଠ ବୈଷ୍ଣବ ସାଧକ ଭାବରେ ପରିଚିତ । କେବଳ ଓଡ଼ିଶାର ଜନଜୀବନରେ ନୁହେଁ ଭାରତବର୍ଷର ଉତ୍ତର-

ପୂର୍ବାଞ୍ଚଳରେ ବୈଷ୍ଣବ ଧର୍ମର ବିକାଶଧାରା ପୁରୁଷୋତ୍ତମ ଜଗନ୍ନାଥଙ୍କୁ କେନ୍ଦ୍ରକରି ପରିପୁଷ୍ଟ ହୋଇଥିଲା । ଜ୍ଞାନମିଶ୍ରା ଭକ୍ତିଯୋଗର ଉତ୍କଳୀୟ ଚେତନା ସହିତ ପରବର୍ତ୍ତୀ ଚୈତନ୍ୟଙ୍କର ଗୌଡ଼ୀୟ ଶୁଦ୍ଧା ପ୍ରେମଭକ୍ତିର ଏକ ମଧୁର ସମନ୍ୱୟ ହୋଇ ଶ୍ରୀ ଜଗନ୍ନାଥଙ୍କର ସାର୍ବଭୌମତ୍ୱ ପ୍ରକାଶିତ ହୋଇଥିଲା । ଏପରି ଏକ ସମନ୍ୱୟାତ୍ମକ ପୃଷ୍ଠଭୂମିକୁ ଉପଜୀବ୍ୟ କରି ଆଲୋଚ୍ୟ କବି ଶ୍ରୀ ଅଭିରାମ ପରମହଂସ ମୁକ୍ତିକାମୀ ମାନବିକ ମୂଲ୍ୟବୋଧଭିତ୍ତିକ ଧର୍ମ-ଦର୍ଶନ ପ୍ରଚାର କରିଥିଲେ । ତାଙ୍କର ଧର୍ମ-ଦର୍ଶନ ତଥା ପ୍ରତିଫଳିତ ସାହିତ୍ୟିକ ଆଭିମୁଖ୍ୟର ଅନ୍ତଃସ୍ୱର ହେଉଛି ଭଗବଦ୍ କୃପାଲାଭଜନିତ ରାଧାଭାବାଶ୍ରିତ ଆତ୍ମସାଧନ । ଅର୍ଥାତ୍ ଏହି ଶ୍ରେଷ୍ଠ ଗୋପୀକାଭକ୍ତି ସହିତ ଅନ୍ତର୍ମୁଖୀ ଆତ୍ମଜ୍ଞାନମୂଳକ ଯୋଗ ସାଧନାର ସଂଯୋଗ ଘଟିଲେ ପ୍ରକୃତ ମୁକ୍ତି ବା ମୋକ୍ଷପ୍ରାପ୍ତି ହୋଇପାରେ ବୋଲି ସେ ମତ ପ୍ରକାଶ କରନ୍ତି । ତାଙ୍କର ରଚିତ ସାରସ୍ୱତ ସୃଷ୍ଟିଗୁଡ଼ିକ ବିଶେଷତଃ ଭଜନ, ଜଣାଣ ଶୈଳୀରେ ପ୍ରକାଶଲାଭ କରିଛି । ସର୍ବୋପରି ଏଗୁଡ଼ିକ ବିଭିନ୍ନ ଛାନ୍ଦ, ଅଧ୍ୟାୟ ତଥା ରାଗରାଗିଣୀ ଯୁକ୍ତ ହୋଇ ପୂର୍ବର ସାହିତ୍ୟିକ ପରମ୍ପରାକୁ ସାଦର ସ୍ୱୀକୃତି ପ୍ରଦାନ କରିଛି । ପ୍ରବନ୍ଧର ଆଲୋଚନା କାଳରେ କବିଙ୍କର ଜୀବନୀ ତଥା ଧର୍ମ ପ୍ରଚାରକୁ ନେଇ ପ୍ରସ୍ତୁତ ହୋଇଛି । ପୂର୍ବରୁ ଉତ୍କଳରେ ପ୍ରଚାରିତ ବିଭିନ୍ନ ଧର୍ମର ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ଧର୍ମୀୟ ସାଂସ୍କୃତିକ ପ୍ରଭାବ ହିଁ ପରବର୍ତ୍ତୀ କବି ଶ୍ରୀ ପରମହଂସଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା ତଥା ସେ ଏକ ଉଦାର ସାର୍ବିକ ଧର୍ମଗତ ଐକ୍ୟକୁ ନିଜ ଦର୍ଶନରେ ସାମିଲ କରି ପାରିଥିଲେ । କବିଙ୍କ ଦ୍ୱାରା ପ୍ରଚାରିତ ଧର୍ମ-ଦର୍ଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଯାଇଛି । ଅଭିରାମଙ୍କ ଦ୍ୱାରା ସାହିତ୍ୟକୃତିର ସାହିତ୍ୟିକ ଏବଂ ଗୁଣାତ୍ମକ ମୂଲ୍ୟାୟନ କରାଯାଇଛି । ବିଶେଷତଃ ତାଙ୍କର ରଚନାବଳୀରେ କିପରି ମୌଳିକ ସ୍ୱାତନ୍ତ୍ର୍ୟ ପ୍ରକାଶ ପାଇଛି ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା ପାଇଁ ମୁଁ ଯଥାସାଧ୍ୟ ଉଦ୍ୟମ କରିଛି । ଅବଶ୍ୟ ପୂର୍ବରୁ କବିଙ୍କ ରଚନାବଳୀର କେତେକ ସଂକ୍ଷିପ୍ତ ଆଲୋଚନା ଶାନ୍ତି ଆନନ୍ଦାଶ୍ରମ ବୈଷ୍ଣବ ଗୋଷ୍ଠୀର ମୁଖପତ୍ର 'ଶରଣଦ' ପତ୍ରିକାରେ ପ୍ରକାଶିତ ହୋଇସାରିଛି ଯଦିଓ ଏଯାବତ୍ ତାଙ୍କ କୃତିଗୁଡ଼ିକର ସାମୁହିକ ଆଲୋଚନା ହୋଇପାରି ନାହିଁ । ମୁଁ ମୋର ସାଧ୍ୟମତେ ନିଜସ୍ୱ ମୌଳିକ ଦୃଷ୍ଟିକୋଣରୁ ଠାକୁର ଅଭିରାମ ପରମହଂସଙ୍କ ଜୀବନ ସାହିତ୍ୟ ଓ ଦର୍ଶନ ସମ୍ପର୍କିତ ପ୍ରସ୍ତୁତ ପ୍ରବନ୍ଧର ଏକ ସାମୁହିକ ଆଲୋଚନା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ଉଦ୍ୟମ କରିଛି । ମୁଁ ଆଶା କରୁଛି ମୋ ଦ୍ୱାରା ପ୍ରସ୍ତୁତ ଏହି ନିବନ୍ଧ ଗ୍ରନ୍ଥଟି ଓଡ଼ିଆ ସାହିତ୍ୟପ୍ରେମୀ ବିଦଗ୍ଧ ପାଠକପାଠିକାମାନଙ୍କ ନିକଟରେ ଆଦୃତ ହେବ । ସଂପ୍ରତି ଓଡ଼ିଆ

ସାହିତ୍ୟ ଅକାଦେମୀର (୧୯୫୭-୫୮....୨୦୦୭-୨୦୦୮) ସୁବର୍ଣ୍ଣ ଜୟନ୍ତୀ ଓଡ଼ିଶା ରାଜ୍ୟ ଓ ରାଜ୍ୟ ବାହାରେ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳରେ ବର୍ଣ୍ଣାଢ୍ୟ ମହୋତ୍ସବ ମାଧ୍ୟମରେ ପାଳନ ହେଉଛି । ଅକାଦେମୀର ଏହି ସୁବର୍ଣ୍ଣ ଜୟନ୍ତୀ ପର୍ବରେ ଠାକୁର ଅଭିରାମ ପରମହଂସଙ୍କୁ ଏକ ସୁବର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ଉପସ୍ଥାପନ କରିବାକୁ ଓଡ଼ିଶା ସାହିତ୍ୟ ଅକାଦେମୀ ସୁବର୍ଣ୍ଣ ଜୟନ୍ତୀ ପର୍ବର ବରେଣ୍ୟ ସଦସ୍ୟ ସ୍ୱଦେଶୀ ଲେଖକମଞ୍ଚର ଅଧ୍ୟକ୍ଷ ତଥା ଉତ୍ତର ଆଧୁନିକ ଓଡ଼ିଆ କଥାସାହିତ୍ୟ ଓ ସାମ୍ବାଦିକତାର ମହାଭାଷ୍ୟକାର, ମୋର ସାରସ୍ୱତ ଅଗ୍ରଜ ମହାପାତ୍ର ଭାସ୍କର ଗନ୍ତାଏତଙ୍କର ଯେଉଁ ଇଚ୍ଛା ଥିଲା ତାହାକୁ ପ୍ରକାଶିକା ଶ୍ରୀମତୀ ପ୍ରୀତିମୟୀ ନନ୍ଦ ରୂପାୟିତ କରିଛନ୍ତି । ଏଥିପାଇଁ ସେ ଦୁହିଁଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ମୋର ସାରସ୍ୱତ ସାଧନାପଥରେ ପ୍ରେରଣାର ଉତ୍ସଭାବେ ଉଭା ହୋଇଥିବା ଏକବିଂଶ ଶତାବ୍ଦୀର ଓଡ଼ିଆ କଥାସାହିତ୍ୟର ପ୍ରସିଦ୍ଧ ଔପନ୍ୟାସିକ ଶ୍ରୀଯୁକ୍ତ ନବକିଶୋର ରାଜ୍, ଡକ୍ଟର କାର୍ତ୍ତିକଚନ୍ଦ୍ର ଦାସ, ସୁଶ୍ରୀ ଶର୍ମିଷ୍ଠା କୁମାରୀ, ଶ୍ରୀଯୁକ୍ତ ଜଗନ୍ନାଥ ପଣ୍ଡା, ଶ୍ରଦ୍ଧେୟ ଅନନ୍ତରାମ କର(କୌଣ୍ଡିନ୍ୟ) ପ୍ରମୁଖଙ୍କୁ ଏହି ଅବସରରେ କୃତଜ୍ଞତାର ସହିତ ସ୍ମରଣ କରୁଛି ।

**ବିଧୁପ୍ରଭା ରଥ**

ପୃଥ୍ୱୀପଦ୍ମା
ଏଲ୍.ଆଇ.ସି କଲୋନୀ
(ପଟ୍ଟନାୟକ ଲେନ)
ଛତ୍ରପୁର, ଗଞ୍ଜାମ
୯୪୩୭୨-୬୦୬୯୬

# ସୂଚୀ:


ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ଜୀବନୀ । ୦୯

ଅଭିରାମ ପରମହଂସଙ୍କ କଳି ଭାଗବତ ରଚନା
ଜଣେ ରାଜଦ୍ରୋହୀ ସନ୍ନ୍ୟାସୀ । ୧୫

ସନ୍ଥକବି ଅଭିରାମଙ୍କ ଧର୍ମ ପ୍ରଚାର ପୂର୍ବରୁ
ଓଡ଼ିଶାରେ ପ୍ରଚାରିତ ବିଭିନ୍ନ ଧର୍ମର ବୈଶିଷ୍ଟ୍ୟ;
ସର୍ବୋପରି ପଞ୍ଚସଖା ପ୍ରଚାରିତ ଧର୍ମର ଆଭିମୁଖ୍ୟ । ୩୪

ଅଭିରାମ ପରମହଂସଙ୍କ ଦ୍ୱାରା ପ୍ରଚାରିତ ଧର୍ମର
ଆଭିମୁଖ୍ୟ ତଥା ଧର୍ମ ଦର୍ଶନର ବୈଶିଷ୍ଟ୍ୟ । ୫୦

ଶ୍ରୀ ଅଭିରାମ ପରମହଂସଙ୍କ ରଚିତ ସାହିତ୍ୟ କୃତିର
ମୂଲ୍ୟାଙ୍କନ ଏବଂ ତାଙ୍କର ରଚନା ଶୈଳୀରେ ସ୍ୱତନ୍ତ୍ରତା
ତଥା ମୌଳିକତାର ବୈଶିଷ୍ଟ୍ୟ ପ୍ରତିପାଦିତ । ୭୯

ଶ୍ରୀ ଅଭିରାମ ପରମହଂସଙ୍କ ରଚିତ ପୁସ୍ତକାବଳୀର ସୂଚୀପତ୍ର । ୧୨୪

ସହାୟକ ଗ୍ରନ୍ଥାବଳୀ ଏବଂ ପତ୍ରପତ୍ରିକାର ତାଲିକା । ୧୨୭

## ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ଜୀବନୀ

ଠାକୁର ଶ୍ରୀ ଅଭିରାମ ପରମହଂସ ୧୯୦୪ ମସିହା ସୋମବାର ମାଘ ତ୍ରିବେଣୀ ଅମାବାସ୍ୟା ଦିନ ପୁରୀଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଲୁଣାନଦୀ ତୀରରେ ଅବସ୍ଥିତ ଏକ କ୍ଷୁଦ୍ରଜନପଦ କରମଳାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ସତ୍ୟବାଦୀ ପଟ୍ଟନାୟକ ଏବଂ ମାତା ରାଧାଦେବୀ ଥିଲେ ଏକାନ୍ତ ଧର୍ମପ୍ରାଣ ଏବଂ ନିଷ୍ଠାବାନ ଦମ୍ପତି । ସତ୍ୟବାଦୀ ପଟ୍ଟନାୟକଙ୍କ ମଧୁର ଆତିଥ୍ୟ ଏବଂ ଶ୍ରଦ୍ଧା-ଭକ୍ତି ଯୋଗୁଁ ଅନେକ ସାଧୁସନ୍ଥ କରମଳା ଗ୍ରାମକୁ ଆସୁଥିଲେ, ତଥା ତାଙ୍କର ଆତିଥ୍ୟ ଗ୍ରହଣ କରୁଥିଲେ । ଅଭିରାମଙ୍କ ଜନ୍ମର ଅବ୍ୟବହିତ ପରେ ଜଣେ ହିନ୍ଦୁସ୍ଥାନୀ ସନ୍ନ୍ୟାସୀ ସତ୍ୟବାଦୀ ପଟ୍ଟନାୟକଙ୍କ ଆତିଥ୍ୟ ଗ୍ରହଣ କରି କରମଳାରେ ରାତ୍ରିଯାପନ କରିଥିଲେ । ସେ ସଦ୍ୟଜାତ ଶିଶୁଟିର ନାମ ଅଭିରାମ ରଖିବା ପାଇଁ ନିର୍ଦ୍ଦେଶ ଦେଇ ପ୍ରତ୍ୟୁଷରୁ କରମଳା ତ୍ୟାଗ କରି ଚାଲି ଯାଇଥିଲେ । ଜନ୍ମଦାତ୍ରୀ ରାଧା ବାଳକର ଡାକନାମ ବି ଅଭି ରଖିଲେ । ଶୈଶବରେ ଅଭିରାମ ଅତ୍ୟନ୍ତ ଚପଳମତି ବାଳକ ଥିଲେ । ଗ୍ରାମର ବାଳକମାନଙ୍କ ସହିତ ଖେଳବେଳେ ନାନାପ୍ରକାର ଦୁଷ୍ଟାମୀ କରନ୍ତି ଏବଂ ଅନେକ ଆପତ୍ତି-ଅଭିଯୋଗ ପ୍ରତ୍ୟହ ପିତାମାତାଙ୍କ ସମ୍ମୁଖକୁ ଆସେ ।

ଏହିସବୁ ବାଲ୍ୟ ଚପଳତା ଭିତରେ ଯେଉଁ ଅସାଧାରଣ ଐଶୀ-ପ୍ରତିଭା ଲୁକ୍କାୟିତ ହୋଇ ରହିଥିଲା, ତାହାର ସୂଚନା ତାଙ୍କର କେତେକ ସାଧାରଣ କାର୍ଯ୍ୟକଳାପରୁ ଜଣା ପଡ଼ିଥିଲା । ଅଭିରାମଙ୍କ ସ୍ମରଣ ଶକ୍ତି ଏତେ ପ୍ରଖର ଥିଲା ଯେ କୌଣସି ଛାନ୍ଦ କି ଚୌପଦୀ ଯଦି ସେ ଥରେ ପଢୁଥିଲେ ବା ଶୁଣୁଥିଲେ ତାହାକୁ ଆଦୌ ଭୁଲିଯାଉ ନ ଥିଲେ । ପରବର୍ତ୍ତୀ କାଳରେ ପିତା ସତ୍ୟବାଦୀ ପଟ୍ଟନାୟକ ପୁତ୍ରର ଆଚରଣରେ ଅତିଷ୍ଠ ହୋଇ ନିଜ ବଡ଼ ଭାଇଙ୍କ ହାତରେ ତାଙ୍କୁ ଗଞ୍ଜାମ ପଠାଇଦେଲେ । ବଡ଼ବାପାଙ୍କର ବହୁତ ଚେଷ୍ଟା ସତ୍ତ୍ୱେ ଅଭିରାମ ପାଠପଢ଼ାରେ ଆଦୌ ମନ ଦେଲେ ନାହିଁ । ବରଂ ନୃତ୍ୟ, ଗୀତ-ବାଦ୍ୟ ନେଇ ସେ ମାତି ଉଠିଲେ । ଫଳରେ ସେ ଖଞ୍ଜଣି, ପଖଉଜ ତଥା ମୃଦଙ୍ଗ ବାଦ୍ୟରେ ପାରଦର୍ଶୀ ହୋଇ ଉଠିଲେ । କିଛିବର୍ଷ ପରେ ଅଭିରାମ ଗ୍ରାମକୁ ଫେରିଆସି ଗ୍ରାମ ଚାଟଶାଳୀରେ ଶିକ୍ଷକତା କଲେ । ଏହି ସମୟରେ ଏକ ପୁରାତନ ତାଳପତ୍ର ପୋଥି ପିତାଙ୍କ ବହି ଥାକରୁ ଖୋଜି ପାଇଲେ । ପୋଥିରେ ବର୍ଣ୍ଣିତ ବ୍ରହ୍ମଜ୍ଞାନର ନିଗୂଢ଼ ତଥ୍ୟ ଅଭିରାମଙ୍କୁ ବିଶେଷ ଉତ୍ସାହିତ କରିଥିଲା ।

ଏହାପରେ ଦିନେ ସେ ଘରେ ଭିତରୁ କବାଟ ବନ୍ଦକରି ଦିନଯାକ ବସି ରହିଲେ । ଅନିସନ୍ଧିତ୍ସୁ ପିତାମାତା କୌତୁହଳୀ ହୋଇ କବାଟ ଫାଙ୍କରୁ ଭିତରକୁ ଚାହିଁଲେ । ଅଭିରାମ ପରମହଂସ ଶୂନ୍ୟରେ ଯୋଗାସନରେ ଉପବିଷ୍ଟ ଅଛନ୍ତି, ତାଙ୍କର ସର୍ବାଙ୍ଗରୁ ଏକ ଉଜ୍ଜ୍ୱଳ ଜ୍ୟୋତି ପ୍ରସାରିତ ହେଉଛି । ପିତାମାତା ଦୁହେଁ ଏହି ଦୃଶ୍ୟ ଦେଖି ଅଭିଭୂତ ହୋଇ ପଡ଼ିଲେ । ଜ୍ୟୋତିଷ ବିଦ୍ୟାରେ ପାରଦର୍ଶୀ ସତ୍ୟବାଦୀ ପଟ୍ଟନାୟକ ପୁତ୍ରର କୋଷ୍ଠୀ ଗଣନା କରି ଜାଣିଲେ ଯେ ତାଙ୍କର ଏଇ ପୁତ୍ର ଦିନେ ଅସାଧାରଣ ଶକ୍ତିଧର ହୋଇ ଉଠିବ । ଗୃହର ସାଂସାରିକ ବନ୍ଧନ ଛିନ୍ନକରି ସେ ମାନବତାର ବନ୍ଧନରେ ବାନ୍ଧିହେବ । ଏହାପରେ ସେ ପୁତ୍ରର କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଉଚିତ ମନେକଲେ ନାହିଁ । କୌଣସି ସାଧୁସନ୍ଥଙ୍କୁ ଦେଖିଲେ ସେମାନଙ୍କ ସହ ଘୁରିବା ଓ ସେମାନଙ୍କର ସେବା କରିବାରେ ଅଭିରାମ ଆନନ୍ଦ ଅନୁଭବ କରୁଥିଲେ । ସତ୍ୟବାଦୀ ପଟ୍ଟନାୟକଙ୍କ ପଡ଼ୋଶୀ ଅପୁତ୍ରିକ ଅର୍ଜୁନ ଓ ସୁଭଦ୍ରା ଦମ୍ପତି ଅଭିରାମଙ୍କୁ ପୁତ୍ର ପରି ସ୍ନେହ କରୁଥିଲେ । ସେମାନଙ୍କ ଅକାଳ ବିୟୋଗ ଅଭିରାମଙ୍କୁ ହତାଶ ମର୍ମାହତ କରି ଦେଇଥିଲା । କ୍ରମଶଃ ଅଭିରାମ ସଂସାର ପ୍ରତି ଉଦାସୀନ ହୋଇ ଦିନ ଦିନ ଧରି ଗ୍ରାମରୁ ଅନୁପସ୍ଥିତ ରହିଲେ । ଗ୍ରାମ ନିକଟସ୍ଥ ଶ୍ମଶାନ ଥିଲା ତାଙ୍କର ପ୍ରିୟ ଆବାସସ୍ଥଳୀ । କେଉଁଠାକୁ ଯାନ୍ତି, କ'ଣ କରନ୍ତି ସେ ସମ୍ପର୍କରେ କାହାର ଜାଣିବାର ଉପାୟ ନଥାଏ । ପୁତ୍ରର ଏଭଳି ଆଚରଣରେ ଆତଙ୍କିତ ଜନନୀ ରାଧା ପୁତ୍ରଠାରେ ଏକ ସତ୍ୟପାଠ କରାଇଲେ– ''ତୁ ସନ୍ନ୍ୟାସୀ ହ, ମୋର ଆପତ୍ତି ନାହିଁ–କିନ୍ତୁ ଜୀବନ ଥିବାଯାଏଁ ମୁଁ ତତେ ଦେଖୁଥିବି ଓ ତୁ ମୋ ପାଖରେ ଥିବୁ ।'' (୧)

ଏହି କାରଣରୁ ହିଁ ଅଭିରାମଙ୍କୁ କରମଳାଠାରେ ଆଶ୍ରମ ପ୍ରତିଷ୍ଠା କରିବାକୁ ପଡ଼ିଥିଲା; ଏବଂ ସେ ଜନନୀଙ୍କୁ ସତ୍ୟ ରକ୍ଷାକରି ମୃତ୍ୟୁ ପର୍ଯ୍ୟନ୍ତ ତାହା ପାଳନ କରିଥିଲେ । ମାତୃଭକ୍ତ ଅଭିରାମ ଜନନୀଙ୍କଠାରେ ସତ୍ୟ ପାଳନ ପାଇଁ କେବେ କେବେ କରମଳାଠାରୁ ବହୁଦୂରରେ ଥାଇ ମଧ୍ୟ ପ୍ରତ୍ୟହ ଅଲୌକିକ ଭାବରେ ଆସି ଜନନୀଙ୍କ ସହିତ ପ୍ରକଟ ରୂପରେ କଥାବାର୍ତ୍ତା ହୋଇ ଫେରି ଯାଉଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ଏହି ମହାପୁରୁଷଙ୍କ ବ୍ୟକ୍ତିତ୍ୱର ଆଲୋକିତ ଦିଗନ୍ତ ବାଲ୍ୟକାଳରୁ ଉଦ୍‌ଭାସିତ ହୋଇଥିଲା । ଶୈଶବର କେତୋଟି ବିଶେଷ ଘଟଣା ଅଭିରାମଙ୍କୁ ଏତେ ପ୍ରଭାବିତ କରିଥିଲା ଯେ ପରବର୍ତ୍ତୀ କାଳରେ ସେ ଧର୍ମର ଶୁଦ୍ଧିକରଣ ପାଇଁ ଜଣେ ବିପ୍ଳବୀ ସଂସ୍କାରକର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ।

ଶ୍ରୀ ଚୈତନ୍ୟଙ୍କ ରହସ୍ୟଜନକ ଭାବେ ଦେହତ୍ୟାଗ ପରେ ଗୌଡ଼ୀୟ ବୈଷ୍ଣବ ଧର୍ମରେ ବିଭିନ୍ନ ସହଜିଆ ରୀତି–ନୀତି, ବ୍ୟଭିଚାର–ଲୌକିକତା ପ୍ରବେଶ କରି ବହୁଳ ପ୍ରଚାରିତ ଏହି ଧର୍ମର ଆଭିମୁଖ୍ୟକୁ ନଷ୍ଟ କରି ଦେଇଥିଲା । କୀର୍ତ୍ତନ ଆଳରେ ସୀମାତୀତ

ବ୍ୟଭିଚାର ସେମାନେ କରୁଥିଲେ । ସଂସ୍କୃତିର ଏହି ଅଧଃପତନ ତଥା ମୂଲ୍ୟବୋଧର ଅବକ୍ଷୟ ଅଳ୍ପ ବୟସରେ ସୁଦ୍ଧା ଅଭିରାମଙ୍କୁ ସ୍ପର୍ଶ କରିଥିଲା । ଯେଉଁ ଘଟଣାଟି ଏଠାରେ ଉଲ୍ଲେଖ କରାଯାଉଛି ସେତେବେଳେ ଅଭିରାମଙ୍କ ବୟସ ଆଠ କିମ୍ବା ନଅବର୍ଷ ହୋଇଥିଲା ।

–ଅଭିରାମଙ୍କ ଜନନୀ ଶ୍ରୀମତୀ ରାଧା ଦେବୀଙ୍କର କୌଳିକ ଗୁରୁ ଜନୈକ ବୈଷ୍ଣବ ବାବାଜୀ ଦିନେ କରମଳାରେ ଆସି ଉପସ୍ଥିତ ହେଲେ । ରାଧାଙ୍କୁ ସେହି ବାବାଜୀ ଜଣକ ଖଟା ଦେ ବୋଲି ମାଗିଲେ । ରାଧା ଦେବୀ ରୋଷେଇ ଘରୁ ଗୋଟିଏ ମାଟିସରା ଆଣି ବାବାଜୀଙ୍କୁ ଦେଲେ । କୌତୂହଳୀ ଅଭିରାମ ବାବାଜୀ ଯିବା ପରେ ମାଆଙ୍କୁ ପ୍ରଶ୍ନକଲେ– "ମାଆ ! ବାବାଜୀଙ୍କୁ ଖଟା ନାମରେ ଶୁଖୁଆ ଦେଲ ।" ଏହି ପ୍ରଶ୍ନରେ ଜନନୀ କ୍ରୁଦ୍ଧା ହେଲେ । କିନ୍ତୁ କିଶୋର ଅଭିରାମ ଏହି ଘଟଣାଟିକୁ ଭୁଲିପାରି ନ ଥିଲେ । ବୟସ୍କ ନୀତିଜ୍ଞ ଲୋକମାନଙ୍କର ଏ ପ୍ରକାର ଅସଦ୍‌ଆଚରଣକୁ ସେ ଅନ୍ତରରେ ଅନୁମୋଦନ କରିପାରି ନଥିଲେ । ଥରେ ସେହି ବାବାଜୀଙ୍କର ସେବା–ଶୁଶ୍ରୂଷା କଲେ ଏବଂ ପଥି ରାନ୍ଧି ଖୁଆଇଲେ । କଥାବାର୍ତ୍ତା ଛଳରେ ପଚାରିଲେ– "ବାବା ! ଆପଣ ଧର୍ମ ନାମରେ ଏ ପ୍ରକାର ଛଳନା କରୁଛନ୍ତି କାହିଁକି ? ଯଦି ଆପଣଙ୍କର ଆମିଷ ଖାଇବାକୁ ଏତେ ଇଚ୍ଛା ତେବେ ସମସ୍ତଙ୍କ ସମ୍ମୁଖରେ ଖାଉନାହାନ୍ତି ? ଏପରି ଲୁଚାଇ ଖାଇବା ଦ୍ୱାରା ଆପଣ ନିଜ ଆତ୍ମବିଶ୍ୱାସକୁ ହତ୍ୟା କରୁଛନ୍ତି ।"

ବାବାଜୀ ଉତ୍ତର ଦେଇଥିଲେ– "ଏଭଳି ମୁଖା ଲୋକମାନଙ୍କ ସମ୍ମୁଖର ନ ପିନ୍ଧିଲେ କ'ଣ ସେମାନେ ସାଧୁସନ୍ନ୍ୟାସୀ ବୋଲି ମାନ୍ୟ କରିବେ ?" (୨)

ବୈଷ୍ଣବ ସାଧୁମାନଙ୍କର ଧର୍ମ ନାମରେ ଏହି ପ୍ରକାର ନୈତିକ ଅଧଃପତନ ଅଭିରାମଙ୍କୁ ଅତ୍ୟନ୍ତ ବିଚଳିତ କରିଥିଲା । ସାମାଜିକ ନୈତିକ ସଂସ୍କାରଗୁଡ଼ିକୁ କିପରି ଦୂର କରାଯାଇପାରିବ ସେଥିପ୍ରତି ସେ ସଚେତନ ହେଲେ । ମାତା ରାଧାଦେବୀ ଯେତେ ବାଧ କଲେ ସୁଦ୍ଧା ସେ ବିବାହ କରି ସାଂସାରିକ ମାୟା ବନ୍ଧନରେ ବାନ୍ଧି ହେବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ । ଜନନୀଙ୍କୁ ସେ ପ୍ରବୋଧନା ଦେଇ କହିଥିଲେ– "ତୁ ଯେଉଁ ବିବାହ କଥା ଭାବୁଚୁ ସେଥିରେ ଥରେ କେବଳ ବାଜା ବାଜି ହୁଳହୁଳି ପଡ଼ିବ । ମୁଁ ସେଥିରେ ରାଜି ନୁହେଁ । ତୁ ମୋ କଥାରେ ରାଜି ହ ଦେଖିବୁ; ମୁଁ ଇମିତି ବିବାହ କରିବି ଯେ ପ୍ରତିଦିନ ବାଜା ବାଜୁଥିବ, ପ୍ରତିଦିନ ହୁଳହୁଳି ପଡୁଥିବ ।"(୩) ପରବର୍ତ୍ତୀ କାଳରେ ଏହି ବିଚକ୍ଷଣ ପ୍ରତିଭାଧର କିଶୋର ବାଳକ ଅଭିରାମ ପରମହଂସ ଭାବରେ ପରିଚିତ ହେଲେ । ଲକ୍ଷାଧିକ ମୁମୁକ୍ଷୁ ନରନାରୀଙ୍କର ସେ ପରମ ଆରାଧ୍ୟ, ପରମାଶ୍ରିତ 'ଠାକୁର' ଭାବରେ ପୂଜା ପାଇଲେ । ଅଭିରାମଙ୍କୁ ଯେତେବେଳେ ବୟସ ୧୯ ବର୍ଷ, ସେତେବେଳେ ବ୍ରହ୍ମଗିରିର

ଖାଣ୍ଡବବନରେ ସେ ତପସ୍ୟାମଗ୍ନ ହୁଅନ୍ତି । ଏହିଭଳି ସମାଧିମଗ୍ନ ଅବସ୍ଥାରେ କେତେକଦିନ ବିତିଯାଇଛି ତାହା ସେ ଜାଣିପାରି ନାହାନ୍ତି । ଥରେ ସମାଧିରୁ ଉଠିଲାପରେ ଦେଖନ୍ତି; ଦେହର କେତେକ ଅଂଶ ବାଲିରେ ପୋତି ହୋଇଯାଇଛି ଏବଂ ଶୀତ ଋତୁ ଯାଇ ବସନ୍ତର ଆବିର୍ଭାବ ହୋଇଛି । ଏହି ସମୟରେ ସେହି ସ୍ଥାନରେ ବନଦୁର୍ଗାଙ୍କର ଆବିର୍ଭାବ ଘଟେ । ଦେବୀ ଦୁର୍ଗା ଅଭିରାମଙ୍କୁ କୋଳକରି ଯୁଗୋପଯୋଗୀ ବ୍ରହ୍ମ ଏକାକ୍ଷର ମନ୍ତ୍ର ପ୍ରଚାର ପାଇଁ ତାଙ୍କର ଆବିର୍ଭାବ ବୋଲି ଚେତାଇ ଦିଅନ୍ତି । ଶକ୍ତିରୂପରେ ତଥା ଗୁରୁ ରୂପରେ ମହାମାୟାଙ୍କଠାରୁ ବ୍ରହ୍ମଜ୍ଞାନ ବିତରଣ କରିବାର ଏହି ପ୍ରେରଣା ଓ ନିର୍ଦ୍ଦେଶନା ପାଇଥିବାରୁ ଅଭିରାମ ବନଦୁର୍ଗାଙ୍କୁ ନିଜର ଗୁରୁ ରୂପରେ ଗ୍ରହଣ କରିଛନ୍ତି । 'ଦୁର୍ଗାମାଧବ ସ୍ତବ' ଜଣାଣରେ ଏହି କଥାଟି ଉଲ୍ଲେଖ କରି କହିଛନ୍ତି :

> "ଗୁରୁ ତୁମ୍ଭେ ମୋହର ଗୁପତ ତତ୍ତ୍ୱସାର
> ଗୁମ୍ଫାରେ ପଶି ଦେଲ କହି; ଗୁଣି ତୁମ୍ଭର ନାମ, ପୂରିଲା ମନସ୍କାମ
> ଜ୍ଞାନନେତ୍ରରେ ଦେଲି ଚାହିଁ ମୋ କୃପାମୟୀ :-
> ଗିରୀଶଧର ଘରେ ନେଲି ଶିରୀଷ ଦୃଷ୍ଟିରେ ଦେଖିଲି
> ଗଣପତି ଜନନୀ; ଦେଖିଲା ନେତ୍ର ବେନି
> ଗଦ୍‌ଗଦେ ସ୍ତୁତି ଆରମ୍ଭିଲି ଗୋ ।" (୪)

ଖାଣ୍ଡବବନରୁ ସିଦ୍ଧିପ୍ରାପ୍ତ ହୋଇ ଫେରିବା ପରେ ଅଭିରାମ ପରମହଂସ ପ୍ରାୟ ଏକବର୍ଷକାଳ ଓଡ଼ିଶାର ବିଭିନ୍ନ ବଣଜଙ୍ଗଲ ପାହାଡ଼ କନ୍ଦରମାନଙ୍କରେ ଅଜ୍ଞାତ ଭାବରେ ଭ୍ରମଣ କରି ଜନ୍ମସ୍ଥାନ କରମଳାକୁ ପୁନର୍ବାର ଆସିଲେ । ଏହା ପ୍ରାୟ ୧୯୨୬ ମସିହାର ଘଟଣା । କିଛିଦିନ ପରେ ବଙ୍ଗଳାର ଶଙ୍କରାଏଲ୍‌କୁ ସେ ଭ୍ରମଣରେ ଯାଇଥିଲେ । ସେଠାରେ ଥିବା ଏକ ଓଡ଼ିଆ ଶ୍ରମିକ ବସ୍ତିରେ ସେ କିଛିଦିନ ଅବସ୍ଥାନ କରିଥିଲେ । ଶଙ୍କରାଏଲ ଚଟକଳରେ କଣ୍ଟୁରୀ, ଭରତ, ଚକ୍ରଧର ପ୍ରଭୃତି କେତେକ ବ୍ୟକ୍ତି କାମ କରୁଥାନ୍ତି । ଅଭିରାମ ପରମହଂସଙ୍କର ଐଶୀଶକ୍ତିର ପରିଚୟ ପାଇ ସେମାନେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରନ୍ତି । ଏହି ସମୟରେ ଈଶ୍ୱରାନୁଧ୍ୟାନରେ ଭାରତର ବିଭିନ୍ନ ସ୍ଥାନ ବୁଲି ବୁଲି ନିରାଶ ହୋଇ ଫେରିଥିବା ସରଳପ୍ରାଣ ଯୁବକ ବୈକୁଣ୍ଠ ଅତ୍ୟନ୍ତ ଆକସ୍ମିକ ଭାବରେ ଅଭିରାମଙ୍କର ସାକ୍ଷାତ ଲାଭ କରନ୍ତି । ଗଙ୍ଗାଦେବୀଙ୍କର ଧରା ଅବତରଣ ପାଇଁ ଭଗୀରଥ ପରି ଅଭିରାମଙ୍କ ଐଶୀଲୀଳା ନାଟ୍ୟର ପ୍ରଥମ ସୂତ୍ରଧର ହେଲେ ଏହି ବୈକୁଣ୍ଠ । ସେ ବର୍ତ୍ତମାନ କରମଳା ଶାନ୍ତି ଆନନ୍ଦାଶ୍ରମର ଆଚାର୍ଯ୍ୟ ଭାବରେ ଅଧିଷ୍ଠିତ ହୋଇଛନ୍ତି ।

## ପ୍ରଥମ ସନ୍ନ୍ୟାସ ଶିଷ୍ୟ ଶ୍ରୀ ବୈକୁଣ୍ଠନାଥ ଦାସ :

ବୈକୁଣ୍ଠନାଥଙ୍କର ଜନ୍ମ ଢେଙ୍କାନାଳ ଜିଲ୍ଲାରେ ହୋଇଥିଲା । ଯୌବନରେ ପଦାର୍ପଣ କରିବା ପରେ ସେ ଗୃହତ୍ୟାଗ କରି ଈଶ୍ୱରାନୁସନ୍ଧାନରେ ବ୍ୟାକୁଳ ହୋଇ ଚତୁର୍ଦ୍ଦିଗ ଭ୍ରମଣ କରୁଥାନ୍ତି । ଭାରତର ସମସ୍ତ ତୀର୍ଥସ୍ଥାନ ଭ୍ରମଣ କରି ଅବଶେଷରେ ଶଙ୍କରାଏଲରେ ଆସି ଉପନୀତ ହୁଅନ୍ତି । ଗଙ୍ଗା ତୀରରେ ଗୋଟିଏ କୁଡ଼ିଆ କରି ସେ ରହୁଥାନ୍ତି । ବହୁଦିନର କ୍ଳାନ୍ତ ତଥା ଅଶାନ୍ତ ଚିତ୍ତ ଦୋଳନରେ କ୍ଷୁବ୍‌ଧ ହୋଇ ଗଙ୍ଗା ଗର୍ଭରେ ପ୍ରବେଶ କରି ଛୁରୀକା ଉତ୍ତୋଳନ କରି ଆତ୍ମହତ୍ୟା କରିବାକୁ ଉଦ୍ୟତ ହେଲାବେଳେ ଅଭିରାମ ହଠାତ୍ ପୃଷ୍ଠ ଦେଶରେ ଆବିର୍ଭାବ ହୋଇ ବୈକୁଣ୍ଠଙ୍କର ହାତ ଧରି ପକାନ୍ତି । ସେଦିନ ଦିବ୍ୟପୁରୁଷ ଅଭିରାମ ପରମହଂସଙ୍କ ଦର୍ଶନ ଲାଭ କରି ବୈକୁଣ୍ଠ ଆଶ୍ୱସ୍ତ ହୁଅନ୍ତି ତଥା ତାଙ୍କର ବ୍ୟର୍ଥ ନିରାଶ ପ୍ରାଣରେ ନୂତନ ଆଶା ସଞ୍ଚାରିତ ହୁଏ । ଅଭିରାମଙ୍କ ଶିଷ୍ୟତ୍ୱ ଗ୍ରହଣ କରି ନିଜକୁ ଗୁରୁଙ୍କ ପଦତଳେ ଉତ୍ସର୍ଗ କରନ୍ତି । ଏହି ଘଟଣାର କେତେଦିନ ପରେ ବୈକୁଣ୍ଠଙ୍କୁ ସନ୍ନ୍ୟାସ ଧର୍ମରେ ଦୀକ୍ଷିତ କରି କରମଳାକୁ ପ୍ରତ୍ୟାବର୍ତ୍ତନ କରନ୍ତି । କିଛିବର୍ଷ ପରେ ଶିଷ୍ୟ ଜଗନ୍ନାଥ, ଭରତ, କଣ୍ଡୁରୀ, ପ୍ରଭାକର ପ୍ରଭୃତିଙ୍କର ଉତ୍ସାହ ଏବଂ ସହାୟତାରେ କରମଳାରେ ଏକ ସ୍ଥାୟୀ ଆଶ୍ରମ ଅନୁଷ୍ଠାନ ଓ ସଂଘ ପ୍ରତିଷ୍ଠିତ ହୁଏ ।

## ଧର୍ମପ୍ରଚାର :

୧୯୨୮ଠାରୁ ୧୯୩୩ ପର୍ଯ୍ୟନ୍ତ ଅଭିରାମ ପରମହଂସ ସାତ ଆଠଜଣ ସନ୍ନ୍ୟାସୀ ଶିଷ୍ୟଙ୍କ ଗହଣରେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ସମଗ୍ର କଟକ ଜିଲ୍ଲା ଭ୍ରମଣ କରିଥିଲେ । ବାଇଶମଉଜା ଇଚ୍ଛାପୁରଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ କଟକ ଜିଲ୍ଲାର ଅନ୍ଦିକନ୍ଦି ସବୁଆଡ଼େ ବୁଲି ସେ ଧର୍ମ ପ୍ରଚାର କରିଥିଲେ । ନବୀନ ଯୁବକ ସନ୍ନ୍ୟାସୀ ଅଭିରାମଙ୍କ ପ୍ରଶାନ୍ତ ମୁଖମଣ୍ଡଳରେ ସବୁବେଳେ ଲାଗି ରହିଥାଏ ସ୍ମିତହାସ୍ୟ । ଜ୍ଞାନର ଦୀପ୍ତି ସହିତ ନୟନରେ ସମଗ୍ର ମାନବ ସମାଜ ପାଇଁ ଆଶା ଏବଂ ଆଶ୍ୱାସନାର ଅଭୟ ପ୍ରକାଶ ପାଉଥାଏ । ସରଳ ଏବଂ ପ୍ରାଞ୍ଜଳ ଭାଷାରେ ସେ ଜୀବାତ୍ମା-ପରମାତ୍ମାର ନିଗୂଢ଼ ଆଧାତ୍ମତତ୍ତ୍ୱ ବ୍ୟାଖ୍ୟା କରୁଥାନ୍ତି । ମାନବ ଜୀବନର ଲକ୍ଷ୍ୟ, କର୍ମ, ଆଦର୍ଶ ସମ୍ପର୍କରେ ବହୁ ଉଦାହରଣ ଦେଇ ସେ ବୁଝାଉଥାନ୍ତି ।

ତାଙ୍କର ସରଳ ପ୍ରୀତିପୂର୍ଣ୍ଣ ବ୍ୟବହାର ମଧୁମୟ ଭାଷାର ଯାଦୁକରି ସ୍ପର୍ଶ ପାଇବା ପାଇଁ ଲକ୍ଷ ଲକ୍ଷ ନରନାରୀ ଆସି ଅଭିରାମଙ୍କୁ ନାରାୟଣ ଜ୍ଞାନରେ ପୂଜା ଅର୍ଚ୍ଚନା କରୁଥାନ୍ତି । ଏକ ଦିବ୍ୟଦ୍ରଷ୍ଟାର ଆନ୍ତରିକ ମାନବପ୍ରୀତି ସରଳ ପାର୍ଥିବ ଆଡ଼ମ୍ବର, ଗାରିମା, ବିଭେଦ, ହିଂସା-କାତରତାଠାରୁ ଊର୍ଦ୍ଧ୍ୱମୁଖୀ ହୋଇ ଭାରତୀୟ ସନାତନ ଧର୍ମର ମହାନ୍ ଆଭିମୁଖ୍ୟକୁ

ପ୍ରକାଶ କରିଯାଇଛି । ଅଭିରାମଙ୍କ ପରିବ୍ରାଜନକାଳୀନ କେତୋଟି ଅନ୍ତରଙ୍ଗ ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି । ଏଥିରୁ ଐଶୀ କୃପାର ପ୍ରତ୍ୟକ୍ଷଦର୍ଶୀ ପ୍ରମାଣ ମିଳେ । "ଆଜି ସୁଦ୍ଧା ତାଙ୍କର ଭ୍ରମଣକାଳୀନ ଅଲୌକିକ ଶକ୍ତି-ବିଭୂତିର କାହାଣୀ ସେ ଅଞ୍ଚଳର ବହୁ ଭକ୍ତ ତଥା ଲୋକମୁଖରୁ ଶୁଣିବାକୁ ମିଳେ । ଥରେ ଅନେକଙ୍କର ଏକାବେଳକେ ଦିବ୍ୟୋନ୍ମାଦ ଅବସ୍ଥା ହୋଇଥିଲା । ଅଭିରାମ ପରମହଂସ ସେତେବେଳେ ଇଚ୍ଛାପୁରରେ ଅବସ୍ଥାନ କରୁଥାନ୍ତି । ଶଙ୍କରାଏଲର କେତେକ ଶିଷ୍ୟ ମଧ୍ୟ ଏହି ଇଚ୍ଛାପୁରରେ ତାଙ୍କ ସହିତ ଥାଆନ୍ତି । ସେଦିନ କଥା ହେଲା ଠାକୁରଙ୍କ ପୂଜା କରାଯିବ ସାଡ଼ମ୍ବରରେ । ଭରତ ବାବାଜୀ ପୂଜକ ଥାଆନ୍ତି ସିଦ୍ଧଗିରିରେ । ତାଙ୍କୁ ଡକା ହୋଇ ଅଣାଗଲା, ବୋଝ ବୋଝ ଫୁଲ ଆସି ମାଳସବୁ ଗୁନ୍ଥାହେଲା, ଭୋଗରାଗର ଆୟୋଜନ ମଧ୍ୟ ହେଲା । ସନ୍ଧ୍ୟାବେଳେ ସେଦିନ ଠାକୁରଙ୍କୁ ଫୁଲରେ ସଜାଇ ଦିଆଗଲା । ମସ୍ତକରେ ଫୁଲର ଚୂଡ଼ା, ଗଳାରେ ଗୋଟାଏ ମାଳ, ଦୁଇ ବାହୁରେ ଫୁଲର ଅଳଙ୍କାର । ଠାକୁରଙ୍କର ନବୀନ ସୁନ୍ଦର ମୂର୍ତ୍ତି ଶୋଭାରେ ସେଦିନ ଦ୍ୱିଗୁଣିତ ହୋଇ ଉଠିଲା । ପୂଜକ ଭରତ ବାବଜୀ ଦୁଆର ଫିଟାଇ ଦେଇ ଘଣ୍ଟା ଟଂ ଟଂ କରି ଆଳତି ଟେକିଲେ । ଠାକୁର ଟୁଙ୍ଗୀଘର ମଝି ଖୁଣ୍ଟିକୁ ଦର ଆଉଜା ହୋଇ ଠିଆ ହୋଇଛନ୍ତି । ବାହାରେ ଗାଆଁର କମ୍ଭୁ, ଦୁର୍ଲ୍ଲଭ ଇତ୍ୟାଦି ତିରିଶ ଜଣ ଭକ୍ତ ଓ ବାବାଜୀମାନେ ନାମଭଜନ ଗାଉଥାନ୍ତି ଖୁବ୍ ଜୋର୍‌ରେ । ହରିବୋଲ ହୁଳହୁଳିରେ ଇଚ୍ଛାପୁର ଆମ୍ବତୋଟା ସେଦିନ କମ୍ପି ଉଠୁଛି । ଅପଲକ ନେତ୍ରରେ ସମସ୍ତେ ଠାକୁରଙ୍କୁ ଚାହିଁ ରହିଛନ୍ତି । ଆଳତି ଅଳ୍ପ ଉଠିଚି କି ନାହିଁ, ଠାକୁରଙ୍କର ମୁଖମଣ୍ଡଳରୁ ଏକ ଅପୂର୍ବ ଜ୍ୟୋତି ନିର୍ଗତ ହୋଇ ସମସ୍ତଙ୍କ ଉପରେ ପଡ଼ିଲା । ବିଦ୍ୟୁତାଲୋକ ପରି ଏ ଆଲୋକ କୁଆଡୁ ଆସିଲା ବୋଲି ସେମାନେ ଚମକିପଡ଼ି ଚାହିଁଲେ । ଦେଖନ୍ତି କିଛି ନାହିଁ, ଠାକୁରଙ୍କର ପୂଜା ଆରତି ଚାଲିଛି ଖଣ୍ଡେ ଦୂରରେ । ଇଚ୍ଛାପୁର ତୋଟାର ସେ ଟୁଙ୍ଗୀଘରେ । ସମସ୍ତେ ସେଠାକୁ ଧାଇଁ ଆସିଲେ । ଏପଟେ ଏହି ଆଲୋକ ଦୂରରେ ଯେତେ ଜଣଙ୍କ ଉପରେ ପଡ଼ିଛି, ସେମାନେ ସେଇଠି ଢଳି ପଡ଼ିଛନ୍ତି । ଭରତ ବାବାଜୀ ଆଳତିଟି ଥୋଇ ଦେଇ ଜଡ଼ ଭରତ ହୋଇ ବସିଛନ୍ତି । କିଛିକ୍ଷଣ ପରେ ସେମାନଙ୍କର ପୂର୍ବାବସ୍ଥା ଫେରିଲା । ସେଦିନର ଏ ଚମକପ୍ରଦ ଦିବ୍ୟ ଅନୁଭୂତି ଇଚ୍ଛାପୁର ଭକ୍ତଙ୍କର ଆଜିଯାଏଁ ପାଶୋର ଯାଇନାହିଁ ।" (୫) ଅଭିରାମଙ୍କ ଐଶୀଶକ୍ତି ସମ୍ପର୍କିତ ବହୁ ଘଟଣା ସେତେବେଳେ ସହସ୍ର ସହସ୍ର ନରନାରୀଙ୍କୁ ଚକିତ ଏବଂ ବିସ୍ମିତ କରିଥିଲା ।

# ଶ୍ରୀ ଅଭିରାମ ପରମହଂସଙ୍କ 'କଳି-ଭାଗବତ' ରଚନା, ଜଣେ ରାଜଦ୍ରୋହୀ ସନ୍ନ୍ୟାସୀ

ଭାରତର ସ୍ୱାଧୀନତାର ମୁକ୍ତି ସଂଗ୍ରାମରେ ଯେଉଁ ଅସାଧାରଣ ଅନନ୍ୟ ବ୍ୟକ୍ତିତ୍ୱମାନଙ୍କର ଯୋଗଦାନ ଓ ଆତ୍ମୋତ୍ସର୍ଗରେ ଭାରତର ଇତିହାସ ଝଲମଲ କରିଉଠେ ସେମାନଙ୍କ ମଧ୍ୟରେ ଠାକୁର ଅଭିରାମ ପରମହଂସ ଅନ୍ୟତମ । ଭାରତର ମୁକ୍ତି ସଂଗ୍ରାମ ମହାତ୍ମାଗାନ୍ଧୀଙ୍କର ନେତୃତ୍ୱରେ ଏପରି ଏକ ସନ୍ଧିକ୍ଷଣରେ ପହଞ୍ଚିଥିଲା ଯେଉଁଠି ସାଧୁସନ୍ଥମାନେ ମଧ୍ୟ ଏକତ୍ର ହୋଇ ପରାଧୀନତା ବିରୁଦ୍ଧରେ ସଂଗ୍ରାମ କରିଥିଲେ । ବ୍ରିଟିଶ୍ ଶାସକମାନଙ୍କୁ ଦୋହଲାଇ ଦେଇଥିଲେ । ସେହି କାରାଗୃହରେ ହିଁ ସେ ଆଧ୍ୟାତ୍ମିକ ଅନ୍ତଃପ୍ରେରଣାରେ ଉଦ୍ଭାସିତ ହୋଇଥିଲେ । ଏସବୁ କଥା ନିଜେ ଶ୍ରୀ ଅରବିନ୍ଦ ତାଙ୍କର ଲେଖନୀରେ ଲିପିବଦ୍ଧ କରିଛନ୍ତି ।

ଜଗତର କଲ୍ୟାଣ ଓ ଇତିହାସର ଅଗ୍ରଗତି ପାଇଁ ସାଧୁସନ୍ଥମାନଙ୍କୁ ଅନେକ ସମୟରେ ଅଗ୍ନିପରୀକ୍ଷା ଦେବାକୁ ହୋଇଥିଲା । ଉତ୍କଳର ଏହି ମହାନ୍ ସାଧକ ଶ୍ରୀ ଅଭିରାମ ପରମହଂସଙ୍କର ଅସାଧାରଣ ଐଶୀ ଶକ୍ତି, ଦର୍ଶନ ତଥା ସାଧନମାର୍ଗକୁ ପ୍ରଚାର ଫଳରେ ଓଡ଼ିଶାର ଧର୍ମ-ଆଧ୍ୟାତ୍ମିକ ଇତିହାସରେ ଏକ ନୂତନ ଦିଗନ୍ତ ଉନ୍ମୋଚନ ହୋଇଥିଲା । ତାଙ୍କର ପ୍ରସିଦ୍ଧ ରଚନା ହେଉଛି 'କଳି-ଭାଗବତ' । ଏଥିରେ 'ମନଚୈତନ୍ୟ'ର ଅବତାରଣା କରାଯାଇ ଯେଉଁ ସୂକ୍ଷ୍ମ ଆଧ୍ୟାତ୍ମିକ ତତ୍ତ୍ୱ ସମ୍ପର୍କୀୟ ଆଲୋଚନା କରାଯାଇଛି, ତାହାର କଳାତ୍ମକ ଦିଗଟି ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିଲା । ଅଭିରାମ ପରମହଂସଙ୍କୁ ଯେତେବେଳେ ୨୩ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ଧର୍ମପ୍ରଚାର ଆରମ୍ଭ କରିଥିଲେ । ୧୯୨୭ଠାରୁ ୧୯୩୩ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ବର୍ଷାଦିନତକ ବାଦ୍ ଦେଇ ଅନ୍ୟ ସମୟରେ ଅଭିରାମ କଟକ ଜିଲ୍ଲାର ବିସ୍ତୃତ ଅଞ୍ଚଳ ପଦବ୍ରଜରେ ଭ୍ରମଣ କରି ଧର୍ମପ୍ରଚାର କରୁଥିଲେ । ୧୯୨୯ ମସିହାରେ କଟକ ଜିଲ୍ଲା ବଡ଼ଚଣା ନିକଟସ୍ଥ ବିରୂପା ନଦୀ କୂଳରେ ଥିବା ଇଚ୍ଛାପୁର ଗ୍ରାମରେ 'କଳି-ଭାଗବତ'ର ପ୍ରଥମ ଛଅ ଅଧ୍ୟାୟ ରଚିତ ହୋଇଥିଲା । ଅଭିରାମ ଭକ୍ତମାନଙ୍କୁ 'କଳି-ଭାଗବତ'ର ବ୍ୟାଖ୍ୟା କଲାବେଳେ କହୁଥିଲେ, ''କଳି-ଭାଗବତ ଲେଖା ହେଲା ମୁଁ ମାମୁଁଘରକୁ ଯିବି ।'' ଅଭିରାମ ଜାଣିଥିଲେ ସେ ଦିନେ ନା ଦିନେ ବ୍ରିଟିଶ୍ ସରକାରଙ୍କ ବିଷଦୃଷ୍ଟିରେ ପଡ଼ିବେ । ଭାରତର ସ୍ୱାଧୀନତା ସଂଗ୍ରାମ ଠାକୁର ଅଭିରାମଙ୍କୁ ମଧ୍ୟ ପ୍ରେରଣା ଯୋଗାଇଥିଲା । ତେଣୁ ସେ ଜଣେ ନିର୍ଭୀକ ସଂଗ୍ରାମୀ ଭଳି ସ୍ପଷ୍ଟ ଭାବରେ ଲେଖିଛନ୍ତି, ''ଲାଗିବ ଭାରତର ନାଟ/ନ ରହେ ଭାରତ ସମ୍ରାଟ/ୟୁରୋପିଆନ୍ ଯିବେ ଛାଡ଼ି/ବେଳ ହେଲାଣି ଆସି ଶେଷ/ବିଦେଶୀ ଯାନ୍ତୁ ଯେଝା ଦେଶ ।''

ଭାରତର ମୁକ୍ତିସଂଗ୍ରାମର ମହାନ୍ ଯୋଦ୍ଧା ମହାତ୍ମା ମୋହନଦାସ କରମଚାନ୍ଦ ଗାନ୍ଧି ନିଶ୍ଚୟ ଦିନେ ବିଜୟଶ୍ରୀ ମଣ୍ଡିତ ହେବେ । ଏକଥା ଠାକୁର ସ୍ୱାଧୀନତା ପ୍ରାପ୍ତିର ଅଠରବର୍ଷ ପୂର୍ବରୁ ସ୍ପଷ୍ଟଭାବରେ ଲେଖିସାରିଥିଲେ । ୧୯୩୨ ମସିହାରେ 'କଳି-ଭାଗବତ' ରଚନା ଶେଷ ହେଲା । ସେହି ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ଶହଶହ ଲୋକଙ୍କ ସମାବେଶରେ 'କଳି-ଭାଗବତ'ର ଅଧ୍ୟାୟଗୁଡ଼ିକରୁ କିଛି କିଛି ପାଠ ହେଉଥାଏ ଓ ଅଭିରାମ ସେହିସବୁ ତତ୍ତ୍ୱର ବ୍ୟାଖ୍ୟା କରୁଥାନ୍ତି । ୧୯୩୩ ମସିହାରେ 'କଳି-ଭାଗବତ' ପୁସ୍ତକଟି ବ୍ରହ୍ମପୁରର ଶଶୀଭୂଷଣ ରଥଙ୍କର 'ଆଶା' ପ୍ରେସ୍‌ରେ ମୁଦ୍ରିତ ହେଲା ଏବଂ ସେହିବର୍ଷ ଡିସେମ୍ବର ୨୯ ତାରିଖରେ ପ୍ରକାଶିତ ହେଲା ।

ଏହାର ବ୍ୟୟଭାର ବହନ କରିଥିଲେ ଗଞ୍ଜାମ ଜିଲ୍ଲାର ଲୋଚାପଡ଼ାର ସ୍ୱର୍ଗୀୟ ଭକ୍ତ ଗଣପତି ସାହୁ । ବହିଟି କଟକ ଜିଲ୍ଲାକୁ ଆସି ବିକ୍ରି ହେଲାବେଳକୁ ତାହା କେବଳ ଶିଷ୍ୟ ଭକ୍ତଙ୍କ ବ୍ୟତୀତ ଅନ୍ୟ କାହାକୁ ବିକ୍ରି କରାଯାଉନଥିଲା । କିନ୍ତୁ ଦିନେ ଠାକୁର ଅଭିରାମଙ୍କ ଗହଣରେ ଥିବା ସୁବର୍ଣ୍ଣ ବାବାଜୀ ଜଣେ ବାହାର ଲୋକକୁ 'କଳି-ଭାଗବତ' ବହିଟି ବିକ୍ରି କରିଦେଲେ । ସେଦିନ ରାତିରେ ସୁବର୍ଣ୍ଣ ବାବାଜୀଙ୍କୁ ଠାକୁର ଅଭିରାମ ସ୍ୱପ୍ନରେ ଦର୍ଶନ ଦେଇ କହିଲେ,'' ହଇରେ ସୁବନା । ତୁ ସେ ଲୋକକୁ ବହି ବିକିଲୁ, ତୁ ମତେ ବନ୍ଧେଇଲୁ ।''

ଅଭିରାମଙ୍କର ଅନେକ ଐଶୀ ଶକ୍ତିର ଦୃଷ୍ଟାନ୍ତ ସମସ୍ତଙ୍କ ସମ୍ମୁଖକୁ ଆସିବା ଫଳରେ ତାଙ୍କୁ ଜଣେ ଅବତାର ଭାବରେ ପୂଜା କରାଯିବା ସହିତ ଶିଷ୍ୟମାନେ ପରମ ଆଦରରେ ତାଙ୍କୁ 'ଠାକୁର' ବୋଲି ଡାକୁଥିଲେ । କାରଣ ସେତେବେଳକୁ ଓଡ଼ିଶାରେ କୌଣସି ମାନବଶରୀରଧାରୀ ସନ୍ନ୍ୟାସୀଙ୍କୁ ପୂଜାଅର୍ଚ୍ଚନା କରାଯିବାର ଇତିହାସ ଏହା ପୂର୍ବରୁ ନ ଥିଲା । ସେଥିପାଇଁ ଅଭିରାମଙ୍କୁ ଏ ପ୍ରକାର ପୂଜା ଭକ୍ତି କରାଯିବା ଦେଖି ନାସ୍ତିକମାନଙ୍କ ମଧ୍ୟରେ ସେତେବେଳେ ବେଶ୍ ଆଲୋଡ଼ନ ସୃଷ୍ଟି ହୋଇଥିଲା । ସେଥିପାଇଁ ସେମାନେ ଅଭିରାମଙ୍କ ଶକ୍ତି ତଥା ଜ୍ଞାନର ପରୀକ୍ଷା ପାଇଁ ଅନେକ ପ୍ରକାର ଉପାୟ ଅବଲମ୍ବନ କରିଥିଲେ ।

ଥରେ କ'ଣ ହେଲାନା ଜଣେ ପୋଲିସ୍ କର୍ମଚାରୀଙ୍କ ପରିବାରରେ ତାଙ୍କର ପତ୍ନୀ ଓ କନ୍ୟା ଠାକୁର ଅଭିରାମଙ୍କର ଶିଷ୍ୟତ୍ୱ ଗ୍ରହଣ କଲାପରେ ସେ ଅତ୍ୟନ୍ତ କୌଶଳରେ 'କଳି-ଭାଗବତ' ପୁସ୍ତକ ଖଣ୍ଡିଏ କିଣି ଆଣିଲେ । ସେହି ପୋଲିସ୍ କର୍ମଚାରୀ 'କଳି-ଭାଗବତ' ପଢ଼ିବାବେଳେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଯାଉଥିବା ପଦଗୁଡ଼ିକ ଦେଖି ପୂଜା ପାଉଥିବା ଅଭିରାମଙ୍କୁ ଉପହାସ ତାଚ୍ଛଲ୍ୟ କରିବା ସହିତ ବହିଟିକୁ ମାହାଙ୍ଗା ଥାନାର ତତ୍‌କାଳୀନ ସବ୍‌ଇନିସ୍‌ପେକ୍ଟର ଦୁର୍ଗାନନ୍ଦ ମିଶ୍ରଙ୍କୁ ଦେଇଦିଅନ୍ତି । ଦୁର୍ଗାନନ୍ଦ ମିଶ୍ର ବ୍ରିଟିଶ୍

ସରକାରଙ୍କଠାରୁ ସାବାସୀ ଓ ପୁରସ୍କାର-ପଦୋନ୍ନତି ପାଇବା ପାଇଁ ତଥା ନିଜର କାର୍ଯ୍ୟଦକ୍ଷତାକୁ ଅଧିକ ପ୍ରମାଣିତ କରିବାକୁ ଯାଇ 'କଳି-ଭାଗବତ' ବିରୁଦ୍ଧରେ ଏକ ଗୋପନୀୟ ରିପୋର୍ଟ ଲେଖି ତତ୍‌କାଳୀନ ବିହାର-ଓଡ଼ିଶାର ପୋଲିସ୍ କମିଶନର୍‌ଙ୍କ ନିକଟକୁ ପଠାଇ ଦେଇଥିଲେ ।

ଦୁର୍ଗାନନ୍ଦ ମିଶ୍ରଙ୍କର ସେହି ରିପୋର୍ଟ ପାଇବା ପରେ ବିହାର ଓଡ଼ିଶାର ସି.ଆଇ.ଡ଼ି. ସ୍ପେଶାଲ୍ ବ୍ରାଞ୍ଚ ତା ୨୨ରିଖରେ ମାଡ୍ରାସର ସ୍ପେଶାଲ୍ ବ୍ରାଞ୍ଚ ଏସ.ପି. A.P. Bulkleyଙ୍କୁ ଏ ବିଷୟରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଲେ । ଅବଶ୍ୟ 'କଳି-ଭାଗବତ' ବହିର କେତେକ ପଂକ୍ତିର ଇଂରାଜୀ ଅନୁବାଦକରି ଦୁର୍ଗାନନ୍ଦ ତାଙ୍କ ପ୍ରାଥମିକ ରିପୋର୍ଟରେ ପଠାଇ ସାରିଥିଲେ । ତେଣୁ ମାଡ୍ରାସ୍‌ର ତତ୍‌କାଳୀନ ଚିଫ୍ ସେକ୍ରେଟେରୀ G.T.H. Blackenଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମର ସ୍ପେଶାଲ୍ ବ୍ରାଞ୍ଚ ଇନିସ୍‌ପେକ୍ଟର ବି. ସୁବାରାଓ ମୁଦାଲା ଭାବରେ ଅଭିରାମ ପରମହଂସଙ୍କ ବିରୁଦ୍ଧରେ କେଶ୍ ଦାଏର୍ କଲେ ।

'କଳି-ଭାଗବତ'ର ମୁଦ୍ରାକର ଶଶିଭୂଷଣ ରଥ, ପ୍ରକାଶକ ଶ୍ୟାମସୁନ୍ଦର ଗନ୍ତାଏତଙ୍କର ଆଶା ପ୍ରେସ୍ ଓ ଘର ତଥା କରମଳାରେ ଅଭିମରାଙ୍କର ଆଶ୍ରମ ତା ୧୭.୦୯.୧୯୩୪ ଓ ତା ୧୯.୯.୧୯୩୪ର ତଦାରଖ ବି. ସୁବାରାଓଙ୍କ ଦ୍ୱାରା କରାଯାଇ ସାରିଥିଲା । ଇନିସ୍‌ପେକ୍ଟର ସୁବାରାଓ ଏହାକୁ 'କେଶ୍ ଭାବରେ ତା ୨୦.୯.୧୯୩୪ରେ ଦାଏର୍ କଲେ । C.P.C ର ୧୯୬ଧାରା ଅନୁସାରେ ତଥା ଭାରତର ଦଣ୍ଡବିଧିଆଇନ୍ ୧୨୪/୬ ଧାରାରେ ଉପରୋକ୍ତ ମକଦ୍ଦମା ଦାଏର୍ କରିବାକୁ ମାଡ୍ରାସ୍ ଲାଟ୍‌ସାହେବଙ୍କ ପକ୍ଷରୁ ଚିଫ୍ ସେକ୍ରେଟେରୀ ମଞ୍ଜୁରୀ ଦେଲେ ।

ଅପରାଧ ହେଲା ବ୍ରିଟିଶ୍ ଶାସନାଧିନ ଭାରତର ଆଇନ ସମ୍ମତଭାବରେ ଚାଲିଥିବା ସରକାର ଏବଂ ମହାମାନ୍ୟବର ସମ୍ରାଟଙ୍କର ବିରୁଦ୍ଧରେ ଘୃଣା ଏବଂ ଅବମାନନା ସୃଷ୍ଟି କରୁଥିବା ବହୁ ପଂକ୍ତି 'କଳି-ଭାଗବତ'ରେ ଅଛି-"...The said book contains several passages of sealicious matters intended to bring into hatred and contempt. His majesty The King emperor and the government established by law in British India.) । ମାଡ୍ରାସ ସରକାରଙ୍କର index no 437 Public (General) ତା. ୩୦.୪.୧୯୩୪ର ଗେଜେଟ୍ ବିଜ୍ଞପ୍ତିରେ ସମ୍ପୂର୍ଣ୍ଣଭାବରେ 'କଳି-ଭାଗବତ' ପୁସ୍ତକକୁ ବାଜ୍ୟାପ୍ତ କରି ଦିଆଗଲା । (section 19 of the Indian Press emergency powers Act 1931 ଅନୁଯାୟୀ, ଏହି ଆଦେଶକୁ ଭାରତର ସମସ୍ତ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଗଲା ।

ମୁଦେଇ ଇନିସ୍‌ପେକ୍ଟର୍ ବାବୁ ତାଙ୍କ ଏତାଲାରେ ସେତେବେଳେ ଲେଖିଥିଲେ ଯେ ବ୍ରିଟିଶ୍ ସରକାରଙ୍କ ପ୍ରତି ଅଭିରାମଙ୍କ ଲେଖା ଘୃଣା ଓ ଅବମାନନା ସୃଷ୍ଟି କରିବା ପାଇଁ ଲେଖା ଯାଇଥିଲା । ମୁଦାଲାଙ୍କ ଏହି କାର୍ଯ୍ୟ ସମ୍ରାଟ ଏବଂ ଭାରତ ସରକାରଙ୍କର ତଥା ଭାରତର ପ୍ରଚଳିତ ଆଇନ୍ ଓ ସମ୍ବିଧାନ ପ୍ରତି ଭୟଙ୍କର ବିଦ୍ୱେଷ ସୃଷ୍ଟି କରି ତାଙ୍କ ପ୍ରତି ବିରୋଧ ଓ ଶତ୍ରୁତା ସୃଷ୍ଟି କଲାଣି । (the act of the accused did cause hatred and contempt towards the sovereign and the Government; the laws and the Constitution of the nation and caused opposition and enmity towards them.) ବ୍ରହ୍ମପୁର ପୁଲିସ ଥାନାର ଇ. ଜଗାରାଓ ଓ ଏ. ସତ୍ୟନାରାୟଣ ନାମକ ଦୁଇଜଣ ସିପାହୀ ଅଭିରାମଙ୍କୁ ଆରେଷ୍ଟ କରିବା ପାଇଁ ତା ୨୬.୯.୩୪ରିଖରେ କରମଳା ଆସିଥିଲେ । ଅଭିରାମଙ୍କୁ ସିପାହୀ ଦୁଇଜଣ ଆସି ଦର୍ଶନ କରିବା ପରେ ସେମାନଙ୍କର ମନ କ'ଣ ହେଲା କେଜାଣି ତାଙ୍କୁ ହାତକଡ଼ି ପକାଇବାକୁ ମନ ଆଦୌ ବଳିଲା ନାହିଁ । ତେଣୁ ସେମାନେ ତା. ୨୮.୦୯.୧୯୩୪ରିଖରେ ଠାକୁରଙ୍କୁ ନିଜ ଦାୟିତ୍ୱରେ ସେହିପରି ନେଇ କୋର୍ଟରେ ହଜାର କରାଇଲେ ।

ଗଣପତି ସାହୁ ଓ ବାୟାପାଣି ସାହୁ ଦୁଇହଜାର ଟଙ୍କା ଜାମିନରେ ଡିକସନ୍ ସାହେବଙ୍କ କୋର୍ଟରୁ ଅଭିରାମଙ୍କୁ ମୁକୁଳାଇ ଆଣିଥିଲେ । ସେପ୍ଟେମ୍ବର ୨୯ ତାରିଖଠାରୁ ଅଭିରାମଙ୍କ ଉପରେ ହୋଇଥିବା ମକଦ୍ଦମାର ବିଚାର ଆରମ୍ଭ ହେଲା । ତା ୨୯.୦୯.୧୯୩୪ରୁ ବିଚାର ଆରମ୍ଭ ହୋଇ ସରିଲା ତା ୧୩.୧୦.୧୯୩୪ରେ । ଯେହେତୁ ଶଶୀଭୂଷଣ ରଥ 'କଳି-ଭାଗବତ' ପୁସ୍ତକକୁ ତାଙ୍କର ଆଶା ପ୍ରେସ୍‌ରେ ଛପାଇ ଥିଲେ ତେଣୁ ତାଙ୍କୁ ଏହି ମକଦ୍ଦମାରେ ମୁଦାଲାଭୁକ୍ତ କରାଯାଇଥିଲା । ତା ୧୫.୧୦.୧୯୩୪ରିଖରେ ଶଶୀଭୂଷଣ ରଥଙ୍କର ଜମାନବନ୍ଦୀ ନିଆଯାଇଥିଲା । ସେତେବେଳେ 'ନ୍ୟୁ ଓଡ଼ିଶା' ଓ 'ଦୈନିକ ଆଶା' ନାମକ ଦୁଇଟି ଦୈନିକ ସମ୍ବାଦପତ୍ରର ସମ୍ପାଦକ ଥିଲେ ଶଶୀଭୂଷଣ ରଥ ।

ଶ୍ରୀ ଶଶୀଭୂଷଣ ରଥଙ୍କ ତରଫରୁ ମକଦ୍ଦମା ଲଢୁଥିଲେ ସ୍ୱନାମଧନ୍ୟ ଓକିଲ ଲିଙ୍ଗରାଜ ପାଣିଗ୍ରାହୀ । (ପରବର୍ତ୍ତୀ କାଳରେ ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ଓ ଓଡ଼ିଶା ବିଧାନସଭାର ବାଚସ୍ପତି) । ଠାକୁର ଅଭିରାମଙ୍କ ତରଫରୁ ମକଦ୍ଦମା ଲଢୁଥିଲେ ରମଣମୂର୍ତ୍ତି । ଡିକ୍‌ସନ ସାହେବଙ୍କ ଇଜିଲାସ୍‌ରେ ଜଣେ ସର୍ବତ୍ୟାଗୀ ତରୁଣ ସନ୍ନ୍ୟାସୀଙ୍କ ବିରୋଧରେ ରାଜଦ୍ରୋହ ଅଭିଯୋଗ ଓ ତାହାର ବିଚାର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏହି ଐତିହାସିକ ବିଚାର ସମୟରେ ବରେଣ୍ୟ ପଣ୍ଡିତ ନୀଳକଣ୍ଠ ଦାସ, ଶ୍ରୀ ବିଶ୍ୱନାଥ ଦାସ (ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଉତ୍ତର ପ୍ରଦେଶ

ରାଜ୍ୟପାଳ), ପଣ୍ଡିତ ବିନାୟକ ମିଶ୍ର, ବିଶିଷ୍ଟ ଆଇନଜୀବୀ ଜଗବନ୍ଧୁ ସିଂହ (ପ୍ରାଚୀନ ଉତ୍କଳ ଗ୍ରନ୍ଥାକାର) ସାକ୍ଷ୍ୟ ଦେବାକୁ ଆସୁଥିଲେ ।

ସେଦିନର ଅସାଧାରଣ ଐତିହାସିକ ମୁହୂର୍ତ୍ତକୁ ନିଜ ସ୍ମୃତିରେ ସାଇତି ରଖିବା ପାଇଁ ନୀଳକଣ୍ଠ ଦାଶ ତାଙ୍କର 'ଗୀତା ପ୍ରବେଶ' ପୁସ୍ତକରେ ଲେଖିଥିଲେ "... ଅଭିରାମଙ୍କର ସୌମ୍ୟରୂପ, ପ୍ରଶାନ୍ତବଦନ, ମୁଖମଣ୍ଡଳରେ ବ୍ରହ୍ମଜ୍ୟୋତିର ଛଟା ଲୋକଙ୍କୁ ଅଭିଭୂତ କରି ଦେଇଥିଲା । "ବେଶ୍ ଲକ୍ଷ୍ୟ କରିବାର ବସ୍ତୁ, ସେଇ ଯୁବକ ସନ୍ୟାସୀ ଦିନ ପରେ ଦିନ କଚେରୀରେ ଠିଆ ହୋଇଛନ୍ତି । ଦୀର୍ଘକାଳ ଜେଲ୍‌ଯିବେ ବୋଲି ଜାଣନ୍ତି । ମାତ୍ର ମୁଖରେ ସର୍ବଦା ସ୍ୱଚ୍ଛନ୍ଦ ସ୍ମିତରେଖା । ପରିଧାନରେ କଷାୟ ପଟ୍ଟବସ୍ତ୍ର ଓ ଦୁଇପାଦରେ ଦୁଇଟି କଠଉ । ଗୋଟାକବେଳେ କଚେରୀରୁ ଫେରି ଦୁଇଖଣ୍ଡ ରୁଟି ଖାଆନ୍ତି । ଲୋକଟିକୁ ଦେଖିଲେ ଆଦର ତଥା ଭକ୍ତି ମନକୁ ହୁଏ ।" XXX "ବ୍ୟକ୍ତିତ୍ୱବାନ୍ ମନସ୍ୱୀ ସେ ଯୁବକ ସାଧୁଟି ମନରୁ ଯିବାର ବସ୍ତୁ ନୁହେଁ । ବିପଦ ହିଁ ଯୋଗୀର ତଥା ମନୁଷ୍ୟର ପରୀକ୍ଷାସ୍ଥଳ । ଉତ୍କଳ ସଂସ୍କୃତି ଧାରାର ପ୍ରତୀକ ଯଥାର୍ଥରେ ପୁରାଣ ପ୍ରବାହର ଅବତଂସ । ସେ ଲୋକଙ୍କର ଲୋକ, ଦର୍ପୀ, ଦାମ୍ଭିକ, ପଣ୍ଡିତ, ଶିକ୍ଷିତଙ୍କ ଲୋକ ନୁହନ୍ତି । ଦେଶର ପଲ୍ଲୀ ତାଙ୍କର ରାଜ୍ୟ । .......ସେଇ ଏ ଭୂମିର ଧର୍ମନେତା । ......ସାମ୍ୟଧର୍ମ ସମାଧାନର ଏଇପରି ଜୀବନ୍ତ ଓ ଜ୍ୱଳନ୍ତ ଜ୍ୟୋତିମାନେ ଏ ଦେଶ ସଂସ୍କୃତିର ଯଥାର୍ଥ ମେରୁଦଣ୍ଡ ।" (ଗୀତା ପ୍ରବେଶ) ପଣ୍ଡିତ ନୀଳକଣ୍ଠ ଦାଶଙ୍କର ଏହି କେତେପଦ କଥା ବାସ୍ତବିକ ଠାକୁର ଅଭିରାମ ପରମହଂସଙ୍କ ବ୍ୟକ୍ତିତ୍ୱକୁ ଆହୁରି ଶାଣିତ କରିଦେଇଛି ।

ଠାକୁର ଅଭିରାମ ପରମହଂସ ନିଜ ଜମାନବନ୍ଦୀରେ କହିଥିଲେ, "ମୁଁ ପନ୍ଦରବର୍ଷଠାରୁ ସନ୍ୟାସ ଧର୍ମ ଗ୍ରହଣ କଲି । ମୁଁ କେବେ କଂଗ୍ରେସରେ ବା ରାଜନୀତିରେ ଯୋଗଦେଇ ନାହିଁ । ଭଗବତ ଚିନ୍ତା ଓ ଯୋଗସାଧନ ନିତ୍ୟ ମୋର କ୍ରିୟା । ସତ୍ୟାଗ୍ରହୀମାନଙ୍କର ଅର୍ଥ ଯେଉଁମାନେ ଜେଲ୍‌କୁ ଯାଉଛନ୍ତି, ତାହା ନୁହେଁ, ସତ୍ୟାଗ୍ରହୀର ଅର୍ଥ ଯେ ସତ୍ୟକୁ ସମ୍ବଳ କରେ, ଅର୍ଥାତ୍ ପୁରୁଷଶ୍ରେଷ୍ଠ !.....ମୁଁ ଲେଖିଥିବା ବହିରେ କୌଣସି ରାଜଦ୍ରୋହାତ୍ମକ ଅର୍ଥ ବାହାରୁଛି ବୋଲି ମୁଁ ଏବେ ଜାଣୁଅଛି । ସେପରି ଅର୍ଥ ମୋର କେଉଁକାଳେ ନ ଥିଲା । ସେହିପରି ଯଦି ଅର୍ଥ ହୁଏ ସେଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ ଅଛି ।"

ପ୍ରଶ୍ନ : ତୁମ୍ଭ ଉପରେ ହେବା ଚାର୍ଜ ତୁମ୍ଭେ ସମସ୍ତ ଶ୍ରବଣ କଲ ଯେ ତୁମ୍ଭେ ଦୋଷୀ ବା ନିର୍ଦ୍ଦୋଷୀ ?

ଉତ୍ତର : ନିର୍ଦ୍ଦୋଷୀ । ସ୍ୱା : ଅଭିରାମ ପରମହଂସ ।

ଦୀର୍ଘ ଚାରିବର୍ଷ ଧରି ମକଦ୍ଦମା ଚାଲିଲାପରେ ୧୯୩୪ ମସିହା ଡିସେମ୍ବର ୧୩ ତାରିଖରେ ଡିକ୍ସନ୍ ସାହେବ ରାୟ ଦେଲେ ଅଭିରାମ ପରମହଂସ ଦୋଷୀ, ଦଣ୍ଡ–ଏକବର୍ଷ ସଶ୍ରମ କାରାଦଣ୍ଡ । ତତ୍‌କାଳୀନ ମାଡ୍ରାସ୍ ହାଇକୋର୍ଟର ଓକିଲ ବାବୁ ଜଗନ୍ନାଥ ଦାସ ଠାକୁରଙ୍କ ପକ୍ଷରୁ ହାଇକୋର୍ଟରେ ଅପିଲ ଦାଏର କଲେ । କିନ୍ତୁ ଏହି ଅପିଲ୍ ନାମଞ୍ଜୁର ହୋଇଗଲା ।

ସତରେ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଠାକୁର ଅଭିରାମ ପରମହଂସଙ୍କ ଭଳି ଜଣେ ମହାନ୍ ଓଡ଼ିଆ ସାଧୁଙ୍କର କାରାବରଣ ଏକ ଅସାଧାରଣ ଐତିହାସିକ ଗୌରବାବହ ଘଟଣା । ଠାକୁର ଅଭିରାମ ପରମହଂସଙ୍କୁ ରାଜମହେନ୍ଦ୍ରୀ ଜେଲ୍‌ରେ ଏହି କାରାବାସ କାଟିବାକୁ ପଡ଼ିଥିଲା । ତାଙ୍କର ସଶ୍ରମ କାରାବାସର ଏକବର୍ଷ ନ ପୂରୁଣୁ ଆଟର୍ଣ୍ଣି ଜେନେରାଲ୍ କଲେକ୍ଟରଙ୍କୁ ପତ୍ର ଲେଖିଥିଲେ, "ସାଧୁ ଜଣେ ଏତେଦିନ ଜେଲ୍ ଗଲାଣି । ଯଦି ତୁମ୍ଭେ ରାଜିହୁଅ ତାଙ୍କୁ ଏବେ ଛାଡ଼ିଦେବ ।" ଡିକ୍ସନ୍ ସାହେବ ସମ୍ମତ ହେଲେ । ସେହି ଅନୁସାରେ କାରାଦଣ୍ଡର ବର୍ଷକରୁ ମାସେ ଏଗାରଦିନ ଛାଡ଼ପାଇ ଠାକୁର ଅଭିରାମ ପରମହଂସ ମୁକ୍ତ ହେଲେ । ସେହି ଅପିଲ୍ ଖାରଜ ହେଲା ।

୧୯୩୫ ମସିହା ନଭେମ୍ବର ପହିଲାରେ ରାଜମହେନ୍ଦ୍ରୀ ଜେଲ୍‌ରୁ ଅଭିରାମ ପରମହଂସ କାରାମୁକ୍ତ ହୋଇଥିଲେ । ଏହି ରାଜମହେନ୍ଦ୍ରୀର ରାଜ୍ୟପାଳ ଥିଲେ ଠାକୁରଙ୍କର ପୂର୍ବପୁରୁଷଙ୍କର ବନ୍ଧୁ ପରମ ବୈଷ୍ଣବ ରାୟ ରାମାନନ୍ଦ ।

ଯେଉଁ ବିବାଦୀୟ ଅଂଶ ପାଇଁ 'କଳି–ଭାଗବତ' ଉପରେ ମକଦ୍ଦମା ହୋଇଥିବା ତାହା ନିମ୍ନରେ ପ୍ରଦତ୍ତ ହେଲା ।

## କଳି ଭାଗବତ

ପଞ୍ଚମନଟି ଯାହା କହି — ପଞ୍ଚମ ଜର୍ଜଟି ସେହି
ଗୋରାପଲଟନ ଯାକୁ କହି — ପଚିଶ ପ୍ରକୃତିଟି ଏହି
ଏହିଟି ବିଦେଶୀ ଅଟନ୍ତି — ସ୍ୱରାଜ୍ୟ ଉଜାଡ଼ିଣ ଦ୍ୟନ୍ତି
ଯେହୁ ଅଟେ ମହତଆତ୍ମା — ସେଇଟି ଅଟଇ ମହାତ୍ମା
ପଚିଶଙ୍କର ସଙ୍ଗେ ଖେଳି — ବ୍ରିଟିଶ୍ ରାଜାମହାମେଳି
ନିସ୍ୱରେ ଯେଣୁ ନିଏ କର — ଅନ୍ୟାୟ ହୋଇଛି ତାହାର
ଯେତେକ ସତ୍ୟାଗ୍ରହୀ ଥିଲେ — ମହାତ୍ମା ସାଙ୍ଗେ ସାଙ୍ଗ ହେଲେ
ମହାତ୍ମାଙ୍କର ବାକ୍ୟ ଯେହି — ବିଦେଶୀ ନ ମାନନ୍ତି କେହି
ତେବେ ତ ଲାଗିବ କଜଳ — ବିଶ୍ୱେ କରିବେ ଆଦିମୂଳ

ଲାଗିବ ଭାରତର ନାଟ — ନରହେ ଭାରତ ସମ୍ରାଟ
ଅଣଚାଳିଶା ହୋଇଥିଲା — ଏଥିରେ ରାଜା ନ ଚେତିଲା
ଚାଳିଶାରେ ତନ ବସିବ — ଏକଚାଳିଶାରେ ନ ଥିବ
ଲୋଭରେ ମନପାଞ୍ଚ କଲା — ଏକରୁ ପାଞ୍ଚଗୋଟି ହେଲା
ଏ ହେଲା ପଞ୍ଚମେ ସମ୍ରାଟ — ପୃଥ୍ୱୀକି ହୋଇଲା ସେ କଟ-
ସତ୍ୟାଗ୍ରହୀ ହୋଇଲେ ମେଳି — ଅନ୍ତର ହୋଇଯିବ କଳି
ଇଉରୋପିଆନ ଯିବ ଛାଡ଼ି — ମୋହନ ସିନା ଦେବ କାଢ଼ି

(କଳି-ଭାଗବତ)

'କଳି-ଭାଗବତ'ରେ ଉପରୋକ୍ତ ଅଂଶଟିକୁ ରାଜଦ୍ରୋହ ବୋଲି ଠାକୁର ଅଭିରାମ ପରମହଂସଙ୍କୁ ଜେଲ୍ ଦଣ୍ଡ ଭୋଗିବାକୁ ହୋଇଥିଲା । 'କଳି-ଭାଗବତ'କୁ ବାଜ୍ୟାପ୍ତି କରାଯାଇଥିଲା । ୧୯୩୪ ମସିହା ଅପ୍ରେଲ୍ ୩୦ତାରିଖରେ ଗେଜେଟ୍ ବିଜ୍ଞପ୍ତିରେ ଘୋଷଣା କରାଗଲା ଯେ ଏହି ଗ୍ରନ୍ଥର ବିଭିନ୍ନ ଅଂଶରେ ଆଇନ ସମ୍ମତ ଭାବରେ ଚାଲିଥିବା ବ୍ରିଟିଶ୍ ସରକାର ଓ ମହାମାନ୍ୟ ସମ୍ରାଟଙ୍କ ବିରୋଧରେ ଘୃଣା ଓ ଅବମାନନା ଉଦ୍ରେକ କରୁଥିବା ଉକ୍ତିମାନ ରହିଛି । ଏହାଦ୍ୱାରା ବ୍ରିଟିଶ୍ ଶାସନର ସାର୍ବଭୌମତ୍ୱକୁ ଅବମାନନା କରାଯାଇଛି । ତେଣୁ 'କଳି-ଭାଗବତ' ହେଉଛି ରାଜଦ୍ରୋହ ଦ୍ୟୋତକ ଗ୍ରନ୍ଥ ଓ ତାହାର ପ୍ରଣେତା ଠାକୁର ଅଭିରାମ ପରମହଂସ ହେଉଛନ୍ତି ଜଣେ ରାଜଦ୍ରୋହୀ ସାଧୁ ।

ରାଜମହେନ୍ଦ୍ରୀ ଜେଲ୍‌ରୁ ପ୍ରତ୍ୟାବର୍ତ୍ତନ ପଥରେ କିଛିଦିନ ଠାକୁର ଅଭିରାମ ପରମହଂସ ଗଞ୍ଜାମରେ ବୁଲାବୁଲି କରି ଆସି କରମଳାରେ ରହିଲେ । ଏହାପରଠାରୁ ସେ ଆଉ ଭ୍ରମଣ କରି ନଥିଲେ ।

(ଶରଣଦ ୨୦/୨୧)

୪୮ଖଣ୍ଡ ଛୋଟବଡ଼ ଗ୍ରନ୍ଥ ଓ ୫୬୩ରୁ ଉର୍ଦ୍ଧ୍ୱ ସୁଲଳିତ ଭଜନ-ଜଣାଣ ରଚୟିତା ଠାକୁର ଅଭିରାମ ପରମହଂସ ସ୍ୱୟଂ ଥିଲେ ଏହି ଭୂମିରେ ସତ୍ୟ ନାରାୟଣ । ସତ୍ୟ ଓ ନାରାୟଣଙ୍କର ଜୀବନ୍ତ ପ୍ରତୀକ । ଚିରକାଳ ସତ୍ୟ ସନ୍ଧାନୀ ଅଭିରାମ ପ୍ରକୃତି, ମଣିଷ ଓ ପ୍ରାଣୀଜଗତରେ ଖୋଜୁଥିଲେ ନାରାୟଣଙ୍କୁ । ଇଂଲଣ୍ଡରୁ ଭାରତ ଭୂମିକୁ ଆସିଥିବା ଇଷ୍ଟଇଣ୍ଡିଆ କମ୍ପାନୀର ଗୋରାମାନେ ଏହି ପୂଣ୍ୟତମ ଭାରତ ଭୂଖଣ୍ଡକୁ ଦଖଲ କରି କିପରି ଶାସକ ପାଲଟି ଯାଇଥିଲେ ଏବଂ ଏଠାରେ ଯେପରି ଅନ୍ୟାୟ, ଅତ୍ୟାଚାର ଶୋଷଣର ବୀଜ ବୁଣିଥିଲେ ତାରି ବିରୁଦ୍ଧରେ ଅସୀ ଉତ୍ତୋଳନ କରିଥିଲେ ଠାକୁର ଅଭିରାମ ପରମହଂସ ।

ଯେପରି ଯୋଗୀ ଶ୍ରୀ ଅରବିନ୍ଦ । 'କଳି-ଭାଗବତ' ନାମକ ଏକ ବ୍ୟଙ୍ଗ ଶ୍ଳେଷାତ୍ମକ ଛନ୍ଦୋବଦ୍ଧ ଦୀର୍ଘ କାବ୍ୟ ରଚନା କରି ସତ୍ୟର ଉଦ୍‌ଘାଟନ କରିବାକୁ ଯାଇ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ତାହା ଯେପରି ରୋମାଞ୍ଚକର ସେହି ପରି ଗବେଷଣା ସାପେକ୍ଷ ।

୧୯୩୩ ମସିହାରେ ଅଭିରାମଙ୍କ ଦ୍ୱାରା ରଚିତ ପ୍ରଥମ ତତ୍ତ୍ୱ ପୁସ୍ତକ 'କଳି-ଭାଗବତ' ପ୍ରକାଶ ଲାଭ କରେ । ପ୍ରସଙ୍ଗକ୍ରମେ ଏଥିରେ ଅଭିରାମ ପଞ୍ଚମନ ବା ଇନ୍ଦ୍ରିୟକୁ ପଞ୍ଚମ ଜର୍ଜ, ପଚିଶ ପ୍ରକୃତିକୁ ଗୋରା ପଲଟଣ ଓ ମହତ ଆତ୍ମାକୁ ମହାତ୍ମାଗାନ୍ଧୀଙ୍କ ସହିତ ତୁଳନା କରି ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ବ୍ୟାଖ୍ୟା କରିଥିଲେ । ଏତଦ୍‌ବ୍ୟତୀତ ୧୯୪୨ ଭାରତ ଛାଡ଼ ଆନ୍ଦୋଳନ, ଭାରତର ସ୍ୱାଧୀନତା ଲାଭ ଓ ପଞ୍ଚମ ଜର୍ଜଙ୍କର ମୃତ୍ୟୁ ସମ୍ପର୍କରେ ମଧ ସୂଚନା ଦେଇଥିଲେ । 'କଳି-ଭାଗବତ' ପୁସ୍ତକଟି ପ୍ରକାଶିତ ହୋଇ ଭକ୍ତମାନଙ୍କ ମଧରେ ବିଚରଣ ହେବା ପରେ ତତ୍‌କାଳୀନ ମାହାଙ୍ଗା ଥାନାର ସବ୍‌ଇନିସ୍‌ପେକ୍ଟର ଦୁର୍ଗାନନ୍ଦ ମିଶ୍ର ବହିଟିର ବୈଧତା ସମ୍ପର୍କରେ ଇଂରେଜ ସରକାରଙ୍କ ସି.ଆଇ.ଡ଼ି. ବିଭାଗର ଦୃଷ୍ଟି ଆକର୍ଷଣ କଲେ । ପୁସ୍ତକଟି ଓଡ଼ିଶାର ସର୍ବପ୍ରଥମ ଇଂରାଜୀ ଦୈନିକ 'ନିଉ ଓଡ଼ିଶା' ଓ 'ଦୈନିକ ଆଶା'ର ସଂପାଦକ (ନରବ୍ୟାଘ୍ର ଭାବରେ ତତ୍‌କାଳୀନ ପ୍ରାକୃତିକ ଓଡ଼ିଶାରେ ପରିଚିତ) ଢ ଶଶିଭୂଷଣ ରଥଙ୍କର 'ଆଶା' ପ୍ରେସରେ ବ୍ରହ୍ମପୁରରେ ଛାପା ହୋଇଥିବାରୁ ମାନ୍ଦ୍ରାଜ ସରକାର ଛତ୍ରପୁରରେ କେଶ୍ ଦାୟର କଲେ । ଅଭିରାମଙ୍କ ସମେତ ମୁଦ୍ରାକର, ପ୍ରକାଶକ, ପ୍ରେସ ମାଲିକ ମଧ ଅଭିଯୁକ୍ତ ଆସାମୀ ରୂପରେ ଗିରଫ ହେଲେ । ତତ୍‌କାଳୀନ ଗୋରାସାହେବ, କଲେକ୍ଟର ଡିକ୍‌ସନ ସାହେବଙ୍କ କୋର୍ଟରେ ମକଦ୍ଦମାର ବିଚାର ଚାଲିଲା । ୧୯.୯.୧୯୩୪ରୁ ୧୩.୧୨.୧୯୩୪ ପର୍ଯ୍ୟନ୍ତ ପୁରୀର ଜଗବନ୍ଧୁ ସିଂହ ଓକିଲ ଭାବରେ ଏବଂ ଅଧାପକ ପଣ୍ଡିତ ବିନାୟକ ମିଶ୍ର ଅଭିରାମଙ୍କ ଲେଖା ଉପରେ ବ୍ୟାଖ୍ୟାନ ଦେବା ନିମନ୍ତେ ସାକ୍ଷୀ ରୂପେ ନିଯୁକ୍ତ ହୋଇ ଆସିଲେ । 'କଳି-ଭାଗବତ' ବହିର ମୁଦ୍ରାକର ଭାବରେ 'ଆଶା ପ୍ରେସ୍'ର ମାଲିକ ଢ ଶଶିଭୂଷଣ ରଥ ଅଭିଯୁକ୍ତ ହୋଇଥିବାରୁ ରଥଙ୍କ ପକ୍ଷରୁ ଓକିଲ ଭାବେ ଲିଙ୍ଗରାଜ ପାଣିଗ୍ରାହୀ ଓ ଠାକୁର ଅଭିରାମଙ୍କ ପକ୍ଷରୁ ରମଣମୂର୍ତ୍ତି ମୋକଦ୍ଦମା ଲଢୁଥିଲେ । ଜଣେ ସାଧୁଙ୍କୁ ରାଜଦ୍ରୋହ ମକଦ୍ଦମାରେ ଅଭିଯୁକ୍ତ କରାଯାଇଥିବାରୁ ଶହ ଶହ ଲୋକ ତାଙ୍କୁ ଦେଖିବା ପାଇଁ ଏବଂ ମକଦ୍ଦମାର ବିଚାର ଶୁଣିବା ପାଇଁ କୌତୂହଳତା ବଶତଃ ଛତ୍ରପୁର କଚେରୀକୁ ଆସୁଥିଲେ । କଂଗ୍ରେସର ତୁଙ୍ଗ ନେତୃବୃନ୍ଦଙ୍କ ମଧରେ ବିଶ୍ୱନାଥ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ସ୍ୱର୍ଗୀୟ ଲିଙ୍ଗରାଜ ପାଣିଗ୍ରାହୀ, ପୁରୀର ପୂର୍ବତନ କଲେକ୍ଟର ଉଦୟନାଥ ପଟ୍ଟନାୟକ ପ୍ରମୁଖ ଏହି ମକଦ୍ଦମାର ଦ୍ରଷ୍ଟା ହୋଇ ଆସିଥିଲେ । ସେ ସମୟରେ ଅଭିରାମଙ୍କର ରୂପ, ତେଜ, ଠାଣିଚାହାଣି ତଥା ମୁଖ୍ୟ ନିସୃତ ବାଣୀ ଇତ୍ୟାଦିରେ ଏପରି

ଏକ ଐଶୀତେଜ ଏବଂ ମାଧୁର୍ଯ୍ୟ ପ୍ରକାଶ ପାଇଥିଲା ଯେ ପଣ୍ଡିତ ନୀଳକଣ୍ଠ ଦାସ ନିଜ ସମ୍ପାଦିତ 'ଗୀତା ପ୍ରବେଶ' ଗ୍ରନ୍ଥରେ ଅଭିରାମଙ୍କ ସମ୍ପର୍କରେ ନିଜର ମନ୍ତବ୍ୟ ପ୍ରକାଶ କରି ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛନ୍ତି ।

"....କଳି-ଭାଗବତକାରଙ୍କର ଅସଂଖ୍ୟ ଶିଷ୍ୟ । ମାତ୍ର ବେଶ୍ ଲକ୍ଷ୍ୟ କରିବା ବସ୍ତୁ ସେଇ ଯୁବକ ସନ୍ୟାସୀ ଯେ ଦିନ ପରେ ଦିନ କଚେରୀରେ ଠିଆ ହୋଇଛନ୍ତି । ଦୀର୍ଘକାଳ ଜେଲ୍ ଯିବେ ଜାଣନ୍ତି । ମାତ୍ର ମୁଖରେ ସର୍ବଦା ସେଇ ସ୍ୱଚ୍ଛନ୍ଦ ସ୍ମିତରେଖା, ପରିଧାନରେ କଷାୟ ପଞ୍ଚବସ୍ତ୍ର ଓ ଦୁଇଟି କଠାଉ । ଗୋଟାକବେଳେ କଚେରୀରୁ ଫେରି ଦୁଇଖଣ୍ଡ ରୁଟି ଖାଆନ୍ତି । ଲୋକଟିକୁ ଦେଖିଲେ ଆଦର ତଥା ଭକ୍ତି ମନରେ ଜାତ ହୁଏ । ବ୍ୟକ୍ତିତ୍ୱବାନ୍ ମନସ୍ୱୀ ସେ ଯୁବକ ସାଧୁଟି ମନରୁ ଯିବାର ବସ୍ତୁ ନୁହେଁ । ବିପଦ ହିଁ ଯୋଗୀର ତଥା ମନୁଷ୍ୟର ପରୀକ୍ଷା ସ୍ଥଳ । ଉତ୍କଳର ସଂସ୍କୃତି ଧାରାର ପ୍ରତୀକ, ଯଥାର୍ଥରେ ପୁରାଣ ପ୍ରବାହର ଅବତଂସ ହେଲେ ହେଁ ଯୁବକ ସାଧୁ ଏ ଦେଶର ପରମ୍ପରାରେ ନିଜକୁ ମିଶାଇ ଦେଇଛନ୍ତି । ସେ ଲୋକଙ୍କର ଲୋକ; ଦର୍ପୀ-ଦାମ୍ଭିକ ପଣ୍ଡିତ, ଶିକ୍ଷିତଙ୍କ ଲୋକ ନୁହନ୍ତି । ଦେଶର ପଲ୍ଲୀ ତାଙ୍କର ରାଜ୍ୟ । ସେଠାରେ ତାଙ୍କ ମୁଖପଦ୍ମ ନିର୍ଗଳିତ ଜୀବ-ପରମ ତତ୍ତ୍ୱ ତାଙ୍କ ସଙ୍କେତରେ ଶୁଣିବାକୁ ଲୋକେ ତୃଷିତ । ସେ ହିଁ ଏ ଭୂମିର ଧର୍ମ ନେତା, କାହାରି ଧର୍ମ ବା ବିଶ୍ୱାସରେ ବିରୋଧ ବା ବିରାଗ ତାଙ୍କର ନାହିଁ । ସେଇ ଏକା ଧର୍ମରେ ଆଚାରରେ ଯଥାର୍ଥ ସାମ୍ୟ ଓ ସମାଧାନର ଜୀବନ୍ତ ବିଗ୍ରହ । ଏ ଦେଶର ସଂସ୍କୃତିର ଏ ଯୁଗରେ ସେ ଉଦାହରଣ ମାତ୍ର ହେଲେ ହେଁ ମହୀୟାନ୍ । ସାମ୍ୟଧର୍ମ ସାଧନାର ଏହିପରି ଜ୍ୱଳନ୍ତ ଦ୍ୟୁତିମାନ ବ୍ୟକ୍ତି ଏ ଦେଶ ସଂସ୍କୃତିର ଯଥାର୍ଥ ମେରୁଦଣ୍ଡ ।" (୬)

'କଳି-ଭାଗବତ' ରଚନା କରି ଠାକୁର ଅଭିରାମ ପରମହଂସ ବ୍ରିଟିଶ୍ ଶାସନ ବିରୁଦ୍ଧରେ କଳିମଞ୍ଜି ବୁଣିଛନ୍ତି ବୋଲି ବ୍ରିଟିଶ୍ ସରକାରଙ୍କ କାନରେ ତତ୍‌କାଳୀନ ପ୍ରଶାସନରେ ଜଡ଼ିତ ଚାଟୁକାର ଅମଲାତନ୍ତ୍ରୀମାନେ ବିଦ୍ୱେଷର ମନ୍ତ୍ର ଫୁଙ୍କିଲେ । ଏହି କଳି ହେଉଛି କେତୋଟି ଶବ୍ଦ । ଯଥା- 'ବ୍ରିଟିଶ୍', 'ବିଦେଶୀ', 'ପଞ୍ଚମଜର୍ଜ' (ବ୍ରିଟେନର ମହାରାଣୀ ଭିକ୍ଟୋରିଆଙ୍କ ପୁତ୍ର ବା ଭାରତର ସମ୍ରାଟ), 'ୟୁରୋପିଆନ୍', 'ମହାତ୍ମା', 'ମୋହନ', 'ଗୋରାପଲଟନ' (ସୈନ୍ୟ ବା ପୁଲିସ) 'ସ୍ୱରାଜ୍ୟ', 'ସତ୍ୟାଗ୍ରହ', 'ଅନ୍ୟାୟ' ଇତ୍ୟାଦି ।

ଏକଛତ୍ରବାଦୀ ବ୍ରିଟିଶ୍ ଶାସନ ବା ପ୍ରଶାସନର ଗାତ୍ରଦାହ ହେଲା ଭଳି ଠାକୁର ଅଭିରାମ ତାଙ୍କ ରଚିତ 'କଳି-ଭାଗବତ'ରେ ଠାଏ ଠାଏ ଲେଖିଥିଲେ-

"ପାଞ୍ଚମନଟି ଯା'କୁ କହି । ପଚିଶ ପ୍ରକୃତିଟି ଏହି ॥
ଏହିଟି ବିଦେଶୀ ଅଟନ୍ତି । ସ୍ୱରାଜ ଉଜାଡ଼ିବା ଦ୍ୟନ୍ତି ॥

ଯେହୁ ଅଟେ ମହତ ଆତ୍ମା । ସେହିଟି ଅଟଇ ମହାତ୍ମା ॥
ପଚିଶଙ୍କର ସଙ୍ଗେ ଖେଳି । ବ୍ରିଟିଶ୍ ରାଜା ମହାବଳୀ ॥
ନିସ୍କରେ ଯେଣୁ ନିଏ କର । ଅନ୍ୟାୟ ହେଉଚି ତାହାର ॥
ଯେତେକ ସତ୍ୟାଗ୍ରହୀ ଥିଲେ । ମହାତ୍ମା ସଙ୍ଗେ ସାଙ୍ଗ ହେଲେ ॥
ମହାତ୍ମାଙ୍କର ବାକ୍ୟ ଯେହି । ବିଦେଶୀ ନ ମାନନ୍ତି କେହି ॥
ତେବେ ତ ଲାଗିବ କନ୍ଦଳ । ବିଶ୍ୱେ କରିବେ ଆଦିମୂଳ ॥
ଲାଗିବ ଭାରତର ନାଟ । ନ ରହେ ଭାରତ ସମ୍ରାଟ ॥
ୟୁରୋପିଆନ୍ ଯିବେ ଛାଡ଼ି । ମୋହନ ସିନା ଦେବେ କାଢ଼ି ॥
ବିଦେଶୀ ହେଲେଣି ବିଶେଷି । ହାତରୁ ଯାଏ ଧନଖସି ॥
ବେଳ ହେଲାଣି ଆସି ଶେଷ । ବିଦେଶୀ ଯାନ୍ତୁ ଯେଝା ଦେଶ ॥"

ସନାତନ ସଂସ୍କୃତିର ଆଦିଭୂମି ଏଇ ଓଡ଼୍ ଭୂଖଣ୍ଡର ଭୂମିପୁତ୍ର ଠାକୁର ଅଭିରାମ ବିଦେଶୀ ଯୁବକଙ୍କ କବଳରୁ ମାତୃଭୂମିକୁ ମୁକ୍ତ କରିବା ପାଇଁ ଆଧ୍ୟାତ୍ମିକ ତତ୍ତ୍ୱର ପୁଟ ଦେଇ ସ୍ୱାଧୀନତା ସଂଗ୍ରାମର ଯେଉଁ ଚିତ୍ର ଆଙ୍କିଥିଲେ, ତାହା ଗୋରା ବ୍ରିଟିଶ୍ ସରକାରଙ୍କ ଦୃଷ୍ଟିକଟୁ ଓ ଭୟ-ଆତଙ୍କର କାରଣ ହୋଇଥିଲେ । 'କଳି-ଭାଗବତ' ବ୍ରିଦ୍ରୋହୀ ସ୍ୱରତରଙ୍ଗ ବିଦେଶୀ ଶାସନର ଯେମିତି ନିଦ ହଜେଇନେଲେ । 'କଳି-ଭାଗବତ' ନିଷିଦ୍ଧ ହେଲା । ଠାକୁର ଅଭିରାମ ଗୋରା ବିଚାରପତିଙ୍କ ଦ୍ୱାରା 'ରାଜଦ୍ରୋହୀ' ଦଣ୍ଡରେ ଦଣ୍ଡିତ ହେଲେ ।

୧୯୩୪ ମସିହାରେ ଅଭିରାମ ପରମହଂସଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡ ହେଲା ଏବଂ ସେ ଛତ୍ରପୁର ଜେଲରୁ ସ୍ଥାନାନ୍ତରିତ ହେଲେ । କିନ୍ତୁ ଛତ୍ରପୁର ଜେଲ୍‌ରେ ଅଭିରାମଙ୍କୁ ଦେଖିବା ପାଇଁ ଅଣାୟତ୍ତ ଜନସମାଗମ ହେଲା । ଜନସାଧାରଣଙ୍କ ମଧ୍ୟରେ ଏହି ଅନ୍ୟାୟ ଦଣ୍ଡାଦେଶ ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଲା । ଏଥି ନିମନ୍ତେ ଇଂରେଜ ସରକାର ଅଭିରାମଙ୍କୁ ରାଜମହେନ୍ଦ୍ରୀ ସେଣ୍ଟ୍ରାଲ୍ ଜେଲ୍‌କୁ ସ୍ଥାନାନ୍ତରିତ କଲେ । ଡିକ୍‌ସନ୍ ସାହେବଙ୍କ ରାୟ ଉପରେ ମାନ୍ଦ୍ରାଜ ହାଇକୋର୍ଟରେ ଅପିଲ ଦାୟର କଲେ ଓଡ଼ିଶାର ପୂର୍ବତନ ପ୍ରଧାନ ବିଚାରପତି ତଥା ମାନ୍ତ୍ରାସର ତତ୍‌କାଳୀନ ଓକିଲ ବାବୁ ଜଗନ୍ନାଥ ଦାସ । ଅପିଲ ବିଚାର ହେବା ପୂର୍ବରୁ ୯ ମାସ ପରେ ଇଂରେଜ ସରକାର ଅଭିରାମଙ୍କୁ ଖଲାସ କରିଦେଲେ । ଜେଲ୍‌ରୁ ଫେରି ସେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର, ଆସିକା, ସୋରଡ଼ା, ରସଲକୋଣ୍ଡା (ଆଦିର ଭଞ୍ଜନଗର) ବେଲଗୁଣ୍ଠା, ବାଲିପଦର ଆଦି କେତେକ ସ୍ଥାନ ଭ୍ରମଣ କରି କରମଳାକୁ ଫେରି ଯାଇଥିଲେ । ୧୯୩୫ଠାରୁ ୧୯୬୩ ନଭେମ୍ବର ପର୍ଯ୍ୟନ୍ତ ୩୦ ବର୍ଷ କାଳ ଅଭିରାମ

ପରମହଂସ ଅନ୍ୟ କେଉଁଆଡ଼େ ଭ୍ରମଣ ଉଦ୍ଦେଶ୍ୟରେ ଯାଇ ନ ଥିଲେ । ଏହି ଦୀର୍ଘ ସମୟ ସେ ଲକ୍ଷ ଲକ୍ଷ ନରନାରୀଙ୍କ ଜୀବନ ଗଠନରେ ବ୍ୟୟ କରିଛନ୍ତି । ଉତ୍ତରରେ ଲକ୍ଷ୍ନୌଠାରୁ ଆରମ୍ଭ କରି ଦକ୍ଷିଣରେ ମହୀଶୂର ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ବିଭିନ୍ନ ଭାଷାଭାଷୀ ଲୋକ ତାଙ୍କର ଦର୍ଶନ ଲାଭ କରିବା ପାଇଁ ଆସିଛନ୍ତି ।

ହୁଏତ ସେମାନଙ୍କ ଭିତରୁ କିଏ ତାଙ୍କର ବିଶ୍ୱସ୍ତ ଶିଷ୍ୟ ହୋଇଛି ବା କିଏ ତାଙ୍କୁ ପରୀକ୍ଷା କରିବା ପାଇଁ ଅନେକ ପ୍ରଶ୍ନବାଣରେ ଜର୍ଜରିତ କରିଛନ୍ତି । ସରଳ ଅମାୟିକ ହସ ହସି ଅଭିରାମ ସମସ୍ତଙ୍କୁ ତୃପ୍ତ କରିଛନ୍ତି; ମଧୁର ବଚନରେ ମୁଗ୍ଧ ଶ୍ରୋତାର ମନ କିଣି ନେଇଛନ୍ତି । ଆଶ୍ରମରେ ସ୍ଥାୟୀ ଅବସ୍ଥାନ କରିବା ପରେ ଅଭିରାମଙ୍କ ଐଶୀଶକ୍ତି ବ୍ୟାପ୍ତ ହୋଇ ବହୁ ଭାବରେ ତଥା ବହୁ ରୂପରେ ଲୀଳା ଆରମ୍ଭ କରିବାକୁ ଲାଗିଲା । ଭକ୍ତମାନଙ୍କର ହୃଦୟର ଅଧୀଶ୍ୱର ହୋଇ ସେ ନିତ୍ୟ ନୂତନ ଅନୁଭବ ସୃଷ୍ଟି କରି ସେମାନଙ୍କ ଜୀବନକୁ ନୂତନ ରୂପ ଦେବାକୁ ଲାଗିଲେ । ସ୍ଥୂଳ ଶରୀର ଆଶ୍ରମରେ ବିଦ୍ୟମାନ ଥିଲେ ସୁଦ୍ଧା ଭକ୍ତମାନଙ୍କ ଭାବରେ ବିଭିନ୍ନ ସ୍ଥାନରେ ସୂକ୍ଷ୍ମ ରୂପରେ ପ୍ରକଟ ହୋଇ ଭକ୍ତମାନଙ୍କୁ କୃପା କରିବାର ଶହ ଶହ ଘଟଣାମାନ ଘଟି ଚାଲିଲା । ଭକ୍ତମାନଙ୍କର ବ୍ୟାକୁଳ ହୃଦୟର ସ୍ନେହ ଡୋରରେ ଆଜନ୍ମ ବନ୍ଧା ମହାନ୍ ସାଧକ ଅଭିରାମ ଘରେ ଘରେ ସୃଷ୍ଟିକଲେ ଦିବ୍ୟ ଅନୁଭୂତି ଏବଂ ଆନନ୍ଦର ଲହରୀ । ପରମ ଶ୍ରଦ୍ଧାରେ ଭକ୍ତ ଶିଷ୍ୟମାନେ ତାଙ୍କୁ 'ଠାକୁର' ବୋଲି ଡାକି ନିଜକୁ ସାର୍ଥକ ବୋଲି ମନେ କରୁଥିଲେ । ଉତ୍କଳର ଅନ୍ୟ କୌଣସି ସନ୍ନ୍ୟାସୀ ଏତେବଡ଼ ସମ୍ମାନ ବା ଶ୍ରଦ୍ଧାର ଅଧିକାରୀ ହୋଇନାହାନ୍ତି । ଜୀବନ୍ତ ଭଗବାନ ରୂପରେ ଅଭିରାମଙ୍କୁ ଗ୍ରହଣ କରି ଭକ୍ତମାନେ ଭାରତ ଭୂମିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଯାଇଛନ୍ତି । ଯେତେ ସମାଲୋଚନା କଲେ ସୁଦ୍ଧା ଭାରତୀୟ ଜନ-ମାନସରେ ଭଗବଦ୍ ବିଶ୍ୱାସର କାନ୍ତ କମନୀୟ ମାଧୁର୍ଯ୍ୟ ଚିରଦିନ ନିତ୍ୟ ନୂତନ ହୋଇ ରହି ଆସିଛି ଏବଂ ରହିଥିବ । ୧୯୩୭ ମସିହାରେ ଅଭିରାମ ପରମହଂସ ଆଶ୍ରିତ ସନ୍ନ୍ୟାସୀମାନଙ୍କ ମଧ୍ୟରୁ କେତେକଙ୍କୁ ଧର୍ମ ପ୍ରଚାର ପାଇଁ ଆଦେଶ ଦେଇଥିଲେ । ପରବର୍ତ୍ତୀ କାଳରେ ସେମାନେ ଓଡ଼ିଶା ତଥା ଓଡ଼ିଶା ବାହାରେ ବିଭିନ୍ନ ଅଞ୍ଚଳ ବୁଲି ଦୀକ୍ଷାଦାନ କରିଥିଲେ । ଶାନ୍ତି ଅନାଥାଶ୍ରମ ଏହି ଦୃଷ୍ଟିରୁ ଓଡ଼ିଶାର ସର୍ବବୃହତ୍ ଧର୍ମ ସଂସ୍ଥା କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ଅଭିରାମଙ୍କ ଦ୍ୱାରା ପ୍ରଚାରିତ ଧର୍ମର ଆଭିମୁଖ୍ୟ :**

ଶ୍ରୀ ଅଭିରାମ ପରମହଂସ ଉତ୍କଳୀୟ ଜ୍ଞାନମିଶ୍ରା ଭକ୍ତି ସାଧନକୁ ଏକ ନୂତନ ମୋଡ଼ ଦେଇଥିଲେ । ଗୌଡ଼ୀୟ ବୈଷ୍ଣବ ଧର୍ମ ବା ଶୁଦ୍ଧା ଭକ୍ତି ପ୍ରେମର ମୂଳତତ୍ତ୍ୱ ସହିତ ଜ୍ଞାନ ଓ

ଯୋଗର ଅପୂର୍ବ ସମନ୍ୱୟ କରି ଉତ୍କଳୀୟ ଧର୍ମ ପରମ୍ପରାରେ ଏକ ବୈପ୍ଳବିକ ଉଦ୍ୟମ ଆରମ୍ଭ କରିଥିଲେ । ବୈଷ୍ଣବୀୟ ଆତ୍ମପ୍ରେମ ଓ ରାଧାଭାବ ହିଁ ଜୀବାତ୍ମାର ଲକ୍ଷ୍ୟ ଏବଂ ପିଣ୍ଡ–ସାଧନ ଦ୍ୱାରା ଯଥାର୍ଥ ଈଶ୍ୱର ଉପଲବ୍ଧି ସମ୍ଭବ ବୋଲି ସେ ପ୍ରଚାର କଲେ । ସାମ୍ପ୍ରଦାୟିକ ଭେଦଭାବକୁ ତ୍ୟାଗ କରି ସାର୍ବଜନୀନ ସନାତନ ଧର୍ମକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗ୍ରହଣ କରିବାକୁ ସେ ଉପଦେଶ ଦେଇଛନ୍ତି । ଆତ୍ମଜ୍ଞାନ ମୂଳକ ସାଧନାରେ ସାକାର ନିରାକାର ତତ୍ତ୍ୱର ବିବାଦ ନାହିଁ । ସ୍ୱୟଂ ପରମେଶ୍ୱରଙ୍କୁ କେହି କୃଷ୍ଣ, କେହି ବିଷ୍ଣୁ, କିଏ ଦୁର୍ଗା ବା କିଏ ନିରାକାର ଜ୍ୟୋତି ରୂପରେ କଳ୍ପନା କରି ପୂଜା ଅର୍ଚ୍ଚନା କରିବାରେ କୌଣସି ଦ୍ୱିଧା ବା ଦ୍ୱନ୍ଦ୍ୱ ରହି ନ ପାରେ ।

କାରଣ ଏଗୁଡ଼ିକ ଭଗବାନଙ୍କର ଏକ ଏକ ରୂପ ମାତ୍ର । ସେ କହୁଥିଲେ ଏହି ଶରୀର ମଧ୍ୟସ୍ଥ ପରମାତ୍ମାରୂପୀ ଈଶ୍ୱରଙ୍କ ସହିତ ଘନିଷ୍ଠ ଯୋଗାଯୋଗ ସ୍ଥାପନ କରିବା ହିଁ ଆତ୍ମସାଧନ । ଏହି ସାଧନରେ ଜ୍ଞାନ–ଯୋଗ–କର୍ମ–ଭକ୍ତି କେଉଁଟିକୁ ବାଦ୍ ଦିଆଯାଇନାହିଁ ବା କାହାକୁ ନ୍ୟୂନ କରାଯାଇନାହିଁ । ପରିପୂର୍ଣ୍ଣ ପ୍ରେମ ଭକ୍ତିରେ ଆତ୍ମା ସହିତ ପରମାତ୍ମାର ମିଳନ ହିଁ ଏହି ସାଧନର ଲକ୍ଷ୍ୟ । ଅଜପା ଯୋଗକୁ ଭିତ୍ତି କରି କର୍ମ ସମର୍ପଣର ସାଧନ ଯେଭଳି ଭାବରେ ଅଭିରାମ ପ୍ରବର୍ତ୍ତନ କରିଛନ୍ତି; ତାହା ଭକ୍ତିର ସାଧନ, ଆତ୍ମ ସମର୍ପଣର ସାଧନ, ପ୍ରେମର ସାଧନ ତଥା ରାଧାଭାବ ଅନୁସରଣର ଏକ ନୂତନ ମାର୍ଗ ବୋଲି କୁହାଯାଇପାରେ । ଏହି ଦୃଷ୍ଟିରୁ ଜ୍ଞାନମିଶ୍ରା ଭକ୍ତି ସାଧନକୁ ନୂତନ ରୂପ ଦେଇ ସେ 'ଜ୍ଞାନଯୋଗ ମିଶ୍ରାଭକ୍ତି'ର ପ୍ରଚଳନ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଭିରାମ ପରମହଂସ, ଉତ୍କଳୀୟ ପରମ୍ପରା ରକ୍ଷା କରି କର୍ମଯୋଗରେ ସମର୍ପଣ ସାଧନ ଏବଂ ପ୍ରେମ ଭକ୍ତିର ଯେଉଁ ଚରମ ଲକ୍ଷ୍ୟ ଉପସ୍ଥାପିତ କଲେ, ତାହା ଏକ ସ୍ୱତନ୍ତ୍ର୍ୟତା ଦାର୍ଶନିକ ମତବାଦର ଏବଂ ସ୍ୱୟଂକ୍ରିୟ ସାଧନ ପଦ୍ଧତି ରୂପରେ ଲୋକପ୍ରିୟ ହୋଇଥିଲା । ତାଙ୍କର ପ୍ରଣୀତ 'ସନାତନ ଧର୍ମାର୍ଥ ଗୀତା'ରେ ସେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ବହୁ ସାଂପ୍ରଦାୟିକ ମତବାଦର ସଂଘର୍ଷ ପରିଶେଷରେ ଦିନେ ଏହି ସିଦ୍ଧାନ୍ତରେ ଉପନୀତ ହେବ– ଯାହା ମୁଁ ଆଜି ଲେଖି ଯାଉଛି । କାରଣ ସନାତନ ଧର୍ମର ଏହି ଉଦାର ନୀତି ଓ ସିଦ୍ଧାନ୍ତମାନ ସଂଘର୍ଷ ପାଇଁ ଅବକାଶ ଦିଏ ନାହିଁ । ଶ୍ରୀ ପରମହଂସ ପ୍ରାୟ ଚାଳିଶ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଯାଇଛନ୍ତି । ସରଳ ସୁଲଳିତ ଭଜନ, ଜଣାଣଗୁଡ଼ିକରେ ଆତ୍ମାର ସ୍ୱରୂପ, ଜୀବାତ୍ମାର ଲକ୍ଷ୍ୟ ତଥା ବିଭିନ୍ନ ଶାସ୍ତ୍ରମାନଙ୍କର ପ୍ରତିପାଦ୍ୟ ସିଦ୍ଧାନ୍ତମାନଙ୍କର ସାରମର୍ମଗୁଡ଼ିକୁ ପ୍ରାଞ୍ଜଳ ଭାବରେ ପାଠକମାନଙ୍କୁ ବୁଝାଇ ଦେଇ ଯାଇଛନ୍ତି ।

## ଶାନ୍ତି ଆନନ୍ଦାଶ୍ରମ

୧୯୨୮ ମସିହାରେ ଅଭିରାମ ତାଙ୍କର ପ୍ରଥମ ସନ୍ନ୍ୟାସ ଶିଷ୍ୟ ଶ୍ରୀ ବୈକୁଣ୍ଠନାଥ ଦାସଙ୍କୁ (ବର୍ତ୍ତମାନର ଆଚାର୍ଯ୍ୟ) ନେଇ କରମଳାରେ ଆଶ୍ରମ ପ୍ରତିଷ୍ଠା କରନ୍ତି । ଆଜକୁ ଅର୍ଦ୍ଧଶତାବ୍ଦୀ ଧରି ଅଭିରାମଙ୍କର ଏହି ଲୀଳାକ୍ଷେତ୍ର ତା'ର ନାମାନୁକ୍ରମେ ଲକ୍ଷ ଲକ୍ଷ ନରନାରୀଙ୍କୁ ଶାନ୍ତି ଓ ଆନନ୍ଦ ପ୍ରଦାନ କରି ଆସୁଛି । ପୁରୀ ଜିଲ୍ଲାର ଏକ ଅନୁନ୍ନତ ପଲ୍ଲୀ ଅଞ୍ଚଳରେ ସ୍ଥାପିତ ଏହି ଅନୁଷ୍ଠାନକୁ ଆସିବା ପାଇଁ ଅଦ୍ୟାବଧି କୌଣସି ପକ୍କା ସଡ଼କ ନିର୍ମିତ ହୋଇପାରି ନାହିଁ । ଜଳପଥରେ ଭୁଷଣ୍ଡପୁର, କାଳୁପଡ଼ା ଓ ଡେଲାଙ୍ଗଠାରୁ ନୌକାରେ ଏବଂ ସ୍ଥଳ ପଥରେ ଡେଲାଙ୍ଗଠାରୁ ଲୁଣାନଦୀ ବନ୍ଧଦ୍ୱାରା ଏଠାକୁ ଆସିବାକୁ ହୋଇଥାଏ । ଆଶ୍ରମ କହିଲେ କୌଣସି ଧର୍ମ ପ୍ରଚାରକ ବା ଅଧ୍ୟାତ୍ମତତ୍ତ୍ୱବିତ୍ ଦିବ୍ୟଦ୍ରଷ୍ଟା ଗୁରୁଙ୍କ ନିବାସ ସ୍ଥଳକୁ ବୁଝାଏ; ଯେଉଁଠାରେ କି ତାଙ୍କର ପ୍ରଚାରିତ ଓ ପ୍ରଦର୍ଶିତ ସାଧନ ପନ୍ଥା ସମ୍ବନ୍ଧରେ ଜ୍ଞାନତତ୍ତ୍ୱ ପିପାସୁ ନରନାରୀ ଆଶ୍ରୟ ଲାଭ କରି ସାଧନ ଭଜନ ଶିକ୍ଷା କରନ୍ତି । ଭକ୍ତମାନଙ୍କ ଦୃଷ୍ଟିରେ ଜଣେ ଅବତାର ପୁରୁଷ ଭାବରେ ଗଣ୍ୟ ହେଉଥିଲେ ହେଁ ଧର୍ମ ପ୍ରଚାରକର ଭୂମି ଗ୍ରହଣ କରିଥିବାରୁ ଅଭିରାମ ତାଙ୍କର ଆବାସ ସ୍ଥଳକୁ ଆଶ୍ରମ ଭାବରେ ଗଢ଼ି ତୋଳି ଯାଇଛନ୍ତି ।

ତ୍ୟାଗପୂତ ଜୀବନଯାପନ କରୁଥିବା ସନ୍ନ୍ୟାସୀ ବା ବ୍ରହ୍ମଚାରୀମାନେ ହିଁ ଏହି ଆଶ୍ରମରେ ଅନ୍ତେବାସୀ ହେବାର ସୌଭାଗ୍ୟ ଅର୍ଜନ କରିଥାନ୍ତି । ୧୯୩୬ଠାରୁ ଅଭିରାମ ଜେଲ୍‌ରେ ଫେରି ଅନ୍ୟ କେଉଁଆଡ଼େ ନ ଯାଇ ଯେତେବେଳେ ଆଶ୍ରମରେ ସ୍ଥାୟୀ ଭାବରେ ଅବସ୍ଥାନ କରନ୍ତି ସେତେବେଳେ ଆଶ୍ରମବାସୀଙ୍କର ସଂଖ୍ୟା ଥିଲା ପ୍ରାୟ ଦଶ । ପ୍ରତ୍ୟହ ମାଧୁକରୀ ଭିକ୍ଷା କରି ଆଶ୍ରମର ନୀତି ଚଳୁଥିଲା । କ୍ରମେ ଶିଷ୍ୟ, ଭକ୍ତ ଓ ଦର୍ଶନାର୍ଥୀମାନଙ୍କର ଗତାଗତ ବୃଦ୍ଧି ପାଇବାରୁ ସନ୍ନ୍ୟାସୀମାନଙ୍କ ଅନୁରୋଧରେ ୧୩ ଡିସିମିଲ ଭୂମି କିଣା ଯାଇଥିଲା । ୧୯୪୫ ମସିହାରେ ଦେବୋତ୍ତର କମିଶନ୍ ଏହି ଅନୁଷ୍ଠାନକୁ ଦେବୋତ୍ତର ଆଇନ୍ ଅନୁସାରେ ମଠ ବୋଲି ଘୋଷଣା କରିଥିଲେ । ୧୯୬୩ରେ ଅଭିରାମଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଆଶ୍ରମ ଓ ଅନ୍ୟାନ୍ୟ ଚାଷଜମି ବ୍ୟକ୍ତିଗତ ଭାବରେ ତାଙ୍କ ନାମରେ ଥିବାରୁ ମଠର କୌଣସି ଆୟ ନ ଥିଲା । ପରବର୍ତ୍ତୀ ସମୟରେ ଏହି ଜମିଗୁଡ଼ିକ ଅନୁଷ୍ଠାନର ସମ୍ପତ୍ତି ଭାବରେ ଗଣ୍ୟ ହେଲା । ବିଦ୍ୟମାନ ଅବସ୍ଥାରେ ସର୍ବମୟକର୍ତ୍ତା ଏବଂ ଗୁରୁ ଭାବରେ ଅଧିଷ୍ଠିତ ଥିଲେ ହେଁ ଆଶ୍ରମ ପରିଚାଳନାରେ ଅଭିରାମ ପରମହଂସ ଗଣତାନ୍ତ୍ରିକ ଭାବଧାରାକୁ କାର୍ଯ୍ୟକାରୀ କରାଇଥିଲେ । ସମ୍ପତ୍ତି କିଣାବିକାଠାରୁ ଆରମ୍ଭ କରି ଗୃହ ନିର୍ମାଣ ପର୍ଯ୍ୟନ୍ତ

ସବୁ କାର୍ଯ୍ୟରେ ସେ ଅନ୍ତେବାସୀମାନଙ୍କ ସହିତ ପରାମର୍ଶ କରି ସିଦ୍ଧାନ୍ତ ନେଉଥିଲେ ତଥା ସେମାନଙ୍କର ସମର୍ଥନ ଓ ବିରୋଧକୁ ମଧ୍ୟ ଉପଯୁକ୍ତ ମୂଲ୍ୟ ଦେଉଥିଲେ ।

ସନ୍ନ୍ୟାସୀମାନଙ୍କର ସମାଜ ବା ଗୋଷ୍ଠୀ ସ୍ଥାପନ କରି, ସେମାନଙ୍କ ଆଚରଣ ଓ ଶୃଙ୍ଖଳା ତଥା ଶାସ୍ତି ବିଧାନ ଅଧିକାର ଏହି ବୈଷ୍ଣବମଣ୍ଡଳୀକୁ ଅର୍ପଣ କରି ଅଭିରାମ ପରମହଂସ ଧର୍ମ ରାଜ୍ୟରେ ଏକ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି କରିଥିଲେ । ଏପରିକି କୌଣସି ଆଶ୍ରମବାସୀ ଗୋଷ୍ଠୀ ଦ୍ୱାରା ଦଣ୍ଡିତ ହୋଇ ତାଙ୍କଠାରେ କ୍ଷମାଭିକ୍ଷା କଲେ; କ୍ଷମାନିଧି ଗୁରୁ ଭାବରେ ତାଙ୍କୁ କ୍ଷମାଭିକ୍ଷା କରାଉଥିଲେ । ବୋଧହୁଏ ଏହି ପରମ୍ପରା ରକ୍ଷା ପାଇଁ ସେ ଆଶ୍ରମ ନିମନ୍ତେ ମୃତ୍ୟୁ ପୂର୍ବରୁ କୌଣସି ଉଇଲ କରିଯାଇ ନ ଥିଲେ । ତାଙ୍କର ପ୍ରଥମ ତଥା ପ୍ରଧାନ ସନ୍ନ୍ୟାସୀ ଶିଷ୍ୟ ଶ୍ରୀ ବୈକୁଣ୍ଠନାଥ ଦାସ ବୈଷ୍ଣବମଣ୍ଡଳୀର ମତ ଅନୁଯାୟୀ ଆଚାର୍ଯ୍ୟ ଭାବରେ ସ୍ୱୀକୃତ ହୋଇଥିଲେ । ଅଭିରାମଙ୍କ ପ୍ରଚାରିତ ଶିକ୍ଷା, ଦର୍ଶନ ଓ ସାଧନ ମାର୍ଗ ବିଷୟଗୁଡ଼ିକ ପ୍ରଚାର କରିବା ପାଇଁ ତାଙ୍କ ପଦାଶ୍ରିତ ବୈଷ୍ଣବମଣ୍ଡଳୀ ପ୍ରଗାଢ଼ ଉଦ୍ୟମ ଚଳାଇ ଆସୁଛନ୍ତି । ସେ କେତେକ ସନ୍ନ୍ୟାସୀଙ୍କୁ ଦୀକ୍ଷାଦାନ କରିବାକୁ ଆଦେଶ ଦେଇଥିଲେ; ତଦନୁଯାୟୀ ସେମାନେ ପରିବ୍ରାଜନ କରି ଗୁରୁ ଶକ୍ତିର ପ୍ରତିନିଧିତ୍ୱ କରୁଛନ୍ତି । ଅଭିରାମଙ୍କ ମୃତ୍ୟୁ ପରେ ଆଚାର୍ଯ୍ୟଙ୍କ ଆଦେଶପ୍ରାପ୍ତ ସନ୍ନ୍ୟାସୀମାନେ ହିଁ ଏହି ପ୍ରଚାର କାର୍ଯ୍ୟ କରି ଆସୁଛନ୍ତି । ଦର୍ଶନାର୍ଥୀ ଓ ଭକ୍ତମାନଙ୍କ ପାଇଁ ଆଶ୍ରମରେ ରହିବାର ତଥା ପ୍ରସାଦ ସେବାର ବ୍ୟବସ୍ଥା କରାଯାଇଥାଏ । ଶିଷ୍ୟ ଭକ୍ତ ବା ସର୍ବସାଧାରଣ କାହାରିଠାରୁ ଆଶ୍ରମ ପାଇଁ କୌଣସି ଚାନ୍ଦା ବା ଦାନ ବାଧ୍ୟତାମୂଳକ ନୁହେଁ; ସ୍ୱେଚ୍ଛାକୃତ ଦାନ ବା ଭିକ୍ଷା ବ୍ୟତୀତ ସାମାନ୍ୟତମ ଚାପ ପ୍ରୟୋଗ କରି ଅର୍ଥ ସଂଗ୍ରହ କରିବାକୁ ଅଭିରାମ ଆଶ୍ରମର ନୀତିବିରୁଦ୍ଧ ବୋଲି ନିର୍ଦ୍ଧାରଣ କରି ଯାଇଛନ୍ତି । ତେଣୁ ଆଶ୍ରମର ସମ୍ବଳ ଅଭାବ ହେଲେ ବା ଶସ୍ୟହାନି ଘଟିଲେ ଆଶ୍ରମର ବୈଷ୍ଣବମାନେ ମାଧୁକରୀ ଭିକ୍ଷାଦ୍ୱାରା ଆଶ୍ରମର ସେବାନୀତି ରକ୍ଷା କରନ୍ତି । ଅଭିରାମଙ୍କର ଫଟୋ, ଲକେଟ୍ ଓ ରଚନାବଳୀର ସ୍ୱତ୍ୱ ପ୍ରଥମରୁ ବୈଷ୍ଣବ ଗୋଷ୍ଠୀର ନିଜର ହୋଇ ରହି ଆସିଛି ।

ସେଥିରୁ ମିଳୁଥିବା ଆୟରେ ଆଶ୍ରମର ଉତ୍ସବାଦି କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ଅଭିରାମଙ୍କ ଜନ୍ମ ଜୟନ୍ତୀ ବ୍ୟତୀତ ଚନ୍ଦନ ସ୍ନାନ ପୂର୍ଣ୍ଣମୀ, ଝୁଲଣ, ରାଧାଷ୍ଟମୀ, ମକର ସଂକ୍ରାନ୍ତି ତଥା ଅନ୍ୟ କେତେକ ଛୋଟ ଛୋଟ ପର୍ବପର୍ବାଣୀ ଆଶ୍ରମରେ ପାଳିତ ହୋଇଥାଏ । ଦେବାଦେବୀମାନଙ୍କ ମଧ୍ୟରେ ପ୍ରଥମେ ଶ୍ରୀ ଦୁର୍ଗାମାଧବ ସ୍ଥାପିତ ହୁଅନ୍ତି । ଶ୍ରୀ ବନଦୁର୍ଗା ଓ ରାଧାକୃଷ୍ଣ (ବନବିହାରୀ ମଧ୍ୟ ପୂଜା ପାଉଛନ୍ତି । ଅଭିରାମଙ୍କ ମୃତ୍ୟୁପରେ ତାଙ୍କର ଏକ

ବିଗ୍ରହ ମଧ୍ୟ ଏବେ ପୂଜା ପାଉଛନ୍ତି । ଶ୍ରୀ ବନଦୁର୍ଗାଙ୍କୁ ଅଭିରାମ ନିଜର ଗୁରୁ ରୂପରେ ପରିଚୟ ଦେଇ ବିଗ୍ରହର ପ୍ରାଣ ପ୍ରତିଷ୍ଠା କରିଛନ୍ତି ତଥା ଆଶ୍ରମର ସମସ୍ତ କର୍ତ୍ତୃତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଛନ୍ତି । ଶ୍ରୀ ଅଭିରାମ ପରମହଂସଙ୍କର ଦେହରକ୍ଷା ହୁଏ ତା ୨୭।୧।୬୩ ରାତି ପ୍ରାୟ ଦଶଟା ସମୟରେ । ଅଗଣିତ ଭକ୍ତ-ଅନୁରାଗୀଙ୍କୁ ଶୋକ ସାଗରରେ ଭସାଇ ଦେଇ ସେ ଅମର ଧାମକୁ ଯାତ୍ରା କରନ୍ତି । ମୃତ୍ୟୁର କିଛିଦିନ ପୂର୍ବରୁ ଆଶ୍ରମର ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନଙ୍କ ସଙ୍ଗେ କଥାବାର୍ତ୍ତା କରୁଥିବା ସମୟରେ କହିଥିଲେ- ''କାଲିଠାରୁ ମୋର କେତେବଡ଼ ବନ୍ଧୁ ଆସିଲେ ମଧ୍ୟ ମୁଁ ତା' ସଙ୍ଗେ ଆଳାପ କରିବି ନାହିଁ । ସମ୍ପୂର୍ଣ୍ଣ ମୌନ ହୋଇଯିବି ।'' (୭)

ବହୁ ପୂର୍ବରୁ ସେ କହିଥିଲେ ଯେ ତାଙ୍କର ଷାଠିଏ ବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ସେ ଶରୀର ତ୍ୟାଗ କରି ଚାଲିଯିବେ । କିନ୍ତୁ କିଏ କାହିଁକି ଜାଣିବାକୁ ଚାହିଁଥାନ୍ତା ଯେ ଏଇସବୁ କଥା ଭିତରେ ଅଭିରାମ ନିଜର ବିଦାୟ ସମ୍ଭାଷଣ ଜ୍ଞାପନ କରୁଛନ୍ତି । ସେହି ରାତି ପାହିବା ପୂର୍ବରୁ ସେ ମୌନତା ଅବଲମ୍ବନ କରିଛନ୍ତି ଏବଂ ସେହିପରି ମୌନାବସ୍ଥାରେ ଠିକ୍ ପକ୍ଷକ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ବୁଧବାର ଦିନ ସେ ସବୁଦିନ ପାଇଁ ସମସ୍ତ ସମ୍ପର୍କ ଛିନ୍ନ କରି ଚାଲିଗଲେ । ଆଜି ପର୍ଯ୍ୟନ୍ତ ଏଇ ମହାନ୍ ସାଧକଙ୍କର ରଚନାବଳୀଗୁଡ଼ିକର ବିଧିବଦ୍ଧ ଆଲୋଚନା ଆରମ୍ଭ ହୋଇନାହିଁ । ତାଙ୍କର ମୃତ୍ୟୁପରେ ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭକରି ସହର ନଗର ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟର ଆରାଧ୍ୟ ଦେବତା ଭାବରେ ପୂଜିତ ହୋଇଥିଲେ ଠାକୁର ଅଭିରାମ ପରମହଂସ ।

◆

BOND AND BAIL BOND ON A PRELIMINARY INQUIRY OR TRIAL BEFORE A MAGISTRATE

(Sections 498 and 499, Code of Criminal Procedure)

IN THE COURT OF THE District MAGISTRATE OF Ganjam

Calendar Case No. 15 of 1934

I, Anantha Sekhar Abhiram Paramahamsa

Berhampur

being brought before the District Magistrate of Ganjam charged with the offence of Sedition punishable under Sec 124-A I.P.C. and required to give security for my attendance in his Court and at the Court of Session if required, do bind myself to attend at the Court of the said Magistrate at Chatrapur at 11 o'clock on the 29th day of September 1934 and on every subsequent day of the preliminary inquiry or trial into the said charge, and should the case be sent for trial by the Court of Session, to be and appear before the said Court when called upon to answer the charge against me, and in case of my making default herein, I bind myself to forfeit to His Majesty the King, Emperor of India, the sum of Rupees ... .

Dated this 26th day of September 19 34

ଅନନ୍ତ ଶେଖର ଅଭିରାମ ପରମହଂସ

Signature

Executed before me.

Dist Magistrate

We, jointly and severally, declare ourselves and each of us sureties for the said Anantha Sekhar Abhiram Paramahamsa that he shall attend at the Court of the Dist Magistrate at Chatrapur at 11 o'clock on the 29th day of September 1934 and on every subsequent day of the preliminary inquiry or trial into the offence charged against him, and should the case be sent for trial by the Court of Session that he shall be, and appear, before the said Court to answer the charge against him, and in case of his making default therein, we bind ourselves to forfeit to His Majesty the King, Emperor of India, the sum of Rupees two thousand each

Dated this 29th day of September 1934

ସିଂହ

Signature.

Signature.

Executed before me.

Dist Magistrate

WARRANT OF COMMITMENT ON A SENTENCE OF IMPRISONMENT OR FINE OR BOTH

(Sections 245, 258, 386 and 409, Code of Criminal Procedure)

IN THE COURT OF THE District Magistrate of Ganjam

Sessions / Criminal Case No. 15 of 1934.

To

The Superintendent / Officer in charge of the Dist. Jail at Berhampur

Whereas on the 13th day of December 1934 Ananta Dass Abhirama Paramahansa, prisoner in Case No. 15 of the Calendar of 1934, was convicted before me, the District Magistrate of Ganjam of the offence of Sedition punishable under section 124-A of the Indian Penal Code and was sentenced to Rigorous imprisonment for one year.

This is to authorise and require you, the said Superintendent / Officer to receive the said Ananta Dass Abhirama Paramahansa into your custody in the said jail together with this warrant and there carry the aforesaid sentence into execution according to law.

The prisoner named above is classed as Casual

The prisoner is / is not a fit subject for the special jail for habituals.

I The prisoner should receive [illegible] diet.

II The distance from the prisoner's residence to the nearest Railway station is 6 miles

III Details of property on the person of the prisoner. No own dress

IV I hereby certify that of the fine has been recovered.

V Description [illegible]

Name Ananta Dass Abhirama Paramahansa

Father's name Arjuna Patnaik

Sex, married or single male, unmarried

Race, religion and caste Sanyasi

Previous occupation [illegible]

Age 32

Descriptive marks one mole on right fore arm.

| Particulars of previous convictions | | | |
|---|---|---|---|
| Court | Calendar number and year | Section and Code | Sentence |
| | | | |

Given under my hand and the seal of the Court, this Thirteenth day of December 1934.

[illegible]
13-12-34
Berhampur
District Magistrate
[illegible]

[illegible]

6 - Q 5015

1-11-1985

The prisoner was transferred to ... Jail on ... under Inspector-General's order No. ... dated ... Remission earned up to the end of the preceding quarter is ... days.

Berhampur C. Jail

Superintendent.

The prisoner was transferred to ... Jail on ... under Rule 473, Jail Manual. Remission earned up to the end of the preceding quarter is ... days.

Superintendent.

Solitary confinement

| From | To | Number of days | Date undergone | Superintendent's initials |
|---|---|---|---|---|
| | | | | |

I hereby certify that the within named prisoner has this day been served with an order directing him to notify his residence to the Police for ... years from this date ...

The following address was furnished by the prisoner on release

Street ... Village ...

Taluk ... District ...

Superintendent.

The order has been duly served on me.

Signature or left thumb impression of the prisoner

... Jail

Dated ... 197

Berhampur C. Jail

Date of admission to jail ...

Number ...

Name ...

Sentence ...

Date of sentence ...

Date of release ...

I hereby certify that the sentence passed on the prisoner named in this warrant has been executed according to law and that he has this day been released from custody, ... days' remission ...

Dated 1-11- ... 197

Superintendent.

Release on bail or escape and re-admission may be noted below.

10-1-1983 ...

Berhampur ...

## – ସହାୟକ ଗ୍ରନ୍ଥାବଳୀ –

(୧) ଅଭିରାମଙ୍କ ଲୀଳା ଚରିତ – (ସ୍ମରଣିକା)

ଓଡ଼ିଆ ଅନୁବାଦ–ପୃଷ୍ଠା ୧।୫ ।

(Sanatan Dharm Sammilani Souvenir) 5-6 May 1982

(୨) ଶ୍ରୀ ଅଭିରାମ ପରମହଂସଙ୍କ ଅନ୍ତରଙ୍ଗ ଶିଷ୍ୟ ତଥା ବର୍ତ୍ତମାନ କରମଳା ଶାନ୍ତି ଆନନ୍ଦାଶ୍ରମର ମୁଖ୍ୟ ପରିଚାଳକ ଶ୍ରୀ ରବିନାରାୟଣ ଦାସ ବାବାଜୀଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଉଲ୍ଲିଖିତ ଘଟଣାଟିକୁ ନିଆଯାଇଛି । (ଏକ ବ୍ୟକ୍ତିଗତ ସାକ୍ଷାତ୍‌କାର ଅବସରରେ) ।

(୩) 'ଅଭିରାମଙ୍କ ଜୀବନୀ' ଆଲୋଚନା– ଡଃ. ବ୍ରହ୍ମାନନ୍ଦ ପଣ୍ଡା । ପତ୍ରିକା 'ଶରଣଦ' (ଶ୍ରୀ ଅଭିରାମ ହୀରକ ଜୟନ୍ତୀ ବିଶେଷାଙ୍କ–୧୯୭୯, ପୃଷ୍ଠା–୩) ।

(୪) 'ଦୁର୍ଗାମାଧବ ସ୍ତବ' (ଜଣାଣ)–ରଚନା ଶ୍ରୀ ଅଭିରାମ ପରମହଂସ । ତୃତୀୟ ପଦ, ପୃଷ୍ଠା ୧, ୨ ।

(୫) 'ଶରଣଦ'– (ହୀରକ ଜୟନ୍ତୀ ବିଶେଷାଙ୍କ, ୧୯୭୯) ପୃଷ୍ଠା ୧୪, ୧୫ ।

(୬) 'ଗୀତା ପ୍ରବେଶ'– ନୀଳକଣ୍ଠ ଦାସ, ୩୨୦ ପୃଷ୍ଠାର କିୟଦଂଶ (ଅଭିରାମଙ୍କ ଜୀବନୀ ଆଲୋଚନା) ଲେଖକ– ବ୍ରହ୍ମାନନ୍ଦ ପଣ୍ଡା– 'ଶରଣଦ' ହୀରକ ଜୟନ୍ତୀ ବିଶେଷାଙ୍କ–ପୃଷ୍ଠା ୧୯, ୨୦ ।

(୭) 'ଶରଣଦ'– (ଜୟନ୍ତୀ ବିଶେଷାଙ୍କ) ପୃଷ୍ଠା ୧୯ ।

◆

## ସନ୍ଥକବି ଅଭିରାମଙ୍କ ଧର୍ମପ୍ରଚାର ପୂର୍ବରୁ ଓଡ଼ିଶାରେ ପ୍ରଚାରିତ ବିଭିନ୍ନ ଧର୍ମର ବୈଶିଷ୍ଟ୍ୟ ସର୍ବୋପରି ପଞ୍ଚସଖା ପ୍ରଚାରିତ ଧର୍ମର ଆଭିମୁଖ୍ୟ :

ଭାରତରେ ବିଷ୍ଣୁ ଉପାସନା ବହୁ ପ୍ରାଚୀନ । ଅନେକଙ୍କର ମତ ଯେ ଏହି ଉପାସନା ବୈଦିକ ଯୁଗରେ ଋଗ୍‌ବେଦ ରଚନାର ସମକାଳୀନ । ଋଗ୍‌ବେଦ ସଂହିତାରେ ବିଷ୍ଣୁ ଆଦିତ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ତହିଁରେ କୁହାଯାଇଛି– "ତ୍ରିଣୀପଦା ବିଚକ୍ରମେ ଅଦାଭ୍ୟଃ" (ଋକ୍ ୨୨, ୨୮)– ତେଣୁ ତ୍ରିଣୀପଦା ହେଉଛି ସୂର୍ଯ୍ୟଙ୍କର ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟା ସମୟର ତ୍ରିବିଧ ଅବସ୍ଥା । ବୈଦିକ ଯୁଗରେ ସୂର୍ଯ୍ୟରୂପୀ ବିଷ୍ଣୁ ହେଉଛନ୍ତି ପ୍ରଧାନ ଦେବତା । ଅଥଚ ସେ ଈଶ୍ୱର-ଭାବରେ ରୂପାୟିତ ହୋଇ ନାହାନ୍ତି । ଅନେକ ସ୍ଥାନରେ ତଥା ବେଦର ବିଭିନ୍ନ ସୂକ୍ତ-ମନ୍ତ୍ରରେ ଇନ୍ଦ୍ରଙ୍କର ଅନ୍ତରଙ୍ଗ ସଖା ଭାବରେ ବିଷ୍ଣୁ ବର୍ଣ୍ଣିତ ହୋଇଛନ୍ତି । ପରବର୍ତ୍ତୀ ବୈଦିକ ସାହିତ୍ୟରେ ବିଷ୍ଣୁ କ୍ରମେ ପ୍ରାଧାନ୍ୟ ଲାଭ କରିଛନ୍ତି । 'ତୈତ୍ତରୀୟ ସଂହିତା'ରେ ବିଷ୍ଣୁଙ୍କର ତ୍ରିପଦ ହୋଇଛି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ସ୍ଥିତି । ଏହି ପ୍ରସଙ୍ଗରେ ବିଷ୍ଣୁଙ୍କର ବାମନାବତାରରେ ତ୍ରିପଦ ସୃଷ୍ଟିର ଯୌକ୍ତିକତାକୁ ସ୍ମରଣ କରାଇଦିଏ । 'ଶତପଥ ବ୍ରାହ୍ମଣ'ରେ କୁହାଯାଇଛି ଯେ ବିଷ୍ଣୁ ଦେବତାମାନଙ୍କ ମଧ୍ୟରେ ହେଉଛନ୍ତି ସର୍ବୋତ୍ତମ ଦେବତା ।

'ଶତପଥ ବ୍ରାହ୍ମଣ'ର ସର୍ବପ୍ରଥମେ 'ନାରାୟଣ' ଶବ୍ଦର ପ୍ରଥମ ପ୍ରୟୋଗ ଦେଖିବାକୁ ଯାଉଁ; କିନ୍ତୁ ତହିଁରେ ବିଷ୍ଣୁ ଓ ନାରାୟଣଙ୍କର କିଛି ସମ୍ବନ୍ଧ ନ ଥିଲା ପରି ଜଣା ପଡ଼ିଥାଏ । 'ଶତପଥ ବ୍ରାହ୍ମଣ'ରେ ବିଷ୍ଣୁ ଓ ନାରାୟଣ ହୋଇଛନ୍ତି ଦୁଇ ସ୍ୱତନ୍ତ୍ର ଦେବତା; କିନ୍ତୁ ପରବର୍ତ୍ତୀ 'ତୈତ୍ତରୀୟ ଆରଣ୍ୟକ' ଗ୍ରନ୍ଥରେ ନାରାୟଣ ଓ ବିଷ୍ଣୁଙ୍କର ଘନିଷ୍ଠ ସମ୍ପର୍କ ଥିବାର ଉଲ୍ଲେଖ ରହିଛି । ବୈଦିକ ଯୁଗରେ ବିଷ୍ଣୁ ଏବଂ ବ୍ରାହ୍ମଣ୍ୟ ଯୁଗର ବିଷ୍ଣୁ ଉପାସନା ମଧ୍ୟରେ ଏକ ବିଲକ୍ଷଣ ସ୍ୱତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ । ବ୍ରାହ୍ମଣ୍ୟ ଯୁଗରେ ବିଷ୍ଣୁ ଉପାସନା ସହିତ ଭକ୍ତି ଧର୍ମର ମିଳନରେ ସୃଷ୍ଟିହେଲା ବୈଷ୍ଣବଧର୍ମ । ଅବଶ୍ୟ ଏହି ଉପାସନାରେ ଅନେକ ମତଭେଦ ରହିଛି । ପ୍ରଣବ ଓଁକାର ସମ୍ପର୍କରେ ସାମବେଦରେ ଯାହା ଉଲ୍ଲେଖ ଅଛି ତାହା ବୈଷ୍ଣବଧର୍ମରେ ସମ୍ମିଳିତ ହୋଇଯାଇଛି । ଅ ଉ ମ–ଓଁ । ସୃଷ୍ଟିର ପ୍ରତ୍ୟେକ କ୍ରିୟା, ପ୍ରତ୍ୟେକ ଉଦ୍ୟମ ଓ ପ୍ରତ୍ୟେକ ଗାନରେ ଏହି ହୃଦୟସ୍ପର୍ଶୀ ଉଦ୍‌ବୋଧନୀ ରହିଛି । ଭୂମିଷ୍ଠ ଶିଶୁର

ପ୍ରଥମ ନାଦ ଓଁକାର । ଏହା ଯେପରି ସରଳ ସେହିପରି ଗମ୍ଭୀର ତା'ର ଦ୍ୟୋତନା । ଅ=ଈଶ୍ୱର, ଉ=ଜୀବ, ମ୍=ପ୍ରକୃତି । ଓଁ ନାଦ ଜୀବ ଏବଂ ପ୍ରକୃତି ମଧ୍ୟରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇ ରହିଥାଏ । ଏତଦ୍‌ବ୍ୟତୀତ ସାମବେଦରେ ମୋକ୍ଷପ୍ରାପ୍ତି ସମ୍ପର୍କରେ ଯେଉଁ ଚମତ୍କାର ତାତ୍ତ୍ୱିକ ବ୍ୟାଖ୍ୟା ରହିଛି; ଏହାକୁ ସମଗ୍ର ବୈଷ୍ଣବଧର୍ମର ସାଧକମାନେ ସେମାନଙ୍କ ଧର୍ମପ୍ରଚାର କାଳରେ ମୁଖ୍ୟ ଆଭିମୁଖ୍ୟ ଭାବରେ ଗ୍ରହଣ କରିଛନ୍ତି । ''ପୃଥିବୀ ମାନବର ପ୍ରବାସସ୍ଥଳୀ । ସେ ଏହି ପ୍ରବାସରୁ ଫେରିଯିବ । କାରଣ ତାହାର ନିଜ ଗୃହ ବ୍ରହ୍ମଲୋକକୁ ଫେରିବା ପାଇଁ ସେ ନିର୍ଦ୍ଦିଷ୍ଟ । ପୃଥିବୀ ପ୍ରବାସକାଳରେ ମାନବ ପ୍ରବାସୀ ପରି ବାସ କରିବା ଉଚିତ । ବିଦେଶରେ ରହିବା ଲୋକ ସ୍ଥାୟୀ ଭାବରେ ଜମିବାଡ଼ି ଓ ଘରଦ୍ୱାର କରେ ନାହିଁ । ସେହିପରି ମନୁଷ୍ୟ ବନ୍ଧନଗୁଡ଼ିକ ଶିଥିଳ କରି ପୃଥିବୀରେ ଚଳପ୍ରଚଳ କରିବା ଉଚିତ । ପ୍ରବାସୀ ଦୁଃଖ କଷ୍ଟ ଭୋଗିବା ପାଇଁ ସର୍ବଦା ପ୍ରସ୍ତୁତ ଥାଏ । ପ୍ରବାସରେ ସବୁପ୍ରକାର ସୁଖ ସୁବିଧା ମିଳେ ନାହିଁ । ତେଣୁ ଅଭାବ ଅସୁବିଧା ପ୍ରତି ଭ୍ରୂକ୍ଷେପ ନ କରି ସଂସାରବାସୀ ନିଜର ଗନ୍ତବ୍ୟ ପଥରେ ଚରମ ଲକ୍ଷ୍ୟ ପ୍ରତି ପ୍ରଧାବିତ ହେବା ଉଚିତ । ବ୍ରହ୍ମଲୋକ ଯାତ୍ରାର ଯାତ୍ରୀ 'ଦୈବୋବାସଃ' ଅର୍ଥାତ୍ ଦେବଙ୍କର ସେବକ ହୁଏ । ସେ ପ୍ରକୃତରେ ଦାସ ହୁଏ ନାହିଁ । ସେ 'ଦେବ' (ଦିବୁକ୍ରୀଡ଼ାୟାମ୍) ବା କ୍ରୀଡ଼ାବିତ୍ ଭାବରେ ସଂସାରର ଘାତ ପ୍ରତିଘାତ ହସିହସି ସହନ କରେ । ପ୍ରଭୁଙ୍କୁ ଲକ୍ଷ୍ୟ କରି ସେହି ଆଦର୍ଶରେ ଅନୁପ୍ରାଣିତ ହୁଏ ।'' (୧)

ବୈଦିକ ଯୁଗରୁ ମିଳୁଥିବା ଏହି ପ୍ରମାଣଗୁଡ଼ିକ ବ୍ୟତୀତ ଭାରତରେ ପ୍ରେମ ଭକ୍ତି ଧାରାର ପ୍ରବାହ କିପରି ସୃଷ୍ଟିହେଲା ସେ ସମ୍ପର୍କରେ ବ୍ୟାପକ ଆଲୋଚନା କରିବା ଉଚିତ । କାରଣ ପୂର୍ବବର୍ତ୍ତୀ ଧର୍ମୀୟ ଭାବଧାରାର ପ୍ରଭାବରେ ଭାରତର ବିଭିନ୍ନ ଅଞ୍ଚଳ ସତତ ପ୍ରଭାବିତ ହୋଇଥିଲା । ଭାରତର ପ୍ରତ୍ୟେକ ପ୍ରଦେଶରେ ଏକ ଏକ ସ୍ୱତନ୍ତ୍ର ଧର୍ମମତର ଅପୂର୍ବ ପୃଷ୍ଠଭୂମି ସ୍ଥାପିତ ହୋଇ ପାରିଥିଲା । ''ଭାରତରେ ଭକ୍ତିଧର୍ମର ପ୍ରଥମ ପ୍ରବର୍ତ୍ତକ ହେଉଛନ୍ତି ଦାକ୍ଷିଣାତ୍ୟର ଶ୍ରୀ ଶ୍ରୀ ରାମାନୁଜଚାର୍ଯ୍ୟ ଏବଂ ଶ୍ରୀ ରାମାନୁଜଚାର୍ଯ୍ୟଙ୍କର ବହୁ ପୂର୍ବରୁ ତାମିଲ ଦେଶରେ 'ଆଲୱାର' ଭକ୍ତମାନେ ଭକ୍ତିଧର୍ମ ଓ ବିଷ୍ଣୁ ଉପାସନାରେ ସୂତ୍ରପାତ କରିଥିଲେ । 'ଆଲବର୍' ବା 'ଆଡ୍‌ବର' ଏକ ତାମିଲ ଶବ୍ଦ ଓ ଏହାର ସଂସ୍କୃତ ପ୍ରତିଶବ୍ଦ ହେଉଛି 'ଦିବ୍ୟସ୍ୱରୀ' ବା 'ଦିବ୍ୟଯୋଗୀ' । ଏମାନଙ୍କ ସଂଖ୍ୟା ଦଶ ଅଥବା କାହାରି ମତରେ ବାର । ଆଲବରମାନେ ସୁକବି ଓ ସଙ୍ଗୀତ ନିପୁଣ ଥିଲେ । ଉତ୍ତର ଭାରତରେ ଭକ୍ତିଧର୍ମ ଆନ୍ଦୋଳନ ସୃଷ୍ଟି ହେବାର ବହୁ ପୂର୍ବରୁ ଦକ୍ଷିଣ ଭାରତରେ 'ଆଲୱାର' ସଂପ୍ରଦାୟର ପ୍ରଭାବରେ ଭକ୍ତିଧର୍ମ ଭାରତରେ ଦୃଢ଼ୀଭୂତ ହୋଇଥିଲା । ମହାଭାରତର ଶାନ୍ତି ପର୍ବରେ

ଭାଗବତ, ସାରତନ୍ତ୍ର, ଐକାନ୍ତିକ ବା ପଞ୍ଚରାତ୍ର ଉପାସନାରେ ସୂଚନା ରହିଛି । ପ୍ରାଚୀନ ଅଭିଲେଖମାନଙ୍କରୁ ପ୍ରମାଣ ମିଳେ ଯେ ଭାଗବତ ଧର୍ମ ବା ଭକ୍ତିଧର୍ମ ଖ୍ରୀଷ୍ଟପୂର୍ବ ବହୁ ଶତାବ୍ଦୀ ପୂର୍ବରୁ ଆମ ଦେଶରେ ରହିଥିଲା ।

ରାଜସ୍ଥାନର ଉଦୟପୁର ନିକଟବର୍ତ୍ତୀ 'ଘସୁଣ୍ଡ' ଅଭିଲେଖରେ ଉଲ୍ଲେଖ ଅଛି ଯେ, ଶଙ୍କର୍ଷଣ ଓ ବାସୁଦେବ ଉପାସନା ମନ୍ଦିରର ଚତୁର୍ଦ୍ଦିଗରେ ଏକ ପ୍ରସ୍ତର ପ୍ରାଚୀର ନିର୍ମିତ ହୋଇଥିଲା । ଏହି ଅଭିଲେଖର ସମୟ ଖ୍ରୀ:ପୂ: ୨୦୦ ଶତକ ବୋଲି ମନେ କରାଯାଏ । ଖ୍ରୀ:ପୂ: ୨ୟ ଶତକରେ ପାତଞ୍ଜଳିଙ୍କର 'ମହାଭାଷ୍ୟ'ରେ ବାସୁଦେବ ମତାବଲମ୍ବୀ ଓ କୃଷ୍ଣ-ଶଙ୍କର୍ଷଣଙ୍କର ଉଲ୍ଲେଖ ମଧ ରହିଛି । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ଗୋପାଳକୃଷ୍ଣ ଉପାସନାର ସୂଚନା ପ୍ରାଚୀନ ତାମିଲ ଗ୍ରନ୍ଥ 'ଶୀଳପାଦୀକାରମ୍' ଗ୍ରନ୍ଥରୁ ଉପଲବ୍ଧ ହୁଏ । ଏଥିରେ ଗୋପୀମାନଙ୍କର ନୃତ୍ୟ ଓ ସେମାନଙ୍କର ବସ୍ତ୍ରହରଣ ଲୀଳାର ବର୍ଣ୍ଣନା ରହିଛି । ଏହାର ସପ୍ତଦଶ ଅଧାୟରେ ଗୋପନାରୀମାନଙ୍କର 'କୁରବଇ', 'ନୃତ୍ୟ' ବା ପ୍ରେମନୃତ୍ୟ ବର୍ଣ୍ଣିତ ହୋଇଛି । ମାୟାବନ୍ ହେଉଛନ୍ତି 'ଶ୍ରୀକୃଷ୍ଣ' । ସେ ବଂଶୀବାଦନ କରି ଗୋପାଳୁଣୀମାନଙ୍କ ସହିତ ଯମୁନା କୂଳରେ କ୍ରୀଡ଼ା କରୁଥିଲେ । ତାଙ୍କର ବଡ଼ଭାଇ ହେଉଛନ୍ତି ବଳରାମ ଏବଂ ପ୍ରଣୟିନୀ ହେଉଛନ୍ତି 'ପିନ୍ନଇ' (Pinnai) । 'ପିନ୍ନଇ' ସମ୍ଭବତ ଶ୍ରୀରାଧାଙ୍କର ଆଦ୍ୟ ରୂପ । ଭାଗବତ ପୁରାଣରେ ଶ୍ରୀକୃଷ୍ଣଙ୍କର ଯେଉଁ ପ୍ରସଙ୍ଗ ରହିଛି ଏଗୁଡ଼ିକ ବହୁ ଆଗରୁ ତାମିଲ ସାହିତ୍ୟର 'ସଙ୍ଗମ' ଯୁଗରେ 'ଶୀଳପାଦିକାରମ୍' ଗ୍ରନ୍ଥରେ କୃଷ୍ଣଲୀଳା ବର୍ଣ୍ଣନାରେ ପରିଦୃଷ୍ଟ ହୋଇଥାଏ । ରାଜସ୍ଥାନର ଯୋଧପୁରରୁ ମିଳିଥିବା ଖ୍ରୀ: ୪ର୍ଥ ଶତାବ୍ଦୀର ଖୋଦିତ ଧାତୁ ବିଗ୍ରହ ହେଉଛନ୍ତି 'ଗୋବର୍ଦ୍ଧନ ଧର' ଓ 'କାଳୀୟ ମର୍ଦ୍ଦନ' କୃଷ୍ଣ । ଜଣାଯାଉଛି ଯେ ପାଣିନିଙ୍କ ସମୟରୁ କୃଷ୍ଣ ଉପାସନା ଦେଶରେ ଲୋକପ୍ରିୟତା ଲାଭ କରିଥିଲା । ପାଣିନି ମହାଭାରତର ଏହି କ୍ଷତ୍ରିୟ ଯୋଦ୍ଧାଙ୍କଠାରେ ଦେବତ୍ୱ ଆରୋପ କରାଇ ସେମାନଙ୍କୁ ଦେବତାଙ୍କ ସ୍ତରକୁ ନେଇ ଯାଇଛନ୍ତି । ଗୁପ୍ତ ରାଜତ୍ୱ ସମୟରେ ବୈଷ୍ଣବ ଧର୍ମ ଭାରତର ଲୋକପ୍ରିୟ ଧର୍ମ ଥିଲା । ଦେଓଗଡ଼ର ଗୁପ୍ତ ରାଜତ୍ୱକାଳୀନ ମନ୍ଦିରର ପାନେଲ୍‌ରେ କୃଷ୍ଣଙ୍କର ଜନ୍ମକଥା ଖୋଦିତ ହୋଇଛି ।

ତହିଁରେ ପ୍ରତିଫଳିତ ହୋଇଛି ନନ୍ଦ ଓ ଯଶୋଦାଙ୍କର କୃଷ୍ଣଙ୍କ ପ୍ରତି ବାତ୍ସଲ୍ୟ ମମତା ଓ କୃଷ୍ଣଙ୍କର ସଖା ସୁଦାମଙ୍କୁ ସ୍ୱାଗତ ଅଭିବାଦନର ଚିତ୍ର । ଚନ୍ଦ୍ରଗୁପ୍ତଙ୍କ ରାଜସଭାରେ ଗ୍ରୀକ୍ ରାଜଦୂତ ମେଘାସ୍ଥିନିସ୍ କହିଛନ୍ତି ଯେ, ଯାଦବ ବଂଶୀ ଶୂରସେନମାନଙ୍କ ଦ୍ୱାରା 'ହେରାକ୍ଲେସ୍' (Herakles) ପୂଜିତ ହେଉଥିଲେ । ଏହି 'ହେରାକ୍ଲେସ୍' ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି ବୋଲି ଆଲୋଚକମାନେ ମତ ଦିଅନ୍ତି ।" (୨) ହରିବଂଶ ପୁରାଣରେ

ଶ୍ରୀକୃଷ୍ଣଙ୍କର ଜୀବନ ଚରିତ୍ର ସମ୍ବନ୍ଧୀୟ ବହୁଳ ବର୍ଣ୍ଣନା ଦେଖିବାକୁ ମିଳେ । ଶ୍ରୀମଦ୍ ଭାଗବତରେ ମଧ୍ୟ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ବନ୍ଧୀୟ ଅନେକ ବିଷୟ ଏଥିରେ ସନ୍ନିବେଶିତ ହୋଇଛି । ଶ୍ରୀମଦ୍‌ଭାଗବତ ରଚନା ପରେ 'ବ୍ରହ୍ମବୈବର୍ତ୍ତ ପୁରାଣ'ରେ ପ୍ରଥମେ ଶ୍ରୀରାଧାଙ୍କ ଚରିତ୍ର ସମ୍ପର୍କରେ ସୁବିସ୍ତୃତ ବର୍ଣ୍ଣନା ରହିଛି । ଜୟଦେବଙ୍କ ଦ୍ୱାରା ରଚିତ 'ଗୀତଗୋବିନ୍ଦ'ର ରଚନାରେ ରାଧାକୃଷ୍ଣଙ୍କର ଅମର ପ୍ରେମ ପ୍ରସଙ୍ଗ ବର୍ଣ୍ଣିତ ହୋଇ ସର୍ବତ୍ର ତାହା ଲୋକପ୍ରିୟ ଉପାଖ୍ୟାନ ଭାବରେ ଗୃହୀତ ହେଲା । ଦାକ୍ଷିଣାତ୍ୟରେ କୃଷ୍ଣ ଉପାସନା ବିଶେଷ ଆଦୃତ ହେବାରୁ 'ଆଲୱାର' ଭକ୍ତ ପ୍ରେମିକା 'ଅଣ୍ଡାଲ' ଯେ କି ଦକ୍ଷିଣ ଭାରତର ମୀରାବାଈ ଭାବରେ କଥିତ ସେ କୃଷ୍ଣଲୀଳା ସମ୍ବନ୍ଧରେ ଅନେକ ସୁମଧୁର ଗୀତିକା ରଚନା କରିଥିଲେ । କେତେକ ଆଲୋଚକଙ୍କ ମତରେ ତାମିଲନାଡୁର କାଞ୍ଚିପୁରମ୍‌ରେ 'ଭାଗବତ ପୁରାଣ' ରଚିତ ହୋଇଥିଲା । ସର୍ବଶେଷ ମତ ହେଲା ଶ୍ରୀମଦ୍‌ଭାଗବତ ହେଉଛି ଆର୍ଯ୍ୟ ଏବଂ ଦ୍ରାବିଡ଼ ସାଂସ୍କୃତିକ ଧାରାର ଏକ ସମନ୍ୱିତ ଆଦର୍ଶ । ଆଲୋଚକମାନେ ଅନୁମାନ କରନ୍ତି ଯେ, ଖ୍ରୀଷ୍ଟଧର୍ମର ବହୁ ପୂର୍ବରୁ କୃଷ୍ଣ ଅବତାର ସମ୍ବନ୍ଧୀୟ ଉପାଖ୍ୟାନ ଭାରତ ଭୂମିରୁ ଉତ୍ପତ୍ତି ଲାଭକରି ବାଣିଜ୍ୟ ବ୍ୟବସାୟ ମାଧ୍ୟମରେ ଲୋକମୁଖରେ ଭୂମଧ୍ୟସାଗରୀୟ ଅଞ୍ଚଳକୁ ବ୍ୟାପ୍ତିଲାଭ କରିଥିଲା । ଅନେକ ସମୟରେ ମାନବର ଚିନ୍ତାଧାରା ଓ ଘଟଣା ପ୍ରବାହରେ ଏକ ପ୍ରକାର ସମାନ୍ତରାଳ ଭାବଧାରା ଏବଂ ଘଟଣାବଳୀ ପ୍ରକାଶ ପାଇ ସ୍ୱତନ୍ତ୍ରତା ସୃଷ୍ଟି କରିଥାଏ ।

ଏହା ବିଶ୍ୱ ସୃଷ୍ଟିର ଏକ ଅଦ୍ଭୁତ ଅଚିନ୍ତନୀୟ ରହସ୍ୟ । ''ଶିଶୁ ଯୀଶୁଖ୍ରୀଷ୍ଟଙ୍କୁ ନେଇ ଜୋସେଫ୍ ଓ ମେରି ହେରୋଡ୍ (Herod)ଙ୍କ କ୍ରୋଧରୁ ରକ୍ଷା ପାଇବା ପାଇଁ ବେଥେଲୋମ୍ (Bethlum)ରୁ ଇଜିପ୍ଟକୁ ପଳାୟନ କରିଥିଲେ । ଏହି ଘଟଣା ସହିତ କଂସ ଭୟରେ ନନ୍ଦ କୃଷ୍ଣ ଓ ବଳରାମଙ୍କୁ ନେଇ ଗୋକୁଳରୁ ବୃନ୍ଦାବନକୁ ଯିବା ବିଷୟରେ ବହୁ ସାଦୃଶ୍ୟ ରହିଛି । ବାଇବେଲ୍‌ରେ ବର୍ଣ୍ଣିତ ହେରୋଡ଼ ହେଉଛି କଂସର ଯଥାର୍ଥ ପ୍ରତିରୂପ ସ୍ୱରୂପ । କଂସ ଏକ ସମୟରେ ଯାଦବ ବଂଶର ଶିଶୁମାନଙ୍କୁ ହତ୍ୟା କରିବା ପାଇଁ ଆଦେଶ ଦେଇଥିଲା । ସେହିପରି ଶିଶୁ ଯୀଶୁଖ୍ରୀଷ୍ଟଙ୍କୁ ବିନାଶ କରିବା ନିମିତ୍ତ 'ହେରୋଡ଼' ମଧ୍ୟ ବେଥେଲୋମ୍‌ର ପ୍ରତ୍ୟେକ ଶିଶୁଙ୍କୁ ମାରିଦେବାକୁ ଆଦେଶ ଦେଇଥିବାର ବିବରଣୀ ବାଇବେଲ୍‌ରେ ବର୍ଣ୍ଣିତ ହୋଇଛି ।'' (୩) ବହୁ ଆଲୋଚକ କୃଷ୍ଣ ଓ ବଳରାମ ସମ୍ବନ୍ଧୀୟ ଉପାଖ୍ୟାନର ତାତ୍ତ୍ୱିକ ଆଲୋଚନା କରି ଯାଇଛନ୍ତି । ପୁରାଣମାନଙ୍କରେ ବଳରାମ ହେଉଛନ୍ତି ଶେଷଦେବଙ୍କର ଅବତାର । ଖ୍ରୀ: ଷଷ୍ଠ ଶତକରେ ବଳରାମଙ୍କ ମୂର୍ତ୍ତିରେ ଦେଖାଯାଏ ଯେ, ତାଙ୍କ ମସ୍ତକ ଉପରେ ଶେଷଦେବ ନାଗଙ୍କର ଏକ ବିରାଟ ଫଣା ମେଲି ହୋଇ

ରହିଛି । ଏଥିରୁ ବଳରାମଙ୍କ ଉପାସନା ସହିତ ସୁପ୍ରାଚୀନ ନାଗପୂଜାର ସମ୍ବନ୍ଧ ରହିଛି ବୋଲି କେତେକ ଗବେଷକ ମତ ଦେଇଥାନ୍ତି । କେତେକ ଆଲୋଚକଙ୍କ ମତରେ କାଳୀୟ ଦଳନ ଉପାଖ୍ୟାନ ତଥା କାଳୀୟ ସର୍ପକୁ ରମ୍ୟକ ଦ୍ୱୀପକୁ ପଠାଇବା ପଛରେ ରହିଛି ପ୍ରାଚୀନ ଭାରତୀୟ ନାଗପୂଜାମାନଙ୍କର ପ୍ରାଧାନ୍ୟ ହ୍ରାସ ଓ କୃଷ୍ଣୋପାସନାର ମହତ୍ତ୍ୱ ପ୍ରତିପାଦନ । କୃଷ୍ଣ ଉପାଖ୍ୟାନରୁ ପ୍ରମାଣ ମିଳେ ଯେ, ବ୍ରହ୍ମା, ବରୁଣ, ଇନ୍ଦ୍ର ପ୍ରଭୃତି ବୈଦିକ ଦେବତାଗଣ, ଶ୍ରୀକୃଷ୍ଣଙ୍କ ନିକଟରେ ପରାଜୟ ସ୍ୱୀକାର କରିଛନ୍ତି ।

ଏତଦ୍‌ବ୍ୟତୀତ ଶ୍ରୀମଦ୍‌ଭାଗବତରେ କୃଷ୍ଣ ଉପାଖ୍ୟାନ ପ୍ରସଙ୍ଗରେ କୃଷ୍ଣ ବିଶ୍ୱପିତା ପରମାତ୍ମା ଭାବରେ ଚିତ୍ରିତ ହୋଇଛନ୍ତି । ମାତା ଯଶୋଦାଙ୍କୁ ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ଦେଖାଇବା ପଛରେ ଶ୍ରୀକୃଷ୍ଣ ଯେ ସ୍ୱୟଂ ଭଗବାନ ଏହା ହିଁ ପ୍ରମାଣିତ ହୋଇଛି । ଭାରତରେ ପ୍ରବାହିତ ଏହି ଧର୍ମୀୟ ଚେତନା କିପରି ଉତ୍କଳର ପୃଷ୍ଠଭୂମିକୁ ପରିପୁଷ୍ଟ କରିଛି ଏବଂ କେତେ ସାଧକ କବିଙ୍କର ଲେଖନୀକୁ ଅମରତ୍ୱ ପ୍ରଦାନ କରିଛି ତାହା ପରବର୍ତ୍ତୀ ଆଲୋଚନାରେ ଅନ୍ତର୍ଭୁକ୍ତ ହୋଇଛି ।

## ଉତ୍କଳରେ ବୈଷ୍ଣବ ଧର୍ମ ପ୍ରବାହ :

ଉତ୍କଳରେ ବୈଷ୍ଣବ ଧର୍ମର ପ୍ରଚାର ବହୁ ପ୍ରାଚୀନ କାଳରୁ ହୋଇ ଆସିଛି । "ମହାଭାରତର ବନପର୍ବରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରାଚୀନତମ ମାନବ ରୂପରେ ପରିଣତ କରାଇ ଦିଆଯାଇଛି । ସତ୍ୟଯୁଗରେ ସେ ସହସ୍ର ଅଶ୍ୱମେଧ ଯଜ୍ଞ କରିସାରି ଅସଂଖ୍ୟ ଗୋଦାନ କରିଥିଲେ ଏବଂ ଗାଈମାନଙ୍କ ଟାପୁରେ ଖୋଳି ହୋଇ ସେଠାରେ ଏକ ପୁଷ୍କରିଣୀ ହୋଇ ଯାଇଥିଲା । ଏହି ପୁଷ୍କରିଣୀର ନାମ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ । ଏହି ପୁଷ୍କରିଣୀରେ ବାସ କରୁଥିବା କଚ୍ଛପଗୁଡ଼ିକ ପାଣ୍ଡବମାନଙ୍କ ସମୟରେ ପୃଥିବୀର ସର୍ବପ୍ରାଚୀନ ଜୀବନ ବୋଲି ବେଦବ୍ୟାସ ବନପର୍ବରେ 'ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ' ପ୍ରସଙ୍ଗରେ ଚିହ୍ନାଇ ଦେଇଛନ୍ତି । ଏଥିରୁ ଜଣାଯାଇଛି ଯେ ପୁରାଣ ପ୍ରସିଦ୍ଧ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୁଷୋତ୍ତମ କ୍ଷେତ୍ରର ଚତୁର୍ଦ୍ଧା ମୂରତିଙ୍କ ଅବସ୍ଥାନ ଅତି ପ୍ରାଚୀନ । ଏହାଙ୍କ ପୂର୍ବରୁ ବିଷ୍ଣୁ ନୀଳମାଧବ ରୂପରେ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ । ପ୍ରଳୟ କାଳରେ ସ୍ୱୟଂ ଭଗବାନ ବାଳକୃଷ୍ଣ ରୂପରେ ପୁରୁଷୋତ୍ତମ କ୍ଷେତ୍ରର କଳ୍ପବଟ ମୂଳରେ ବଟପୁରରେ ଭାସମାନ ହେଉଥିଲେ । ପୁରାଣରେ ବର୍ଣ୍ଣିତ ଏହି ବିଷୟର ଚର୍ଚ୍ଚାରୁ ଉତ୍କଳରେ ବିଷ୍ଣୁଙ୍କ ଆରାଧନାର ପ୍ରାଚୀନତା ସମ୍ପର୍କରେ ସୂଚନା ମିଳୁଛି । ବ୍ରହ୍ମପୁରାଣ, ବୃହଦ୍ ନାରଦୀୟ ପୁରାଣ ପ୍ରଭୃତି ପ୍ରାଚୀନ ପୁରାଣମାନଙ୍କରେ ପୁରୁଷୋତ୍ତମ କ୍ଷେତ୍ରରେ ଯେ ପୁରୁଷୋତ୍ତମ ବିଷ୍ଣୁଙ୍କର ଆରାଧନାର ପ୍ରଚଳନ ଥିଲା ତଥା ଉତ୍କଳରେ ବୈଷ୍ଣବ ଧାରା ବିକାଶଲାଭ କରିଥିଲା ସେ

ସମ୍ପର୍କରେ ବହୁ ପ୍ରମାଣ ହସ୍ତଗତ ହେଉଛି । ତ୍ରିକଳିଙ୍ଗ ବା ଉତ୍କଳର ବିଭିନ୍ନ ସ୍ଥାନରେ ପ୍ରାଚୀନ ବୈଷ୍ଣବ କ୍ଷେତ୍ରମାନ ରହିଛି ।

ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ନୃସିଂହନାଥ, ସମ୍ବଲପୁର ଜିଲ୍ଲାର ବିଡ଼ାଲ ନରସିଂହନାଥ, ବାଲେଶ୍ୱର ଜିଲ୍ଲାର ମାଧବ, ଖଣ୍ଡପଡ଼ା ନିକଟସ୍ଥ କଣ୍ଟିଲୋର ନୀଳମାଧବ, ନୟାଗଡ଼ ଓଡ଼ଗାଁର ରଘୁନାଥ, ଯାଜପୁରର ବରାହନାଥ, ଭୁବନେଶ୍ୱରର ଅନନ୍ତ ବାସୁଦେବ, ସିଂହାଚଳର ନୃସିଂହନାଥ, ଶ୍ରୀକୂର୍ମର ଶ୍ରୀକୂର୍ମନାଥ ପ୍ରଭୃତି ବୈଷ୍ଣବ ଦେବତାମାନଙ୍କର ଆରାଧନା ବହୁ ପ୍ରାଚୀନକାଳରୁ ଚାଲି ଆସିଛି । ' (୪)

ମହାଭାରତ କୃଷ୍ଣଙ୍କ ମୁର୍ଖରୁ ଇନ୍ଦ୍ରଦ୍ୟୁମ୍ନଙ୍କ ଅବସ୍ଥିତି ସ୍ୱୀକାର କଲେ ଉତ୍କଳର ପୁରୁଷୋତ୍ତମ କ୍ଷେତ୍ରରେ ବିଷ୍ଣୁ ଆରାଧନାର ପ୍ରଚଳନ ସମ୍ପର୍କରେ ଯଥେଷ୍ଟ ପ୍ରମାଣ ମିଳେ । । ପରବର୍ତ୍ତୀ ସମୟରେ ମହାଭାରତ ଅପେକ୍ଷା ଅର୍ବାଚୀନ ପୁରାଣମାନଙ୍କରେ ଜଗନ୍ନାଥଙ୍କୁ ବାସୁଦେବ ବୋଲି କୁହାଯାଇଛି । ଏହି ବାସୁଦେବଙ୍କ ଉପାସନା ସହିତ ରାଧା କିମ୍ବା ରୁକ୍ମିଣୀର, ଲକ୍ଷ୍ମୀ, ସତ୍ୟଭାମା ପ୍ରଭୃତିଙ୍କର ଯେ ସମ୍ପର୍କ ଥିଲା ତାହା ସ୍ପଷ୍ଟ ଜଣାପଡୁନାହିଁ । ଅବଶ୍ୟ କେତେକ ପୁରାଣରେ ଏହି ବାସୁଦେବ କୃଷ୍ଣଙ୍କ ସହିତ ଅଷ୍ଟପାଟମହିଷୀଙ୍କ ସଂଯୁକ୍ତ କରାଯାଇ ଏକ ଅଭିନବ ଉପାସନାର ସୂତ୍ରପାତ ହେଲା । ଏହାର ବହୁଦିନ ପରେ କୃଷ୍ଣଙ୍କ ସହିତ ରାଧା ଯେ ଏକ ଆତ୍ମା ଅଥଚ ଦୁଇ ଭିନ୍ନରୂପୀ ଶରୀର ବୋଲି କଥିତ ହୋଇ ରାଧାକୃଷ୍ଣ ଉପାସନାର ବହୁଳ ପ୍ରଚାର ଆରମ୍ଭ ହୋଇଥିଲା । କିନ୍ତୁ ଉତ୍କଳରେ ଅନେକ ଦିନରୁ ଅନନ୍ତ ବାସୁବେଦ, କୃଷ୍ଣ ବାସୁଦେବ, ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ପ୍ରଭୃତି ଦେବତାଙ୍କର ସାମୂହିକ ଉପାସନା ଚଳି ଆସୁଛି ।

ପୁରୀର ଜଗନ୍ନାଥ ମନ୍ଦିର ଭିତରେ ବଟକୃଷ୍ଣ ହରି ସହଦେବ, ଅନନ୍ତ ବାସୁଦେବ ପ୍ରଭୃତି କୃଷ୍ଣ ମନ୍ଦିରମାନଙ୍କ ଭିତରେ କେବଳ କୃଷ୍ଣଙ୍କର ପ୍ରତିମୂର୍ତ୍ତି ହିଁ ବିଦ୍ୟମାନ ରହିଛି । ସିଂହାସନମାନଙ୍କରେ କୃଷ୍ଣଙ୍କ ସହିତ ରାଧାଙ୍କର ସ୍ଥାନ ନାହିଁ । କେତେକ ପ୍ରାଚୀନ କୃଷ୍ଣ ମନ୍ଦିରଗୁଡ଼ିକରେ ମଧ କୃଷ୍ଣଙ୍କ ସହିତ ରାଧା ସଂଯୁକ୍ତ ହୋଇ ଯୁଗଳମୂର୍ତ୍ତି ପୂଜାର ପ୍ରଚଳନ ହେବାର ବିଶେଷ ସୂଚନା ମିଳୁନାହିଁ । ବର୍ତ୍ତମାନ ସୁଦ୍ଧା ବଡ଼ ଦେଉଳରେ ଜଗନ୍ନାଥଙ୍କ ସହିତ ଲକ୍ଷ୍ମୀଙ୍କ ଆରାଧନା ହିଁ ମୁଖ୍ୟ ଉପାସନା ଭାବରେ ଗୃହୀତ ହୋଇଛି । ଏଠାରେ ରାଧାଙ୍କର ପ୍ରାଧାନ୍ୟ ଆଦୌ ନାହିଁ । "ବ୍ରହ୍ମପୁରାଣ, ପଦ୍ମପୁରାଣ, ବୃହଦ୍ ନାରଦୀୟ ପୁରାଣ ପ୍ରଭୃତିରେ ମଧ ଜଗନ୍ନାଥଙ୍କ ପ୍ରସଙ୍ଗରେ ରାଧାଙ୍କର ଉଲ୍ଲେଖ ନାହିଁ ।" (୫) ଷଷ୍ଠ ଶତାବ୍ଦୀରେ କଳିଙ୍ଗ ରାଜା ପ୍ରଭଞ୍ଜନ ବର୍ମା 'ପରମ ଭାଗବତ' ନାମରେ ନାମିତ ହୋଇଗଲେ । ଷଷ୍ଠ–ସପ୍ତଦଶ ଶତାବ୍ଦୀର ଶୈଳୋଦ୍‌ଭବ ବଂଶର ରାଜା ମଧମ ରାଜଙ୍କର ଏକ ତାମ୍ର

ଶାସନରେ ହରିଙ୍କ ବାମନ ଅବତାରର ଉଲ୍ଲେଖ ରହିଛି । ଏହି ବଂଶର ଜଣେ ବିଶିଷ୍ଟ ଶାସନକର୍ତ୍ତୀ ଓ ସାମ୍ରାଜ୍ଞୀ ମହାଦେବୀ ନିଜକୁ 'ପରମବୈଷ୍ଣବୋ ମାତା ପିତୃ ପଦାନୁଧ୍ୟାତୋ' ବୋଲି ନିଜ ତାମ୍ର ଶାସନରେ ସ୍ୱୀକାର କରିଛନ୍ତି । ଯଯାତି (ଷଷ୍ଠ ଶତାବ୍ଦୀ) ଜଗନ୍ନାଥଙ୍କୁ ପୁନର୍ବାର ଉଦ୍ଧାର କରି ନୂତନ ଭାବରେ ପ୍ରତିଷ୍ଠା କରିଥିଲେ ବୋଲି ମାଦଳା ପାଞ୍ଜିରେ ଉଲ୍ଲେଖ କରାଯାଇଛି । ଷଷ୍ଠ ଶତାବ୍ଦୀରେ ଯଯାତିଙ୍କ ସମୟରେ ଶଙ୍କରାଚାର୍ଯ୍ୟ ପୁରୀକୁ ଆସି ଜଗନ୍ନାଥଙ୍କ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଚୋଡ଼ଗଙ୍ଗଦେବ ଏକାଦଶ ଶତାବ୍ଦୀରେ ଜଗନ୍ନାଥଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିବା କଥା ତାମ୍ର ଶାସନରୁ ମିଳୁଛି । ସେହି ସମୟରେ ରାମାନୁଜ ଓଡ଼ିଶାକୁ ଆସି ବିଶିଷ୍ଟ ଦ୍ୱୈତମତର ବହୁଳ ପ୍ରଚାର କରିଥିଲେ । ରାଧାବଲ୍ଲଭ ସମ୍ପ୍ରଦାୟର ଭେଦାଭେଦକାରୀ ବୈଷ୍ଣବ ଜୟଦେବଙ୍କ ଗୀତଗୋବିନ୍ଦରେ ରାଧା ଓ କୃଷ୍ଣଙ୍କର ଲୀଳା ଉତ୍କଳରେ ଖ୍ୟାତିଲାଭ କରିଥିଲା । ତ୍ରୟୋଦଶ ଶତାବ୍ଦୀରେ ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ ଓ ତାଙ୍କର ଶିଷ୍ୟ କଳିଙ୍ଗ ରାଷ୍ଟ୍ରର ମନ୍ତ୍ରୀ ସନ୍ନ୍ୟାସୀ ନରହରି ତୀର୍ଥ କଳିଙ୍ଗ ବା ଉତ୍କଳରେ ଭକ୍ତିମାର୍ଗର ଧାରାକୁ ବର୍ଦ୍ଧିତ କରିଥିଲେ । ଏହି ପୃଷ୍ଠଭୂମିକୁ ଭିତ୍ତିକରି ଉତ୍କଳରେ ଅବିଚ୍ଛିନ୍ନ ଭାବରେ ବୈଷ୍ଣବ ଚିନ୍ତାଧାରା ବିକାଶ ଲାଭ କରିଥିଲା ।

ରାଜ୍ୟରେ ଶାସକମାନେ ଧର୍ମ ଓ ବିଦ୍ୟାର ପୃଷ୍ଠପୋଷକ ଥିବାରୁ ଓଡ଼ିଶାର ବହୁ କବି ଓ ପଣ୍ଡିତମାନେ ଉଚ୍ଚକୋଟୀର ବିବିଧ ମତବାଦ ସମ୍ମତ ଦାର୍ଶନିକ ଗ୍ରନ୍ଥ, କାବ୍ୟ, ନାଟକ, କବିତା ପ୍ରଭୃତି ରଚନା କରିଥିଲେ । ସୂର୍ଯ୍ୟବଂଶର ରାଜତ୍ୱ କାଳରେ ଚୈତନ୍ୟ ଦେବଙ୍କ ଓଡ଼ିଶା ଆଗମନ ପୂର୍ବରୁ ଓଡ଼ିଶାରେ ସୂର୍ଯ୍ୟବଂଶର ପ୍ରଥମ ରାଜା କପିଳେନ୍ଦ୍ର, ତାଙ୍କ ପୁତ୍ର ପୁରୁଷୋତ୍ତମ ଏବଂ ନାତି ପ୍ରତାପରୁଦ୍ରଙ୍କ ସମୟରୁ ଓଡ଼ିଶାରେ ଭକ୍ତିଧାରା ପ୍ରବାହିତ ହୋଇ ସାରିଥିଲା । ଉତ୍କଳରେ ଏହି ରାଜାମାନଙ୍କ ଦ୍ୱାରା ବହୁ ବିଷ୍ଣୁ ମନ୍ଦିର ପ୍ରତିଷ୍ଠା, ଜୀର୍ଣ୍ଣମନ୍ଦିରଗୁଡ଼ିକର ସଂସ୍କାର, ଦେବତାମାନଙ୍କର ସେବା ପୂଜା ତଥା ନୀତିରେ ନୂତନ ବ୍ୟବସ୍ଥାର ସୂତ୍ରପାତ ହୋଇ ସାରିଥିଲା । ସ୍ୱୟଂ କପିଳେନ୍ଦ୍ର ଦେବ ଓଡ଼ିଶା ସାମ୍ରାଜ୍ୟକୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ କରି ଦେଇଥିଲେ । ପୁରୁଷୋତ୍ତମ ଦେବଙ୍କ ନିତ୍ୟକୃତ୍ୟ ଭିତରେ ଭାଗବତ ଓ ଗୀତଗୋବିନ୍ଦ ଶ୍ରବଣ ମୁଖ୍ୟସ୍ଥାନ ଅଧିକାର କରିଥିଲା । ସେ ମଧ୍ୟ ବହୁ ବିଷ୍ଣୁ ମନ୍ଦିର ପ୍ରତିଷ୍ଠା କରିଥିଲେ । ନିଜେ ବିଷ୍ଣୁଲୀଳା ସମ୍ପର୍କରେ ସଂସ୍କୃତରେ କେତେକ ଗ୍ରନ୍ଥ ରଚନା କରି ଖ୍ୟାତିଲାଭ କରିଥିଲେ । ତାଙ୍କର ପୃଷ୍ଠପୋଷକତାରେ ଓଡ଼ିଶାର ବହୁ କବି ଭକ୍ତି ଓ ବୈଷ୍ଣବତତ୍ତ୍ୱ ସମ୍ପର୍କୀୟ ଉଚ୍ଚାଙ୍ଗ ଗ୍ରନ୍ଥ ସବୁ ରଚନା କରି ଯାଇଥିଲେ । ଏମାନଙ୍କ ମଧ୍ୟରେ କବି ଡିଣ୍ଡିମ ଜୀବ ଦେବାଚାର୍ଯ୍ୟ, କବିଚନ୍ଦ୍ର ରାୟ ଦିବାକର ମିଶ୍ର, କବିନ୍ଦ୍ର ମାର୍କଣ୍ଡେୟ ଭାରତର ଅନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ସ୍ୱଗ୍ରନ୍ଥ ଯୋଗୁଁ ସମ୍ମାନ ଲାଭ କରିଥିଲେ । ଏମାନଙ୍କ

ଭିତରୁ ଜୀବ ଦେବାଚାର୍ଯ୍ୟ ପ୍ରତାପରୁଦ୍ର ଦେବଙ୍କର ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ ।

ସୂର୍ଯ୍ୟବଂଶୀ ନରପତି କପିଳେନ୍ଦ୍ର ଦେବଙ୍କ ସମୟରୁ ହିଁ ଜଗନ୍ନାଥ ତତ୍ତ୍ୱର ଅଭିବ୍ୟକ୍ତି ଆଲୋଚନା ପାଇଁ ପ୍ରାମାଣିକ ଉପାଦାନ ମିଳି ସାରିଥିଲା । ଜଗନ୍ନାଥଙ୍କ ମନ୍ଦିରରେ 'ଜୟ-ବିଜୟ' ଶିଳାଲିପିରେ ଖୋଦିତ ଅଭିମତ ହିଁ ଏ ସମ୍ପର୍କରେ ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ । ଏହି ଅଭିଲେଖଗୁଡ଼ିକର ହୃଦ୍‌ବୋଧ ହୁଏ ଯେ, ସେତେବେଳେ ଜଗନ୍ନାଥ ଉତ୍କଳ ସାମ୍ରାଜ୍ୟର ରାଷ୍ଟ୍ରଦେବତା ରୂପରେ ପରିକଳ୍ପିତ ହୋଇ ସାରିଥିଲେ । ସେଥିପାଇଁ ସାମ୍ରାଜ୍ୟର ବିଭିନ୍ନ ପ୍ରଶାସନିକ ଘୋଷଣା ସୁଦ୍ଧା ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଘୋଷିତ ହେଉଥିଲା । ଏହି ପ୍ରତିଷ୍ଠିତ ଜଗନ୍ନାଥ ହିଁ ବୁଦ୍ଧ ରୂପରେ ଓଡ଼ିଆ ଜାତିର ଆଧ୍ୟାତ୍ମିକ ଅବଚେତନରେ ବିରାଜମାନ ହୋଇ ରହି ଆସିଛନ୍ତି । ଅଷ୍ଟମ ଶତାବ୍ଦୀରେ ଜଗନ୍ନାଥ, ତାନ୍ତ୍ରିକ ବା ବଜ୍ରଯାନୀ-ବୌଦ୍ଧ ଧର୍ମର ଇଷ୍ଟଦେବ ଥିବା ନିଶ୍ଚିତ ସାହିତ୍ୟିକ ପ୍ରମାଣ ଉପରେ ପ୍ରତିଷ୍ଠିତ । ଇନ୍ଦ୍ରଭୂତିଙ୍କର ଜ୍ଞାନସିଦ୍ଧିରେ ଜଗନ୍ନାଥଙ୍କୁ ବୁଦ୍ଧମୟ ରୂପରେ ବନ୍ଦନା କରାଯାଇଛି ।

"......ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀବ ବରାର୍ଶିତଂ
ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପୀନଂ ଗଗନୋପମଂ" (୬)

'ଜ୍ଞାନସିଦ୍ଧି' ଗ୍ରନ୍ଥର ମଙ୍ଗଳା ଚରଣରେ ଯେଉଁ ଜଗନ୍ନାଥ ଆରାଧିତ ହୋଇଛନ୍ତି, ସେ ଓଡ଼ିଶାର ଜଗନ୍ନାଥ ହୁଅନ୍ତୁ ବା ନ ହୁଅନ୍ତୁ ବୁଦ୍ଧ କିନ୍ତୁ ସେତେବେଳେ ଆଦିବୁଦ୍ଧ ଅବଲୋକିତେଶ୍ୱର ଲୋକନାଥ ନାମରେ ଯେପରି ପରିଚିତ ଥିଲେ, ପରବର୍ତ୍ତୀ ତନ୍ତ୍ର ଓ ବଜ୍ର ଯାନରେ ବୁଦ୍ଧ ସେହିପରି ଜଗନ୍ନାଥରେ ପରିଣତ ହୋଇଥିଲେ । ଏତଦ୍‌ବ୍ୟତୀତ ଉତ୍କଳର ଦେବତା ଜଗନ୍ନାଥଙ୍କ ପୂଜା ପଦ୍ଧତିରେ ଶଙ୍କରାଚାର୍ଯ୍ୟଙ୍କର ସ୍ମାର୍ତ୍ତପଦ୍ଧତି, ବିଶିଷ୍ଟ ଦ୍ୱୈତବାଦର ପ୍ରବର୍ତ୍ତକ ରାମାନୁଜଙ୍କ ପାଞ୍ଚରାତ୍ର ପଦ୍ଧତିର ଅପୂର୍ବ ସମ୍ମିଶ୍ରିତ ପ୍ରଭାବ ପରିଲକ୍ଷିତ ହୁଏ । ଚୈତନ୍ୟଙ୍କ ପୂର୍ବରୁ ଯେଉଁ ବୈଷ୍ଣବାଚାର୍ଯ୍ୟଗଣ ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ବୈଷ୍ଣବିକ ବିବର୍ତ୍ତନର ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ମାଧବାଚାର୍ଯ୍ୟ, ବିଷ୍ଣୁସ୍ୱାମୀ, ନିମ୍ବାର୍କ ଓ ରାମାନନ୍ଦ ପ୍ରମୁଖ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ; ଏମାନେ ସମସ୍ତେ ବହୁ ସମ୍ମାନିତ ଆଚାର୍ଯ୍ୟ ଥିଲେ । ଏମାନଙ୍କ ବ୍ୟତୀତ ଚୈତନ୍ୟଙ୍କ ପୂର୍ବବର୍ତ୍ତୀ ପ୍ରେମ ଧର୍ମର ଆଚାର୍ଯ୍ୟଗଣ ଯଥା :- ଅଦ୍ୱୈତ, ନିତ୍ୟାନନ୍ଦ ଓ ଯବନ ହରିଦାସ ପ୍ରମୁଖ ମଧ୍ୟ ପୁରୀକୁ ବହୁବାର ଆସିଥିଲେ । କିନ୍ତୁ ଚୈତନ୍ୟଙ୍କ ପରି ଏହି ପୂର୍ବୋକ୍ତ ପୂର୍ବସୂରୀଗଣ ପୁରୁଷୋତ୍ତମ କ୍ଷେତ୍ରରେ କୌଣସି ଉଲ୍ଲେଖଯୋଗ୍ୟ ପ୍ରଭାବ ବିସ୍ତାର କରି ପାରି ନଥିଲେ । ରାମାନନ୍ଦ ରାୟ ପୁରୀ ଆସିଥିଲେ କି ନାହିଁ ନିଶ୍ଚିତ ଭାବରେ ଜଣାନାହିଁ; ତଥାପି କେବଳ

ତାଙ୍କ ବ୍ୟତୀତ ଅନ୍ୟ ବୈଷ୍ଣବାଚାର୍ଯ୍ୟଗଣ ପୁରୀକୁ ସେମାନଙ୍କ ସାଧନା କ୍ଷେତ୍ରରେ ପରିଣତ କରି, ସେଠାରେ ନିଜ ନିଜ ସଂପ୍ରଦାୟର ମଠମାନ ସ୍ଥାପନ କରିଥିଲେ ।

ରାମାନୁଜଙ୍କ ଦ୍ୱାରା ପ୍ରତିଷ୍ଠିତ ରାମାନୁଜକୋଟ, ଏମାର ବିଷ୍ଣୁସ୍ୱାମୀଙ୍କ ବିଷ୍ଣୁସ୍ୱାମୀ ମଠ ଏବଂ ନିମ୍ବାମଙ୍କ ରାଜାବଲ୍ଲଭ ମଠ ପ୍ରଭୃତି ଏହି ମଠମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ । ଚୈତନ୍ୟଙ୍କ ପୂର୍ବରୁ ଉତ୍କଳର ଆଧାତ୍ମିକ ଚିନ୍ତା ଓ ଭାବନାରେ ରାଧାକୃଷ୍ଣାଶ୍ରିତ ପ୍ରେମ ଭକ୍ତିର କ୍ଷୀଣ ସୁତ୍ରପାତ ହୋଇଥିଲେ ହେଁ ତାହା ସାଧାରଣରେ ଯେପରି ନିନ୍ଦିତ ଥିଲା, ସେହି ବିଷୟଟି ସାରଳା ମହାଭାରତରେ ବର୍ଣ୍ଣିତ ସହଜ ସୁନ୍ଦରୀ ଓ ଖନିକାରର ଜନ୍ମବୃତ୍ତାନ୍ତ ପ୍ରସଙ୍ଗରୁ ବେଶ୍ ଅନୁମିତ ହୁଏ । ଖ୍ରୀ: ୧୫୦୯ରେ ଚୈତନ୍ୟ ପ୍ରଥମଥର ପାଇଁ ପୁରୀରେ ପଦାର୍ପଣ କଲାବେଳକୁ ଉତ୍କଳର ଆଧାତ୍ମିକ ପରିସ୍ଥିତି ଉପରୋକ୍ତ ଭିତ୍ତିଭୂମିକୁ ନେଇ ଗଢ଼ି ଉଠିଥିଲା । ଉତ୍କଳରେ ବୈଷ୍ଣବ ଧର୍ମର ଯେଉଁ ଧାରାଟି ପ୍ରଚଳିତ ଥିଲା ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ ଜଣାଯାଏ ଯେ, ଜଗନ୍ନାଥଙ୍କୁ କେନ୍ଦ୍ରକରି ଉତ୍କଳର ପଞ୍ଚସଖା ସେମାନଙ୍କ ମୌଳିକ ଯୋଗସାଧନ ପଦ୍ଧତିକୁ ଜ୍ଞାନମିଶ୍ରା ଭକ୍ତି ମାର୍ଗରେ ପ୍ରଚଳିତ କରାଇଥିଲେ । ଏହି ପଞ୍ଚସଖା ହେଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ବା ଶିଶୁଅନନ୍ତ ଦାସ । ଏମାନେ ଚୈତନ୍ୟଙ୍କ ସମସାମୟିକ ତଥା ଚୈତନ୍ୟଙ୍କ ପଞ୍ଚସଖା ବୋଲି କୁହାଯାଇଥାଏ । ଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ରାଧାକୃଷ୍ଣ ପ୍ରେମତତ୍ତ୍ୱ ଉତ୍କଳରେ ଏତେଦୂର ପ୍ରସାର ଲାଭ କରିଥିଲା ଯେ, ଗଜପତି ରାଜା ପ୍ରତାପରୁଦ୍ର ଦେବ ମଧ୍ୟ ଏହି ନୂତନ ପ୍ରେମ ଧର୍ମରେ ଦୀକ୍ଷିତ ହୋଇ ପଡ଼ିଲେ । ଫଳରେ ଗୌଡ଼ୀୟ ପ୍ରେମ ରାଜ ପୃଷ୍ଠପୋଷକତା ଲାଭକରି ଉତ୍କଳରେ ବିଶେଷ ଲୋକପ୍ରିୟ ହେବାକୁ ଲାଗିଲେ । ସୁତରାଂ ରାଜ ପୃଷ୍ଠପୋଷକତା ପାଇବା ପାଇଁ ଉତ୍କଳୀୟ ଜ୍ଞାନମାର୍ଗୀ ପଞ୍ଚସଖା ଚୈତନ୍ୟଙ୍କ ଅତ୍ୟନ୍ତ ଅନ୍ତରଙ୍ଗ ହୋଇ ତାଙ୍କର ପ୍ରଧାନ ସଖା ଭାବରେ ଗୃହୀତ ହେଲେ । ଏମାନେ ବାହ୍ୟ ସାଧନାରେ ପ୍ରେମ ଧର୍ମକୁ ଗ୍ରହଣ କରିଥିଲେ ହେଁ ଅନ୍ତର ଶୁଦ୍ଧିରେ ଯୋଗମାର୍ଗକୁ ତ୍ୟାଗ କରି ନଥିଲେ ।

## ପଞ୍ଚସଖା ଧର୍ମଦର୍ଶନର ଆଭିମୁଖ୍ୟ :

ଉତ୍କଳୀୟ ପଞ୍ଚସଖାଙ୍କର ଦର୍ଶନର ଆଭିମୁଖ୍ୟରେ ବୌଦ୍ଧଧର୍ମର ଶୂନ୍ୟବାଦ, କାଥ ଧର୍ମର ଯୋଗାଚାର ପିଣ୍ଡିତ ସାଧନ ପ୍ରଭୃତିର ସ୍ପଷ୍ଟ ଅଥଚ ପ୍ରଚ୍ଛନ୍ନ ପ୍ରଭାବ ପଡ଼ିଛି । ପଞ୍ଚସଖା ପ୍ରଚାରିତ ତତ୍ତ୍ୱ ଓ ସାହିତ୍ୟରେ ଜ୍ଞାନ, ଭକ୍ତି ଏବଂ ଯୋଗ ପ୍ରଭୃତି ଏକ ଏକ ମୁଖ୍ୟ ସ୍ଥାନ ଅଧିକାର କରିଛି । ସେମାନଙ୍କ ମତରେ ଜ୍ଞାନ କିନ୍ତୁ ସାଧାରଣ ଅର୍ଥରେ ବ୍ୟବହୃତ ନୁହେଁ ତାହା ଏଠାରେ ମହାଜ୍ଞାନ ଅର୍ଥାତ୍ ମନୁଷ୍ୟର ପରମ କର୍ତ୍ତବ୍ୟ । ତାହାକୁ ଉପଲବ୍ଧି

କରିବା ହିଁ ଜ୍ଞାନ । ତପସ୍ୟା ବା ଯୋଗ ସାଧନାରେ ଚିତ୍ତବୃତ୍ତିର ସଂଯମ ଏବଂ ନିୟନ୍ତ୍ରଣ ଦ୍ୱାରା ଏହି ଜ୍ଞାନଲବ୍‌ଧ ହୋଇଥାଏ । ଏହି ଜ୍ଞାନପ୍ରାପ୍ତି ଘଟିଲେ ଭଜନ, କୀର୍ତ୍ତନ କିମ୍ବା ଜଣାଣର କୌଣସି ପ୍ରୟୋଜନ ନାହିଁ । ଚୈତନ୍ୟ ଦାସଙ୍କ ନିର୍ଗୁଣ ମାହାତ୍ମ୍ୟରେ ଏହି ବ୍ରହ୍ମଙ୍କ ସମ୍ପର୍କରେ କୁହାଯାଇଛି–

"ଆତ୍ମା ପୁରୁଷ ଭଗବାନ, ଆତ୍ମା ଉପରେ ତାକୁ ଚିହ୍ନ
ନାମର ଆନେ ଭୁଲିଯାଉ, ଏ ଜନ୍ମ ମୃତ୍ୟୁ ସରିଯାଉ ।" (୭)

"ପଞ୍ଚସଖା ମତବାଦର ଅନ୍ୟତମ ବିଶିଷ୍ଟ ତାତ୍ତ୍ୱିକ ଚୈତନ୍ୟ ଦାସ 'ବିଷ୍ଣୁଗର୍ଭ ପୁରାଣ'ରେ ଏହାକୁ 'ବ୍ରହ୍ମଜ୍ଞାନଭକ୍ତି' ରୂପରେ ଅଭିହିତ କରିଛନ୍ତି । (୮)

ଅଚ୍ୟୁତାନନ୍ଦ ଏହାକୁ 'ଜ୍ଞାନ' ନାମରେ ଅଭିହିତ କରିଥିଲେ ହେଁ; ଚୈତନ୍ୟ ଦାସ ଏହାକୁ 'ବ୍ରହ୍ମଭକ୍ତିଯୋଗ' ନାମରେ ମଧ୍ୟ ସୂଚିତ କରିଛନ୍ତି । ଏହାକୁ 'ପରମ ଭକତି' ବା ଶ୍ରେଷ୍ଠଭକ୍ତି ରୂପେ 'ନିର୍ଗୁଣ ମାହାତ୍ମ୍ୟ'ରେ କୁହାଯାଇଛି । 'ତୁଳାଭିଣା'ରେ ଜଗନ୍ନାଥ ଦାସ ଜ୍ଞାନଯୋଗକୁ 'ବ୍ରହ୍ମଜ୍ଞାନ ସାଧନା' ବୋଲି କହିଛନ୍ତି । ବଳରାମ ଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ'ରେ ଏହାକୁ 'ଦିବ୍ୟଜ୍ଞାନ' ଭାବରେ ନାମିତ କରାଯାଇଛି । ପରବର୍ତ୍ତୀ କାଳରେ ସମ୍ଭବତଃ ଭକ୍ତିଧର୍ମର ପ୍ରଭାବ ଏବଂ ପ୍ରେରଣାରେ ଜ୍ଞାନକୁ ଜ୍ଞାନଭକ୍ତି ବା ଜ୍ଞାନମିଶ୍ରା ଭକ୍ତି ବୋଲି କୁହାଯାଇଛି । ଗୌଡ଼ୀୟ ବୈଷ୍ଣବଧର୍ମର ଶୁଦ୍ଧାଭକ୍ତି ବା ରାଗାନୁଗା ଭକ୍ତିଠାରୁ ଉତ୍କଳୀୟ ଜ୍ଞାନଭକ୍ତି ଯେ ମୂଳତଃ ସ୍ୱତନ୍ତ୍ର ତାହା ଉଲ୍ଲେଖ କରିବା ଦ୍ୱିରୁକ୍ତି ମାତ୍ର । ଗୌଡ଼ୀୟ ବୈଷ୍ଣବଧର୍ମରେ ଜ୍ଞାନ, ସାଧନା ଓ ତପସ୍ୟା ସବୁରି ଉପରେ ଭକ୍ତିର ପ୍ରାଧାନ୍ୟ ପ୍ରତିଷ୍ଠିତ ।

ବସ୍ତୁତଃ ପ୍ରଥମେ ଭକ୍ତି; ତା'ପରେ ଜ୍ଞାନ ଓ ଭକ୍ତି ନ ଥିଲେ ଜ୍ଞାନର କୌଣସି ମୂଲ୍ୟ ନାହିଁ ବୋଲି ଗୌଡ଼ୀୟ ବୈଷ୍ଣବଧର୍ମର ତାତ୍ତ୍ୱିକ ଆଚାର୍ଯ୍ୟମାନେ କହିଛନ୍ତି । ଜ୍ଞାନରେ ବ୍ରହ୍ମଙ୍କର ଉପାସନା ସମ୍ଭବ; ଯୋଗରେ ଅନାସକ୍ତି ଓ କର୍ମଫଳ ତ୍ୟାଗରେ ପରମାତ୍ମାଙ୍କ ଉପଲବ୍‌ଧି ସହଜ; କିନ୍ତୁ ଭଗବାନଙ୍କ କରୁଣା ପ୍ରାପ୍ତି ସମ୍ଭବ । ଜ୍ଞାନ ଓ ଯୋଗ ଅହେତୁକୀ ଭକ୍ତିର ସ୍ୱରୂପ ନୁହେଁ କାରଣ ମୋକ୍ଷଲାଭର ବାସନା ସେଥିରେ ନିହିତ ଅଛି । ଭକ୍ତି ବା ଶୁଦ୍ଧାଭକ୍ତି ଅହେତୁକ ଥିବାରୁ ଜ୍ଞାନ ଓ ଯୋଗ ପ୍ରଭୃତି ଭକ୍ତିଠାରୁ ନିକୃଷ୍ଟ । ବ୍ରହ୍ମ ଭଗବାନଙ୍କର ଅସମ୍ପୂର୍ଣ୍ଣ ପ୍ରକାଶ ହୋଇଥିବାରୁ ବ୍ରହ୍ମଲାଭର ପନ୍ଥା, ମୋକ୍ଷ–ସାଧନା ଅପେକ୍ଷା ଭଗବଦ୍ ପ୍ରାପ୍ତିର ପନ୍ଥା ରୂପେ ଶୁଦ୍ଧାଭକ୍ତି ଓ ଜ୍ଞାନଭକ୍ତି ସମୟର ସ୍ରୋତରେ ଏକାକାର ହୋଇ ଉଦ୍‌ଘୋଷଣା କରିଛି । ଭକ୍ତିଥିଲେ ଜ୍ଞାନସ୍ୱତଃ ଉଦ୍ରେକ ହୁଏ । ଭକ୍ତିରୁ ହିଁ ଜ୍ଞାନ ଏବଂ ଏହି ଜ୍ଞାନଲାଭର କରମ ପରିଣତି ହେଲା ମୋକ୍ଷ ବା ନିର୍ବାଣ । ପଞ୍ଚସଖା ମତବାଦର ବିଭିନ୍ନ ତାନ୍ତ୍ରିକ ଓ ଆଚାର୍ଯ୍ୟମାନେ ଏହିଭଳି ବହୁ ଉଦାହରଣ ମାଧମରେ ବ୍ରହ୍ମସ୍ୱାଦର ଏକମାତ୍ର ପନ୍ଥାରୂପେ ଯୋଗପିଣ୍ଡିତ ଜ୍ଞାନର ମହତ୍ତ୍ୱ ପ୍ରଚାର କରି ଯାଇଛନ୍ତି ।

କିନ୍ତୁ ଏହି ଭାବଧାରା ସହିତ କେତେକ ଆଲୋଚକ ସହଜିଆ ବୌଦ୍ଧ ସାଧନାର ଯୌନାଚାର ତଥା ଗୌଡ଼ୀୟ ବୈଷ୍ଣବଧର୍ମର ପତନର ଆରମ୍ଭାବସ୍ଥାରେ ଯେଉଁ ଭ୍ରଷ୍ଟାଚାର ପ୍ରକାଶ ପାଇଲା ତାହାକୁ ସଂଯୁକ୍ତ କରିଥାନ୍ତି । ତଥ୍ୟ ଦୃଷ୍ଟିରୁ ଏହି ପ୍ରମାଣଗୁଡ଼ିକ ଯେପରି ଭ୍ରମାତ୍ମକ, ତତ୍ତ୍ୱ ଦୃଷ୍ଟିରୁ ସେତିକି ବିଭ୍ରାନ୍ତିକର ବୋଲି ମନେହୁଏ । ବସ୍ତୁତଃ ସହଜିଆ ବୌଦ୍ଧ ସାଧନାର ବିଡ଼ମ୍ବନାରୁ ସାଧକମାନେ ଯେଉଁ ଯୋଗ ମାର୍ଗର ପ୍ରଚାର କରିଥିଲେ, ପଞ୍ଚସଖା-ମତାବଲମ୍ବୀମାନେ ସେହି ଧାରାକୁ ଏକ ସ୍ୱତନ୍ତ୍ର ସାଧନ ପ୍ରଣାଳୀରେ ପ୍ରକାଶ କଲେ । ଭକ୍ତିଧର୍ମର ମହାପ୍ଲାବନ ମଧ୍ୟରେ ଶୂନ୍ୟଧର୍ମୀ ଉତ୍କଳୀୟ ସାଧକମାନେ ଭକ୍ତିର ନିର୍ମୋକ ପିନ୍ଧି ଆତ୍ମରକ୍ଷା କରିଥାନ୍ତି; କିନ୍ତୁ ଜ୍ଞାନମିଶ୍ରା ଭକ୍ତିରେ ଐକାନ୍ତିକ ଭକ୍ତିର ସ୍ଥାନ ନାହିଁ । ସେଥିପାଇଁ ଗୌଡ଼ୀୟ ବୈଷ୍ଣବଧର୍ମର ନବଧାଭକ୍ତି ସାଧନାର ଶ୍ରେଷ୍ଠମାର୍ଗ ଭାବରେ ପ୍ରଚାରିତ ହେଲେ ହେଁ ପଞ୍ଚସଖା-ସମ୍ପ୍ରଦାୟ ଯୋଗର ଅଷ୍ଟାଙ୍ଗ ବା ପର୍ଯ୍ୟାୟକୁ ବ୍ରହ୍ମସ୍ୱାଦର ଏକମାତ୍ର ପନ୍ଥାରୂପେ ନିର୍ଦ୍ଦେଶିତ କରିଛନ୍ତି । ଗୌଡ଼ୀୟ ରାଗାନୁଗା ଭକ୍ତି ବା ବୈଷ୍ଣବ ତତ୍ତ୍ୱର ନବଧାଭକ୍ତିକୁ ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ'ରେ ଏହିଭଳି ଉଲ୍ଲେଖ କରିଛନ୍ତି-

"ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋସ୍ମରଣଂ ପାଦସେବନମ୍
ଅର୍ଚ୍ଚନଂ ବାଦନଂ ଦାସ୍ୟଂ ସଖ୍ୟମାତ୍ମ ନିବେଦନମ୍ ।" (୯)

କିନ୍ତୁ ପଞ୍ଚସଖା ପ୍ରଚାରିତ ସାଧନ ପ୍ରଣାଳୀରେ ନବଧାଭକ୍ତି ପରିବର୍ତ୍ତେ ଯୋଗାଚାରର ଅଷ୍ଟାଙ୍ଗ ପଦ୍ଧତି ମିଶ୍ରିତ ହୋଇ ରହିଛି । ଯଥା- ଯନ୍ତ୍ର, ତନ୍ତ୍ର, ମନ୍ତ୍ର, ଛାୟା, ଜ୍ୟୋତି, ଅବାଡ଼, ହନ୍ତ୍ର (ସହଜ) ଓ ସମାଧି ପ୍ରଭୃତି ସାଙ୍କେତିକ ପରିଭାଷା ପ୍ରକୀର୍ତ୍ତିତ ହୋଇଛି ।

"ଜ୍ଞାନ ଯେ ପରମ ଅଟଇ
ପୂର୍ବେ ଯେ କେହି ନ ଜାଣଇ ।
ଯେ ଜ୍ଞାନ ହୋଇଛି ଗୁପତ
ଓଁକାର ଭିତରେ ଏ ତତ୍ତ୍ୱ ।" (୧୦)

ଏତଦ୍‌ବ୍ୟତୀତ ଉତ୍କଳରେ ଚୈତନ୍ୟଙ୍କ ଅବସ୍ଥାରେ ପ୍ରାକ୍‌କାଳରେ ମନ୍ତ୍ର, ଯନ୍ତ୍ର ତଥା ଯୋଗପିଣ୍ଡିତ ଆଧ୍ୟାତ୍ମିକ ସାଧନା ଉତ୍କଳର ପ୍ରତିଷ୍ଠିତ ଧର୍ମାଚାର ଥିଲେହେଁ ତାହା ଯେପରି ନିହିତ ହୋଇ ପଡ଼ିଥିଲା ତାହାର ବହୁ ସୂଚନା ଅଚ୍ୟୁତାନନ୍ଦ ଦାସଙ୍କ 'ଶୂନ୍ୟ ସଂହିତା'ରେ ଉଲ୍ଲେଖ କରାଯାଇଛି । ଏହି ସମସ୍ତ ଧର୍ମଧାରଣାର ମୂଳ ପ୍ରେରଣା ବୌଦ୍ଧତନ୍ତ୍ର ଓ ମନ୍ତ୍ରଯାନ ପ୍ରଭୃତିରୁ ଆହୃତ ହୋଇ ନାଥଯୋଗୀମାନଙ୍କର ଯୋଗାଚାର ବା ନାଗାନ୍ତ-ବିଦ୍ୟା ନାମରେ ପରିଚିତ ଥିଲା ।

ଏହି ନାଗାନ୍ତ ସାଧକମାନେ ଉତ୍କଳର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ପୁରୁଷୋତ୍ତମ କ୍ଷେତ୍ରରୁ ବିତାଡ଼ିତ ହୋଇ ପ୍ରାଚୀ ତୀରବର୍ତ୍ତୀ ଦଣ୍ଡକାରଣ୍ୟରେ ଅବସ୍ଥାନ କରୁଥିବା ବିଷୟ 'ଶୂନ୍ୟ ସଂହିତା'ରେ ବର୍ଣ୍ଣିତ ହୋଇଛି । ପଞ୍ଚସଖା ପନ୍ଥୀମାନେ ମଧ୍ୟ ସେତେବେଳେ ବହୁ ରାଜ ନିପୀଡ଼ନର ସମ୍ମୁଖୀନ ହୋଇଥିଲେ । ବଳରାମ ଦାସ ବାଉରୀ ମୁହଁରେ ବେଦାନ୍ତ ଶୁଣାଇବାର ଅଲୌକିକତା ବଳରେ ପ୍ରତାପରୁଦ୍ରଙ୍କ କୋପଦୃଷ୍ଟିରୁ ରକ୍ଷା ପାଇଥିଲେ । ଯଶୋବନ୍ତ ଦାସ ସେହିପରି ଶୁଖିଲା କଦମ୍ବ ଗଛରେ ପତ୍ର କଅଁଳାଇ ରକ୍ଷା ପାଇଥିଲେ । ଏଭଳି ଏକ ଜଟିଳ ପରିସ୍ଥିତି ମଧ୍ୟରେ ପଞ୍ଚସଖା ସାଧକମାନେ ନିଜକୁ ଚୈତନ୍ୟଙ୍କ ପ୍ରେମଭକ୍ତି ଧର୍ମରେ ଆତ୍ମସମର୍ପଣ କରି ଆତ୍ମରକ୍ଷା କରିଥିଲେ । ଅଚ୍ୟୁତାନନ୍ଦ ଏହି ପ୍ରସଙ୍ଗକୁ ସ୍ୱଗ୍ରନ୍ଥ 'ଶୂନ୍ୟ ସଂହିତା'ରେ ସ୍ପଷ୍ଟ ଭାବରେ ସୂଚିତ କରିଛନ୍ତି ।

"ଆପଣା ଚୈତନ୍ୟ ପ୍ରଭୁ ସଖାବୃନ୍ଦ ଘେନି,
ପଞ୍ଚସଖା ମୂଳେ ବିରସସ୍ର ଭକ୍ତ ମୁନି
ଖୋଳ କରତାଳରେ ବ୍ରହ୍ମାଣ୍ଡ ଉଛୁଳଇ
ଶ୍ରବଣେ ଶୁଣନ୍ତେ ନାଶକରି ଭୟ ନାହିଁ ।" (୧୧)

ଅଚ୍ୟୁତାନନ୍ଦ ଏଠାରେ ଉତ୍କଳୀୟ ପଞ୍ଚସଖାଙ୍କୁ ଚୈତନ୍ୟଙ୍କ ପଞ୍ଚସଖା ରୂପରେ ଅଭିହିତ କରିଛନ୍ତି । ଦିବାକର ଦାସ ମଧ୍ୟ ନିଜସ୍ୱ କୃତି 'ଜଗନ୍ନାଥ ଚରିତାମୃତ'ରେ ପଞ୍ଚସଖାଙ୍କ ସହିତ ଚୈତନ୍ୟଙ୍କ ଅନ୍ତରଙ୍ଗ ସମ୍ପର୍କ ଥିବା କଥା ପ୍ରକାଶ କରିଛନ୍ତି । ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପଞ୍ଚସଖା ମତବାଦର ଆଧ୍ୟାତ୍ମିକ ସୂତ୍ର, ଗୌଡ଼ୀୟ ବୈଷ୍ଣବତତ୍ତ୍ୱ ପରି ଶୃଙ୍ଖଳିତ ହୋଇପାରି ନାହିଁ । ଶ୍ରୀ ପ୍ରଭାତ ମୁଖାର୍ଜୀ ତାଙ୍କର "The medieval vaishnavism in Orissa" ପୁସ୍ତକରେ ଉପରୋକ୍ତ ମତବାଦକୁ ସ୍ୱୀକାର କରି ଯଥାର୍ଥରେ ଲେଖିଛନ୍ତି– "Undoutunately there is on clearcut exposition at the Philosophy. Contradictionary statements make the situation embarrassing and textual corruptions add to difficults. The reason fortuis draw back lies in the nature of Medieval Vaishnavism itself. Theories were freely but unsystematically taken from other sects and absorbed." (Page 92) New Edition-(୧୨)

ପଞ୍ଚସଖା ସାଧନ ପଦ୍ଧତିରେ ଅଚ୍ୟୁତାନନ୍ଦ ଯନ୍ତ୍ର ଓ ମନ୍ତ୍ରର ମାର୍ଗ ନିର୍ଦ୍ଦେଶିତ କରିଥିଲେ ହେଁ; ବଳରାମ ଦାସ ଯୋଗ, ଚୈତନ୍ୟ ଦାସ ନୈଷ୍କର୍ମ୍ୟ ଭାବଧାରା ଏବଂ ଜଗନ୍ନାଥ ଦାସ ଜ୍ଞାନମିଶ୍ରା ଭକ୍ତିଧାରା ନିର୍ଦ୍ଦେଶିତ କରି ଯାଇଛନ୍ତି । ପରିଭାଷା ଏବଂ ସଙ୍କେତ ମଧ୍ୟରେ

କେତେ ପରିମାଣରେ ଅନୈକ୍ୟ ରହିଛି ଯଦିଓ ତଥାପି ସାଧନ ପ୍ରଣାଳୀରେ ସମସ୍ତ ଆପାତ ପାର୍ଥକ୍ୟର ନେପଥ୍ୟରେ ଶୂନ୍ୟବାଦ ଓ ଯୋଗାଚାର ମଧ୍ୟରେ ଅଦ୍ୱୟ 'ଶୂନ୍ୟ'ର ଉପଲବ୍ଧି ଏକ ଅବିଚ୍ଛିନ୍ନ ଧାରାରୂପେ ଉତ୍କଳୀୟ ପଞ୍ଚସଖାମାନଙ୍କର ଆଧ୍ୟାତ୍ମିକ ମତବାଦରେ ସମ୍ମିଳିତ ହୋଇଯାଇଛି । ପଞ୍ଚସଖାମାନଙ୍କର ସାଧନା ପ୍ରଣାଳୀରେ ଶୂନ୍ୟବାଦର ବତିଶ ଅକ୍ଷରକୁ 'ନିରାକାର ମନ୍ତ୍ର' ଭାବରେ ଗ୍ରହଣ କରାଯାଇଛି ।

ପଞ୍ଚସଖା-ସମ୍ପ୍ରଦାୟର ବିଭିନ୍ନ ଶାସ୍ତ୍ରରେ, ଅଣାକାର ବା ନିରାକାର ମଧ୍ୟ ରୂପେ ବତିଶ ଅକ୍ଷରର ପ୍ରାଧାନ୍ୟ ପରିଲକ୍ଷିତ ହୋଇଥାଏ । ବତିଶ ଅକ୍ଷରର ବହୁତ୍ୱ ମଧ୍ୟରେ ତ୍ରିବୀଜ, ତ୍ରିବୀଜ ମଧ୍ୟରେ 'ରା' ଓ 'ମ'ର ଦ୍ୱୈତତ୍ୱ ଓ ସେହି ଦ୍ୱୈତତ୍ୱ ମଧ୍ୟରେ ଏକାକ୍ଷର, ଓଁ ବା ଅଦ୍ୱୈତ ତତ୍ତ୍ୱର ଉପଲବ୍ଧି ହିଁ ସେମାନଙ୍କ ଧର୍ମ ଦର୍ଶନରେ ସ୍ଥାନ ପାଇଛି । ଏହି ବତିଶ ଅକ୍ଷର ମନ୍ତ୍ରରେ ରାଧା ଓ କୃଷ୍ଣଙ୍କ ସ୍ଥିତି ବୈଷ୍ଣବତତ୍ତ୍ୱର ଅର୍ଥାତ୍ ଗୌଡ଼ୀୟ ମତର ଉପାସ୍ୟ ଦେବତା ରାଧା ଓ କୃଷ୍ଣଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏହି ରାଧାକୃଷ୍ଣ ପ୍ରେମ ବିହ୍ୱଳ, ବା ଲମ୍ପଟ ନାଗର ନାଗରୀ ନୁହନ୍ତି । ରାଧାକୃଷ୍ଣ ଯେ ସମଗ୍ର ବିଶ୍ୱ ସୃଷ୍ଟିର ପରମ ଦ୍ୟୋତକ ଏବଂ ମାନବ ଜାତିର ଆଧାର ସ୍ୱରୂପ ଏହି ସୂକ୍ଷ୍ମତତ୍ତ୍ୱଟିକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ଉତ୍କଳୀୟ ବୈଷ୍ଣବ ଧର୍ମ ଦର୍ଶନରେ ବୁଝାଇ ଦିଆଯାଇଛି । ଏହାକୁ ବୈଷ୍ଣବୀୟ ସୃଷ୍ଟି ରହସ୍ୟ ନାମରେ ନାମିତ କରାଯାଏ । ବସ୍ତୁତଃ ସୃଷ୍ଟିତତ୍ତ୍ୱ ବା ସୃଷ୍ଟି ରହସ୍ୟର ବୈଶିଷ୍ଟ୍ୟ ପଞ୍ଚସଖା ମତବାଦର ଏକ ଉଲ୍ଲେଖଯୋଗ୍ୟ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୌଡ଼ୀୟ ପ୍ରେମ ତତ୍ତ୍ୱରେ ଏହି ସୂକ୍ଷ୍ମତତ୍ତ୍ୱର କୌଣସି ବାସ୍ତବିକତା ପରିଲକ୍ଷିତ ହୁଏ ନାହିଁ । ଆତ୍ମସମର୍ପଣ, ଅହେତୁକୀ କୃଷ୍ଣ ପ୍ରୀତି ହିଁ ସକଳ ସମସ୍ୟା ଏବଂ ଜିଜ୍ଞାସାର ଚରମ ସମାଧାନ ରୂପରେ ଗୌଡ଼ୀୟ ବୈଷ୍ଣବ ତତ୍ତ୍ୱରେ ପ୍ରକାଶିତ ହୋଇଛି । ସେଥିପାଇଁ ସେଥିରେ ସୃଷ୍ଟି ରହସ୍ୟର ଉତ୍ପୀଡ଼କ ଜଟିଳତା ତଥା କ୍ଳିଷ୍ଟତା ଦୃଷ୍ଟ ହୁଏ ନାହିଁ ।

ଉତ୍କଳୀୟ ପଞ୍ଚସଖା ବୈଷ୍ଣବ ଦର୍ଶନରେ 'ଅଲେଖ ବା ଶୂନ୍ୟ' ସୃଷ୍ଟିର ଏକ ତଥା ଅଦ୍ୱୟ ଉତ୍ସମୂଳ ଭାବରେ ଆଖ୍ୟାତ ହୁଅନ୍ତି । ଅଣାକାର, ଅନାଦିବ୍ରହ୍ମ ଓ ନିର୍ଗୁଣ ପୁରୁଷ ପ୍ରଭୃତି ବିଭିନ୍ନ ନାମରେ ନାମିତ କରିଥିଲେ ହେଁ ମର୍ମରେ ସେ କିନ୍ତୁ ଏକ ଓ ଅଦ୍ୱୟ ଶୂନ୍ୟପୁରୁଷ । ସେ ସଗୁଣ ନୁହନ୍ତି ନିର୍ଗୁଣ, ନିର୍ଗୁଣ ହେଲେ ହେଁ ସେ ଗୁଣହୀନ ନୁହନ୍ତି । ସେ ଗୁଣାତୀତ । ସୃଷ୍ଟି ନିମନ୍ତେ ଯଦି ସେ ଇଚ୍ଛା ପ୍ରକାଶ କରନ୍ତି ସେତେବେଳେ ସଗୁଣ ଉତ୍ତାରେ ଅବତରଣ କରନ୍ତି ଏବଂ ତାଙ୍କୁ ଈଶ୍ୱର ବା ବିଷ୍ଣୁ ଭାବରେ ପୂଜା କରାଯାଏ । ବିଶ୍ୱର ପରିତ୍ରାଣ ଉଦ୍ଦେଶ୍ୟରେ ଅନନ୍ତ କରୁଣାରୂପୀ ମହାବିଷ୍ଣୁ କାଳେ କାଳେ ଏହିପରି ଅବତାର ଗ୍ରହଣ କରିଥାନ୍ତି । ଏଠାରେ ନେପଥ୍ୟରେ ମହାଯାନ ବୌଦ୍ଧଧର୍ମର ଅବତାରବାଦ ଓ ଧ୍ୟାନୀ ବୁଦ୍ଧଙ୍କର ପରିକଳ୍ପନା ଯେ ସ୍ଥାନ ପାଇଛି ତାହା ଲକ୍ଷ୍ୟ କରାଯାଇପାରେ । ସୃଷ୍ଟିର

ମୂଳଉତ୍ସ ରୂପେ ଶୂନ୍ୟ ବା ଓଁ ପ୍ରତିଷ୍ଠିତ । ଯୋଗମାୟା ଆଦିଶକ୍ତି ବା ମୂଳା ପ୍ରକୃତି ଗର୍ଭରେ ଶୂନ୍ୟରୁ ବୀର୍ଯ୍ୟବିନ୍ଦୁ ପତିତ ହୋଇ ସୃଷ୍ଟିର ଚଞ୍ଚଳତା ପ୍ରକାଶିତ ଜଲା । ବଜ୍ରଯାନୀ ବୌଦ୍ଧ ସାଧକମାନଙ୍କର 'ଓଁ ମଣିପଦ୍ମ ହୁଁ' ବୀଜ ମନ୍ତ୍ରର ଏହା ହିଁ ମର୍ମକଥା । ସୃଷ୍ଟିର ଉତ୍ପତ୍ତି ସମ୍ପର୍କରେ କେତୋଟି ମୁଖ୍ୟ ତଥ୍ୟ ସମ୍ପର୍କରେ ନିମ୍ନରେ ସୂଚିତ କରାଯାଉଛି ।

ପ୍ରଥମଟି ହେଲା ''ଆଦିଶକ୍ତିଙ୍କ ଗର୍ଭରେ ବୀର୍ଯ୍ୟବିନ୍ଦୁ ପତିତ ହୋଇ ଯେଉଁ ରାମ ଜାତ ହେଲେ, ସେ ଭକ୍ତି ଧର୍ମର ଦଶରଥ ନନ୍ଦନ ଶ୍ରୀରାମ ନୁହନ୍ତି ବରଂ ସେ ବୀଜ ମନ୍ତ୍ରର ଅକ୍ଷର 'ରା' ଓ 'ମ'ର ଯୁଗନଦ୍ଧ ପରିପ୍ରକାଶ । ଏହି 'ରା' ଶବ୍ଦର ଅର୍ଥ ରାଧା ଓ 'ମ'ର ଅର୍ଥ କୃଷ୍ଣ । କିନ୍ତୁ ଏହି ରାଧାକୃଷ୍ଣ ରାସଲୀଳାର ରାଧାକୃଷ୍ଣ ନୁହନ୍ତି । ଏହି ରାଧା, ନାଥ ଯୋଗର ଉପଭୋଗ୍ୟ ଚନ୍ଦ୍ର ବା ରସ ବା ସୋମ, ପୁଣି ଏହି କୃଷ୍ଣ ଉପଭୋକ୍ତା ସୂର୍ଯ୍ୟ ବା ଅଗ୍ନି । ଏମାନେ ହଠଯୋଗର ଇଡ଼ା ପିଙ୍ଗଳା ଏବଂ ବୌଦ୍ଧ ତନ୍ତ୍ରର ପ୍ରଜ୍ଞା ଓ ଉପାୟ ବୋଲି ସୂଚିତ କରାଯାଇଛି । 'ରା' ଓ 'ମ' ବା ରାଧାକୃଷ୍ଣଙ୍କ ମିଳନରୁ ଜନ୍ମନେଲେ ପ୍ରେମରୂପା ବା ଚନ୍ଦ୍ରାବଳୀ ବା ତ୍ରିପୁରା । ରାଧା କୃଷ୍ଣ ଓ ଚନ୍ଦ୍ରାବଳୀଙ୍କୁ ନେଇ ତ୍ରିବୀଜର ସୃଷ୍ଟି ହେଲା । ତ୍ରିବୀଜରୁ ଷଡ଼ ଅକ୍ଷରର ଉତ୍ପତ୍ତି ହେଲା । ଏହି ଷଡ଼ ଅକ୍ଷରରୁ ଅଷ୍ଟକୋଣର ଉତ୍ପତ୍ତି ଓ ଅଷ୍ଟକୋଣରେ ଷୋହଳ ଅଧର 'ହରେ ରାମ, ହରେ ରାମ ରାମ ରାମ ହରେ ହରେ, ସ୍ଥାପିତ ହେଲା; ଏହି ପ୍ରତ୍ୟେକ ଅକ୍ଷର ଗୋଟିଏ ଗୋଟିଏ ସଂଖ୍ୟା ସହିତ ମିଶି ବତିଶ ସଂଖ୍ୟାରେ ପରିଣତ ହେଲା । ଏହି ବତିଶ ଅକ୍ଷର, ପ୍ରତ୍ୟେକେ ପୁଣି ଜଣେ ଜଣେ ଗୋପୀ । ରାଧାକୃଷ୍ଣ ଏମାନଙ୍କୁ ନେଇ ନିତ୍ୟ ବୃନ୍ଦାବନରେ କ୍ରୀଡ଼ା କରନ୍ତି । ଏହି ରାଧାକୃଷ୍ଣ ପରକୀୟା ପ୍ରେମିକ ପ୍ରେମିକା ନୁହନ୍ତି ବରଂ ଗୋଟିଏ ମଞ୍ଜିର ଦୁଇଟି ଫାଳ ରୂପରେ ପରିଚିତ । ସୁତରାଂ ପଞ୍ଚସଖା ତାତ୍ତ୍ୱିକମାନେ ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରେମମୟ ସଙ୍କେତ ରାଧା ଓ କୃଷ୍ଣଙ୍କୁ ନିଜ ସାଧନାରେ ପୂର୍ଣ୍ଣତଃ ଗ୍ରହଣ କରିଥିଲେ ହେଁ ସେଥିରେ ସହଜିଆ ପ୍ରେମ ସାଧନାର ପ୍ରବୃତ୍ତିକୁ ବାଦ୍‌ଦେଇ ନିବୃତ୍ତି ପନ୍ଥାରେ ତାହାକୁ ଏକ ସମ୍ପୂର୍ଣ୍ଣ ଯୌଗିକ ଆଭିମୁଖ୍ୟ ପ୍ରଦାନ କରିଥିଲେ ।

ରାସଲୀଳାର ପୃଷ୍ଠଭୂମିରେ ରାଧାକୃଷ୍ଣଙ୍କ ଅଦ୍ୱୟ ମିଳନର ନେପଥ୍ୟରେ ଭ୍ରୂଲତା ମଧ୍ୟସ୍ଥ ତ୍ରିକୂଟ ବିନ୍ଦୁରେ ଇଡ଼ା ଓ ପିଙ୍ଗଳାର ବା ପ୍ରାଣ ଓ ଅପାନର ମିଳନର ଯୌଗିକ ପନ୍ଥା ଉତ୍କଳୀୟ ପଞ୍ଚସଖା ବୈଷ୍ଣବ ସାଧନାରେ ନିର୍ଦ୍ଦେଶିତ ହୋଇଥିଲା । ସାଧ୍ୟ ଦୃଷ୍ଟିରୁ ପଞ୍ଚସଖା ତାତ୍ତ୍ୱିକମାନେ ରାଧାକୃଷ୍ଣଙ୍କ ପ୍ରେମ ଲୀଳାକୁ ଏକ ସ୍ୱତନ୍ତ୍ର ଓ ବିଶିଷ୍ଟ ଅର୍ଥରେ କେବଳ ଗ୍ରହଣ କରି ନ ଥିଲେ ବରଂ ସାଧନାରେ ମଧ୍ୟ ସାକାର ଓ ସଗୁଣ ଭଗବାନଙ୍କ ଭାବବିଦଗ୍ଧ ସଂକୀର୍ତ୍ତନ ଅପେକ୍ଷା ନିରାକାର ମନ୍ତ୍ରର ଭଜନକୁ ବିଶେଷ ପ୍ରାଧାନ୍ୟ ଦେଇଥିଲେ । ଉତ୍କଳୀୟ ପଞ୍ଚସଖା ଆଧ୍ୟାତ୍ମିକ ପରିକଳ୍ପନାରେ ରାଧାକୃଷ୍ଣଙ୍କର ଲୀଳାସ୍ଥଳୀ ବୃନ୍ଦାବନ ନୁହେଁ; ତାହା

ଏକ ନିରାକାର ମଣ୍ଡଳ ସଦୃଶ ଏବଂ ଏହି ନିରାକାରଙ୍କ ଭଜନ ଦ୍ୱାରା ନିତ୍ୟ କୃଷ୍ଣ ଓ ନିତ୍ୟ ରାଧାଙ୍କର ନିତ୍ୟ ପ୍ରେମଲୀଳା ଦର୍ଶନ କରିବା ସମ୍ଭବପର ହୁଏ । ଏହି ନିରାକାର ଭଜନ ବୌଦ୍ଧ ଓ ନାଥମାନଙ୍କର ସୁପ୍ରାଚୀନ ଶୂନ୍ୟ ସାଧନାଠାରୁ ସ୍ୱତନ୍ତ୍ର ନୁହେଁ । ଅଚ୍ୟୁତାନନ୍ଦ 'ଶୂନ୍ୟ ସଂହିତା'ରେ ପଞ୍ଚସଖା ମତବାଦର ସେହି ଗୁପ୍ତ ଆଧାତ୍ମିକ ରହସ୍ୟକୁ ସ୍ପଷ୍ଟ କରି ଦେଇଛନ୍ତି ।'' (୧୩)

ଉତ୍କଳୀୟ ପଞ୍ଚସଖା ସମ୍ପ୍ରଦାୟ ଯେ ସମ୍ପୂର୍ଣ୍ଣ ବୈଷ୍ଣବ ନୁହନ୍ତି ଏବଂ ସେମାନଙ୍କୁ 'ପ୍ରଚ୍ଛନ୍ନ ବୌଦ୍ଧ' ବୋଲି ଗୌଡ଼ୀୟ ବୈଷ୍ଣବମାନେ ଯେଉଁ ଆକ୍ଷେପ କରନ୍ତି ତାହା ନିଶ୍ଚିତ ଭାବରେ ଅମୂଳକ । ଯୁକ୍ତି ଦୃଷ୍ଟିରୁ ମଧ୍ୟ କୁହାଯାଇପାରେ ଯେ ଯଦି ପଞ୍ଚସଖାମାନେ 'ପ୍ରଚ୍ଛନ୍ନ ବୌଦ୍ଧ' ତେବେ ଗୌଡ଼ୀୟ ବୈଷ୍ଣବମାନେ ମଧ୍ୟ 'ପ୍ରଚ୍ଛନ୍ନ ସହଜିଆ' ସାଧକ ବୋଲି ପ୍ରମାଣିତ ହେବେ । ଅପ୍ରାକୃତ ଯୁଗଳ ପ୍ରେମାଲିଙ୍ଗନର ମହାସୁଖ ମଧ୍ୟରେ ଗୌଡ଼ୀୟମାନେ ଯେଉଁ ଅଦ୍ୱୟ ମହାଶୂନ୍ୟର ସନ୍ଧାନ କରିଥିଲେ, ଯୋଗ ସାଧନାର ମହାଜ୍ୟୋତି ମଧ୍ୟରେ ଉତ୍କଳୀୟ ପଞ୍ଚସଖାମାନେ ତାହାର ମଧ୍ୟ ଅନ୍ୱେଷଣ ଅବ୍ୟାହତ ରଖିଥିଲେ । ତେଣୁ ଷୋଡ଼ଶ ଶତାବ୍ଦୀଠାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପଞ୍ଚସଖା ଉତ୍କଳୀୟ ବୈଷ୍ଣବମାନଙ୍କର ଆଧାତ୍ମିକ ଚେତନା ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିରେ ଏକ ଯୁଗାନ୍ତକାରୀ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ତାହାର ପ୍ରଭାବ ଥିଲା ଅପ୍ରତିହତ । ଉପରୋକ୍ତ ଧର୍ମୀୟ ଚେତନାର ଭାବଗତ ତଥା ତତ୍ତ୍ୱଗତ ପଟ୍ଟଭୂମିରେ ବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ବୈଷ୍ଣବ ସାଧକ ଶ୍ରୀପରମହଂସ ନିଜର ଧର୍ମ-ଦର୍ଶନକୁ ପ୍ରଚାର ତଥା ପ୍ରକାଶ କରିବାର ପଥ ସୁଗମ କରିଥିଲେ । ସାହିତ୍ୟିକ ତଥା ଗୁଣାତ୍ମକ ମୂଲ୍ୟାୟନ ଦୃଷ୍ଟିରୁ ପଞ୍ଚସଖାଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟର ଏକ କାଳଗତ ମୂଲ୍ୟ ଯେ ରହିଛି ତାହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଜଗନ୍ନାଥ ଦାସଙ୍କ 'ଭାଗବତ', ଅଚ୍ୟୁତାନନ୍ଦଙ୍କର 'ଶୂନ୍ୟ ସଂହିତା', ବଳରାମ ଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ', 'ପ୍ରେମଭକ୍ତି ଗୀତା'ର ଅବଦାନ ଯଥେଷ୍ଟ ରହିଛି । ସୁତରାଂ ଅଭିରାମ ପରମହଂସଙ୍କ କୃତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପୂର୍ବରୁ ତାଙ୍କଦ୍ୱାରା ପ୍ରଚାରିତ ଧର୍ମର ବା ଧର୍ମ ଦର୍ଶନର ବୈଶିଷ୍ଟ୍ୟ ସମ୍ପର୍କରେ ବିଶଦ ଆଲୋଚନା ହେବା ଆବଶ୍ୟକ ।

◆

## – ସହାୟକ ଗ୍ରନ୍ଥାବଳୀ –

(୧) 'ମୋକ୍ଷପ୍ରାପ୍ତିର ସାଧନ' (ଶୀର୍ଷକ)-ସାମବେଦ-ସଂକଳନ : ଇଞ୍ଜିନିୟର ଶ୍ରୀ ପ୍ରିୟବ୍ରତ ଦାସ । (ଉତ୍ତରାର୍ଚ୍ଚିକ : ୭, ୧, ୧୧, ୩)

(୨) ଓଡ଼ିଆ ସାହିତ୍ୟର ଇତିହାସ-(ମଞ୍ଚସଖା ବିଶେଷାଙ୍କ) ତୃତୀୟ ଭାଗ । ଲେଖକ : ଡଃ ବଂଶୀଧର ମହାନ୍ତି । ଆଲୋଚନା : ଭାରତରେ ବୈଷ୍ଣବଧର୍ମର ଉତ୍ପତ୍ତି ଓ ବିକାଶ' ପୃ-୨, ୩, ୪ ।

(୩) ବାଇବେଲ୍‌ରେ ପ୍ରକାଶିତ ଏହି ପ୍ରସଙ୍ଗଟିକୁ 'ଓଡ଼ିଆ ସାହିତ୍ୟର ଇତିହାସ' ଡଃ. ବଂଶୀଧର ମହାନ୍ତିଙ୍କ ପୁସ୍ତକରୁ ଗ୍ରହଣ କରାଯାଇଛି । ପୃ-୪ ।

(୪) ଓଡ଼ିଆ ସାହିତ୍ୟର ଇତିହାସ- (ପ୍ରଥମ ଭାଗ) ଡ଼ଃ. ସୂର୍ଯ୍ୟନାରାୟଣ ଦାସ । ଆଲୋଚନା : ଉତ୍କଳରେ ବୈଷ୍ଣବଧର୍ମ ପ୍ରବାହ । ପୃ-୩୩୩, ୩୩୪ ।

(୫) ଏଜନ ।

(୬) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ- ଲେଖକ : ଡଃ. ସୁରେନ୍ଦ୍ର ମହାନ୍ତି । ଆଲୋଚନା : 'ପଞ୍ଚସଖା ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମି' । ପୃ-୨୩୧ ।

(୭) ଏବଂ (୮) ପୂର୍ବୋକ୍ତ ନଂ. ୬ରୁ ଗ୍ରହଣ କରାଯାଇଛି ।

(୯) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ- ଲେଖକ : ସୁରେନ୍ଦ୍ର ମହାନ୍ତି । ଆଲୋଚନା : ପଞ୍ଚସଖା ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମି । ପୃ-୨୩୫, ୨୩୬ ।

(୧୦) ଏଜନ ।

(୧୧) ପୂର୍ବୋକ୍ତ ନଂ ୧୦-ପୃ-୨୩୭ ।

(୧୨) ପୂର୍ବୋକ୍ତ ନଂ ୧୦-ପୃ-୨୩୮ ।

(୧୩) ପୂର୍ବୋକ୍ତ ନଂ ୧୦-ପୃ-୨୪୨ ।

◆

## ଅଭିରାମ ପରମହଂସଙ୍କ ଦ୍ୱାରା ପ୍ରଚାରିତ ଧର୍ମର ଆଭିମୁଖ୍ୟ ତଥା ଧର୍ମ ଦର୍ଶନର ବୈଶିଷ୍ଟ୍ୟ :

ଯେଉଁସବୁ ମୌଳିକ ତତ୍ତ୍ୱ ଉପରେ ସନାତନ ଧର୍ମର ପ୍ରତିଷ୍ଠା ସମ୍ଭବ ହୋଇଛି ସେଥି ମଧ୍ୟରୁ ଗୋଟିଏ ବିଶିଷ୍ଟ ଉପାଦାନ ହେଉଛି ମନୁଷ୍ୟ ଶରୀର ମଧ୍ୟସ୍ଥ ଆତ୍ମାର ଅସ୍ତିତ୍ୱ ଏବଂ ତାହାର ଅବିନଶ୍ୱରତା । ଫୁଲଟିଏ ଫୁଟିଛି, ତାହାର ସୁଗନ୍ଧରେ ଚତୁର୍ଦ୍ଦିଗ ସୁଗନ୍ଧିତ ହେଉଛି; ଏହା ପଛରେ ମଧ୍ୟ ଗୋଟିଏ ଜୀବନୀ ଶକ୍ତି କାର୍ଯ୍ୟ କରୁଛି । ତାହା ହିଁ ଆତ୍ମା । ପିଲାଟିଏ ଆକାଶକୁ ଚାହିଁ ହସୁଛି; ପ୍ରଜାପତିଟି ଫୁଲରେ ବସିଛି । ଏହାରି ପଛରେ କିଛି ଗୋଟାଏ କାର୍ଯ୍ୟ କାରଣର ସମ୍ପର୍କ ରହିଛି ନିଶ୍ଚୟ । ଅବଶ୍ୟ ଯୁକ୍ତି କରାଯାଇପାରେ, ଏହି ପ୍ରକୃତିର ମହନୀୟତା ମଣିଷକୁ ମୁଗ୍ଧ କରେ ବୋଲି ସେ ଜାଣୁ କି ନ ଜାଣୁ ତା'ର ସୌନ୍ଦର୍ଯ୍ୟକୁ ଉପଭୋଗ କରେ । ଏଠାରେ ଗୋଟିଏ ମୌଳିକ ପ୍ରଶ୍ନ ପ୍ରତ୍ୟେକ ମଣିଷ ଭିତରେ ଜାଗ୍ରତ ହୁଏ; ଏତେବଡ଼ ପୃଥିବୀ, ଆକାଶ, ଗ୍ରହ, ତାରା, ଚନ୍ଦ୍ର, ସୂର୍ଯ୍ୟ, ଗଛପତ୍ର, ନଦୀ, ସମୁଦ୍ରକୁ କିଏ ତା'ର ନିଖୁଣ ହସ୍ତରେ ତିଆରି କରିଛି । ଏହି ସୂକ୍ଷ୍ମ ତତ୍ତ୍ୱଟି ସନ୍ଧାନ କରିବାକୁ ଯାଇ ସେ ଅନୁଭବ କରେ ନିଜ ଭିତରେ ଏକ ଅନନୁଭୂତ ଦିବ୍ୟସତ୍ତାର ଆକର୍ଷଣ । ଏହି ଆକର୍ଷଣ ହିଁ ଆତ୍ମାନୁସନ୍ଧାନ । ଏହି ବିଜ୍ଞାନ ହିଁ ବିଶ୍ୱସୃଷ୍ଟିର ରହସ୍ୟ ଉନ୍ମୋଚନ କରେ । ସର୍ବଶେଷ ସିଦ୍ଧାନ୍ତରେ ମଣିଷ ପହଞ୍ଚି ଏକ ନୂତନ ଦିଗ୍‌ଦର୍ଶନ ସମଗ୍ର ମାନବ ଜାତିକୁ ଦିଏ ତାହା ହେଉଛି– ଶରୀର ମରଣଶୀଳ; କିନ୍ତୁ ତା'ର ଆତ୍ମା ହିଁ ଅମର ଏବଂ ଅକ୍ଷୟ ।

ଦେହର ମୃତ୍ୟୁ ହେଲେ ଆତ୍ମାର ମୃତ୍ୟୁ ହୁଏ ନାହିଁ । ସେ ପରମାତ୍ମାରେ ଲୀନ ହୋଇଯାଏ କିମ୍ବା ଅନ୍ୟ ଦେହ ଧାରଣ କରେ । ମନୁଷ୍ୟର ଯେ ଦୁଇଟି ସତ୍ତା ଯଥାକ୍ରମେ ସ୍ଥୂଳ ଏବଂ ସୂକ୍ଷ୍ମ ଭାବରେ ରହିଛି ତାହା ପ୍ରତ୍ୟେକ ଜାଣନ୍ତି । ସୁତରାଂ ଏହି ରକ୍ତମାଂସର ଦେହକୁ ପଞ୍ଚଭୂତର ସମାହାର ବୋଲି କୁହାଯାଇଥାଏ ।

ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ ପ୍ରଭୃତି ପଞ୍ଚଭୂତର ସମ୍ମିଶ୍ରଣରେ ଆମର ଦେହ ଗଠିତ ହୋଇଛି । ଏମାନଙ୍କ ମଧ୍ୟରୁ କ୍ଷିତି ବା ପୃଥିବୀର ଅଂଶ ସ୍ଥୂଳତମ– ଏହାର ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଶ ଏହି ପାଞ୍ଚୋଟି ଯାକ ଗୁଣ ନିହିତ ଅଛି । କିନ୍ତୁ ଏହି କ୍ଷିତି ଠାରୁ ଅପ୍ ବା ଜଳ ସ୍ଥୂଳତର । ଏହାର ରୂପ, ରସ, ଶବ୍ଦ ଓ ସ୍ପର୍ଶ ଚାରୋଟି ଗୁଣ ଅଛି । କିନ୍ତୁ ଏହା ଠାରୁ ନୁହେଁ ବୋହି ଯାଇପାରେ । ତେଜ ବା ଅଗ୍ନିର ତିନୋଟି ଗୁଣ

ଅଛି– ରୂପ, ଶବ୍ଦ ଓ ସ୍ପର୍ଶ । ଏହା ଦୁଇଗୁଣ ବିଶିଷ୍ଟ ସୂକ୍ଷ୍ମ ପଦାର୍ଥ । ଏହା ଯେଉଁଆଡ଼େ ଇଚ୍ଛା ସେହି ଆଡ଼କୁ ଗତି କରିଥାଏ । ବ୍ୟୋମ ବା ଆକାଶ ସୂକ୍ଷ୍ମତର । ଶବ୍ଦ ଏହାର ଏକମାତ୍ର ଗୁଣ । ଏହା ସର୍ବବ୍ୟାପୀ କିନ୍ତୁ ଆତ୍ମାର କୌଣସି ଗୁଣ ନାହିଁ, ଆତ୍ମା ନିର୍ଗୁଣ ହୋଇଥିବାରୁ ସୂକ୍ଷ୍ମତମ ଅବାଙ୍‌ମାନସ ଗୋଚର ଭାବରେ କଥିତ ହୁଏ । ବୈଦିକ ଯୁଗରୁ ଆରମ୍ଭ କରି ଆଜିର ଆଧୁନିକ ଯୁଗ ପର୍ଯ୍ୟନ୍ତ ବିଶ୍ୱର ଶତ ଶତ ମନୀଷୀ, ସାଧୁ–ସନ୍ଥ ତଥା ଜିଜ୍ଞାସୁ ସତ୍ୟାନୁସନ୍ଧୀ ମହାପୁରୁଷମାନେ ଏହି ମୌଳିକ ତତ୍ତ୍ୱଗୁଡ଼ିକୁ ଉପଲବ୍ଧି କରି ଆସିଛନ୍ତି ତଥା ମାନବର ସର୍ବଶ୍ରେଷ୍ଠ ଆତ୍ମିକ ଉନ୍ନତିର ପଥ ଦର୍ଶାଇ ଦେଇଛନ୍ତି । ଏହି ଆତ୍ମୋପଲବ୍ଧି ଯେତେ ଯେତେ ବୃଦ୍ଧି ପ୍ରାପ୍ତ ହେବ ସେତିକି ପରିମାଣରେ ଜୀବନର ରୋଗ, ଶୋକ, ପାପତାପର ଭାରା କମି କମି ଆସିବ । ସମଗ୍ର ମନୁଷ୍ୟ ଜାତି ସୁସ୍ଥ, ନିରାମୟ, ନିର୍ଭୟ ଜୀବନଯାପନ କରିବ । ମନୁଷ୍ୟ ଜନ୍ମ ନିରର୍ଥକ ନୁହେଁ; ଏହା କୋଟିଏ ଜନ୍ମର ତପସ୍ୟାର ଫଳ । ଅମୃତର ସୃଷ୍ଟି ଏହି ମଣିଷ ।

ବୈଦିକ ଯୁଗରେ ଦିବ୍ୟଦ୍ରଷ୍ଟା ଋଷିମାନେ ମଣିଷ ଭିତରେ ଆତ୍ମା ଅନାତ୍ମା ବିଚାର କରି ଜୀବନର ଗତିପଥକୁ ନିୟନ୍ତ୍ରଣ କରୁଥିଲେ । ଏହି ନିୟମ ଯୋଗୁଁ ସେମାନେ ପୃଥିବୀର ଶ୍ରେଷ୍ଠ ମାନବ ଭାବରେ ଗଣ୍ୟ ହେଉଥିଲେ ଓ ସେମାନଙ୍କର ଅବଦାନ ବର୍ତ୍ତମାନ ସୁଦ୍ଧା ଭାରତକୁ ଆଧ୍ୟାତ୍ମିକ କ୍ଷେତ୍ରରେ ପୃଥିବୀର ଶୀର୍ଷ ସ୍ଥାନରେ ରଖି ପାରିଛି । ସାଂପ୍ରତିକ ମଣିଷ କେବଳ ଭୌତିକ ସୁଖର ଅନୁସନ୍ଧାନରେ ନିଜକୁ ନିୟୋଜିତ କରୁଛି ଏବଂ ଅଶାନ୍ତ ଚିତ୍ତରେ କାଳାତିପାତ କରୁଛି । ସଂକ୍ଷେପରେ ଏହି ଆତ୍ମାର ସ୍ୱରୂପ ନିର୍ଣ୍ଣୟ କରାଯାଇପାରେ; ଏହା ଏକ ନିତ୍ୟ ଅବିକାର ବସ୍ତୁର ବିକାଶ ଏବଂ ପ୍ରକାଶ ମାତ୍ର । ଏହି ବସ୍ତୁର ଧାରଣାରେ କୌଣସି ଜାଗତିକ ଅଶାନ୍ତି, ସୁଖ–ଦୁଃଖ, ଶୀତୋଷ୍ଣାଦି ଅନୁଭବ କରି ହୁଏ ନାହିଁ । ଏହି ସାଂସାରିକ ବିକାରରୁ ତାହା ଅତୀତ । ଚେତନାର ପରମ ପୀଠ ହେଉଛି ଏହି ଅନନ୍ତ ବିଶ୍ୱ ।

ସାଧକ ଶ୍ରୀ ଅଭିରାମ ପରମହଂସ ଏଭଳି ଏକ ଅବକ୍ଷୟ କାଳରେ ଜନ୍ମଗ୍ରହଣ କରିଥିଲେ ଯେତେବେଳେ ସମାଜରେ ଧର୍ମ ନାମରେ ସୀମାତୀତ ଭ୍ରଷ୍ଟାଚାର, ଦୁର୍ନୀତି ପ୍ରବେଶ କରି ତାହାର ମୌଳିକ ଆଦର୍ଶକୁ ସମ୍ପୂର୍ଣ୍ଣଗ୍ରାସ କରିଥିଲା । ପୂର୍ବ ପରମ୍ପରାକୁ ପୁନଃ ଜାଗ୍ରତ କରାଇବା ପାଇଁ ତଥା ଧର୍ମର ସଂସ୍ଥାପନ ପାଇଁ ସେ ସଂସ୍କାରକର ଭୂମିକା ଗ୍ରହଣ କରିଥିଲେ । ମୌଳିକ ତତ୍ତ୍ୱଗୁଡ଼ିକୁ ସରଳ ଏବଂ ପ୍ରାଞ୍ଜଳ ଭାବରେ ଜନସାଧାରଣଙ୍କୁ ବୁଝାଇବା ପାଇଁ ସେ ଶତଶତ ଭଜନ, ଜଣାଣ ରଚନା କରି ଯାଇଛନ୍ତି । ଶ୍ରୀଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ଶୁଦ୍ଧା ଭକ୍ତିବାଦ ବା ଅପ୍ରାକୃତ ପ୍ରେମର ସ୍ୱରୂପ ପରବର୍ତ୍ତୀ କାଳରେ ଉତ୍କଳର

ଆଧ୍ୟାତ୍ମିକ ଇତିହାସରେ ତା'ର ଭାଗବତ ଆଭିମୁଖ୍ୟ ହରାଇ ସହଜିଆ ବୈଷ୍ଣବ ସାଧକମାନଙ୍କର ନିଜସ୍ୱ ଯୌନ-ପ୍ରବୃତ୍ତି ଚରିତାର୍ଥର ଏକ ବଳିଷ୍ଠ ମାଧ୍ୟମ ହୋଇଥିଲା । ରାଧାକୃଷ୍ଣ ମିଳନକୁ ଶ୍ରୀ ଚୈତନ୍ୟ ଜୀବ ସହିତ ପରମର ମିଳନ ବୋଲି କହିଥିଲା ବେଳେ ସହଜିଆ ଗୋଷ୍ଠୀ ନରନାରୀଙ୍କର ସାଧାରଣ ଶୃଙ୍ଗାର ବା ରତି ଉତ୍ତେଜନାକୁ ମହାଭାବ ବା ରାସଲୀଳା ନାମରେ ଖ୍ୟାତ କରିଥିଲେ । ଏହି ପରିକଳ୍ପନା, ଭାବନା ଓ ସାଧନା ଏକଦା ବୌଦ୍ଧ ଧର୍ମକୁ ଯେପରି ପ୍ରଭାବିତ କରିଥିଲା ସେହିପରି ବାମାଚାରୀ ତନ୍ତ୍ର, ଶୈବ ଧର୍ମ ତଥା ଭାଗବତ ଧର୍ମ ଏପରିକି ପରିଶେଷରେ ବୈଷ୍ଣବ ଭକ୍ତି ଧର୍ମକୁ ମଧ୍ୟ କବଳିତ କରିଥିଲା । ଉତ୍କଳୀୟ ବୈଷ୍ଣବ ଧର୍ମରେ ଶୂନ୍ୟବାଦ, କ୍ଲିଷ୍ଟଯୋଗ ସାଧନା, ତାନ୍ତ୍ରିକ ପଦ୍ଧତି, ହଠଯୋଗ, ନାଥପନ୍ଥୀମାନଙ୍କର ଦୁଃସାଧ୍ୟ ସାଧନ ପ୍ରଣାଳୀ ପ୍ରଭୃତି ମିଶିଯାଇ ଏକ କିମ୍ଭୁତ କିମାକାର ପରିସ୍ଥିତି ସୃଷ୍ଟି କରିଥିଲା । ଏହି ଦୁଇ ଧର୍ମ ଯଥା ଉତ୍କଳୀୟ ବୈଷ୍ଣବ ଧର୍ମ ଏବଂ ଗୌଡ଼ୀୟ ବୈଷ୍ଣବ ଧର୍ମର ସମନ୍ୱୟରେ ଶ୍ରୀ ଅଭିରାମ ପରମହଂସ ଜ୍ଞାନ ଓ ଭକ୍ତିର ଏକ ସୁଚିନ୍ତିତ ବ୍ୟାଖ୍ୟା କରି ଯାଇଛନ୍ତି । ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ପ୍ରେମ ଧର୍ମରେ ରାଧା ଏବଂ କୃଷ୍ଣ ପ୍ରେମିକ ବା ପ୍ରେମିକା ନୁହନ୍ତି ବରଂ ସୃଷ୍ଟିର ଅପ୍ରାକୃତ ଲୀଳା ଜୀବାତ୍ମା ସହିତ ପରମାତ୍ମାର ହେତୁ ସଦୃଶ ବିଦ୍ୟମାନ ।

ରାଧିକା ହେଉଛନ୍ତି ମହାଭାବମୟୀ; ଜ୍ୟୋତିର୍ମୟୀ ନାରୀ । ସେ ଅଖିଳ ଭାବର କ୍ରିୟାତ୍ମିକା ରୂପ । ଗୌଡ଼ୀୟ ବୈଷ୍ଣବ ମତରେ ନବଧା ଭକ୍ତିଭାବ ଦ୍ୱାରା ଭଗବତ୍ ପ୍ରାପ୍ତି ସମ୍ଭବ ହୁଏ । ଏହି ଭକ୍ତି ହିଁ କୃଷ୍ଣୋପଲବ୍ଧି ବା ସାଧ୍ୟ ସାଧନାର ଏକମାତ୍ର ମାଧ୍ୟମ ସଦୃଶ । ଶ୍ରୀକୃଷ୍ଣଙ୍କ ନିକଟରେ ଭକ୍ତ ମୋକ୍ଷଠାରୁ ସୁଦ୍ଧା ଅଧିକ କାମ୍ୟ ଏବଂ ଶ୍ରେଷ୍ଠ । ଏହି ଭକ୍ତମାନଙ୍କ ମଧ୍ୟରେ ରାଧା ହିଁ ଶ୍ରେଷ୍ଠା, ଗୋପୀମାନେ ହିଁ ସାର୍ଥକ ପ୍ରେମିକା । ଜ୍ଞାନ, କର୍ମ ଏବଂ ଯୋଗ ଅପେକ୍ଷା ଭକ୍ତି ଶ୍ରେଷ୍ଠ ବୋଲି ଶ୍ରୀ ଚୈତନ୍ୟ ପ୍ରତିପାଦିତ କରିଛନ୍ତି । ସେ କହିଛନ୍ତି-

"ଏଇତ ସାଧନ ଭକ୍ତି-ଦୁଇ ପ୍ରକାର ।
ଏକ ବୈଧୀ ଭକ୍ତି; ରାଗାନୁଗା ଭକ୍ତିଆର ।" (୧)

ଅନୁରାଗ ବା ଭାବହୀନ, ଶାସ୍ତ୍ରହୀନ, ଶାସ୍ତ୍ର ନିର୍ଦ୍ଦିଷ୍ଟ ବା ଆଚାରଶୀଳ ଭକ୍ତିକୁ ବୈଧୀଭକ୍ତି ବୋଲି କୁହାଯାଇଛି । ରାଗାନୁଗା ବା ରାଗାତ୍ମିକା ଭକ୍ତିରେ ମଧ୍ୟ କୁହାଯାଇଛି ଯେ ବ୍ରଜବାସୀ ଭାବରେ କୃଷ୍ଣସେବା ହିଁ ପରମ ଶ୍ରେୟ ହେବା ଉଚିତ । ତେଣୁ ସାଧକମାନେ ନିଜକୁ ଗୋପୀ ଭାବରେ ଅନୁବନ୍ଧିତ କରାଇବାକୁ ଚେଷ୍ଟା କରିଥାନ୍ତି । ଗୋପୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠା ରାଧା ହିଁ ଶ୍ରୀ ଚୈତନ୍ୟଙ୍କ ଭାବଧାରାର ଏକ ସମ୍ମିଶ୍ରିତ ରୂପ ବୋଲି କୁହାଯାଏ ।

ଶ୍ରୀ ଚୈତନ୍ୟ କୃଷ୍ଣଙ୍କ ଅବତାର ହେଲେ ହେଁ ସ୍ୱରୂପ ଏବଂ ଅନ୍ତଃସ୍ମରଣରେ ରାଧାଭାବର ସୁଲଳିତ ମାଧୁର୍ଯ୍ୟରେ ପରିପୂର୍ଣ୍ଣ ଥିଲେ । ରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କର ସ୍ୱରୂପାଶକ୍ତି ବା ଆହ୍ଲାଦିନୀଶକ୍ତି ସଦୃଶ । ବିଶେଷତଃ ଏହି ରାଧାଭାବ ହିଁ ଅଭିରାମ ପରମହଂସଙ୍କୁ ସତତ ପ୍ରଭାବିତ କରିଥିଲା । ତେଣୁ ରାଧାଙ୍କ ଭଳି ମହାଭାବରେ ପ୍ରକୃତ ଜ୍ଞାନ ଲାଭକରି ସେ ପରମାତ୍ମାଙ୍କ ସନ୍ଧାନ ପାଇଥିଲେ । ତାଙ୍କର ଧର୍ମର ଆଭିମୁଖ୍ୟରେ ଉତ୍କଳୀୟ ପଞ୍ଚସଖା ଯୁଗୀୟ ତଥା ବହୁ ପ୍ରାଚୀନ ବ୍ରହ୍ମୋପାସନାରେ ନିଗୂଢ଼ ସହଜ-ସାଧନା ସ୍ପଷ୍ଟ ଭାବରେ ପ୍ରକାଶିତ ହେଲା । ଆତ୍ମୋପଲବ୍ଧି ପାଇଁ କଠୋର ଯୋଗ ସାଧନା ଅନାବଶ୍ୟକ ଏହି ସୂକ୍ଷ୍ମ ସରଳ ତତ୍ତ୍ୱଟିକୁ ସେ ପ୍ରାଞ୍ଜଳ ଭାବରେ ପ୍ରକାଶ କଲେ । ସେଗୁଡ଼ିକୁ ନିମ୍ନମତେ ଉଲ୍ଲେଖ କରାଯାଇଛି ।

## ଭାବ ଏବଂ ପ୍ରେମ

"ଭଗବାନଙ୍କ ପ୍ରତି ପ୍ରେମ ଜାଗ୍ରତ ହେବା ପୂର୍ବରୁ ଭାବ ଜାତ ହୁଏ । ଏହି ଭାବ ଜାଗ୍ରତ ହେଲେ ପ୍ରେମ ସୃଷ୍ଟି ହୁଏ । ଏହି ଅନନ୍ତ ପ୍ରେମର କୌଣସି କୂଳକିନାରା ନାହିଁ । ଯେତେବେଳେ ପ୍ରେମ-ଭାବ ମିଶି ଏକାକାର ହୁଅନ୍ତି ସେତେବେଳେ ନିର୍ଗୁଣ ଅବସ୍ଥା ସମାହିତ ହୁଏ । ଏହି ନିର୍ଗୁଣ ସଙ୍ଗେ ହିଁ ସଗୁଣ ସତ୍ତାର ମିଳନ ହୁଏ । ରାଧା ହେଉଛନ୍ତି ମହାଭାବମୟୀ, ପ୍ରେମମୟୀ ତଥା ତାଙ୍କର ଏହି ମହାଭାବ ସହିତ କୃଷ୍ଣ ମିଳିତ ହୁଅନ୍ତି । ପରିଶେଷରେ ଏହି ତନ୍ମୟ ଅବସ୍ଥା ଯାଇ ସମାଧିସ୍ଥ ସ୍ତରରେ ପହଞ୍ଚେ । ଏହାକୁ ତେଣୁ ଗୁଣାତୀତ ବୋଲି ମଧ୍ୟ କହନ୍ତି । ଏଣୁ ରାଧା ସଂସାରକୁ ଭୁଲି, ଦେହଜ୍ଞାନ ଭୁଲି ନିର୍ଗୁଣ ଅବସ୍ଥାରେ ଶ୍ରୀକୃଷ୍ଣଙ୍କ ସହିତ ଲୀନ ହୋଇଯାନ୍ତି । ଏହି ନିର୍ଗୁଣ ସଙ୍ଗେ ସଗୁଣର ମିଳନ ହେତୁ ଶ୍ରୀକୃଷ୍ଣ ରାଧାଙ୍କୁ ଗୁରୁଭାବରେ ସ୍ୱୀକାର କରନ୍ତି । ଏହି ଜୀବ ହିଁ ଶିବର ଏକ ରୂପାନ୍ତର । ତେଣୁ ଜୀବକୁ ପରା ପ୍ରକୃତି ବୋଲି କୁହାଯାଇଥାଏ । ଜୀବର ଅଙ୍ଗ ପ୍ରକୃତିର ଅଙ୍ଗ ହେବାରୁ ଶିବ ପ୍ରେମରେ ନିମଜ୍ଜିତ ହୋଇ ନିର୍ଗୁଣ ହୋଇଛନ୍ତି । ଏହି ନିର୍ଗୁଣଙ୍କ ଉପରେ ସଗୁଣ ବା ଗୁଣମୟୀ ନୃତ୍ୟ କରୁଛନ୍ତି । ଶିବ ମଧ୍ୟ ଏହି ମହାଭାବରେ ବୁଡ଼ିଯାଇ ନିଜକୁ ଭୁଲି ଯାଇଛନ୍ତି । ଏହି ଅନନ୍ତ ପ୍ରେମରେ ଯେତେବେଳେ ସମାଧି ଅବସ୍ଥା ଆସେ ବା ନିର୍ଗୁଣତ୍ୱ ପ୍ରାପ୍ତହୁଏ ସେତେବେଳେ ସେହି ଅବସ୍ଥା ହିଁ ଏକ ଅଦ୍ୱୈତ ସ୍ଥିତି ସୃଷ୍ଟି କରେ ।" (୨)

## ଜୀବ ଏବଂ ଆତ୍ମାର ସ୍ୱରୂପ

ଯିଏ ବ୍ରହ୍ମ ସେ ହିଁ ପରମାତ୍ମା ବୋଲି ଶ୍ରୀମଦ୍ ଭାଗବତ ଘୋଷଣା କରେ । ଯେଉଁ ପରମାର୍ଥ ତତ୍ତ୍ୱ ଅଖଣ୍ଡ ଏକ ରସ ହୋଇ ସର୍ବଲୋକ, ସର୍ବକାଳ ଓ ସର୍ବକରଣ ମଧ୍ୟରେ

ଅବିଚ୍ଛିନ୍ନ ସତ୍ତାରେ ବିଦ୍ୟମାନ; ସେହି ଅମୃତ ଅନିର୍ବଚନୀୟ ସତ୍ତା ହିଁ ବ୍ରହ୍ମ ବା ସର୍ବବ୍ୟାପକ । ଏହି ବ୍ରହ୍ମଙ୍କୁ ଆତ୍ମାସ୍ୱରୂପ ଭାବରେ ଗ୍ରହଣ କରି ଶ୍ରୀ ଅଭିରାମ ପରମହଂସ ତାଙ୍କର ବିଭିନ୍ନ ଜଣାଣମାନଙ୍କରେ ଉଲ୍ଲେଖ କରୁଛନ୍ତି–

"ଅରୂପାନନ୍ଦ ପୁରୁଷ କିମ୍ପା ହେଲ ହୃଦବରଣ

x x x

ଅରୂପରୁ ରୂପ ହୋଇ ଆସ ଖେଳିବା ପାଇଁ ।" (୩)

ପ୍ରଥମେ ଅରୂପ ରୂପାୟିତ ହୁଏ ରୂପରେ । ଦ୍ୱିତୀୟରେ ରୂପର ଆତ୍ମସମ୍ବିତ ଲୀଳା ଜାଗ୍ରତ ହୁଏ । ପ୍ରଥମଟି ହେଉଛି ଜଗତ୍ ବ୍ୟାପାରାତ୍ମକ ଏବଂ ଦ୍ୱିତୀୟଟି ଆରୋହଣ ପଦ୍ଧତି ନାମରେ ପରିଚିତ । ଉଭୟ ପଦ୍ଧତି 'ଲୀଳା' ବା 'ଖେଳା'ର ପରିପୂରକ ପକ୍ଷ ଭାବରେ କଥିତ ହୁଏ । ଅରୂପ ଯେତେବେଳେ ନିସ୍ତରଙ୍ଗ ସମୁଦ୍ରରେ ଲୀଳା ଶକ୍ତିର ଉପାଧିକ ହୋଇବସେ ସେତେବେଳେ ତରଙ୍ଗ ଉଦୟର ସମ୍ଭାବନା ଜନ୍ମେ । ସେହି ସମ୍ଭାବନାରୁ ଅଣୁ ଚୈତନ୍ୟ, ଜୀବ–ରୂପ ଲାଭ କରେ । ବ୍ରହ୍ମ ସୃଷ୍ଟି ଲୀଳା ବରଣ କଲାଭଳି ଜୀବ ମଧ୍ୟ ସୀମିତ ସୃଷ୍ଟିଲୀଳା ବରଣ କରେ । ଜୀବ ନିଜ ପ୍ରକୃତିରେ ହେଉଛି ପରମାତ୍ମା ରୂପକ ମହାଅଗ୍ନିର ସ୍ଫୁଲିଙ୍ଗ ସଦୃଶ । ଏହି ଜ୍ଞାନର ବିସ୍ମୃତ ହେତୁ ସେ ନିଜକୁ ଜନ୍ମ–ମୃତ୍ୟୁ, ଜରା ବ୍ୟାଧିର ଅଧୀନ ବୋଲି ମନେକରେ । ଏହି ଭ୍ରମ ହେଉଛି 'ଲୀଳା ବିସ୍ମୃତ'ର ଫଳ । ସଂସାର ମରଣ ଭୂମି ନୁହେଁ । ତାହା ଅମୃତ ସମୁଦ୍ରର ଲୀଳା ତରଙ୍ଗ ଭୂମି ଏହି ତତ୍ତ୍ୱ ଉପଦେଶ ଦେଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି– ପରା ଓ ଅପରା ଭେଦରେ ପ୍ରକୃତି ଦ୍ୱିବିଧା । ଜୀବଭୂତା ପ୍ରକୃତି ଚେତନାମୟୀ । ତାହା ହିଁ ପରା ପ୍ରକୃତି । ଅପରା ପ୍ରକୃତି ହେଉଛି ଅଷ୍ଟଧା । ଭୂମି, ଜଳ, ଅନଳ, ବାୟୁ ଓ ଆକାଶ ଏହି ପଞ୍ଚ ମହାଭୂତ ଓ ମନ, ବୁଦ୍ଧି, ଅହଙ୍କାର ଏହି ସମୁଦାୟ ଅଷ୍ଟତତ୍ତ୍ୱ ହେଉଛି ଅପରା ପ୍ରକୃତି । ଚେତନରୂପା ପ୍ରକୃତି ହିଁ ଏହି ଜଗତକୁ ଧାରଣ କରିଛି । ପରମେଶ୍ୱର ହେଉଛନ୍ତି ଏହି ଜଗତର ଏକାତ୍ର ଗତି–ଭର୍ତ୍ତା, ପ୍ରଭୁ, ସାକ୍ଷୀ ନିବାସ, ଶରଣ ଏବଂ ସୁହୃଦ୍ । ତାଙ୍କଠାରୁ ସମସ୍ତ ପଦାର୍ଥର ଉତ୍ପତ୍ତି ସମ୍ଭବ ହୋଇଛି । ପରଂବ୍ରହ୍ମଙ୍କୁ ପରା ଓ ଅପରା ଉଭୟ ପ୍ରକୃତିର ପ୍ରଭୁ ଓ ଭର୍ତ୍ତା ବୋଲି ଗ୍ରହଣ ନ କରି ଜୀବକୁ (ପରା ପ୍ରକୃତି) ଅପରା ପ୍ରକୃତିର ପ୍ରଭୁ ଓ ଭର୍ତ୍ତା ବୋଲି ଧାରଣା କରିବା ନିଶ୍ଚିତ ଭାବରେ ଭ୍ରମାତ୍ମକ । ଜୀବନ ନିଜେ ପ୍ରକୃତି–ରୂପ ହେଇଥିବାରୁ ନାରୀ ତତ୍ତ୍ୱ ଭାବରେ ଗୃହୀତ ହୁଏ; କିନ୍ତୁ ତାକୁ ପୁରୁଷ (କର୍ତ୍ତା ଓ ଭୋକ୍ତା) ବୋଲି ଜ୍ଞାନ କରି ଅପରା ପ୍ରକୃତି ଜୀବକୁ ଲଜ୍ଜିତ କରାଉଛି । ସେହି ଲଜ୍ଜାରୁ ଉଦ୍ଧାର ପାଇବା ପାଇଁ ପରା ଓ ଅପରା ଉଭୟ ପ୍ରକୃତିର ପତି; ପରମାତ୍ମାଙ୍କୁ ଜୀବ ମିନତି କରି କହୁଛି– "ଯେତେ କହିଲେ ତ ଏ

ଅପରା ପ୍ରକୃତି ବୁଝୁନାହିଁ ଯେ ମୁଁ ପୁରୁଷ (କର୍ତ୍ତା ଓ ଭୋକ୍ତା) ନୁହେଁ । ସେ ମୋଠାରେ ପୁରୁଷ ଜ୍ଞାନ କରୁଛି । ଆପଣ ଯେ ଆମ ଦୁହିଁଙ୍କର ଏକ ପତି; ଏକଥା ସେ ବୁଝୁନାହିଁ । ତାକୁ ସଦ୍‌ଗତି ଦିଅ, ମତେ ଲଜ୍ଜାରୁ ପାରିକର ।''(୪)

ପରମାତ୍ମାଙ୍କଠାରେ ସମ୍ପୂର୍ଣ୍ଣରୂପେ ଆତ୍ମସମର୍ପଣ କରି ନିଜର ସକଳ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱକୁ ସମୂଳେ ପରିହାର କରିବା ହିଁ ଯୋଗସିଦ୍ଧିର ପ୍ରାଥମିକ ସୋପାନ ବୋଲି ଆଲୋଚ୍ୟ କବି ଶ୍ରୀ ଅଭିରାମ ତାଙ୍କର ରଚନାବଳୀମାନଙ୍କରେ ସ୍ପଷ୍ଟ ସୂଚାଇ ଦେଇଛନ୍ତି । ସେ ମଧ୍ୟ ସ୍ୱୀକାର କରୁଛନ୍ତି ଯେ ଅପରା ପ୍ରକୃତି ପ୍ରତି ମୁହୂର୍ତ୍ତରେ ଜୀବକୁ ଟାଣି ନେଉଛି । ପଞ୍ଚମହାଭୂତ ବିକାର ବିଷୟାଦିର ଭୋଗତୃଷ୍ଣା, ଅହଙ୍କାରର ଆତ୍ମ-କୈନ୍ଦ୍ରିକ ପକ୍ଷପାତିତା ଏବଂ ମନ ତଥା ବୁଦ୍ଧିର ଚଞ୍ଚଳତା ହେତୁ ଜୀବ ପରମାତ୍ମାଠାରୁ ଦୂରକୁ ଅପସରି ଯାଉଛି । ସ୍ୱରୂପତଃ ଜୀବାତ୍ମାର ଅନ୍ତରାତ୍ମା ହେଉଛନ୍ତି ପରମାତ୍ମା । ତେଣୁ ଜୀବ ତାକୁ ଆତୁର କଣ୍ଠରେ ଡାକି ଡାକି କହୁଛି- ''ହେ ପ୍ରିୟତମ ପରମାତ୍ମା ! ମୁଁ ତୁମ୍ଭର ! ତୁମ୍ଭେ ମୋର ଗତି, ତୁମ୍ଭେ ମୋର କର୍ତ୍ତା, ତୁମ୍ଭ ବିନା ମୋର ସୌଭାଗ୍ୟ କାହିଁ ? ତୁମ୍ଭେ ମତେ ଛାଡ଼ିପାର, ତୁମେ ମତେ ଯହିଁ ତହିଁ ରଖିପାର; କିନ୍ତୁ ହେ ପ୍ରିୟତମ ! ମୋର ଅତୁଟ ବିଶ୍ୱାସ ରହିଛି ଯେ ତୁମେ ମତେ ନିଶ୍ଚୟ ଖୋଜିବ ଥରେ । ତୁମର ଅହେତୁକୀ କରୁଣା ନିଶ୍ଚୟ ଦିନେ ଝରି ପଡ଼ିବ । ଜୀବ ମାତ୍ରକେ ଏହି ମହା କରୁଣାର ଅଧିକାରୀ । ପରମାତ୍ମା ଦିନେ ନା ଦିନେ ଏହି ଜୀବକୁ ଖୋଜିବ । ବୃନ୍ଦାବନ ବିହାରୀଙ୍କ ମୁରଲୀ ଯେଉଁଦିନ ରାଧା ରାଧା ବୋଲି ଡାକିବ, ସେଦିନ କୁଳ, ମାନ, ମହତ, ହଜାଇ ରାଧା ନିଶ୍ଚୟ ଧାଇଁବେ ବୃନ୍ଦାବନ । କେହି ଚିରଦିନ ବିଭୁ-ବିମୁଖ ହୋଇ ରହିପାରିବେ ନାହିଁ । କେହି ନିତ୍ୟ ପତିତ ନାହିଁ କି କେହି ବି ହୋଇ ପାରିବେ ନାହିଁ ।''(୫)

## କର୍ମ-ସମର୍ପଣ-ଯୋଗ

ଶ୍ରୀ ଅଭିରାମ ପରମହଂସ ଦେବ ତାଙ୍କ ଦର୍ଶନ ତତ୍ତ୍ୱରେ ସମର୍ପଣ ଯୋଗର ଗୁରୁତ୍ୱ ସମ୍ପର୍କରେ ବିଶେଷ ପ୍ରାଧାନ୍ୟ ଦେଇଛନ୍ତି । ସେ କହୁଛନ୍ତି କର୍ମ ହିଁ ଜୀବ ପାଇଁ ବ୍ୟବଧାନ ସୃଷ୍ଟିକରେ । କ୍ରିୟମାଣ, ସଞ୍ଚିତ ଏବଂ ପ୍ରାରବ୍ଧ ରୂପେ କର୍ମ ତା'ର ଫଳ କରିଯାଏ । ସ୍ୱର୍ଗ-ନର୍କ, ଦୁଃଖ-ସୁଖ, ପାପ-ପୁଣ୍ୟ, ଭଲ-ମନ୍ଦ ଇତ୍ୟାଦି ଜୀବକୁ ଭୋଗ କରିବାକୁ ହୋଇଥାଏ । କର୍ମରୁ ଫଳ ଓ ଫଳରୁ କର୍ମ ଏହି ରୀତିରେ ଜୀବ ଚକ୍ରାକାର ଗତିରେ ଘୂରିବୁଲେ । ଏଥିରୁ ସେ ସହଜରେ ନିଷ୍କୃତି ପାଏ ନାହିଁ । ସାଧନାଦ୍ୱାରା ବା କୃପା ଦ୍ୱାରା ଏହି କର୍ମଫଳ ରୂପକ ବନ୍ଧନରୁ ମୁକ୍ତ ହେଲେ ଜୀବ ନିଜର ସ୍ୱରୂପ ଜାଣିପାରେ । ଇନ୍ଦ୍ରିୟମାନେ ଯାହା କରନ୍ତି ତାହା ଜୀବର 'କର୍ମ' ନାମରେ ଅଭିହିତ ହୁଏ । ଈଶ୍ୱରଙ୍କ ଅଂଶ ଏହି

ଜୀବାତ୍ମାକୁ ରଖିବା ପାଇଁ ଆମର ଶରୀର ନିର୍ମିତ ହୋଇଛି । ଏହା ମଧ୍ୟରେ ଥିବା ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ ତଥା ମନ ବୁଦ୍ଧି ଆଦି ଅନ୍ତରେନ୍ଦ୍ରିୟମାନଙ୍କୁ ଜୀବ ଦାୟିତ୍ୱରେ ଦେଇ ପରଂବ୍ରହ୍ମ ଏଥିରେ ଏ ନିର୍ଲିପ୍ତ ଭାବରେ ଅବସ୍ଥାନ କରନ୍ତି । ଏହି ଇନ୍ଦ୍ରିୟ-ପରିବାରଙ୍କ ରକ୍ଷଣାବେକ୍ଷଣ ହିଁ ଜୀବର କର୍ତ୍ତବ୍ୟ କର୍ମ । ସେମାନଙ୍କୁ ଚଳାଇ ଜାଣିବା ବା ନ ଜାଣିବା ଉପରେ ନିର୍ଭର କରେ ତା'ର ବନ୍ଧନ ବା ମୁକ୍ତି । ଶ୍ରୀ ଅଭିରାମ ପରମହଂସ କର୍ମ ଯୋଗର ଏହି ସଙ୍କଟମୟ ପରିସ୍ଥିତିରୁ ଜୀବର ଉଦ୍ଧାର ପଥ ରୂପେ ସମର୍ପଣସାଧନକୁ ହିଁ ନିର୍ଦ୍ଦେଶ ଦେଇଛନ୍ତି । ଶରୀରର ଇନ୍ଦ୍ରିୟଗଣ ଈଶ୍ୱରଙ୍କର ଉପହାର । ସେମାନେ ଅସାଧ ହେଲେ ଜୀବର ଜଞ୍ଜାଳ ସୃଷ୍ଟି ହୁଏ । ତେଣୁ ସେ ଲେଖିଛନ୍ତି-

''ଜ୍ଞାନେନ୍ଦ୍ରିୟ କର୍ମେନ୍ଦ୍ରିୟ ମନ ବୁଦ୍ଧି,
ଏହି ଉପହାର ଦେଲ ଦୟାନିଧି ।
ତାକୁ ଅସାଧ କରିଣ କିମ୍ପା ଦେଲ,
ତାକୁ ଧରି ମୁଁ ହେଉଛି କଲବଲ ।'' (୬)

ଏହି ଦୁର୍ଦ୍ଦାନ୍ତ ସହଚରଗଣ ନିଷ୍କ୍ରିୟ ଅବସ୍ଥାରୁ ସକ୍ରିୟ ଅବସ୍ଥାକୁ ଆସିଲେ ସ୍ୱତନ୍ତ୍ର ହୋଇ ବିପଦର କାରଣ ହୋଇଥାନ୍ତି । ଏଣୁ ସକ୍ରିୟ ଅବସ୍ଥାକୁ ପ୍ରାପ୍ତ ହେବାକ୍ଷଣ ତାଙ୍କର କର୍ମକୁ ଈଶ୍ୱରାର୍ପଣ କଲେ; କର୍ମ-ବନ୍ଧନ ତଥା କର୍ମ-ଫଳ ବନ୍ଧନରୁ ଜୀବ ରକ୍ଷାପାଏ । ଭୋଜନ, ଦର୍ଶନ, ଶ୍ରବଣ ଆଦି ସକଳ କର୍ମ ସମର୍ପିତ ହେଲେ ଜୀବ ତାଙ୍କ କର୍ମଫଳରେ ଦାୟୀ ହୁଏ ନାହିଁ; ଅର୍ଥାତ୍ ଏଥିରୁ ସଞ୍ଚିତ ଓ ପ୍ରାରବ୍ଧ ସୃଷ୍ଟି ହୁଏ ନାହିଁ । ଏହି ପ୍ରସଙ୍ଗରେ ଶ୍ରୀ ଅଭିରାମ ପରମହଂସ ତାଙ୍କର 'କଳି ଭାଗବତ' ପୁସ୍ତକରେ ଉଲ୍ଲେଖ କରିଛନ୍ତି-

''ସର୍ବ ଶୁଣଇ ନ ଶୁଣଇ
ସର୍ବ ଦେଖଇ ନ ଦେଖଇ
ସର୍ବ ଖାଅଇ ନ ଖାଅଇ
ଆଘ୍ରାଣେ ନିଏ ନ ନିଅଇ
ସମସ୍ତ କର୍ମ କରୁଥାଇ
କୌଣସି କର୍ମରେ ନ ଥାଇ ।'' (୬)

ସମର୍ପଣ ଫଳରେ କର୍ମଫଳ ଆଉ ଜୀବକୁ ବାନ୍ଧି ରଖି ପାରେ ନାହିଁ । ଫଳରେ ସଂସାରରେ କର୍ମରତ ଥାଇ ମଧ୍ୟ ସାଧନ ନିଜକୁ ନିଷ୍କାମ ଏବଂ ପରିଣାମରେ ମୁକ୍ତିପ୍ରାପ୍ତ ହୋଇଛି ବୋଲି ଅନୁଭବ କରେ । ତାଙ୍କ ମତରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଯେଉଁ

ସମସ୍ତ ବିଭେଦ, ହିଂସା ଈର୍ଷା ଇତ୍ୟାଦି ରହିଛି ଏହାର ମୂଳ କାରଣ ହେଲା ଆତ୍ମଜ୍ଞାନର ଅଭାବ । ଆତ୍ମ ସମର୍ପଣ କରିବା ଦ୍ୱାରା ସାଧକ ମଣିଷ ଅନ୍ତରରେ ଥିବା ସୁପ୍ତ ଭଗବତ୍ ସତ୍ତାର ଅସ୍ତିତ୍ୱକୁ ଉପଲବ୍ଧି କରେ ତଥା ଜଗତରେ ଧର୍ମ ଜ୍ଞାନର ଅଭିବୃଦ୍ଧି ଘଟେ । ସୁତରାଂ ପ୍ରତ୍ୟେକ ମଣିଷ ନିଜ ଜୀବନକୁ ବ୍ୟର୍ଥ ମନେ ନ କରି ସେହି ଲୁପ୍ତ ଭଗବତ୍ ସତ୍ତାକୁ ହୃଦୟରେ ଅନୁଭବ କରିବା ଉଚିତ । କାରଣ ଏହି ଆଧ୍ୟାତ୍ମିକ ଭାବଟି ମନରେ ସଦାସର୍ବଦା କେନ୍ଦ୍ରୀଭୂତ ହେଲେ ଅହଂ–ରୂପୀ ଦାନବର ଶକ୍ତି କ୍ରମଶଃ କ୍ଷୟ ହୋଇଯାଏ । କୌଣସି ଶତ୍ରୁ–ମିତ୍ର ଭେଦ ତଥା ପର–ଆପଣାର ଭାବ କିଛି ରହେ ନାହିଁ । ଏକ ଉଦାର ସାର୍ବଜନୀନ ମୈତ୍ରୀ–ବନ୍ଧନରେ ସମଗ୍ର ମାନବ ସମାଜ ଗ୍ରଥିତ ହୋଇ ଅନୁପ୍ରାଣିତ ହୁଏ ।

## କର୍ମଯୋଗ ଏବଂ ଭକ୍ତିଯୋଗ

କର୍ମଯୋଗ ଓ ଭକ୍ତିଯୋଗ ମଧ୍ୟରେ ସୁବର୍ଣ୍ଣ ସେତୁ ହେଉଛି ସମର୍ପଣ ଭାବ । ନିଜ ଶରୀରକୁ ଭଗବାନଙ୍କୁ ସମର୍ପଣ କରି ସାରିବା ପରେ ଭକ୍ତର ଶରୀର ଆଉ ଭକ୍ତର ହୋଇ ରହେ ନାହିଁ । ତାହା ଭଗବାନଙ୍କର ହୋଇଯାଏ । ଏଭଳି ଭକ୍ତଙ୍କୁ 'ଅଙ୍ଗଦେହୀ' ଭକ୍ତ ବୋଲି ଆଖ୍ୟାତ କରାଯାଇଛି । ଯିଏ ଅନୁଭବ କରିଛି ଯେ ଶରୀର ତାହାର ନୁହେଁ, ସେ ଶରୀର ବାସ୍ତବରେ ଭଗବାନଙ୍କର ତଥା ସେ ହିଁ ଗୋପୀ ଭକ୍ତିର ମର୍ମ ଅନୁଭବ କରିପାରେ । ଗୋପୀମାନେ ଥିଲେ ଶ୍ରୀକୃଷ୍ଣଙ୍କର ଏହି ପ୍ରକାର ଅଙ୍ଗଦେହୀ ଭକ୍ତ । 'କଳି ଭାଗବତ'ର ତ୍ରୟୋବିଂଶ ଅଧ୍ୟାୟରେ କାମୀ ଓ ପ୍ରେମୀ ଭକ୍ତ ମୀମାଂସା କଥନ ପ୍ରସଙ୍ଗରେ ଶ୍ରୀ ଅଭିରାମ ପରମହଂସ ଯେଉଁ ଗୋପୀ–ନାରଦ ଉପାଖ୍ୟାନର ଅବତାରଣା କରିଛନ୍ତି ତହିଁରେ 'ଅଙ୍ଗଦେହୀ ଭକ୍ତ'ର ସ୍ୱଲକ୍ଷଣ ମର୍ଯ୍ୟାଦା ପ୍ରକାଶିତ ହୋଇଛି । ଶ୍ରୀକୃଷ୍ଣ ସ୍ୱୟଂ କହୁଛନ୍ତି–

"ଗୋପୀ ମୋହର ଅଙ୍ଗ ଦେହୀ,
ଯାଙ୍କଠାରୁ କେ ଶ୍ରେଷ୍ଠ ନାହିଁ ।
ଗୋପୀଙ୍କ ଭାବ ଧନ୍ୟ ଧନ୍ୟ,
କେ ନୁହେଁ ଗୋପୀଙ୍କ ସମାନ ।" (୮)

ପ୍ରେମବିହ୍ୱଳା ଗୋପାଙ୍ଗନାମାନଙ୍କ ଅଶ୍ରୁ–ଆପ୍ଳୁତ ଆତୁର କୃଷ୍ଣ–କୁଶଳ ପ୍ରଶ୍ନ ଶୁଣି ନାରଦ ସ୍ୱୟଂ ରୋମାଞ୍ଚ ଅନୁଭବ କଲେ । ତେଣୁ ସେ କୃଷ୍ଣ ବିରହ ବିଧୁରା ଗୋପବାଳାମାନଙ୍କୁ ସାନ୍ତ୍ୱନା ଦେଇ କହୁଛନ୍ତି–

"ବୃନ୍ଦାବନରୁ ଏକ ପାଦ,
ନ ଯାଇଛନ୍ତି ପୂର୍ଣ୍ଣାନନ୍ଦ ।

ଯଦି ଛାଡ଼ନ୍ତେ ଜଗନ୍ନାଥ,
ତୁମ୍ଭେ କିପରି ରହିଥାନ୍ତ ।
ତୁମ୍ଭରି ଦେହେ ଛନ୍ତି ରହି,
ନ ଦେଖି ଭୁଲୁଛ କିମ୍ପାଇଁ ।'' (୯)

ପୂର୍ବ ପ୍ରତିଷ୍ଠିତ ଜ୍ଞାନମିଶ୍ରା ଭକ୍ତିଯୋଗର ତତ୍ତ୍ୱ ଅନୁସାରେ ନାରଦ କୃଷ୍ଣଙ୍କ ସ୍ୱରୂପ ସମ୍ପର୍କରେ ଗୋପୀମାନଙ୍କୁ ବୁଝାଇବାକୁ ଚେଷ୍ଟାକଲେ । ଜ୍ଞାନଦ୍ୱାରା ହିଁ ଭଗବତ୍ ସତ୍ତା ଅନୁଭବ ସମ୍ଭବ ବୋଲି ସେ ବିଭିନ୍ନ ସୂକ୍ଷ୍ମାତିସୂକ୍ଷ୍ମ ତତ୍ତ୍ୱର ଅବତାରଣା କଲେ । ନାରଦ ମନେ କରିଥିଲେ ଯେ ଗୋପୀମାନଙ୍କର ଏହି ସ୍ଥୂଳ କୃଷ୍ଣପ୍ରୀତି କେବଳ ଇନ୍ଦ୍ରିୟ ବାଞ୍ଛାର ନାମାନ୍ତର ମାତ୍ର । କିନ୍ତୁ ଗୋପୀଜନମାନେ ସ୍ପଷ୍ଟ ଭାବରେ ପ୍ରତିଷ୍ଠିତ ତତ୍ତ୍ୱାର୍ଥକୁ ଖଣ୍ଡନ କରି ନାରଦଙ୍କୁ ବୁଝାଇ ଦେଲେ ଯେ, ସ୍ଥୂଳରୁ ସୂକ୍ଷ୍ମକୁ ଯାଇ, ପୁନଃ ସ୍ଥୂଳକୁ ଆସି ପାରିଲେ ହିଁ ଗୋପୀକା ଯୋଗର ସିଦ୍ଧି ପ୍ରାପ୍ତ ହୁଏ । ସୁତରାଂ ଗୋପୀକା ଭକ୍ତି ଜ୍ଞାନର ପରିପନ୍ଥୀ ନୁହେଁ । ବରଂ ଜ୍ଞାନ ଦ୍ୱାରା ଭକ୍ତି ପରିପୁଷ୍ଟ ହୋଇଥାଏ । ଜ୍ଞାନଦ୍ୱାରା ହିଁ ଭକ୍ତିଜାତ ହୁଏ । ଯୋଗ ସାଧନାରେ ସ୍ଥୂଳରୁ ଏହି ପ୍ରକାର ସୂକ୍ଷ୍ମ ଗତିକ୍ରିୟାକୁ 'ଆରୋହ' ଏବଂ ସୂକ୍ଷ୍ମରୁ ସ୍ଥୂଳଗତିକୁ 'ଅବରୋହ' ନାମରେ ନାମିତ କରାଯାଇପାରେ । ଏହି ଆରୋହ ଓ ଅବରୋହ ପ୍ରକ୍ରିୟାରେ ସାଧକ ସିଦ୍ଧ ହେଲେ ତା'ର ଯୋଗରେ ପୂର୍ଣ୍ଣତା ପ୍ରାପ୍ତି ହୋଇଥାଏ । ଗୋପୀକାମାନେ ଯୋଗସାଧନାର ଏହି ପରିପୂର୍ଣ୍ଣ ସ୍ଥିତି ଲାଭ କରିଥିଲେ । ଅଭିରାମ ପରମହଂସ ଏହି ଯୋଗ ସାଧନାକୁ ବିଶେଷ ପ୍ରାଧାନ୍ୟ ଦେଇ ସ୍ୱଧର୍ମ ଦର୍ଶନରେ ବୁଝାଇବାକୁ ଚେଷ୍ଟା କରିଛନ୍ତି । ଭକ୍ତି ଏବଂ କର୍ମଯୋଗର ଏହି ଅପୂର୍ବ ମିଳନକୁ ହୃଦ୍‌ବୋଧ କଲେ ହିଁ ଅଭିରାମଙ୍କ ଦର୍ଶନର ବ୍ୟାପକତା ସ୍ପଷ୍ଟ ଉପଲବ୍ଧି କରିହେବ । ଭକ୍ତିଯୋଗ ସମ୍ପର୍କରେ ଏତିକି କୁହାଯାଇପାରେ ଯେ ଗୋପୀମାନଙ୍କର କୃଷ୍ଣପ୍ରୀତି ଅନ୍ଧ ଭାବପ୍ରବଣତା ଉପରେ ପର୍ଯ୍ୟବସିତ ନୁହେଁ; ବରଂ ତାହା ପରିପକ୍ୱ ଜ୍ଞାନସିଦ୍ଧି ରସାପ୍ଲୁତ ଅନୁଭୂତି ବିଶେଷ ଅଟେ । ଏହି ସୂକ୍ଷ୍ମ ତତ୍ତ୍ୱଟିକୁ ନାରଦ ଭଲ ରୂପରେ ହୃଦୟଙ୍ଗମ କରିବାରୁ ତାଙ୍କର ଭ୍ରମ ଦୂରୀଭୂତ ହେଲା ଏବଂ ଗୋପୀଭାବ ନାରଦଙ୍କୁ ସଂକ୍ରମିତ ହେଲା । ଶ୍ରୀ ଅଭିରାମ ପରମହଂସ ମଧ୍ୟ ଏହି ପରିପକ୍ୱ ଜ୍ଞାନ-ଭକ୍ତି ତତ୍ତ୍ୱର ଶରଣାପନ୍ନ ହେବା ପାଇଁ ଉପଦେଶ ଦେଇଛନ୍ତି । ସଂପୂର୍ଣ୍ଣ ଭାବରେ ନିଜକୁ ଇଶ୍ୱରଙ୍କ ନିକଟରେ ସମର୍ପଣ କରି ସେ କହୁଛନ୍ତି-

''ପୂର୍ବ ସୁକୃତ ଯାର ଥିବ,
ଗୋପୀକା ଭକ୍ତି ଉଦେ ହେବ ।

ଏ ଭାବେ ଦେହକୁ ପାଶୋରି,
ଥିଲେ ସକଳ ଗୋପନାରୀ ।
କହଇ ଅଭିରାମ ବାଇ,
ଅନୁଭବରେ ଦେଖାଯାଇ ।'' (୧୦)

## ଅଦ୍ୱୈତବୋଧ ହିଁ ଭକ୍ତିର ଲକ୍ଷଣ

ଦେବର୍ଷି ନାରଦଙ୍କ ମତରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରତିଷ୍ଠିତ 'ଅଦ୍ୱୈତବୋଧ' ହିଁ ଭକ୍ତିର ସର୍ବୋତ୍ତମ ଲକ୍ଷଣ । ଭକ୍ତିର ସ୍ୱରୂପ ନିର୍ଣ୍ଣୟ କରି ସେ କହୁଛନ୍ତି, ''ଭକ୍ତି ହେଉଛି ପରମ ପ୍ରେମରୂପା (ସୂତ୍ର-୧) । ଏହା ଅମୃତ ସ୍ୱରୂପା (ସୂତ୍ର-୩), ଇହକାଳ ପରକାଳର ସକଳ ସୁଖ-ଦୁଃଖ, ସମ୍ଭୋଗ ବିପର୍ଯ୍ୟୟ ପ୍ରତି ସର୍ବୋଚ୍ଚ ଭାବରେ ଉଦାସୀନ ରହି ଯେ ନିଜର ସକଳ ପ୍ରବୃତ୍ତିକୁ ଈଶ୍ୱରଙ୍କ ଅନୁକୂଳ କରିଥାନ୍ତି ଓ ନିଜର ସର୍ବସତ୍ତାରେ ସମ୍ପୂର୍ଣ୍ଣ ସମର୍ପିତ ହୋଇ ରହିଥାନ୍ତି, ସେହିମାନେ ହିଁ ଅନନ୍ୟ ଭକ୍ତ ।'' (୧୧) ମନ-ବଚନ-କର୍ମରେ ଈଶ୍ୱରଙ୍କ ବ୍ୟତୀତ ସକଳ ଆଶ୍ରୟମାନଙ୍କୁ ପରିହାର କରି ଏହି ଭକ୍ତମାନେ ସର୍ବାବସ୍ଥାରେ ଓ ସର୍ବଦା ଈଶ୍ୱରଙ୍କୁ ହିଁ ଧ୍ୟାନ କରୁଥାନ୍ତି । ତେଣୁ ଏଠାରେ ଭଗବାନ ଏବଂ ଏହି ତନ୍ମୟୀ ଭକ୍ତମାନଙ୍କ ମଧ୍ୟରେ ଭେଦର କୌଣସି ଅବକାଶ ରହେ ନାହିଁ, ଗଙ୍ଗାସାଗର ସଙ୍ଗମରେ ଯେପରି ଗଙ୍ଗା ଓ ସାଗରଙ୍କ ମଧ୍ୟରେ କିଛି ଭେଦାଭାବ ନ ଥାଏ, ସେହିପରି ଆଧ୍ୟାତ୍ମିକତାର ଚୂଡ଼ାନ୍ତ ଅନୁଭବରେ ଭକ୍ତ ଓ ଭଗବାନ ଏକ ଅନିର୍ବଚନୀୟ ଆତ୍ମିକ ତନ୍ମୟତାରେ ଅଭେଦ ତଥା ଅଦ୍ୱୈତ ହୋଇଯାନ୍ତି । ଶ୍ରୀମଦ୍ ଭଗବଦ୍ ଗୀତାରେ ମଧ୍ୟ କୁହାଯାଇଛି ଯେ ପରମପୁରୁଷ ଭଗବାନଙ୍କ ନିକଟରେ ସକଳ ବିଷୟ ଅର୍ପଣ କରି ନିଜକୁ ସମର୍ପଣ କଲେ ଅଦ୍ୱୈତ ଭକ୍ତିଭାବ ଜାଗ୍ରତ ହୁଏ । ବିଭିନ୍ନ ଶାସ୍ତ୍ରୋକ୍ତ ଏହି ଅଦ୍ୱୈତ ଭାବଧାରା ଶ୍ରୀ ଅଭିରାମ ପରମହଂସଙ୍କୁ ବିଶେଷ ପ୍ରଭାବିତ କରିଥିଲା । ସୁତରାଂ ସେ ଭକ୍ତ ଏବଂ ଭଗବାନଙ୍କର ସମ୍ପର୍କ ନିର୍ଦ୍ଧାରଣ କରି ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି-

''ପ୍ରେମ ଭକତି ଯାର ଅଛି
ପ୍ରଭୁଙ୍କ କୃପା ସେ ପାଇଛି
କରି କରାଅ ପଦ୍ମନେତ୍ର
ତୁ ଭଗବାନ ତୁହି ଭକ୍ତ ।'' (୧୨)

ଭକ୍ତ ଯେତେବେଳେ ଭଗବାନଙ୍କଠାରେ ନିଃଶେଷ ରୂପରେ ସମର୍ପିତ ହୋଇ ଭଗବଦ୍ ତନ୍ମୟ ଅବସ୍ଥାକୁ ଭଗବଦ୍‌ମୟ ହୋଇଯାଏ, ସେତେବେଳେ ସେ ବିଶ୍ୱର ସମଗ୍ର ସ୍ଥିତି ସହ

ନିଜର ତାଦାତ୍ମ୍ୟ ଭାବ ଅନୁଭବ କରେ । ସବୁପ୍ରକାର ସ୍ଥିତିର ସ୍ୱଲକ୍ଷଣ ସ୍ୱାଦ ଲାଭ କରିବାରେ ତା'ପାଇଁ ଆଉ ପ୍ରତିବନ୍ଧକ ସୃଷ୍ଟି ହୁଏ ନାହିଁ । ଏହା ହିଁ ଯଥାର୍ଥ ରୂପରେ ଭକ୍ତିଯୋଗର ସମର୍ପଣ ଭାବ । ଏହି ସମର୍ପଣ ଭାବକୁ ଧରିପାରିଲେ ସମସ୍ତ ଅସତ୍ୟର ଅନ୍ତଃସ୍ଥଳରେ ସତ୍ୟର ସନ୍ଧାନ ମିଳିପାରିବ ।

## ଜ୍ଞାନଯୋଗରେ ଜ୍ଞାନୀର ନିର୍ବିକଳ୍ପ ଧ୍ୟାନ ହିଁ ଦୃଢ଼ଭକ୍ତି :

ଶ୍ରୀ ଅଭିରାମ ପରମହଂସ ତାଙ୍କ ରଚିତ 'କଳି ଭାଗବତ' ପୁସ୍ତକର ପଞ୍ଚବିଂଶ ଅଧ୍ୟାୟରେ ଜ୍ଞାନଯୋଗୀ 'ଜଡ଼ଭରତ'ଙ୍କୁ 'ପରମ ଭକ୍ତ' ନାମରେ ନାମିତ କରିଛନ୍ତି । ବାସ୍ତବ କ୍ଷେତ୍ରରେ ଜ୍ଞାନଯୋଗର ସିଦ୍ଧ ସାଧକ ହେଉଛନ୍ତି ଏହି 'ଜଡ଼ଭରତ' । ଜ୍ଞାନ ଓ ଭକ୍ତି ଯେ କେବଳ ପରସ୍ପରର ପରିପୂରକ ତାହା ନୁହେଁ, ବରଂ ଜ୍ଞାନ ଓ ଭକ୍ତି ଉଭୟ ଅଭିନ୍ନ । ପରମାତ୍ମା ପରମପୁରୁଷଙ୍କ ସାକ୍ଷାତ ଅନୁଭବରେ ହିଁ ଉଭୟଙ୍କର ସଫଳତା ପର୍ଯ୍ୟବସିତ । କର୍ମଯୋଗର ଚୂଡ଼ାନ୍ତ ପରିଣତି ହେଉଛି କର୍ମ, ଭକ୍ତି ତଥା ଜ୍ଞାନର ସମନ୍ୱୟ ପର୍ଯ୍ୟାୟ । ଅଭିରାମ ଜ୍ଞାନଯୋଗ, ଭକ୍ତିଯୋଗ ଓ କର୍ମଯୋଗର ଶ୍ରେଷ୍ଠସାଧକମାନଙ୍କୁ ନେଇ 'ଅଦ୍ୱୈତବୋଧ'ର ମତ ପ୍ରତିଷ୍ଠା କଲେ । ତାଙ୍କ ମତରେ କର୍ମଯୋଗର ସିଦ୍ଧ ପୁରୁଷ ଜନକ ମହାରାଜା, ଭକ୍ତିଯୋଗର ସିଦ୍ଧସାଧିକା ଗୋପାଙ୍ଗନାବୃନ୍ଦ ଏବଂ ସାଧକ ଶିରୋମଣି ନାରଦ ମହାମୁନି ତଥା ଜ୍ଞାନଯୋଗୀ 'ଜଡ଼ଭାରତ' ପ୍ରଭୃତିଙ୍କର ଚରମ ପ୍ରତ୍ୟୟ ଓ ଚୂଡ଼ାନ୍ତ ଅନୁଭବ ଏହି ଆଧ୍ୟାତ୍ମିକ ଉପଲବ୍ଧି କ୍ଷେତ୍ରରେ ଏକ ତଥା ଅଭିନ୍ନ ଅଟେ । ଏହି ସିଦ୍ଧାନ୍ତ ଉପରେ ସକଳ ପ୍ରକାର ବିଧିନିର୍ଦ୍ଦେଶ ଓ ଯାବତୀୟ ଆଚାର ବିଚାରର ମୂଳତାତ୍ପର୍ଯ୍ୟ ନିହିତ ବୋଲି ଶ୍ରୀ ଅଭିରାମ ପରମହଂସ ପ୍ରତିପାଦିତ କରିଛନ୍ତି । ତୀର୍ଥ ମଜ୍ଜନ, ଦେବାଧ୍ୟୟନ ଦାନ ଆଦି ସକଳ କ୍ରିୟାର ମୂଳ ଉଦ୍ଦେଶ୍ୟ ହେଉଛି ଭଗବତ୍ ପ୍ରାପ୍ତି । ସେ କହୁଛନ୍ତି– ଆମ୍ଭମାନଙ୍କର ସମସ୍ତ ଉଦ୍ୟମ, ଉଦ୍ୟୋଗ ଏବଂ କ୍ରିୟା ତଥା ସଂକଳ୍ପ କେବଳ ଶ୍ରୀହରିଙ୍କ ପ୍ରତି ଉନ୍ମୁଖ ହେବା ଉଚିତ । ତେଣୁ ବୈଦିକ ଚେତନାର ସର୍ବଶ୍ରେଷ୍ଠ ଆଧାର ହେଉଛି ପୁରୁଷୋତ୍ତମ ଅନୁଭବ । ଅର୍ଥାତ୍ ଯେଉଁ ଯୋଗାଭ୍ୟାସ ଦ୍ୱାରା ଏହି ପୁରୁଷୋତ୍ତମଙ୍କୁ ଅନୁଭବ କରାଯାଏ, ତାହା ହିଁ ପୁରୁଷୋତ୍ତମ ଯୋଗ । 'ଶ୍ରୀମଦ୍‌ଭଗବଦ୍ ଗୀତା'ର ପଞ୍ଚଦଶ ଅଧ୍ୟାୟଟି 'ପୁରୁଷୋତ୍ତମ' ଯୋଗ ନାମରେ ପରିଚିତ । ପୁରୁଷ ଓ ପୁରୁଷୋତ୍ତମଙ୍କ ତତ୍ତ୍ୱକୁ ପ୍ରାଞ୍ଜଳ ଭାବରେ ପ୍ରକାଶ କରିବାକୁ ଯାଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି– ''ଏହି ଲୋକରେ କ୍ଷର (Dynamic), ଅକ୍ଷର (Static) ନାମରେ ଦୁଇଟି ପୁରୁଷ ପ୍ରସିଦ୍ଧ ।'' ସ୍ଥାବର ଜଙ୍ଗମାଦି ସମସ୍ତ ପଦାର୍ଥ କ୍ଷତରିତ ଓ କ୍ଷୟିତ ହେଉଥିବାରୁ ତାହା କ୍ଷର ନାମରେ ନାମିତ ହୁଏ । କୂଟସ୍ଥ ଚୈତନ୍ୟ ହେଉଛି ଅକ୍ଷର । ସଂସାରର କାର୍ଯ୍ୟସୂଚୀ ବା କ୍ରିୟାରୂପ ହେଉଛି କ୍ଷର ।

ଏହି ପରିପ୍ରେକ୍ଷୀରେ ପୁରୁଷୋତ୍ତମ ହେଉଛନ୍ତି ଯାବତୀୟ ବିକାଶଶୀଳ, ପରିବର୍ତ୍ତନଶୀଳ ତଥା କ୍ଷର ଜଗତର ଅତୀତ ଓ ଅତିକ୍ରାନ୍ତ ତତ୍ତ୍ୱ ଭାବରେ ପରିଚିତ । କୂଟସ୍ଥ ଅକ୍ଷରଠାରୁ ମଧ୍ୟ ଉତ୍ତମ ବୋଲି ଲୋକରେ ଓ ବେଦରେ ସେ ପୁରୁଷୋତ୍ତମ ନାମରେ ବିଦିତ । ଭଗବାନ ଶ୍ରୀକୃଷ୍ଣ ସେହି ପୁରୁଷୋତ୍ତମ ତତ୍ତ୍ୱକୁ ନିଜ ସହିତ ଅଭିନ୍ନ ବୋଲି ସୂଚାଇ 'ମୁଁ' ବୋଲି ଅଭିହିତ କରିଛନ୍ତି । ସେହି ଉତ୍ତମ ପୁରୁଷ ହେଉଛନ୍ତି- ସର୍ବାତ୍ମା, ପରମାତ୍ମା ଓ ଇଶ୍ୱର । ସେ ସମସ୍ତଙ୍କୁ ଧାରଣ କରିଛନ୍ତି, ପୋଷଣ କରୁଛନ୍ତି ଓ ଶାସନ ମଧ୍ୟ କରୁଛନ୍ତି । ବୈଦିକ ବିଚାର ତଥା ସାଧାରଣ ଲୋକ ବ୍ୟବହାରରେ 'ପୁରୁଷୋତ୍ତମ ତତ୍ତ୍ୱ' ଯେ ବିଶେଷ ପ୍ରଖ୍ୟାତି ଲାଭ କରିଛି ତାହା ଗୀତା ଘୋଷଣା କରୁଛି । 'ଗୀତା' ରଚନା ସମୟର ବହୁ ପୂର୍ବରୁ 'ପୁରୁଷୋତ୍ତମ' ଶବ୍ଦ ଲୋକ ବ୍ୟବହାରରେ ଅଭିଧାନରେ ଅନ୍ତର୍ଭୁକ୍ତ ହୋଇଯାଇଛି । ତେଣୁ ପୁରୁଷୋତ୍ତମ ପ୍ରାପ୍ତିର ଅର୍ଥ ହେଉଛି- ନିଜର ନିଜତ୍ୱ ପ୍ରାପ୍ତି, ଯେତେଦିନଯାଏ ନିଜର ନିଜତ୍ୱ ଅବବୋଧକୁ ନ ଆସିଛି, ସେତେଦିନଯାଏଁ ଜୀବନର ସକଳ କର୍ମବନ୍ଧନ ବ୍ୟତୀତ ଆଉ କ'ଣ ବା ହୋଇପାରନ୍ତା ? କବି ଶ୍ରୀ ଅଭିରାମ ପରମହଂସ 'କଳି ଭାଗବତ'ରେ ଏହି ନିଜତ୍ୱର ସହଜାନନ୍ଦ ସ୍ଫୂର୍ତ୍ତିକୁ ପୁରୁଷୋତ୍ତମ ତୀର୍ଥ ସେବନ ବୋଲି ନିର୍ଣ୍ଣୟ କରିଛନ୍ତି । ଏହି ପୁରୁଷୋତ୍ତମ ଅନୁଭୂତିର ଅନ୍ୟ ନାମ ହେଉଛି 'ପୁରୀ' ।

''ସକଳ ସ୍ଥାନେ ଛନ୍ତି ପୂରି
ତେଣୁ କହନ୍ତି ସିନା ପୁରୀ ।'' (୧୩)

କି କ୍ଷତ, କି ଅକ୍ଷର ଏହି ସମସ୍ତ ତତ୍ତ୍ୱ ମଧ୍ୟରେ ଏକ, ଅଭିନ୍ନ, ଅଖଣ୍ଡ ପରମାତ୍ମା ଅବିଭକ୍ତ ଭାବରେ ବିଦ୍ୟମାନ ଅଛନ୍ତି । ଏହି ତତ୍ତ୍ୱଗୁଡ଼ିକୁ ଶ୍ରୀ ଅଭିରାମ ପରମହଂସ ବେଶ୍ ସଫଳତାର ସହିତ ତାଙ୍କର ଧର୍ମୀୟ ଚେତନାରେ ପ୍ରୟୋଗ କରିଛନ୍ତି ।

**ପୁରୁଷୋତ୍ତମଙ୍କୁ କେନ୍ଦ୍ରକରି ଯେଉଁ ତତ୍ତ୍ୱଧାରା ଓଡ଼ିଶାର ବିଭିନ୍ନ ଧର୍ମକୁ ପ୍ରଭାବିତ କରିଥିଲା ତାହାର ଏକ ସଂକ୍ଷିପ୍ତ ଆଲୋଚନା :**

ଅପରା ପ୍ରକୃତିକୁ କ୍ଷେତ୍ର ଓ ପରାପ୍ରକୃତିକୁ କ୍ଷେତ୍ରଜ୍ଞ, ତଥା ଦେହକୁ କ୍ଷେତ୍ର ଓ ଜୀବାତ୍ମାକୁ କ୍ଷେତ୍ରଜ୍ଞ ବୋଲି ନିର୍ଦ୍ଧାରଣ କଲେ ଦ୍ୱୈତବାଦର ସମ୍ଭାବନା ଜାତ ହୁଏ । ଏହି ଉଭୟ ତତ୍ତ୍ୱର ଅନ୍ତରାତ୍ମା ପରମେଶ୍ୱରଙ୍କୁ ପରମ କ୍ଷେତ୍ରଜ୍ଞ ବୋଲି ସ୍ୱୀକାର କରି 'ଶ୍ରୀମଦ୍ ଭଗବଦ୍ ଗୀତା'ରେ ଅଦ୍ୱୈତବାଦ ପ୍ରତିଷ୍ଠିତ ହୋଇଛି । ଗୀତାରେ ପରମ-କ୍ଷେତ୍ରଜ୍ଞ ହେଉଛନ୍ତି ପୁରୁଷୋତ୍ତମ । ସେ ସକଳ କ୍ଷେତ୍ରମାନଙ୍କର କ୍ଷେତ୍ରଜ୍ଞ । ତାଙ୍କ ପାଇଁ ଅପରା ତଥା ପରା ଉଭୟ ପ୍ରକୃତି ହେଉଛି କ୍ଷେତ୍ର । ସେ ହେଉଛନ୍ତି ଦୃଶ୍ୟ ତଥା ଦ୍ରଷ୍ଟା ଏହି ଉଭୟଙ୍କର ଦ୍ରଷ୍ଟା ।

ତେଣୁ ସେ ପରମ ଦ୍ରଷ୍ଟା ଭାବରେ କଥିତ । ଆତ୍ମା ତଥା ଅନାତ୍ମ ଉଭୟ ଭୂମିର ଅନ୍ତରାତ୍ମା ହୋଇଥିବାରୁ ସେ ପରମାତ୍ମା । ପରା ପ୍ରକୃତି ବା ଜୀବାତ୍ମା ହେଉଛି ଅପରା ପ୍ରକୃତି ବା ଦେହର କ୍ଷେତ୍ରଜ୍ଞ । କିନ୍ତୁ ପରମେଶ୍ୱର ହେଉଛନ୍ତି ପରା ପ୍ରକୃତି ବା ଜୀବାତ୍ମାର କ୍ଷେତ୍ରଜ୍ଞ । ପରମେଶ୍ୱର ପୁରୁଷୋତ୍ତମ ହେଉଛନ୍ତି କ୍ଷେତ୍ରଜ୍ଞତ୍ୱର ଅବଧି । ସେ ନିଜ ନିଜର କ୍ଷେତ୍ର ତଥା ସେ ନିଜେ ନିଜର କ୍ଷେତ୍ରଜ୍ଞ ହୋଇପାରନ୍ତି । ତେଣୁ ତାଙ୍କୁ 'କ୍ଷେତ୍ର କ୍ଷେତ୍ରଜ୍ଞ' ବୋଲି ଅଭିହିତ କରାଯାଇପାରେ । ଯିଏ 'କ୍ଷେତ୍ର କ୍ଷେତ୍ରଜ୍ଞ' ସେ ହିଁ ପୁରୁଷୋତ୍ତମ । ତେଣୁ 'କ୍ଷେତ୍ର-କ୍ଷେତ୍ରଜ୍ଞ' ଯୋଗ ହିଁ ପୁରୁଷୋତ୍ତମ ଯୋଗ । ଦ୍ୱିତୀୟ ପକ୍ଷରେ କ୍ଷେତ୍ର-କ୍ଷେତ୍ରଜ୍ଞ ତତ୍ତ୍ୱକୁ କ୍ଷେତ୍ର ତତ୍ତ୍ୱ କିମ୍ବା କ୍ଷେତ୍ରଜ୍ଞ ତତ୍ତ୍ୱ ବୋଲି କହିଲେ ବିଚାର ପ୍ରମାଦର ଅବକାଶ ରହିଛି ବୋଲି ଚିନ୍ତାକରି କେହି କେହି ତାଙ୍କୁ କ୍ଷେତ୍ରୋତ୍ତୀର୍ଣ୍ଣ ତଥା କ୍ଷେତ୍ରୋତ୍ତୀର୍ଣ୍ଣ ତତ୍ତ୍ୱ ବୋଲି ଅଭିହିତ କରିଥାନ୍ତି । ତାଙ୍କର ସକଳୋତ୍ତୀର୍ଣ୍ଣ (Utterly transcedent) ସ୍ୱରୂପକୁ ନିର୍ବାଚନିକ (Unspeakable) ଶୂନ୍ୟତା ରୂପେ ଘୋଷିତ କରାଯାଇଛି । ତୃତୀୟ ପକ୍ଷରେ ସକଳ କ୍ଷେତ୍ରରେ କ୍ଷେତ୍ରଜ୍ଞଙ୍କୁ ପରମ କ୍ଷେତ୍ରଜ୍ଞ ବୋଲି ମଧ୍ୟ ନିର୍ଦ୍ଦେଶ କରାଯାଇଛି । ଚତୁର୍ଥତା ଯେଉଁ କ୍ଷେତ୍ରଜ୍ଞ ନିଜେ ନିଜର କ୍ଷେତ୍ର ଅର୍ଥାତ୍ ସ୍ୱୟଂ କ୍ଷେତ୍ର, ତାଙ୍କୁ ସ୍ୱୟଂକ୍ଷେତ ବା ସ୍ୱୟୋଂଭାସିତ କ୍ଷେତ୍ର ନାମରେ ମଧ୍ୟ ଅଭିହିତ କରାଯାଇପାରେ ।

ଏହି ଦୃଷ୍ଟିରୁ ବିଚାର କଲେ ପୁରୁଷୋତ୍ତମ ତତ୍ତ୍ୱକୁ ନିମ୍ନଲିଖିତ ମତେ ଚାରି ମୁଖ୍ୟ ଭାବରେ ଉଦ୍‌ଘୋଷିତ କରାଯାଇଛି- (୧) କ୍ଷେତ୍ର-କ୍ଷେତ୍ରଜ୍ଞ ତତ୍ତ୍ୱ । (୨) ସକଳୋତ୍ତୀର୍ଣ୍ଣ ନିର୍ବାଚନିକ ଶୂନ୍ୟତା । (୩) ପରମ କ୍ଷେତ୍ରଜ୍ଞ । (୪) ସ୍ୱୟୋଂଭାସିତ କ୍ଷେତ୍ର । ଏହି ଚାରି ପ୍ରକାର ବର୍ଣ୍ଣନାକୁ ଏକ ଓ ଅଭିନ୍ନ ପୁରୁଷୋତ୍ତମଙ୍କ ବର୍ଣ୍ଣନ ବୋଲି ବୁଝିବାକୁ ହେବ । ବିଶିଷ୍ଟ ଦ୍ୱୈତବାଦୀ ରାମାନୁଜଙ୍କଠାରୁ ପୂର୍ଣ୍ଣ ଦ୍ୱୈତବାଦୀ ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ସକଳ ବେଦାନ୍ତବିତ୍‌ମାନେ ପୁରୁଷୋତ୍ତମଙ୍କୁ କ୍ଷେତ୍ର-କ୍ଷେତ୍ରଜ୍ଞ ବୋଲି ନିରୂପଣ କରିଛନ୍ତି । ଜଗନ୍ନାଥ ପୁରୁଷୋତ୍ତମଙ୍କୁ ଶୂନ୍ୟପୁରୁଷ, ଶୂନ୍ୟଦେହୀ ବୋଲି ମଧ୍ୟ କୁହାଯାଇଥାଏ । ପଞ୍ଚସଖା ସାହିତ୍ୟରେ ଏଭଳି ପ୍ରୟୋଗର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ । ଶଙ୍କରଙ୍କ ପ୍ରଦର୍ଶିତ ଅଦ୍ୱୈତ ମାର୍ଗରେ ପୁରୁଷୋତ୍ତମ ପରମ କ୍ଷେତ୍ରଜ୍ଞ ରୂପରେ ଅବସ୍ଥାପିତ ହୋଇଛନ୍ତି । 'କଳି ଭାଗବତ'ରେ ଉଲ୍ଲେଖ କରାଯାଇଛି ଯେ- 'ଙ୍କ' ସ୍ୱରୂପ ଜଗନ୍ନାଥଙ୍କ (ଦଶମ ଅଧ୍ୟାୟ) ଯେଉଁମାନେ ନିର୍ବୈକ୍ତିକ (Impersonal) ସତ୍ତା ସ୍ୱୀକାର କରନ୍ତି ସେମାନେ ସୂଚିତ ଚତୁର୍ଥ ମତର ପୃଷ୍ଟପୋଷକତା କରନ୍ତି । ସେହି ପରମ କ୍ଷେତ୍ରଜ୍ଞ ପୁରୁଷୋତ୍ତମ ହେଉଛନ୍ତି ନିର୍ଗୁଣ । ଶ୍ରୀ ଅଭିରାମ ପରମହଂସ ଏହି ନିର୍ଗୁଣ ବ୍ରହ୍ମଙ୍କୁ ସୂଚିତ କରିବାକୁ ଯାଇ କହିଛନ୍ତି-

"ନିର୍ଗୁଣବନ୍ତ ଯେଣୁ ହେଲେ,  
ଦାରୁ ସ୍ୱରୂପେ ଠାରିଦେଲେ ।" (୧୪)

ଏହି ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଶାସ୍ତ୍ରରେ ଘୋଷଣା କରାଯାଇଛି-

"ଯୋଗୀନାଂ ଯୋ ହୃଦାକାଶେ
ବିଦ୍ୟୁତାଭଃ ପ୍ରକାଶତେ
ସ ଏବ ଦାରୁ ରୂପେଣ
ଅସ୍ତେ ନୀଳାଚଳେ ସଦା ।"

ଯେଉଁ ପରମତତ୍ତ୍ୱ ଯୋଗୀମାନଙ୍କ ଚିଦାକାଶରେ ବିଦ୍ୟୁତ୍‌ପ୍ରଭ ହୋଇ ପ୍ରକାଶିତ ହୁଅନ୍ତି, ସେହି ପୁରୁଷୋତ୍ତମ ଦାରୁରୂପ ଧାରଣ କରି ନୀଳାଚଳ ଧାମରେ ନିତ୍ୟ ବିରାଜମାନ କରୁଛନ୍ତି । ସେ ହିଁ ନୀଳାଚଳରେ ଦାରୁ ରୂପେ ତଥା ଯୋଗୀଜନ ଧ୍ୟାନଗମ୍ୟ ଚିଦ୍‌ଘନ ରୂପରେ ଅବସ୍ଥାପିତ ହୋଇଛନ୍ତି । ସେ ନିର୍ଗୁଣ, ନିରାକାର, ନିରଞ୍ଜନ, ଅବର୍ଣ୍ଣନୀୟ ତଥା ଅବାଚ୍ୟ । ସେ ହିଁ ବେଦାନ୍ତବିଦ୍ୟ ବିଭୁ । ପୁରୁଷୋତ୍ତମ ସ୍ୱଭାବତଃ ସର୍ବେନ୍ଦ୍ରିୟ ବିବର୍ଜିତ ହେଲେ ହେଁ ସର୍ବ-ଇନ୍ଦ୍ରିୟର ଅଧିକାରୀ ଅଟନ୍ତି । ସେ ନିତ୍ୟ ଅସଙ୍ଗ ହେଲେ ହେଁ ସକଳ ବସ୍ତୁ ସହିତ ସଂଶ୍ଳିଷ୍ଟ ହୋଇ ରହିଥାନ୍ତି । ସ୍ୱରୂପତଃ ନିର୍ଗୁଣ ହେଲେ ହେଁ ସମସ୍ତ ଗୁଣର ଉପଭୋଗୀ କର୍ତ୍ତା ଭାବରେ ପରିଚିତ ହୁଅନ୍ତି । 'ଶ୍ୱେତାଶ୍ୱେତର ଉପନିଷଦ'ରେ ମଧ୍ୟ କୁହାଯାଇଛି ଯେ- "ସେ ପାଦ ନ ଥାଇ ଚାଲନ୍ତି, ହାତ ନ ଥାଇ ଗ୍ରହଣ କରନ୍ତି, ଚକ୍ଷୁ ନ ଥାଇ ଦେଖନ୍ତି, କାନ ନ ଥାଇ ମଧ୍ୟ ଶୁଣନ୍ତି ।" (୧୬)

ଉପରୋକ୍ତ ଉକ୍ତିମାନଙ୍କରୁ ବିରୋଧାଭାସ (Paradox) ସୁସ୍ପଷ୍ଟ ହେଉଛି । ଜଗନ୍ନାଥଙ୍କ ମୂର୍ତ୍ତିରେ ଏହି ଆଧ୍ୟାତ୍ମିକ ବିରୋଧାଭାସର ଛାପ ରହିଛି । ଉତ୍କଳୀୟ ପରମ୍ପରାରେ ଜଗନ୍ନାଥଙ୍କ ମୂର୍ତ୍ତିତତ୍ତ୍ୱ ପ୍ରସଙ୍ଗରେ ତିନୋଟି ଧାରଣାର ପ୍ରଚଳନ ଅଛି । ପ୍ରଥମତଃ ଜଗନ୍ନାଥଙ୍କୁ ଅପୂର୍ଣ୍ଣ ବା ଅର୍ଦ୍ଧସମ୍ପୂର୍ଣ୍ଣ ବିଗ୍ରହ ବୋଲି ଗ୍ରହଣ କରାଯାଇଥାଏ । ଏହି ମତ ଅନୁସାରେ 'ନିଶ୍ଚିନ୍ତ ଯୋଗ'ରେ ନିଶ୍ଚଳ ସମାଧି ଅବସ୍ଥାର ବ୍ରହ୍ମ ଅବତାର ମୂର୍ତ୍ତି ହେଉଛନ୍ତି ଜଗନ୍ନାଥ । ତୃତୀୟ ମତଟି ହେଉଛି ଜଗନ୍ନାଥଙ୍କ ମୂର୍ତ୍ତି ସ୍ୱରୂପରେ ପ୍ରତୀକାତ୍ମକ ସାଙ୍କେତିକ ମୂର୍ତ୍ତି ପ୍ରାଧାନ୍ୟ ସ୍ୱୀକାର କରି 'କଳି ଭାଗବତ' ପୁସ୍ତକରେ ଶ୍ରୀ ଅଭିରାମ ଲେଖିଛନ୍ତି- "ଦାରୁ ସ୍ୱରୂପେ ଠାରିଦେଲେ, ଠାରି ଦେବାର ଅର୍ଥ ହେଉଛି ସଙ୍କେତ ମାଧ୍ୟମରେ ପ୍ରକାଶ କରିବା । ଅପ୍ରକାଶିତ ରହି ଯେ ପ୍ରକାଶିତ ହୁଅନ୍ତି, ସଙ୍କେତ ପ୍ରୟୋଗ ତାଙ୍କ ପ୍ରକାଶ ନିମନ୍ତେ ଏକ ସୁପ୍ରଶସ୍ତ ମାର୍ଗ ଉନ୍ମୋଚନ କରେ । ଜଗନ୍ନାଥଙ୍କର ମୂର୍ତ୍ତି ଏହି ଦୃଷ୍ଟିରୁ ଅନ୍ୟ ଦେବଦେବୀମାନଙ୍କଠାରୁ ଭିନ୍ନ । ତେଣୁ ପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନର ସାଙ୍କେତିକତା ପୁରୁଷୋତ୍ତମଙ୍କ ଦାରୁ ବିଗ୍ରହରେ ରୂପ ଲାଭ କରିଛି ।

ସେଥିପାଇଁ ଜଗନ୍ନାଥ ହେଉଛନ୍ତି ଯନ୍ତ୍ରରାଜ ବିଗ୍ରହ । ତାହା ପୁଣି ମନ୍ତ୍ରରାଜ ମୂର୍ତ୍ତି ଭାବରେ ପୂଜିତ । ଦିବାକର ଦାସଙ୍କ 'ଶ୍ରୀଜଗନ୍ନାଥ ଚରିତାମୃତ' ଗ୍ରନ୍ଥରେ ଯନ୍ତ୍ରରାଜ ଓ ମନ୍ତ୍ରରାଜ ପରିଭାଷାର ସାଙ୍କେତିକ ଅନୁରୂପ ସମ୍ପର୍କରେ ବିଶଦ ଆଲୋଚନା ହୋଇଯାଇଛି । ଯନ୍ତ୍ରରାଜ ଓ ମନ୍ତ୍ରରାଜ ଦାରୁବ୍ରହ୍ମ ହେଉଛନ୍ତି ଶ୍ରୀକ୍ଷେତ୍ରର ପୁରୁଷୋତ୍ତମ । ଯେଉଁ ବ୍ୟକ୍ତି ପୁରୁଷୋତ୍ତମ ତତ୍ତ୍ୱର ଗୂଢ଼ ସାଙ୍କେତିକତାର ତାତ୍ପର୍ଯ୍ୟ ଅନୁଭବ କରିଛନ୍ତି ସେ ହିଁ ଦାରୁବ୍ରହ୍ମ ଦର୍ଶନ କରିଛନ୍ତି । ସୁତରାଂ ଯେଉଁ କ୍ଷେତ୍ରରେ ଏଭଳି ପ୍ରତ୍ୟକ୍ଷ ଦର୍ଶନ ସମ୍ଭବ ହୁଏ, ସେହି କ୍ଷେତ୍ରର ନାମ ଦାରୁବ୍ରହ୍ମ କ୍ଷେତ୍ର । ଦାରୁବ୍ରହ୍ମଙ୍କୁ ଶାବରୀ ଚେତନାରେ 'ନୀଳମାଧବ' ଭାବରେ ଗ୍ରହଣ କରାଯାଇଛି । ନୀଳମାଧବଙ୍କୁ ପ୍ରତିମା ବିଶେଷ ବା ବସ୍ତୁ ବିଶେଷ ଜ୍ଞାନକରି ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁ-ପ୍ରତିମା ଲାଭରେ ଅକୃତକାର୍ଯ୍ୟ ତଥା ନିଷ୍ଫଳ ହୋଇଥିଲେ । ସେ ଜାଣିଥିଲେ ଯେ ହୁଏତ- ଶାବରୀ ନାରାୟଣଙ୍କୁ କେହି ଗୋପନରେ ସ୍ଥାନାନ୍ତରିତ କରିଛି କିମ୍ବା ସେ ସ୍ୱୟଂ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ନାରାୟଣ ବିଗ୍ରହର ଅସହ୍ୟ ଜ୍ୱଳନରେ ଦଗ୍ଧିଭୂତ ହୋଇ ଇନ୍ଦ୍ରଦ୍ୟୁମ୍ନ ପ୍ରାଣ ବିସର୍ଜନ କରିବାକୁ ଉଦ୍ୟତ ହେଲାବେଳେ ଭଗବାନଙ୍କର ପୁନଃଦର୍ଶନ ହେବ ବୋଲି ଦୈବବାଣୀ ହୋଇଛି । ସ୍କନ୍ଦ ପୁରାଣରେ ଉଲ୍ଲେଖ କରାଯାଇଛି- ଦାରୁବ୍ରହ୍ମ ଜଗନ୍ନାଥ କେବେହେଲେ ନୀଳାଦ୍ରୀ ତ୍ୟାଗ କରିଯିବେ ନାହିଁ । ପୁରୁଷୋତ୍ତମ ଜଗନ୍ନାଥଙ୍କୁ ପୁରୀରେ ବୌଦ୍ଧମତାନୁଯାୟୀ ଅବସ୍ଥାପିତ କରାଯାଇଛି ଏବଂ ସାରଳା ମହାଭାରତରେ ମଧ ଜଗନ୍ନାଥଙ୍କ ବୁଦ୍ଧତ୍ୱ ସ୍ୱୀକାର କରାଯାଇଛି । ସାରଳା ଦାସ ଉଲ୍ଲେଖ କରିଛନ୍ତି-

"ସଂସାର ଜନଙ୍କୁ ସେଥୁ ତାରିବା ନିମନ୍ତେ
ବଉଦ୍ଧ ରୂପରେ ବିଜେ ଅଛି ଜଗନ୍ନାଥେ ।"(୧୩)

ପଞ୍ଚସଖା କବିମାନଙ୍କ ମଧରୁ ଅନ୍ୟତମ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଜଗନ୍ନାଥଙ୍କୁ ବୁଦ୍ଧ ଭାବରେ ସ୍ୱୀକାର କରିଛନ୍ତି ଏବଂ ସେ କଳିଯୁଗରେ ଶ୍ରୀକ୍ଷେତ୍ରରେ ବିରାଜମାନ କରିବେ ଏକଥା ମଧ ନିଜର ରଚିତ ପୁସ୍ତକ 'ଶୂନ୍ୟ ସଂହିତା'ରେ ସୂଚାଇ ଦେଇଛନ୍ତି ।

"ତୁମ୍ଭ ଆମ୍ଭ ସଙ୍ଗ ବାବୁ ଅନ୍ତର ନୋହିବ ।
କଳିଯୁଗେ ବଉଦ୍ଧ ରୂପକୁ ଯେ ହେଜିବ ।
ତୁମ୍ଭେ ପଞ୍ଚସଖା ଥିବ ଆମ୍ଭର ସଙ୍ଗରେ ।
ତହିଁ ତୁମ୍ଭ ଆମ୍ଭ ଭେଟ କଳପ ବଟରେ ।
ପ୍ରତାପରୁଦ୍ର ନୃପତି ରାଜନ ହୋଇବେ ।" (୧୮)

ଉପରୋକ୍ତ ଉଦାହରଣଗୁଡ଼ିକରୁ ଜଣାଯାଉଛି ଯେ ପୁରୁଷୋତ୍ତମ ତତ୍ତ୍ୱରୁ ଚାରୋଟି ବୈଷ୍ଣବ ତତ୍ତ୍ୱ ଅନୁସାରେ ଯେଭଳି ଗ୍ରହଣ କରାଯାଇଛି, ସେଥି ମଧ୍ୟରୁ ବୌଦ୍ଧ ମତର 'ସକଳୋତ୍ତୀର୍ଣ୍ଣ ନିର୍ବାଚନିକ ଶୂନ୍ୟତା ପ୍ରାପ୍ତି' ଭୂମିକାଟି ଏହି ଜଗନ୍ନାଥ ପ୍ରାପ୍ତି ସହିତ ମିଶିଯାଇ ଏକ ସମନ୍ୱିତ ଆଦର୍ଶ ସୃଷ୍ଟି କରିଛି । ସେଥିପାଇଁ ଉତ୍କଳୀୟ ବୈଷ୍ଣବ ଧର୍ମର ଧାରାରେ ପଞ୍ଚସଖା ଜଗନ୍ନାଥଙ୍କୁ ବୁଦ୍ଧତ୍ୱ ପ୍ରଦାନ କରି ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀକ୍ଷେତ୍ର ଯେ ସକଳ ମତବାଦର ସୁସମନ୍ୱିତ ଧର୍ମଭୂମି ତାହା ସମସ୍ତେ ନିର୍ବିବାଦରେ ଗ୍ରହଣ କରିଥିଲେ । ଏହି ପୃଷ୍ଠଭୂମିକୁ ଆଧାର କରି ଆଲୋଚ୍ୟ ସାର୍ଥକ କବି ଶ୍ରୀ ଅଭିରାମ ପରମହଂସ ମଧ୍ୟ ପୁରୁଷୋତ୍ତମ ଜଗନ୍ନାଥଙ୍କୁ କେନ୍ଦ୍ରବିନ୍ଦୁ ଭାବରେ ଗ୍ରହଣ କରି ନିଜର ଧର୍ମମତ ସୃଷ୍ଟି କରିଯାଇଛନ୍ତି । ତେଣୁ ତାଙ୍କର ଶ୍ରେଷ୍ଠ କୃତି 'କଳି ଭାଗବତ' ପୁସ୍ତକରେ ସେ ଏ ସମ୍ପର୍କରେ ଦ୍ୱିଧା ନ ରଖି ସ୍ପଷ୍ଟ ଲେଖିଛନ୍ତି :-

ନୀଳ ଅଚଳେ ବିଜେ କରି,
ଅଛନ୍ତି ସିନା ଚକ୍ରଧାରୀ ।
ଲୀଳା ତା' ଅଟଇ ଅଚଳ,
ତେଣୁ କହିଛନ୍ତି ନୀଳାଚଳ ।'' (୧୯)

ଯଥାର୍ଥ ରୂପରେ ନୀଳାଚଳ ହେଉଛି ପରମାତ୍ମାରୂପୀ ଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର । ସେଠାରେ ଅଖଣ୍ଡ ତଥା ଅବିଚଳିତ ଭାବରେ ପ୍ରଭୁଙ୍କର ଲୀଳା ପ୍ରକଟିତ ହୁଏ । ସେଥିପାଇଁ ବିଭିନ୍ନ ଶାସ୍ତ୍ର ପୁରାଣମାନଙ୍କରେ ନୀଳାଚଳକୁ ଦଶାବତାର କ୍ଷେତ୍ର ବୋଲି ନାମିତ କରାଯାଇଛି । ନୀଳାଚଳନାଥ ଜଗନ୍ନାଥ ହେଉଛନ୍ତି ସମସ୍ତ ଅବତାରମାନଙ୍କର ମୁଖ୍ୟ ଆଧାର ପୁରୁଷ । ସେ ପରମ ଅବତାରୀ । ସେ ହିଁ ସକଳ ତତ୍ତ୍ୱର ତତ୍ତ୍ୱ, ସକଳ ସତ୍ୟର ସତ୍ୟରୂପୀ ପ୍ରକାଶ । ନୀଳାଦ୍ରି ହେଉଛି 'ତୀର୍ଥସାର' ଅର୍ଥାତ୍ ସମସ୍ତ ତୀର୍ଥମାନଙ୍କର ଶ୍ରେଷ୍ଠ ତୀର୍ଥସ୍ଥାନ । ଏହି ତୀର୍ଥସାର ବା ତୀର୍ଥଶ୍ରେଷ୍ଠ ଶ୍ରୀକ୍ଷେତ୍ରର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ ଶ୍ରୀ ଅଭିରାମ ପରମହଂସ ଲେଖିଛନ୍ତି–

''ତୀର୍ଥ ସଳଖେ ଦେଖ ଯାଇ,
ସକଳ ତୀର୍ଥ ପୂରିଛଇଁ ।
ସେ ଯେଉଁ ଅଭୟ ପୟର,
ସେଠାରୁ ତୀର୍ଥ କ୍ଷରାକ୍ଷର ।'' (୨୦)

ତେଣୁ ପୁରୁଷୋତ୍ତମ ଚେତନା ହିଁ ସକଳ ତୀର୍ଥାନୁଭବର ମୂଳତତ୍ତ୍ୱ ଭାବରେ ସ୍ୱୀକୃତ ହୋଇଛି । 'ତିଳକ ସଳଖ' ଧ୍ୟାନରେ ପୁରୁଷୋତ୍ତମାନୁଭୂତି ହୁଏ ବୋଲି ଉତ୍କଳୀୟ

ସାଧକମାପେ ପ୍ରତିପାଦିତ କରିଯାଇଛନ୍ତି । ଶ୍ରୀ ଅଭିରାମ ପରମହଂସ 'କଳି ଭାଗବତ' ପୁସ୍ତକରେ ପୁରୀର ପୁରୁଷୋତ୍ତମ ଜଗନ୍ନାଥଙ୍କୁ ସତ୍ୟନାରାୟଣଙ୍କଠାରୁ ଅଭିନ୍ନ ବୋଲି ପ୍ରତିପାଦିତ କରି କହିଛନ୍ତି–

''ଯେଣୁ ତୁ ପୁରୁଷ ଉତ୍ତମ,
ତେଣୁ ତୋ ନାମ ପୁରୁଷୋତ୍ତମ ।
ସକଳ ଘଟେ ଅଛ ପୂରି,
ତେଣୁ କହନ୍ତି ସିନା ପୁରୀ ।''(୨୧)

ତାତ୍ତ୍ୱିକ ଦୃଷ୍ଟିକୋଣରୁ ପୁରୀର ପୁରୁଷୋତ୍ତମ କ୍ଷେତ୍ରକୁ 'ଅନାହତ' ପୁର ନାମରେ ନାମିତ କରାଯାଇଛି । ଏହି ସ୍ଥାନ ହେଉଛି ଜୀବ ଓ ପରମର ମିଳନ ସ୍ଥାନ ବା ନିତ୍ୟ ରାହାସ ମଣ୍ଡଳ ବୋଲି ମଧ୍ୟ ଯୋଗୀମାନେ କହିଥାନ୍ତି । 'ଶୂନ୍ୟ ସଂହିତା' ପୁସ୍ତକରେ ଅଚ୍ୟୁତାନନ୍ଦ ଦାସ ଏହି ଅବ୍ୟକ୍ତ, ଅଣାକ୍ଷର ତଥା ନିରାକାର ତତ୍ତ୍ୱକୁ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି–

''ବିନ୍ଦୁ ବ୍ରହ୍ମଜ୍ୟୋତି ବ୍ରହ୍ମ ଅବାଡ଼ ଅନାହତ
ଆଜ୍ଞା ହେବ ସଂଶୟ ଯେ ନ ରହିବ ଚିତ୍ତ ।'' (୨୨)

ଏହି ଅନାହତ ପୁରର ସ୍ୱୟଂ ପୁରୁଷୋତ୍ତମ ହିଁ ଷୋଳକଳା ବିଶିଷ୍ଟ ଜଗନ୍ନାଥ ବୋଲି ଜଗନ୍ନାଥ ତତ୍ତ୍ୱରେ ଗ୍ରହଣ କରାଯାଇଛି । ସେ ହିଁ 'ଅତଳ ଚୈତନ୍ୟ' ଭାବରେ ଅବସ୍ଥାପିତ ହୋଇଛନ୍ତି । ତାଙ୍କର ଦର୍ଶନ ହିଁ 'ସହଜ ଜଗନ୍ନାଥ' ଦର୍ଶନ ନାମରେ ନାମିତ ।

## ଶ୍ରୀ ଅଭିରାମ ପରମହଂସଙ୍କର ପ୍ରେମଭକ୍ତି ସୂତ୍ରର ସିଦ୍ଧସାଧକ ଏବଂ ସାଧିକା ହେଉଛନ୍ତି ଅବଧୂତ ଏବଂ ଗୋପାଙ୍ଗନା :

'ଅବଧୂତ' ଯେ ଶ୍ରେଷ୍ଠ ଯୋଗୀ ତାଙ୍କୁ ଆଧ୍ୟାତ୍ମିକ ଜଗତର ମୁଖ୍ୟ ସଚେତକ ଭାବରେ ଶ୍ରୀ ପରମହଂସ ତାଙ୍କ ଧର୍ମମତରେ ଗ୍ରହଣ କରିଛନ୍ତି । ତାଙ୍କୁ ସେ ଦେବାତ୍ମା, ବେଦାର୍ଥବିତ୍ ଭାବରେ ମଧ୍ୟ ନାମିତ କରୁଛନ୍ତି । ପ୍ରୟୋଜନ ପଡ଼ିଲେ ଏହି 'ଅବଧୂତ' ରୂପୀ ସ୍ୱୟଂ ବିଷ୍ଣୁ ପୃଥିବୀରେ ଅବତାର ଗ୍ରହଣ କରନ୍ତି । ସମଗ୍ର ମାନବଜାତିକୁ ସନାତନ ସଂସ୍କୃତିର ମୂଳତତ୍ତ୍ୱକୁ ସେ ପରମଗୁରୁ ଭାବରେ ବୁଝାଇଦେଇ ଅଜ୍ଞାନତା ଦୂର କରିଥାନ୍ତି । ଅଜ୍ଞାନ–ଅନ୍ଧକାର ମଧ୍ୟରୁ ମାନବ ଜାତିକୁ ଜାଗ୍ରତ କରାଇବା ତାଙ୍କର ମୁଖ୍ୟ କର୍ତ୍ତବ୍ୟ ବୋଲି ସେ ମନେ କରନ୍ତି । ଏହି 'ଅବଧୂତ' ବା ଭଗବଦ୍ ଚେତନା ହିଁ ଶ୍ରୀ ଅଭିରାମ ପରମହଂସଙ୍କୁ ବିଶେଷ ପ୍ରଭାବିତ କରିଥିଲା । ସୁତରାଂ ଉଭୟ ଜ୍ଞାନମିଶ୍ରା ଭକ୍ତିଯୋଗ ଏବଂ ପ୍ରେମଭକ୍ତି ମଧ୍ୟରେ ଏକ ସମନ୍ୱୟ ଆଣି ସେ ଦୁଇଟି ଶ୍ରେଷ୍ଠ ମାଧ୍ୟମକୁ ନିଜର ଧର୍ମଦର୍ଶନ ଭାବରେ ଗ୍ରହଣ

କଲେ । ସେହି ଦୁଇଟି ମାଧ୍ୟମ ହେଲେ ଜ୍ଞାନ ଯୋଗର ପରମ ସାଧକ ଅବଧୂତ ବା ସ୍ୱୟଂ ଭଗବାନ ଏବଂ ଦ୍ୱିତୀୟଟି ପ୍ରେମଭକ୍ତି ମାର୍ଗର ଶ୍ରେଷ୍ଠ ପ୍ରେମିକା ଗୋପାଙ୍ଗନାମାନଙ୍କର ଅହେତୁକୀ ପ୍ରେମ । ଏହି ପରମପୁରୁଷ 'ଅବଧୂତ' ହିଁ ନିର୍ଗୁଣ, ନିର୍ଲେପ, ଅଦ୍ୱୈତ ଭୂମିରୁ ଅବତରଣ କରିଆସନ୍ତି । ତାପଦଗ୍ଧ ଜୀବ ପ୍ରତି ଅନୁକମ୍ପା ଜରି ସନ୍ତାନ-ତାପିତ ଶିଷ୍ୟ ପ୍ରତି କରୁଣାଘନ ମୂର୍ତ୍ତି ସାଜି ସେ ମହାଶୂନ୍ୟ ମଣ୍ଡଳରୁ ଓହ୍ଲାଇଆସନ୍ତି । ଯୁଗେ ଯୁଗେ ସତ୍ୟଧର୍ମର ସନ୍ଦେଶରୂପୀ ବାହକ ହୋଇ ଗୁରୁ ରୂପରେ ସେ ଏ ଧରିତ୍ରୀକୁ ନିଜ ଚରଣ ଧୂଳିରେ ପବିତ୍ର କରନ୍ତି । ଯୁଗର ଆବଶ୍ୟକତା ଅନୁସାରେ ସତ୍ୟଧର୍ମର ବୈଶିଷ୍ଟ୍ୟ ପ୍ରତିଷ୍ଠା କରନ୍ତି । ଏହି ଅବଧୂତ ସଂପ୍ରଦାୟର ଧାରା ବହୁ କାଳରୁ ଭାରତୀୟ ସନାତନ ଧର୍ମଧାରାରେ ପ୍ରଚଳିତ ହୋଇ ଆସୁଛି । 'ଅବଧୂତ'ଙ୍କୁ ଗୁରୁ ରୂପରେ ଧ୍ୟାନ କରି ଜ୍ଞାନମାର୍ଗୀ ସାଧକମାନେ ନିଜର କାମନା ସିଦ୍ଧି ପ୍ରାପ୍ତି ପାଇଁ ପ୍ରାର୍ଥନା କରିଥାନ୍ତି । ଅବଧୂତ ଗୁରୁମାନଙ୍କର ଧର୍ମମତ ସମ୍ବନ୍ଧରେ କୁହାଯାଇଛି ଯେ ସେମାନେ ଅନ୍ତର୍ଦ୍ଧାନୀ, ନିଆଶ୍ରିତ, ସଦାନନ୍ଦ, ବ୍ରହ୍ମଜ୍ଞାନରତ, ବାୟୁବିନ୍ଦୁଧୃତ, ଧୂଳି ଧୂସର ଗାତ୍ର, ଧରିତ୍ରୀ ତଥା ଆକାଶଗମ୍ୟ ଅଟନ୍ତି । ସେମାନେ ମଧ ତପସ୍ୟାଚାରୀ ଓ ତୃଷ୍ଣା-ମାୟା ପରିତ୍ୟାଗୀ ଅଟନ୍ତି । ତେଣୁ ଦିଗମ୍ବରମାନଙ୍କ ସମ୍ବନ୍ଧରେ କୁହାଯାଇଛି-

"ଦୟା କୃପା କ୍ଷମାଧାରୀ କାମଚକ୍ର ବିବର୍ଜିତା
ମନବିନ୍ଦୁ ଦୃଢ଼କୃତ୍ୱା ଦକାରୟେତେ ଲକ୍ଷଣ ।"(୨୩)

ସାଧୁ-ସନ୍ନ୍ୟାସୀ, ଦିଗମ୍ବର, ଅବଧୂତ ଏବଂ ପରମହଂସାଦି ସନ୍ଥ ଦୀକ୍ଷା ଓଡ଼ିଶାର ଧର୍ମ ସାଧନାରେ ବହୁଳ ଭାବରେ ପ୍ରଚଳିତ ଥିଲା; ବର୍ତ୍ତମାନ ସୁଦ୍ଧା ସେସବୁର ସଙ୍କେତ ଆମ ଦେଶରେ ପରିପୂର୍ଣ୍ଣ ଭାବରେ ରହିଛି । ପ୍ରାଚୀନ ଉତ୍କଳର ଧର୍ମ ଇତିହାସରେ ସାଧୁ ସନ୍ଥଙ୍କର ଧର୍ମ ମତବାଦ ଯେ ବହୁଳ ଭାବରେ ପ୍ରଚଳିତ ଥିଲା ତାହାର ପ୍ରମାଣ ବିଭିନ୍ନ ଧର୍ମଗ୍ରନ୍ଥମାନଙ୍କରୁ ମିଳୁଛି । ଏହି ଅବଧୂତମାନେ ବାସ୍ତବ କ୍ଷେତ୍ରରେ କାମ, କ୍ରୋଧ, ମାୟା-ମୋହାଦି ବର୍ଜିତ ଅଟନ୍ତି । ପରମହଂସୀମାନଙ୍କୁ କୁହାଯାଇଛି ଯେ ଏମାନଙ୍କର ଗତି ନିରଞ୍ଜନ । ସର୍ବୋପରି ଏମାନେ ହଂସସାଧକ ଅଟନ୍ତି । ପରମହଂସତତ୍ତ୍ୱ ଲାଭ କରିଥିବାରୁ ଏମାନେ ହିଂସା, ରାଗ ପ୍ରଭୃତି ରିପୁ ପରିତ୍ୟାଗୀ ହୋଇପାରିଛନ୍ତି । ସେମାନେ ସ୍ୱୟଂ ପରମାତ୍ମା ସତ୍ୟନାରାୟଣଙ୍କର ସ୍ୱରୂପ । ଅଦ୍ୱୈତବାଦୀ ଯୋଗାଚାର୍ଯ୍ୟ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କର ଗୁରୁତତ୍ତ୍ୱ ପ୍ରସଙ୍ଗରେ ଏହିଭଳି ବିଶ୍ଳେଷଣ ପ୍ରଭାବ ଉତ୍କଳୀୟ ଗୁରୁ ପରମ୍ପରାକୁ ବିଶେଷ ପ୍ରଭାବିତ କରିଥିଲା, ଅବଶ୍ୟ ଉତ୍କଳରେ ବ୍ରହ୍ମଜ୍ଞାନ ତଥା ଯୋଗତତ୍ତ୍ୱର ପ୍ରସାର ଶଙ୍କରଙ୍କ ଆବିର୍ଭାବ ପୂର୍ବରୁ ପ୍ରତିଷ୍ଠିତ ହୋଇସାରିଥିଲା । ଉତ୍କଳୀୟ ସଂସ୍କୃତିରେ ବାୟୁ, ବିନ୍ଦୁ, ଚନ୍ଦ୍ର, ସୂର୍ଯ୍ୟ ପ୍ରଭୃତି ସାଙ୍କେତିକ ଶବ୍ଦଗୁଡ଼ିକ ଯୋଗତତ୍ତ୍ୱରେ ପ୍ରାଧାନ୍ୟ ଲାଭ କରିଥିଲା । ଶଙ୍କରଙ୍କ

ବହୁ ପୂର୍ବରୁ ଅର୍ଥାତ୍ ଜୈନ ଏବଂ ବୌଦ୍ଧ ଯୁଗରୁ ମଧ୍ୟ ଯୋଗତତ୍ତ୍ୱର ବହୁଳ ଚର୍ଚ୍ଚା ଓଡ଼ିଶାର ଇତିହାସରେ ରହିଥିବାର ସୂଚନା ମିଳୁଛି । ପ୍ରାଚୀନ ଉତ୍କଳୀୟ ଧର୍ମଧାରାରେ ଏହି ଗୁରୁତତ୍ତ୍ୱ ତଥା ନାମତତ୍ତ୍ୱ ସମ୍ପର୍କରେ ଅନେକ ତଥ୍ୟ ଅବଗତ ହେଉଛି । ଓଡ଼ିଆ କବି ବୀରସିଂହଙ୍କ ବିଭିନ୍ନ ରଚନାରେ ଗୁରୁତତ୍ତ୍ୱ ଏବଂ ନାମତତ୍ତ୍ୱ ପ୍ରସଙ୍ଗର ମହତ୍ତ୍ୱ ପ୍ରଦର୍ଶିତ ହୋଇଛି । ବୀରସିଂହ କହିଛନ୍ତି ଯେ, ଆଧ୍ୟାତ୍ମିକ ଜଗତର ମୁଖ୍ୟ ଉଦ୍ଧାରକର୍ତ୍ତା ହେଉଛନ୍ତି ଗୁରୁ । ଗୁରୁ ଶକ୍ତି ହିଁ ସମଗ୍ର ବିଶ୍ୱରେ ଭଗବତ୍ ଚେତନାକୁ ପରିବ୍ୟାପ୍ତ କରିଥାଏ ।

> ''ଜଗତ ଭିତରେ ଭଗତ ବୁଡ଼ିଛି ।
> ସେ ଗୃହରେ ଯୋଗ ଆଚରି ।
> ସେ କାହାକୁ ନ ଲୋଡ଼େ ।
> ଯୋଗ ଭକ୍ତି ବୁଡ଼େ ।
> ଶିଷ୍ୟକୁ ଗୁରୁ ଯେ ଉଦ୍ଧରି ।
> ଗୁରୁ ଯେ ସିନ୍ଧୁ ବିନ୍ଦୁ ରୂପେ ଦେଖାଏ ।''(୨୪)

ଗୁରୁଙ୍କ ଭକ୍ତି ଅସୀମ । କାରଣ ସେ ସିନ୍ଧୁକୁ ବିନ୍ଦୁ ଭାବରେ ଦେଖାଇ ଦିଅନ୍ତି; ପଥରରେ ପଦ୍ମ ଫୁଟାଇ ପାରନ୍ତି ଅଥବା ଅସମ୍ଭବକୁ ସମ୍ଭବ କରିପାରନ୍ତି । କବି ବୀରସିଂହଙ୍କର ମଧ୍ୟ ଏପରି ଶକ୍ତି ଥିଲା ଯେ ସେ ତାହା ତାଙ୍କର ଶିଷ୍ୟ ଲକ୍ଷ୍ମୀକ୍ଷରକୁ ଦେଖାଇଥିଲେ । 'ଗୁରୁପ୍ରଣାଳୀ ଗୀତା' ନାମକ ଏକ ପୁସ୍ତକରୁ ପଞ୍ଚସଖାଙ୍କ ମଧ୍ୟରୁ ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କର ଗୁରୁପରମ୍ପରା ସମ୍ପର୍କରେ ବିଶ୍ୱାସ ଥିବା କଥା ସ୍ପଷ୍ଟ ଜଣାପଡୁଛି । 'ଗୁରୁପ୍ରଣାଳୀ ଗୀତା'ରେ ଉଲ୍ଲେଖ ଅଛି ଯେ, ସାଧକ ପ୍ରଥମେ ବ୍ରହ୍ମରନ୍ଧ୍ରର ସହସ୍ରାର ପଦ୍ମରେ ଗୁରୁଙ୍କୁ ସ୍ଥାପନା କରି ଧ୍ୟାନ କରିବ । ଏଭଳି ମାନସିକ ପୂଜା କରିବା ଫଳରେ ହିଁ ଗୁରୁକୃପା ଲାଭ ହୋଇଥାଏ ।

> ''ତତୋ ମାନସିକୋ ଗୁରୁଂ ସଂପୂଜ୍ୟ, ତତୋ ବ୍ରହ୍ମରନ୍ଧ୍ରେ
> ସହସ୍ର ନୀଳପଦ୍ମେ । ପରେ ଶ୍ରୀଗୁରୁ ଧ୍ୟାୟତି ।''(୨୫)

ପଞ୍ଚସଖା ଯୁଗର ଅନ୍ୟତମ ସାଧକ ଅଚ୍ୟୁତାନନ୍ଦ 'ଗୁରୁଭକ୍ତି ଗୀତା' ପୁସ୍ତକରେ ଗୁରୁର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ଭାରତୀୟ ସାଧନ ଧାରାରେ ଗୁରୁ ଶିଷ୍ୟର ସମ୍ପର୍କ କିପରି ନିବିଡ଼ ସେ ସମ୍ପର୍କରେ ଅଚ୍ୟୁତାନନ୍ଦ ବିଶେଷ ଧ୍ୟାନ ଦେଇ ଆଲୋଚନା କରିଛନ୍ତି । 'ଗୁରୁଭକ୍ତି ଗୀତା' ପୁସ୍ତକରୁ ଅଚ୍ୟୁତାନନ୍ଦଙ୍କର ଶିଷ୍ୟମାନଙ୍କ ସହିତ କିପରି ସୂକ୍ଷ୍ମ ଯୋଗାଯୋଗ ଥିଲା ତାହା ଜଣାପଡ଼େ । ତାଙ୍କର ବିଭିନ୍ନ ଜାତିର ଶିଷ୍ୟ ଥିଲେ । ସେହି ପ୍ରଧାନ ଶିଷ୍ୟମାନଙ୍କର ମଧ୍ୟରେ ଶିଷ୍ୟ ରାମଦାସ ଥିଲେ ଜାତିରେ କୁମ୍ଭାର, ଅନ୍ୟ ଜଣେ ଶିଷ୍ୟ ରାମଦାସ ଥିଲେ ବଢ଼େଇ ଏବଂ ଅଧିକାଂଶ ଥିଲେ ଗୋପାଳ ଜାତିର । ତାଙ୍କର 'ଶୂନ୍ୟ

ସଂହିତା' ପୁସ୍ତକରେ ସେ ଏହି ଗୁରୁ ଶିଷ୍ୟଙ୍କର ଜନ୍ମଜନ୍ମାନ୍ତର ସମ୍ବନ୍ଧ ଉପସ୍ଥାପିତ କରି କହିଛନ୍ତି–

"ଗୁରୁ ଶିଷ୍ୟ ଭକ୍ତି ସୁଧା ପ୍ରେମ ସୁଧା ରାଶି ।
ଏ ଭେଦ ଜାଣିଲେ ଶାସ୍ତ୍ର ପଢୁ ବା ନ ପଢୁ
ପାଇବ ପରମ ଗତି ଭକ୍ତ ଶ୍ରେଣୀ ବଢୁ ।
x x x
ନମୋ ନମୋ ଗୁରୁଦେବ ପରମ କାରଣ,
ମୂଢ଼ଜନ ତାରିବାକୁ ହେଲ ଯେ ଜନମ ।"(୨୬)

ଏପରିକି ସନ୍ଥକବି ଭୀମ ଭୋଇ ମଧ୍ୟ ଏହି ଅବଧୂତରୂପୀ ଗୁରୁଙ୍କୁ 'ଶୂନ୍ୟବାସୀ' ବା 'ଅବନା ମଣ୍ଡଳବାସୀ' ଭାବରେ ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ ଅବଧୂତ ହେଉଛନ୍ତି ସ୍ୱୟଂ ବ୍ରହ୍ମ ମହିମା ବା ମହିମା ଗୋସାଇଁ । ଏହି ଗୁରୁ ଅବଧୂତ ବ୍ରହ୍ମଙ୍କର ନିର୍ବୈକ୍ତିକ ପ୍ରକାଶ; ତଥା ବ୍ୟକ୍ତି ରୂପରେ ଅଭିବ୍ୟକ୍ତ ହୋଇଥିବା ପରମ ଗୁରୁ ବୋଲି ସେ ଉପସ୍ଥାପିତ କରିଛନ୍ତି । ଅବଶ୍ୟ ଶ୍ରୀ ଅଭିରାମ ପରମହଂସ ମଧ୍ୟ ଅବଧୂତଙ୍କୁ ଉଭୟ ଜ୍ଞାନ ତଥା କର୍ମଯୋଗର ଜଣେ ମହାନ ସାଧକ ବୋଲି ସ୍ୱୀକାର କରିଛନ୍ତି । କାରଣ ଏହି ଅବଧୂତ ଜ୍ଞାନ, କର୍ମ ଏବଂ ପ୍ରେମଭକ୍ତି ରସାପ୍ଳୁତ ହୋଇ ପୂର୍ଣ୍ଣାନନ୍ଦରେ ପରିଣତ ହୋଇଯାନ୍ତି । ଏହି ପୂର୍ଣ୍ଣାନନ୍ଦର ନିବାସସ୍ଥଳୀ ହେଉଛି ନିତ୍ୟାନନ୍ଦ । ନିତ୍ୟାନନ୍ଦରେ ଊର୍ଦ୍ଧ୍ୱସ୍ତରର ଚେତନା ସ୍ତରୀଭୂତ ହେଲେ ଅବଧୂତ ସ୍ଥିତି ଲାଭ ହୁଏ । ତେଣୁ ଅବଧୂତ ହେଉଛନ୍ତି ଏକାଧାରରେ ପରମ ଜ୍ଞାନୀ, ପରମ କର୍ମୀ ତଥା ପରମ ପ୍ରେମୀ । ଆଲୋଚ୍ୟ କବି ଶ୍ରୀ ଅଭିରାମ ପରମହଂସ ଉପରୋକ୍ତ ବିଷୟଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପ୍ରେମ ଭକ୍ତିର ମହତ୍ତ୍ୱ ସହିତ ଭଗବଦ୍ ସତ୍ତାର ଏକ ସମନ୍ୱୟ ସୃଷ୍ଟି କରି ପ୍ରକାଶ କରିଛନ୍ତି–

"ଭକତି ଅଟେ ସାରତତ୍ତ୍ୱ,
ଜାଣନ୍ତି ସିନା ଅବଧୂତ ।
କିଛି ଜାଣନ୍ତି ଗୋପ ଗୋଇ,
ଶୁଣ ତୁ ମନ ନର ସାଇଁ ।" (୨୭)

ଗୋପୀକାମାନେ ଯେଉଁ ଦୁର୍ଲ୍ଲଭ ଭକ୍ତିର ଅଧିକାରୀ; ଅବଧୂତ ସେହି ଭକ୍ତିର ସାରତତ୍ତ୍ୱକୁ ଉତ୍ତମରୂପରେ ଜାଣନ୍ତି । ଏହି ଭକ୍ତିର ସାରତତ୍ତ୍ୱ ହିଁ କର୍ମ ଏବଂ ଜ୍ଞାନର ମୂଳଭିତ୍ତି । ଶ୍ରୀ ଅଭିରାମ ପରମହଂସଙ୍କ ରଚିତ 'ଶ୍ରୀକୃଷ୍ଣ କୌତୁକ ଗୀତା' ପୁସ୍ତକରେ ଅବଧୂତ ପ୍ରସଙ୍ଗ ବିଶଦ ଭାବରେ ଆଲୋଚିତ ହୋଇଛି । ଦ୍ୱାପର ଯୁଗରେ ଏକଦା ଭଗବାନ–ଶ୍ରୀକୃଷ୍ଣ ଅବଧୂତ ରୂପ ଧାରଣ କରି ଲଳିତାଙ୍କୁ ତତ୍ତ୍ୱ ଉପଦେଶ ଦେଇଥିଲେ । ସେହି କଥା ଶୁଣାଇବା

ପାଇଁ ମନରାଜ ଗୁରୁ ଚୈତନ୍ୟ ଚନ୍ଦ୍ରଙ୍କୁ ଅନୁରୋଧ କରିଛି । ଏହି କ୍ରମରେ ଲଳିତା ଅବଧୂତଙ୍କୁ ବିଭିନ୍ନ ତତ୍ତ୍ୱ ସମ୍ପର୍କିତ ଗୂଢ଼ ପ୍ରଶ୍ନ ପଚାରିଛନ୍ତି । ସେହିସବୁ ପ୍ରଶ୍ନୋତ୍ତର ମଧ୍ୟରୁ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ସମ୍ପର୍କିତ ଆଲୋଚନା ବିଶେଷ ପ୍ରଣିଧାନଯୋଗ୍ୟ । ଅବଶ୍ୟ ଏହି ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ବିଷୟକ ବହୁ ଆଲୋଚନା ପଞ୍ଚସଖା ସାହିତ୍ୟରେ ବହୁଳ ଭାବରେ ଆଲୋଚିତ ହୋଇସାରିଛି । ଦ୍ୱାର ଯୁଗର ଶ୍ରେଷ୍ଠ ଭକ୍ତ ଗୋପୀମାନେ ଭଗବାନ ଶ୍ରୀକୃଷ୍ଣଙ୍କର ଯଥାର୍ଥ ଅଙ୍ଗଦେହୀ ଭକ୍ତ ଭାବରେ ପରିଗଣିତ ହୁଅନ୍ତି । ସେମାନେ ସମସ୍ତ ବିଷୟା ଜ୍ଞାନ, ଶରୀର ତଥା ମନ ଶ୍ରୀକୃଷ୍ଣଙ୍କୁ ସମର୍ପଣ କରିଦେଇଥିଲେ । ଐକାନ୍ତିକ ସମର୍ପଣ ତଥା ପ୍ରେମ ଭକ୍ତି ଯୋଗୁଁ ଗୋପୀମାନେ ନିଜର ଶରୀର ଜ୍ଞାନକୁ ଭୁଲି ଯାଇଥିଲେ । ସେଥିପାଇଁ ଚତୁର୍ଦ୍ଦିଗ ସେମାନଙ୍କୁ ଶ୍ରୀକୃଷ୍ଣମୟ ଦେଖାଯାଉଥିଲା । ଏପରିକି ଉନ୍ମତ୍ତ ଭାବୋଲ୍ଲାସରେ ସେମାନେ ନିଜକୁ ଶ୍ରୀକୃଷ୍ଣ ବୋଲି ଘୋଷଣା କରୁଥିଲେ । ଶ୍ରୀମଦ୍ ଭଗବଦ୍ ଗୀତାରେ ଉଲ୍ଲେଖ ଅଛି; ରସାବିଷ୍ଟ ଗୋପୀକାମାନେ କହୁଥିଲେ–

"କେ ଗୋବିନ୍ଦ ମୁହିଁ ନାରାୟଣ
ସେବଟି ମୋହର ଚରଣ ।" (୨୮)

ଐକାନ୍ତିକ ଭକ୍ତିର ଚରମ ପ୍ରାପ୍ତି ଦିଗରେ ଅବଧୂତ ଏବଂ ଗୋପୀକାମାନଙ୍କର ଅନୁଭବ ସମାନ ହେଲେ ହେଁ ଉଭୟଙ୍କ ମଧ୍ୟରେ ଭାବଗତ ପାର୍ଥକ୍ୟ ଲକ୍ଷ୍ୟ କରାଯାଇପାରେ । ଗୋପୀମାନେ ଶ୍ରୀକୃଷ୍ଣଙ୍କ ସହିତ ସମ୍ପୂର୍ଣ୍ଣ ଏକାତ୍ମ ଅନୁଗ୍ରହ କରୁଥିଲେ ହେଁ କୃଷ୍ଣ ବିରହରେ କାତର ହୋଇ ପଡୁଥିଲେ । ବିରହ ହେଉଛି ଦ୍ୱୈତ ଭାବର ଦ୍ୟୋତକ ସ୍ୱରୂପ । କିନ୍ତୁ ଅବଧୂତଙ୍କ ଭକ୍ତି କ୍ଷେତ୍ରରେ ଏକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଅବଧୂତ ଭଗବାନଙ୍କ ସହିତ ନିତ୍ୟ ତଦାତ୍ମ୍ୟ ବୋଧକରୁଥିବାରୁ ସୋଽହଂ ଅନୁଭବର ପୂର୍ଣ୍ଣତାରେ ପ୍ରତିଷ୍ଠିତ ହୋଇ ଭଗବଦ୍ ବିରହ ଅନୁଭବ କରିପାରନ୍ତି ନାହିଁ । ବିରହ ଅନୁଭବ କରିବାକୁ ହେଲେ ଅବଧୂତଙ୍କୁ ଗୋପୀକା ସ୍ଥିତିରେ ଅବତୀର୍ଣ୍ଣ ହେବାକୁ ପଡ଼ିବ । ଗୋପୀକାମାନେ ନିଜ ସ୍ଥିତିରେ ଯେତେବେଳେ କୃଷ୍ଣ ବିରହ ଅତିକ୍ରମ କରିଯାଆନ୍ତି, ସେତେବେଳେ ସେମାନେ ଅବଧୂତ ସ୍ଥିତିର ସ୍ୱାଦୁ ଅନୁଭବ କରନ୍ତି । ତତ୍ତ୍ୱଗତ ଦୃଷ୍ଟିକୋଣରୁ ଉଭୟଙ୍କର ସ୍ଥିତି ଏକ ଏବଂ ଅଭିନ୍ନ । ଭାବଗତ ବୈଷମ୍ୟ ଥିବା ସତ୍ତ୍ୱେ ଏହି ଐକାନ୍ତିକ ପ୍ରେମଭକ୍ତି ବୈଷ୍ଣବ ଧର୍ମ ଦର୍ଶନର ମୂଳ ଭିତ୍ତିଭୂମି ବୋଲି କହିଲେ ଅଯୌକ୍ତିକ ହେବ ନାହିଁ । ଆଲୋଚ୍ୟ କବି ଶ୍ରୀ ଅଭିରାମ ପରମହଂସ ଜ୍ଞାନ ଏବଂ ପ୍ରେମଭକ୍ତି ସୂତ୍ରର ଏହି ସୂକ୍ଷ୍ମ ତତ୍ତ୍ୱଟିକୁ ସ୍ୱୟଂସମ୍ପୂର୍ଣ୍ଣ ଭାବରେ ନିଜର ଧର୍ମ ମତରେ ସାମିଲ କରିନେଇ ଏକ ବୈପ୍ଳବିକ ଭୂମିକା ସୃଷ୍ଟି କରି ଯାଇଛନ୍ତି ।

ସୃଷ୍ଟି ପ୍ରକ୍ରିୟା' ସମ୍ପର୍କରେ ଶ୍ରୀ ଅଭିରାମଙ୍କର ସ୍ୱ ମତ ତଥା ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ ତତ୍ତ୍ୱର ଆଲୋଚନା–

ଆମ୍ଭେମାନେ ଯେଉଁ ପୃଥିବୀରେ ବାସ କରୁଥାଉଁ ସେହି ପୃଥିବୀଟି କିପରି ସୃଷ୍ଟି ହୋଇଛି ଏ ସମ୍ପର୍କରେ ପ୍ରତ୍ୟେକ ମଣିଷର ଜିଜ୍ଞାସା ରହିଛି । ବୈଜ୍ଞାନକ ଦୃଷ୍ଟିକୋଣରୁ ହେଉ ବା ତାତ୍ତ୍ୱିକ ଦୃଷ୍ଟିରୁ ହେଉ ସୃଷ୍ଟି ପ୍ରକ୍ରିୟା ସମ୍ପର୍କରେ ଭାରତୀୟ ସନାତନ ଧର୍ମୀୟ ସଂସ୍କୃତିରେ ବ୍ୟାପକ ଆଲୋଚନା ହୋଇଛି । ଉତ୍କଳୀୟ ପଞ୍ଚସଖା ତଥା ବୈଷ୍ଣବୀୟ ସାଧକଗଣ ସେମାନଙ୍କ ଗ୍ରନ୍ଥମାନଙ୍କରେ ସୃଷ୍ଟି ରହସ୍ୟ ବା ସୃଷ୍ଟିତତ୍ତ୍ୱକୁ ଏକ ପ୍ରଧାନ ସ୍ଥାନ ଦେଇଛନ୍ତି । ବିଶ୍ୱ ସୃଷ୍ଟିର ରହସ୍ୟ ସହିତ ଜୀବାତ୍ମା ଏବଂ ପରମାତ୍ମାର ସମ୍ପର୍କ କିପରି ନିଗୂଢ଼ ସେ ସମ୍ବନ୍ଧରେ ଜିଜ୍ଞାସୁ ମଣିଷ କେଉଁ ଯୁଗରୁ ଉଦ୍ୟମ କରିଆସୁଛି । ବଳରାମ ଦାସଙ୍କର 'ବ୍ରହ୍ମାଣ୍ଡ ଭୂଗୋଳ' ପୁସ୍ତକରେ କୁହାଯାଇଛି ଯେ, ପ୍ରଥମରେ ଚନ୍ଦ୍ର, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ତଥା ପଞ୍ଚଭୂତଙ୍କର କୌଣସି ଅସ୍ତିତ୍ୱ ନ ଥିଲା । ଚତୁର୍ଦ୍ଦିଗରେ କେବଳ ମହାଶୂନ୍ୟତା ଘେରି ରହିଥିଲା । ଏହି ଅନନ୍ତ ମହାଶୂନ୍ୟତାକୁ ସ୍ରଷ୍ଟାଙ୍କର ଆଦ୍ୟ ସ୍ୱରୂପ ବୋଲି ସ୍ୱୀକାର କରାଗଲା । ସେ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିବାକୁ ଇଚ୍ଛା କରନ୍ତେ ତାଙ୍କ ଅଙ୍ଗରୁ ବିନ୍ଦୁ ପ୍ରକାଶିତ ହେଲା–

''ଯେ କାରେ ଜଳ ସ୍ଥଳ ନାହିଁ,
ଏକା ମୁଁ ମହାଶୂନ୍ୟେ ଥାଇ ।
ବିରାଟ ରୂପ ଥିଲି ମୁହିଁ,
ମୋ ବିନୁ ଆଉ କେହି ନାହିଁ ।'' (୨୯)

ବଳରାମ ଦାସଙ୍କର 'ବିରାଟ ଗୀତା'ରେ ବର୍ଣ୍ଣିତ ହୋଇଛି ଯେ ଶୂନ୍ୟରୁ ଏକ ଜ୍ୟୋତିବିନ୍ଦୁ ଖସି ଆକାଶରେ ଧୂମ୍ରବର୍ଣ୍ଣ ଧାରଣ କଲା । ଏହି ଧୂମ୍ରବର୍ଣ୍ଣରୁ ଶକ୍ତି ଏବଂ ଶକ୍ତିରୁ ଓଁକାର ଜାତ ହେଲେ । ଓଁକାରରୁ ତ୍ରିବୀଜ, ତ୍ରିବୀଜରୁ ନାମ ତଥା ଏହି ନାମରୁ ସୃଷ୍ଟି, ସ୍ଥିତି ଓ ପ୍ରଳୟକର୍ତ୍ତା ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଜନ୍ମଲାଭ କଲେ । ଏହି ସୃଷ୍ଟି ନାମରୁ ଜଗତର ଉଦ୍ଭବ ହେଲା ଓ ଛପନ କୋଟି ଜୀବଜନ୍ତୁ ଏହା ସହିତ ଜାତ ହେଲେ । ଉପରୋକ୍ତ ସୃଷ୍ଟି ତତ୍ତ୍ୱର ଚକ୍ର ପ୍ରତ୍ୟେକ ଜୀବନଠାରେ ନିତ୍ୟ ପ୍ରତୀୟମାନ ହେଉଛି । 'ଶୂନ୍ୟ ସଂହିତା'ରେ ଅଚ୍ୟୁତାନନ୍ଦ ଉଲ୍ଲେଖ କରିଛନ୍ତି–

''ଓଁ କାର ଉପରେ ଅର୍ଦ୍ଧମାତ୍ରା ଦେଲ ନେଇ,
ତହିଁ ଉପରେ ଯେ ଶୂନ୍ୟକୁ ମଣ୍ଡଳୀ ବସାଇ ।
ଏମନ୍ତ ଓଁକାର ବୋଲି ନାମ ଯେ ବୋଇଲା,
ପଞ୍ଚବୀଜ, ପଞ୍ଚଭୂତ, ପଞ୍ଚ ଆତ୍ମା କହି ।'' (୩୦)

ଜଗନ୍ନାଥ ଦାସ 'ତୁଳାଭିଣା' ପୁସ୍ତକରେ ମଧ ସ୍ପଷ୍ଟ ଭାବରେ ସୂଚାଇଛନ୍ତି– ''ଶୁଣ ପୁତାରେ ! ପ୍ରଥମେ ମହାଶୂନ୍ୟଙ୍କଠାରେ ଦୃଷ୍ଟି ଦେବୁ; ଓଁ କାର ଶବଦକୁ ଘରେ ରଖିବୁ,

ରକାର ଶବଦକୁ ଦୃଷ୍ଟି ଦେବୁ ।'' (୩୧) ଏହି ପୁସ୍ତକର 'ସପ୍ତମ ଅଧ୍ୟାୟ'ରେ ମଧ୍ୟ କୁହାଯାଇଛି–

''ମହାଶୂନ୍ୟ ଯେ ଜ୍ୟୋତିରୂପ । ଜ୍ୟୋତିରୁ ଜାତ ଠୂଳ ରୂପ ।
ଠୂଳରୁ ଅର୍ଦ୍ଧ ମାତ୍ରା କଳା । ମାତ୍ରାରୁ ଓଁ କାର ଜନ୍ମିଲା ।
ଓଁ କାରୁ ବ୍ରହ୍ମ ଏ ଜଗତ ।'' (୩୨);୧

ଜଗତର ଉତ୍ପତ୍ତି ସମ୍ପର୍କରେ ଉକ୍ତ ଗ୍ରନ୍ଥରେ ଶିବ ପାର୍ବତୀଙ୍କୁ ଏପରି ଭାବରେ ବୁଝାଇଛନ୍ତି । ଅନ୍ୟତମ ବୈଷ୍ଣବ କବି ଶ୍ରୀ ଶିବଦାସ ତାଙ୍କର 'ଶ୍ରୀ ରାଧାରସାମୃତ ଗୀତା' ପୁସ୍ତକରେ ଏହି ଜଗତର ଉତ୍ପତ୍ତି ସମ୍ପର୍କରେ ଏକ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ରାଧା ଭାବରେ ଅଭିଭୂତ, ଶ୍ରୀକୃଷ୍ଣ 'ସୃଷ୍ଟି କ୍ରିୟା'ର ବିକାଶ ସମ୍ପର୍କରେ କହୁଛନ୍ତି–

''ସ୍ୱରୂପ ଶବଦ ଯାଇ ଜଳରେ ପଡ଼ିଲା,
ଶବଦ ସଙ୍ଗରେ ଚାରି କଳା ହିଁ ମିଶିଲା,
ଏକାର୍ଣ୍ଣବ ଜଳରେ ସେ ବିନ୍ଦୁରୂପ ହେଲା ।
ଆଦି ପଞ୍ଚଭୂତଟିଏ କହିଲି ଗୋ ପ୍ରିୟେ
ସଲିଳେ ପଡ଼ିଣ ସେ ଧଇଲେ ଏକକାୟେ ।'' (୩୩)

ଓଁ କାର ବିନ୍ଦୁରୁ ପୁରୁଷ ଏବଂ ସ୍ତ୍ରୀ ରୂପରେ ରାଧା ଓ କୃଷ୍ଣଙ୍କର ଉତ୍ପତ୍ତି ତଥା ଜଗତର ସୃଷ୍ଟି ବୋଲି ଶିବ ଦାସ ଦର୍ଶାଇଛନ୍ତି । ଏହି ଦୁଇଜଣ ହେଉଛନ୍ତି ଜୀବ ଏବଂ ପରମଙ୍କର ଅନ୍ୟ ସ୍ୱରୂପ । ଏମାନଙ୍କର ନିତ୍ୟ ରାସଲୀଳା ମନରୂପୀ ବୃନ୍ଦାବନ କ୍ଷେତ୍ରରେ ଅହରହ ଚାଲିଛି । ଯୋଗମାୟା ପ୍ରେମ ସ୍ୱରୂପାଙ୍କୁ ରାଧାକୃଷ୍ଣଙ୍କ ସହିତ ଏକତ୍ର ଲୀଳା କରିବାକୁ ଆଦେଶ ଦେଇଥିବାରୁ ଉଭୟଙ୍କ ମଧ୍ୟରେ ପ୍ରେମର ଉତ୍ପତ୍ତି ହେଲା । ଏହି ପ୍ରେମ ହିଁ ମହାପ୍ରେମ ନାମରେ ପରିଚିତ ହେଲା । 'ଭୂଗୋଳ ଏକାଦଶ ସ୍କନ୍ଦ'ରେ ଭକ୍ତକବି ଜଗନ୍ନାଥ ଦାସ ଲେଖିଛନ୍ତି–

''ଜୀବ ପରମ ଏ ପବନ । ଅତି ଗହନ ଘୋରତମ ।
ରଜ ବୀର୍ଯ୍ୟକୁ ସେ ଘେନିଲେ । ମାତାର ଗର୍ଭେ ଲମ୍ଭାଇଲେ ।
ଜଳ ପାଷାଣ ଅର୍ଥ ଏହି । ହେ ପାର୍ଥ ! ତତେ ଦେଲୁ କହି ।''(୩୪)

ପ୍ରାଚୀନ ଭାରତୀୟ ପରମ୍ପରା, ସାଧନ ପ୍ରଣାଳୀ ତଥା ସୃଷ୍ଟି ତତ୍ତ୍ୱର ଆଲୋଚନା ବିଂଶ ଶତାବ୍ଦୀର ଅନ୍ୟତମ ସାଧକ କବି ଶ୍ରୀ ଅଭିରାମ ପରମହଂସଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ତେଣୁ ସେ ତାଙ୍କର ରଚନାବଳୀରେ ଅଦ୍ୱୈତ ବ୍ରହ୍ମଙ୍କୁ ମଧୁର ଲୀଳାର ଦ୍ୟୋତକ ଭାବରେ ଉପସ୍ଥାପିତ କରିଛନ୍ତି । ଏହି ବ୍ରହ୍ମ ଜଗତରେ ନିଜର ମଧୁରଲୀଳା

ପ୍ରକଟ କରିବାକୁ ଯାଇ ସ୍ତ୍ରୀ ଏବଂ ପୁରୁଷ ରୂପରେ ଅବତୀର୍ଣ୍ଣ ହୁଅନ୍ତି । ସୁତରାଂ ସେ ଉଲ୍ଲେଖ କରିଛନ୍ତି–

"ଏକଇ ବିଭୁ ତୁମ୍ଭେ ସତ,
ହୋଇଣ ଥିଲ ଜଗନ୍ନାଥ ।
ଖେଳରେ ଦୂଇତ ହୋଇଲ,
ସ୍ତ୍ରୀଲିଙ୍ଗ ପୁଲିଙ୍ଗ ହୋଇଲ ।
ଭାଗେ ଆଦି ଭାବେ ଅନାଦି,
ରହିଚ ଚରାଚର ଭେଦି ।" (୩୫)

ହରି ଭାଗଟି ହେଉଛି ନିର୍ଗୁଣ, ପୁରୁଷ, ଅନାଦି, ଜ୍ଞାନ ଭାଗ ବା ନିଷ୍କାମ ଭାଗ । ଶ୍ରୀ ଭାଗଟି ହେଉଛି ତ୍ରିଗୁଣାତ୍ମିକା ପ୍ରକୃତି ଭାଗ, ଅଜ୍ଞାନ ତଥା ସକାମଭାଗ । ଅଭିରାମ ପରମହଂସ ଏହି ଅଦ୍ୱୈତ ସ୍ଥିତିର ତତ୍ତ୍ୱପୂର୍ଣ୍ଣ ବ୍ୟାଖ୍ୟା କରିଛନ୍ତି । ଏହି ଅଦ୍ୱୈତର ଗୂଢ଼ତମ ଆଦ୍ୟଭୂମି ହେଉଛି ଅଣାକ୍ଷର । ଅଦ୍ୱୈତର ଅଣାକ୍ଷର ଭୂମି ହେଉଛି ଅକ୍ଷର ଶୂନ୍ୟ ଭୂମି; ଅର୍ଥାତ୍ ସେଠାରେ ଅକ୍ଷରମାନଙ୍କର ସ୍ପର୍ଶ ନ ଥାଏ । ତେଣୁ ତାହା ଅବର୍ଣ୍ଣନୀୟ । ଏହି ଭୂମିକୁ ଅଭିରାମ କହୁଛନ୍ତି ଯେ ତାହା ଅବ୍ୟକ୍ତ, ଅଦୃଷ୍ଟି, ଅଶ୍ରୁତି, ଅଲକ୍ଷ୍ୟ, ଅଚିନ୍ତ୍ୟ, ଅରୂପ, ଅଜ୍ୟୋତି, ଅନାମ ତଥା ଅବର୍ଣ୍ଣ । ଏହି ଅଣାକ୍ଷର ଭୂମିକୁ ଷୋହଳ କଳା ଜଗନ୍ନାଥ ବା ସ୍ୱୟଂ ସମ୍ପୂର୍ଣ୍ଣ ପୁରୁଷୋତ୍ତମଙ୍କ ସ୍ୱରୂପ ବୋଲି ପ୍ରତିପାଦିତ କରାଯାଇଛି । ସେହି ଅରୂପ ଜଗନ୍ନାଥ ରୂପ ଗ୍ରହଣ କରିବାକୁ ଇଚ୍ଛା କଲାରୁ ଷୋହଳ କଳାରୁ କଳାଏ କାଢ଼ିଲେ । ଏହି ଅବିନ୍ଦୁରୂପୀ କଳାରୁ ବିନ୍ଦୁଏ ଜାତ ହେଲା । ସେ ବିନ୍ଦୁ ନିରାକାର ହେଲା । ମଣ୍ଡଳରୂପୀ ବିନ୍ଦୁରୁ ଶକ୍ତିରୂପ ଜାତ ହେଲା । ସେ ବିନ୍ଦୁ ନିରାକାର ହେଲା । ମଣ୍ଡଳରୂପୀ ବିନ୍ଦୁରୁ ଶକ୍ତିରୂପ ଜାତ ହେଲା । ଏହି ମଣ୍ଡଳରୂପୀ ନିରାକାର ଓ ଥକାର ରୂପୀ ଆଦିଶକ୍ତିକୁ ପ୍ରେମ (Eras) ସମ୍ମିଳିତ କରିଛି । ମଣ୍ଡଳ ଓ 'ଥ'କାର ମିଳନରୁ 'ଅ'କାରର ଉତ୍ପତ୍ତି ହୋଇଛି–

"ବିନ୍ଦୁରେ 'ହ' ଥକାରେ 'ହ',
ଆବର ମିଶି ପ୍ରେମେ 'ହ' ।
ତିନି ମିଶିଣ ଯେ କହଇ ।
ନାମ ତା' ଆକାର ବୋଲାଇ ।" (୩୬)

ଅଣଅକ୍ଷର ଏକକ୍ଷର ଜାତ ହେଲା । ସେହି ଏକାକ୍ଷରରୁ ଓଁକାର ଜାତ ହେଲା । ଉତ୍ପତ୍ତି, ସ୍ଥିତି ଏବଂ ସଂହାର ଏହି ତ୍ରିବିଧ କ୍ରିୟାର ପ୍ରତୀକ ହେଉଛି ଓଁକାର । ଓଁକାର ହେଉଛି ନୀଳାମୂର୍ତ୍ତି । ଏତଦ୍‌ବ୍ୟତୀତ ଉତ୍ପତ୍ତି, ସ୍ଥିତି, ସଂହାର ଏହି ତିନିଙ୍କୁ ଆଶ୍ରୟ କରି ଜଗତର ସମସ୍ତ ଲୀଳା ପ୍ରକଟିତ ହୋଇଥାଏ । ପ୍ରକୃତପକ୍ଷରେ ଜୀବ ଓ ପରମ ଏକ

ଏବଂ ଅଦ୍ୱିତୀୟ ହୋଇ ସମସ୍ତ ଲୀଳା ଧାରଣ କରୁଛନ୍ତି ବୋଲି ସମସ୍ତ ବେଦ, ପୁରାଣ ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ହୋଇଛି ।

## ଅଭିରାମ ପରମହଂସ ଏବଂ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ :

ଶ୍ରୀ ଅଭିରାମ ପରହମଂସଙ୍କ ମତରେ ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱର ବିଶେଷ ଗୁରୁତ୍ୱ ରହିଛି । ସେ କହନ୍ତି ଯେ, ଜୀବରୂପୀ ପିଣ୍ଡ ଏବଂ ବ୍ରହ୍ମାଣ୍ଡରୂପୀ ପରମଙ୍କୁ ଭିନ୍ନାଭିନ୍ନ କରି ବିଚାର କରିବା ସର୍ବାଦୌ ପ୍ରମାଦମୂଳକ ।

"ପିଣ୍ଡ ବୋଲିଣ ଯାକୁ କହି । ସେହିଟି ବ୍ରହ୍ମାଣ୍ଡ ଅଟଇ ॥
ଯାହାକୁ ବୋଲନ୍ତି ବ୍ରହ୍ମାଣ୍ଡ । ସେ ହୋଇଛି ଜାଣ ପିଣ୍ଡ ॥
ପିଣ୍ଡ ବ୍ରହ୍ମାଣ୍ଡ ଏକମତ । ଏକରୁ ନ ଥାଉ ଦୁଇ ତ ।" (୩୭)

ନିଜର ଶରୀର ସମ୍ପୂର୍ଣ୍ଣରୂପେ ନିଜର ହେଲେ ହେଁ ଶରୀରର ସମସ୍ତ ମାଂସପେଶୀ ଓ ସ୍ନାୟୁମଣ୍ଡଳ ଉପରେ ଆମର ଅଧିକାରର ତାରତମ୍ୟ ରହିଛି । ଏପରି କେତେକ ମାଂସପେଶୀ ତଥା ସ୍ନାୟୁ-ପରିବାର ଅଛନ୍ତି ଯେଉଁମାନେ ଆମ୍ଭମାନଙ୍କର ସଚେତନ ଆୟତ୍ତରୁ ବହିର୍ଭୂତ । ପିଣ୍ଡ (Gland) ଓ ପିଣ୍ଡମାନଙ୍କରୁ କ୍ଷରିତ ହେଉଥିବା ଧାତୁମାନେ ଆମ୍ଭମାନଙ୍କର ବ୍ୟକ୍ତିତ୍ୱ, ଅବବୋଧ ତଥା ଅନୁଭୂତିର ନିୟାମକ ଅଟନ୍ତି । ମନସ୍ତତ୍ତ୍ୱବିଦ୍‌ମାନେ ମଧ କହନ୍ତି ଯେ- "We are at the mercy of glands" । କିନ୍ତୁ ଯୋଗୀ ବା ସାଧକ ଜୀବନରେ ଶରୀରର ଏହି ଅନମନୀୟତା ତଥା ଔଦ୍ଧତ୍ୟ ଏକ ବିଷମ ସମସ୍ୟା ରୂପରେ ଦେଖାଦେଇଥାଏ । ତେଣୁ ସାଧକ ଯୋଗଦ୍ୱାରା ପ୍ରଥମେ ଶରୀରକୁ ନିଜର ଆୟତ୍ତାଧୀନ କରିବାକୁ ଚେଷ୍ଟା କରିଥାଏ । ଯମ, ନିୟମ, ପ୍ରାଣାୟାମ ଆଦି ଯୋଗାଭ୍ୟାସ ଦ୍ୱାରା ଶରୀର ଓ ଶରୀରସ୍ଥ ବୃତ୍ତି ସକଳରୁ କିୟଦ୍ ପରିମାଣରେ ଆୟତ୍ତକୁ ଅଣାଯାଏ ସତ୍ୟ; କିନ୍ତୁ ବିଶେଷ ଧରଣର ସାଧନ ପ୍ରକ୍ରିୟା ଅବଲମ୍ବନ ନ କଲେ ଶରୀର ତଥା ବହିର୍ମୁଖୀ ମନକୁ ଆୟତ୍ତାଧୀନ କରି ଆତ୍ମଶକ୍ତି ଜାଗ୍ରତ କରିବା କଷ୍ଟକର ହୁଏ । ପ୍ରାୟୋଗିକ ଯୋଗରେ ଚୈତନ୍ୟର ପୂର୍ଣ୍ଣ-ବିକାଶ ପାଇଁ ଶରୀରର ଅନମନୀୟତାକୁ ଦମନ କରିବାକୁ ଧୌତି, ନାଡ଼ିଶୋଧନ ଆଦି ସ୍ଥୂଳ ଯୌଗିକ କ୍ରିୟାର ବିଧାନ ଅଛି । ଏହାପରେ ପ୍ରାଣବାୟୁକୁ ସାଧନ କ୍ରିୟାରେ କୁଣ୍ଡଳିନୀ ଶକ୍ତି ସହିତ ଜାଗ୍ରତ କରିବା ପାଇଁ ବିଭିନ୍ନ ଅଭ୍ୟାସର ପ୍ରଣୟନ କରାଯାଇଛି ।

ଏହି ପ୍ରକୃତିରୂପୀ କୁଣ୍ଡଳିନୀ ହିଁ ଜୀବନର ଚେତନାଶକ୍ତି । ଏହି ଚୈତନ୍ୟମୟୀଙ୍କ ଶକ୍ତିରେ ଜୀବର ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ତଥା ଇନ୍ଦ୍ରିୟଗୁଡ଼ିକ ଚୈତନ୍ୟ ଯୁକ୍ତ ହୋଇ ସଂଶ୍ଲିଷ୍ଟ ହୋଇଛି । କୁଣ୍ଡଳିନୀ ଶକ୍ତି ଜାଗ୍ରତ ନ ହେବା ପର୍ଯ୍ୟନ୍ତ ଜୀବର ମନ ଓ ଇନ୍ଦ୍ରିୟଗୁଡ଼ିକ ସ୍ଥୂଳ ଜଡ଼ବସ୍ତୁରେ ହିଁ ଆନନ୍ଦ ଆସ୍ୱାଦନ କରି ମତ୍ତହୋଇ ରହିଥାନ୍ତି । ଜୀବନ କୁଣ୍ଡଳିନୀ ଶକ୍ତି

ଜାଗ୍ରତ ହେଲେ ତାହା ସମସ୍ତ ସଂକୀର୍ଣ୍ଣ ସ୍ଥୂଳତାକୁ ତ୍ୟାଗକରି ଊର୍ଦ୍ଧ୍ୱମୁଖୀ ହୁଏ ଏବଂ ଜୀବ ପରମ ସହିତ ମିଳିତ ହୋଇ ବ୍ରହ୍ମାନୁଭୂତିର ଚରମ ଆନନ୍ଦ ଉପଲବ୍ଧି କରେ । ସେତେବେଳେ ଯାଇ ବ୍ରହ୍ମଜ୍ଞାନର ପୂର୍ଣ୍ଣତା ପ୍ରାପ୍ତି ହୁଏ । ସୁତରାଂ ଏହିସବୁ ଗୂଢ଼ତତ୍ତ୍ୱଗୁଡ଼ିକ ଉତ୍କଳୀୟ ବୈଷ୍ଣବ ସାଧନ ପଦ୍ଧତିରେ ଧଳିମ୍ନର୍ଣ୍ଣ ଭାବରେ ରହିଛି, ସର୍ବୋପରି ସୁପ୍ତ ଚୈତନ୍ୟ ଶକ୍ତିର ଜାଗରଣ ବା ମନକୁ ଚୈତନ୍ୟ ଯୁକ୍ତ କରି ଭଗବଦ୍‌ମୁଖୀ ହେବା ପାଇଁ ନିର୍ଦ୍ଦେଶ ମଧ୍ୟ ରହିଛି । 'କଳି ଭାଗବତ'ରେ ଶ୍ରୀ ଅଭିରାମ ପରମହଂସ 'ମନ' ଓ 'ଚୈତନ୍ୟ' ସମ୍ବାଦ ଏହି କ୍ରମରେ ସମସ୍ତ ଜ୍ଞାନ ଓ ପିଣ୍ଡସାଧନ ତତ୍ତ୍ୱର ଆଲୋଚନା କରିଛନ୍ତି ଏବଂ ଏହି 'ଚୈତନ୍ୟ' ବା 'ହେତୁ' ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି ।

"ଏ ମନ ଅଚୈତନ୍ୟ ଯେଣୁ । ଚଞ୍ଚଳ ହେଉଥାଏ ତେଣୁ ॥
ଏ ମନ ଯଦି ହେବ ଚେତା । ବନ୍ଧା ହୋଇବ ଶାସ୍ତ୍ରଗୀତା ॥" (୩୮)

ସେହିପରି ଗଜ-ଉଦ୍ଧାରଣ ପର୍ବର ଗଜକୁ ମନ ସଙ୍ଗେ ଏବଂ କୁମ୍ଭୀରକୁ ଅଚୈତନ୍ୟ ବା ଅଜ୍ଞାନତା ସହିତ ତୁଳନା କରିଛନ୍ତି । ଏହି ଜୀବ ଓ ପରମ ଉଭୟେ ହେଉଛନ୍ତି ବ୍ରହ୍ମ । କେବଳ ଅଜ୍ଞାନତା ହିଁ ଦୁହିଁଙ୍କ ମଧ୍ୟରେ ବ୍ୟବଧାନର ଯବନିକା ସୃଷ୍ଟି କରିଥାଏ । ସମସ୍ତ ଯୌଗିକ ସୂକ୍ଷ୍ମ ସାଧନ ହିଁ ଏହି ଅଜ୍ଞାନ ଅନ୍ଧକାର ଦୂରୀକରଣ ନିମିତ୍ତ ଉତ୍ସର୍ଗୀକୃତ ହୋଇଛି । ଜୀବର ମନ ଯେତେବେଳେ ଶୁଦ୍ଧ ଚୈତନ୍ୟରେ ମିଶି ଏକାକାର ହୁଏ, ସେତେବେଳେ ଏହି ଅଖଣ୍ଡ ବ୍ରହ୍ମ ସତ୍ତା ଉପଲବ୍ଧି ହୁଏ । ଉଦାହରଣ ସ୍ୱରୂପ ଜନକ ମହର୍ଷି ସଂସାରରେ ଲିପ୍ତ ଥାଇ ମଧ୍ୟ ନିର୍ଲିପ୍ତ ରହିପାରିଥିଲେ ବୋଲି ତାଙ୍କର ଏତେ ମାହାତ୍ମ୍ୟ ପ୍ରକାଶିତ ହେଉଛି । ସବୁ କର୍ମ ମଧ୍ୟରେ ଲିପ୍ତ ଥାଇ ମଧ୍ୟ ଜନକ ପରଂବ୍ରହ୍ମଙ୍କଠାରେ 'ଚୈତନ୍ୟ' ରଖିବାର ସୂତ୍ରଟିକୁ ଆୟତ୍ତ କରିଥିଲେ । ତେଣୁ ତାଙ୍କର କୌଣସି ବାହ୍ୟକର୍ମ ତାଙ୍କ ପକ୍ଷରେ ବନ୍ଧନର ବା ପ୍ରବୃତ୍ତିର କାରଣ ହୋଇ ନ ଥିଲା ବା ବ୍ରାହ୍ମୀ ସ୍ଥିତିରୁ ତାଙ୍କୁ ଚ୍ୟୁତ କରିପାରି ନଥିଲା । ଶାସ୍ତ୍ରପାଠ, ଜପ, ଧ୍ୟାନ ଇତ୍ୟାଦି କର୍ମ ଭଗବତ୍ ପଥର ସାଧନ ପାଇଁ ନିର୍ଦ୍ଦିଷ୍ଟ ହୋଇଛି; ଯାହା କଲେ ମଧ୍ୟ ଯଥା ସ୍ଥାନରେ ଚୈତନ୍ୟକୁ ଯୁକ୍ତ ନ ରଖି ପାରିଲେ ସାଧକ ପକ୍ଷରେ ଏସବୁ ମୂଲ୍ୟହୀନ । ସାଂସାରିକ ବା ଆଧ୍ୟାତ୍ମିକ, ପ୍ରତ୍ୟେକ କର୍ମରେ ଅଣୁ ଚୈତନ୍ୟ ସହିତ ଯୁକ୍ତ ବୋଲି କରିବା ମୂଳରେ ରହିଛି 'ହେତୁ' ବା 'ଚେତନା'ର ସାଧନ । ଏହି ସୂକ୍ଷ୍ମ ଅବବୋଧ ଥିଲା ଜନକ ମହର୍ଷିଙ୍କର ନିଗୂଢ଼ ସାଧନର ସୂତ୍ର ମାତ୍ର ।

ଏହି 'ହେତୁ'- 'ଚୈତନ୍ୟ'କୁ ସବୁଠାରୁ ଶ୍ରେଷ୍ଠ ବୋଲି ଦର୍ଶାଇବାକୁ ଯାଇ ଅଭିରାମ ପରମହଂସ ଲେଖିଛନ୍ତି-

"ହେତୁ ଉପରେ ଯେଉଁ ଜନ,
କହିବ ଅଧିକ ବଚନ ।

ଅଭିରାମର ସେହି ଗୁରୁ,
ନାମ ତା' ବାଞ୍ଛା କଳ୍ପତରୁ'' । (୩୯)

ଉତ୍କଳୀୟ ସାଧନ ପଦ୍ଧିରେ ଏହି ସାଧନ ପ୍ରଣାଳୀକୁ ପିଣ୍ଡ ସାଧନା, ଅଜପା ସାଧନା, କାୟା ସାଧନା ପ୍ରଭୃତି ବିଭିନ୍ନ ନାମରେ ନାମିତ କରାଯାଇଛି । ସହଜ ସୂକ୍ଷ୍ମ ସାଧନ ମାଧମ ଦ୍ୱାରା ଚୈତନ୍ୟକୁ ଉର୍ଦ୍ଧ୍ୱଗାମୀ କରାଇବା ହିଁ ଏହି ସାଧନ ପ୍ରଣାଳୀର ମୁଖ୍ୟ ଉଦ୍ଦେଶ୍ୟ । ଶ୍ରୀ ଅଭିରାମ ପରମହଂସଙ୍କର ଧର୍ମଦର୍ଶନ ସମ୍ପର୍କରେ ବିଶଦ ଆଲୋଚନାରୁ ଜଣାପଡ଼େ ଯେ ସେ ଭାରତୀୟ ସାଂସ୍କୃତିକ ପୃଷ୍ଠଭୂମିକୁ ନିଜ ଦର୍ଶନର ମୂଳ ଆଭିମୁଖ୍ୟ ଉପସ୍ଥାପିତ କରିବାକୁ ସେ ଯତ୍ପରୋନାସ୍ତି ଉଦ୍ୟମ କରିଛନ୍ତି । ଅନୁଭବର ଦୃଢ଼ ଭିତ୍ତିଭୂମି ଉପରେ ସ୍ତରେ ସ୍ତରେ ଆନୁଭବିକ ସଂଭୂତି ସ୍ତୁପୀକୃତ କରି ସେ ତାଙ୍କ ଦର୍ଶନର ସୌଧ ନିର୍ମାଣ କରିଛନ୍ତି । ସେଥିପାଇଁ ବହୁବାର ସେ ଦୃଢ଼ କଣ୍ଠରେ ଚେତାଇ ଦେବାକୁ କହିଛନ୍ତି–

''କହିଲେ କିସ ଅଛି ବାବୁ,
ଅନୁଭବରେ ଦେଖ ସବୁ ।
ଏଣୁ କହୁଛି ମନବାଇ,
ଚାଖ ତୁ ଅନୁଭବୀ ହୋଇ ।'' (୪୦)

ସନ୍ଥକବି ଭାବରେ ତାଙ୍କର ରଚିତ ପୁସ୍ତକଗୁଡ଼ିକର ସାହିତ୍ୟିକ ତଥା ଗୁଣାତ୍ମକ ମୂଲ୍ୟ ଓଡ଼ିଆ ସାହିତ୍ୟରେ କେତେଦୂର ପ୍ରତିଫଳିତ ହୋଇଛି ସେ ସମ୍ପର୍କରେ ଆଲୋକପାତ କରାଯାଇଛି । ମୌଳିକ ସ୍ୱାତନ୍ତ୍ର୍ୟ ଦ୍ୱାରା ସେ ଯେ ନିଜର ଧର୍ମ ଦର୍ଶନକୁ ବେଶ୍ ଦୃଢ଼ତାର ସହିତ ପ୍ରକାଶ କରିପାରିଥିଲେ ତାହା ତାଙ୍କର ସାରସ୍ୱତ ସୃଷ୍ଟିଗୁଡ଼ିକରୁ ସ୍ପଷ୍ଟ ହୃଦ୍‌ବୋଧ କରିହେଉଛି ।

◆

## – ସହାୟକ ଗ୍ରନ୍ଥାବଳୀ –


(୧) (ଦ୍ୱିତୀୟ ଖଣ୍ଡ) ଲେଖକ : ଶ୍ରୀ କୃଷ୍ଣଦାସ କବିରାଜ ଗୋସ୍ୱାମୀକୃତ ତଥା ଶ୍ରୀ ତାରା ଗୋବିନ୍ଦ ନାଥଙ୍କ ଦ୍ୱାରା ସମ୍ପାଦିତ ଏବଂ ଗୌର କୃପା ତରଙ୍ଗିଣୀ ଟୀକା ସଂଯୋଜିତ । ପୃ : ୨୩୫ ।

(୨) ଠାକୁରଙ୍କ ତତ୍ତ୍ୱୋପଦେଶ କ୍ରମରେ ବିଭିନ୍ନ ଆଲୋଚନା । 'ଶରଣଦ' ପତ୍ରିକା ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା ଏବଂ ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟା । ପୃ : ୧୩, ୧୫ ।

(୩) ଶ୍ରୀ ଅଭିରାମ ରଚନାବଳୀ– 'ଜଣାଣ' ('ଜୀବ ଆତ୍ମା ଜଣାଉଛି ପରମାତ୍ମାଙ୍କ ପଦରେ') ଶରଣଦ ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା, ପୃ : ୪, ୫ ।

(୪) 'ଶରଣଦ'– ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା । ପୃ : ୫ ।

(୫) 'ଜୀବ ପରମ ଜଣାଉଛି'– 'ଆଲୋଚନା' । ଆଲୋଚକ : ଶ୍ରୀ ହୃଦାନନ୍ଦ ରାୟ 'ଶରଣଦ' ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା । ପୃ : ୬ ।

(୬) 'ଜୀବର ସ୍ତୁତି' ଜଣାଣ । ଶ୍ରୀ ଅଭିରାମଙ୍କ ରଚନାବଳୀ–ଶରଣଦ, ନବମ ବର୍ଷ, ପ୍ରଥମ ସଂଖ୍ୟା, ପୃ : ୨୯, ୩୦ ।

(୭) ଏଜନ ।

(୮) କଳି ଭାଗବତ– ଲେଖକ : ଅଭିରାମ ପରମହଂସ–ତ୍ରୟବିଂଶ ଅଧ୍ୟାୟ ।ପୃ : ୧୧୫ ।

(୯) ପୂର୍ବୋକ୍ତ ନଂ (୮) ପୃ : ୧୨୨ ।

(୧୦) ପୂର୍ବୋକ୍ତ ନଂ (୮) ପୃ : ୧୨୯ ।

(୧୧) ('ନାରଦ ଭକ୍ତି ସୂତ୍ର–ସୂତ୍ର ୨, ୩, ୪୧୨')– ଆଲୋଚନା : 'କଳି ଭାଗବତ ସମୀକ୍ଷା' ଲେଖକ : ହୃଦାନନ୍ଦ ରାୟ । ଶରଣଦ, ସପ୍ତମ ବର୍ଷ, ପ୍ରଥମ ସଂଖ୍ୟା ।

(୧୨) ତତ୍ରୈବ ।

(୧୩) କଳି ଭାଗବତ– ଲେଖକ : ଶ୍ରୀ ଅଭିରାମ ପରମହଂସ, ଏକବିଂଶ ଅଧ୍ୟାୟ । ପୃ : ୧୦୫ ।

(୧୪) ପୂର୍ବୋକ୍ତ ନମ୍ବର (୧୩) ପୃ : ୫୧ ।

(୧୫) ପୂର୍ବୋକ୍ତ ନମ୍ବର (୧୩) ପୃ : ୫୧ ।

(୧୬) 'ଶରଣଦ'– 'କଳି ଭାଗବତ ସମୀକ୍ଷା'– ଲେଖକ : ହୃଦାନନ୍ଦ ରାୟ ଦଶମ ବର୍ଷ ।

(୧୭) ଏଜନ ।

(୧୮) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ– ଲେଖକ : ଡଃ. ସୁରେନ୍ଦ୍ର ମହାନ୍ତି । ପୃ : ୧୬୨ ।

(୧୯) ଶୂନ୍ୟ ସଂହିତା– ଲେଖକ : ଅଚ୍ୟୁତାନନ୍ଦ ଦାସ । ପୃ : ୬୭ ।

(୨୦) କଳି ଭାଗବତ– ଲେଖକ : ଅଭିରାମ ପରମହଂସ, ଦଶମ ଅଧ୍ୟାୟ, ପୃ. ୫୨ ।

(୨୧) ଏଜନ ପୃ : ୫୧ ।

(୨୨) ଏଜନ- ପ୍ରଥମ ଅଧ୍ୟାୟ (ପୃ :୨)
(୨୩) ଶୂନ୍ୟ ସଂହିତା-ଲେଖକ : ଅଚ୍ୟୁତାନନ୍ଦ ଦାସ । (ନିରାକାର ତତ୍ତ୍ୱ ପ୍ରସଙ୍ଗ) ପଞ୍ଚମ ଅଧ୍ୟାୟ । ପ୍ରଥମ ଭାଗ । ପୃ : ୪୦ ।
(୨୪) 'ଶଙ୍କରାଚାର୍ଯ୍ୟଙ୍କର ଶ୍ଳୋକାବଳୀ'- 'କଳି ଭାଗବତର ସମୀକ୍ଷା ପ୍ରସଙ୍ଗ । ଲେଖକ : ହୃଦାନନ୍ଦ ରାୟ । 'ଶରଦଣ'-ନବମ ବର୍ଷ-ଦ୍ୱିତୀୟ ସଂଖ୍ୟା । ପୃ : ୪ ।
(୨୫) ଓଡ଼ିଆ ସାହିତ୍ୟର ଇତିହାସ - (ତୃତୀୟ ଭାଗ) ପଞ୍ଚସଖା ବିଶେଷତ୍ୱ । ଲେଖକ : ବଂଶୀଧର ମହାନ୍ତି, ପୃ : ୪୪୬, ୪୪୭ ।
(୨୬) ଏଜନ ।
(୨୭) ଶୂନ୍ୟ ସଂହିତା- ଶ୍ରୀ ଅଚ୍ୟୁତାନନ୍ଦ ଦାସ । (ନିରାକାର ତତ୍ତ୍ୱ ପ୍ରସଙ୍ଗ) ପଞ୍ଚମ ଅଧ୍ୟାୟ : ପୃ : ୪୩ ।
(୨୮) ସନାତନ ଧର୍ମାର୍ଥ ଗୀତା କୋଇଲି ଶିକ୍ଷା- ଲେଖକ : ଶ୍ରୀ ଅଭିରାମ ପରମହଂସ । ଶଙ୍ଖଚିଲ ଦତ
(୨୯) ଓଡ଼ିଆ ସାହିତ୍ୟର ଇତିହାସ- ଲେଖକ : ଡଃ. ବଂଶୀଧର ମହାନ୍ତି । ତୃତୀୟ ଭାଗ । ପୃ : ୪୦, ୪୧ ।
(୩୦) ଓଡ଼ିଆ ସାହିତ୍ୟର ଇତିହାସ- ଲେଖକ : ଡଃ. ବଂଶୀଧର ମହାନ୍ତି । ତୃତୀୟ ଭାଗ । ପୃ : ୪୦, ୪୧ ।
(୩୧) ଶୂନ୍ୟ ସଂହିତା- ଶ୍ରୀ ଅଚ୍ୟୁତାନନ୍ଦ ଦାସ-ପ୍ରଥମ ଭାଗ । ପୃ : ୨, ୩ ।
(୩୨) ଓଡ଼ିଆ ସାହିତ୍ୟର ଇତିହାସ- ଲେଖକ : ଡଃ. ବଂଶୀଧର ମହାନ୍ତି । ତୃତୀୟ ଭାଗ । ପୃ : ୨୭୬, ୨୭୭ ।
(୩୩) ତତ୍ରୈବ ।
(୩୪) ଶ୍ରୀ ରାଧା ରସାମୃତ ଗୀତା- ବୈଷ୍ଣବ କବି : ଶ୍ରୀ ଶିବ ଦାସ ବିରଚିତ, ପ୍ରଥମ ଅଧ୍ୟାୟ । ପୃ. ୫, ୬ ।
(୩୫) ଓଡ଼ିଆ ସାହିତ୍ୟର ଇତିହାସ- ଲେଖକ : ଡଃ. ବଂଶୀଧର ମହାନ୍ତି । ତୃତୀୟ ଭାଗ । ପୃ : ୨୭୦ ।
(୩୬) କଳି ଭାଗବତ- ଲେଖକ : ଶ୍ରୀ ଅଭିରାମ ପରମହଂସ । ପ୍ରଥମ ଅଧ୍ୟାୟ । ପୃ. ୨, ୩ ।
(୩୭) ପୂର୍ବୋକ୍ତ ନମ୍ବର (୩୬) ପଞ୍ଚଦଶ ଅଧ୍ୟାୟ । ପୃ : ୭୩ ।
(୩୮) ପୂର୍ବୋକ୍ତ ନମ୍ବର (୩୬) ଷୋଡ଼ଶ ଅଧ୍ୟାୟ । ପୃ : ୮୧ ।
(୩୯) ଏଜନ ।
(୪୦) ଏଜନ । ଷଷ୍ଠ ଅଧ୍ୟାୟ । ପୃ : ୩୩ ।
(୪୧) ତତ୍ରୈବ । ତ୍ରୟବିଂଶ ଅଧ୍ୟାୟ । ପୃ : ୧୨୯ ।

◆

## ଶ୍ରୀ ଅଭିରାମ ପରମହଂସଙ୍କ ରଚିତ ସାହିତ୍ୟକୃତିର ମୂଲ୍ୟାଙ୍କନ ଏବଂ ତାଙ୍କର ରଚନାଶୈଳୀରେ ସ୍ୱତନ୍ତ୍ରତା ତଥା ମୌଳିକତାର ବୈଶିଷ୍ଟ୍ୟ ପ୍ରତିପାଦନ :

ଧର୍ମ ମଣିଷକୁ ଏକ ନୂତନ ଚେତନା ତଥା ଦିଗ୍‌ଦର୍ଶନ ଦେଖାଇ ପ୍ରଭାବିତ କରେ । ସୃଷ୍ଟିର ପ୍ରାକ୍‌କାଳରୁ ଏଯାବତ୍ ମଣିଷ ସମାଜ ଧର୍ମକୁ ବିଶ୍ୱାସ କରି ଏକ ଭଗବତ୍ ସତ୍ତାର ଅଦୃଶ୍ୟ ଉପଲବ୍‌ଧି ଅନୁଭବ କରି ବଞ୍ଚିବାର ମାନ ନିର୍ଦ୍ଧାରଣ କରିଆସୁଅଛି । ଏପରିକି ଅନେକ ସମୟରେ ମଣିଷ ଅନୁଭବ କରୁଛି ଯେ, ଏହି ଧର୍ମ ବା ଈଶ୍ୱର ବିଶ୍ୱାସ ଏକ ଅଫିମ ନିଶା ସଦୃଶ । ବୈଜ୍ଞାନିକ ପଦ୍ଧତିରେ ବହୁ ନୂତନ ଆବିଷ୍କାର କରି, ପରୀକ୍ଷା ନିରୀକ୍ଷା ଚଳାଇ ସେ ଆଜି ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ, ପାର୍ଥିବ ସୁଖ ହିଁ ମଣିଷର ଏକମାତ୍ର କାମ୍ୟ । ତା'ର ଅତୀତ କିମ୍ବା ଭବିଷ୍ୟତ ବୋଲି କିଛି ସତ୍ତା ନାହିଁ; କେବଳ ସତ୍ୟ ଏହି ବର୍ତ୍ତମାନ । ଅବଶ୍ୟ ଏହି ଅତ୍ୟାଧୁନିକ ଚିନ୍ତାଧାରା କେବଳ ଆଜିଠାରୁ ସୃଷ୍ଟି ହୋଇନାହିଁ ବରଂ ବହୁବର୍ଷ ତଳେ ଭାରତର ପ୍ରଖ୍ୟାତ ମନୀଷୀ ଚାର୍ବାକ୍ ପ୍ରତିପାଦିତ କରିଥିଲେ ଯେ ମଣିଷର ଐହିତ ସୁଖ ହିଁ ଏକମାତ୍ର ଲକ୍ଷ୍ୟ ବା କାମ୍ୟ । ତଥାକଥିତ ଭାଗ୍ୟବାଦ, କର୍ମଫଳ ବିଶ୍ୱାସ, ପୂନର୍ଜନ୍ମ, ଭଗବତ୍ ଚେତନା ପ୍ରଭୃତି ମଣିଷକୁ ତା'ର ଚରମ ଲକ୍ଷ୍ୟପ୍ରାପ୍ତ ହାସଲ ବେଳେ ଦୁର୍ବଳ କରି ଦେଇଥାଏ । ତେଣୁ ପ୍ରତ୍ୟେକ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନିଜର ଶକ୍ତି ସାମର୍ଥ୍ୟ ଦେଇ ଏହି ସୁନ୍ଦର ପୃଥିବୀର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ ।

ଏହି ପ୍ରତିଷ୍ଠିତ ମତବାଦଟି ଆଜି ଟିକିଏ ପରିବର୍ତ୍ତିତ ହୋଇ ନୂତନ ରୂପ ଗ୍ରହଣ କରିଛି । ଆଜି ସମଗ୍ର ବିଶ୍ୱ ଏକ ପରମାଣୁ ବିସ୍ଫୋରଣର ସନ୍ଧିକ୍ଷଣ ମଧ ଦେଇ ଗତି କରୁଛି । ତା'ର ଫଳସ୍ୱରୂପ ଦେଶ-ଦେଶ, ଜାତି-ଜାତି ମଧ୍ୟରେ ହିଂସା, ଦ୍ୱେଷ, ମିଥାଚାର, ଅବିଶ୍ୱାସର ବୀଜ ବୁଣି ହୋଇଯାଇ ଉନ୍ନତ ଜାତୀୟ ପ୍ରାଣଶକ୍ତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ବସିଲାଣି । ଆଜିର ଜୀବନ-ଯାତ୍ରାରେ କୌଣସି ପ୍ରକାର ନିରାପତ୍ତା ବା ସ୍ୱାଛନ୍ଦ୍ୟ ରହିବା କଷ୍ଟକର ହୋଇପଡ଼ିଛି । ସମସ୍ତେ ଉଦ୍‌ଗ୍ରୀବ ହୋଇ ଧ୍ୱଂସର ସେହି ସର୍ବଗ୍ରାସୀ ଲେଲିହାନ ଶିଖାକୁ ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି । ପୂର୍ବର ସମସ୍ତ ପବିତ୍ରତା, ନୈତିକ ଆତ୍ମବିଶ୍ୱାସ ତଥା ସାଧନା ଭାଙ୍ଗିଯାଇଛି ଏବଂ ସେହି ଫସିଲ ଉପରେ ଗଢ଼ିଉଠିଛି ଧ୍ୱଂସର ସୌଧ । ବିଶ୍ୱର ବିଭିନ୍ନ ମହାପୁରୁଷ, ଧର୍ମଗୁରୁ ତଥା ମନୀଷୀମାନେ ସମାଜର ଏହି ଭଗ୍ନ ଅବସ୍ଥାକୁ

ସୁଧାରିନେବା ପାଇଁ ଅଦମ୍ୟ ଚେଷ୍ଟା ଚଳାଇଛନ୍ତି । ସାଂପ୍ରତିକ ବସ୍ତୁବାଦୀ ମଣିଷକୁ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ମଣିଷ ନିଜେ ନିଜର ଭାଗ୍ୟବିଧାତା ନୁହେଁ । ଏକ ଅନନ୍ଦ ଶକ୍ତିର ଉତ୍ସ ଏହି ବିଶ୍ୱବ୍ରହ୍ମାଣ୍ଡକୁ ପରିଚାଳିତ କରୁଛି । ଏହି ସୁନୀଳ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ନିହାରିକା, ଗ୍ରହସବୁ ଅଛନ୍ତି । ପ୍ରତିଦିନ ସୂର୍ଯ୍ୟ ଉଦୟ ହେଉଛି ପୁଣି ପ୍ରାଚୀନ ଗଗନରେ ଅସ୍ତ ହୋଇଯାଉଛି । ଏହି ମଣିଷ କ'ଣ ତା'ର ଗତି ନିୟନ୍ତ୍ରଣ କରିପାରୁଛି ।

ଯେଉଁଦିନ ଏହି ଅନନ୍ତ ବିଶ୍ୱର ରହସ୍ୟ ଜାଣିବା ପାଇଁ ମଣିଷ ଇଚ୍ଛାକରିବ ସେଦିନ ହିଁ ସେ ଜାଣିପାରିବ ଯେ ଆଧାତ୍ମିକ ବିଶ୍ୱାସ, ଅନନ୍ତ ଜିଜ୍ଞାସା ଏବଂ ମାନସିକ ଦୃଢ଼ତା ହିଁ ଏହାର ଯଥାର୍ଥ ମାପକାଠି । ଶରୀରର ସନ୍ତୋଷ ପାଇଁ ଭଲ ଖାଇବା, ଭଲ ପିନ୍ଧିବା, ଭଲ ଘରେ ରହିବା ଇତ୍ୟାଦି ଯେପରି ପ୍ରୟୋଜନ; ମନର ଶାନ୍ତି ପାଇଁ ନାନାବିଧ କଳା ତଥା ଜ୍ଞାନବିଜ୍ଞାନ ବିଷୟକ ଚେତନା ସେହିପରି ଆବଶ୍ୟକ ହୋଇଥାଏ । ଏହି ସମସ୍ତ ପାଥିବ ପ୍ରୟୋଜନୀୟତା ବ୍ୟତୀତ ଅନ୍ୟ ଏକ ବିଶେଷ ବସ୍ତୁ ଅଛି ଯାହାର ନାମ 'ଆତ୍ମା' । ଏହ ଆତ୍ମା ମଣିଷର ଶରୀର ଭିତରେ ଥାଏ । ଶରୀରର ସମସ୍ତ କ୍ରିୟା-କଳାପ, ସୂକ୍ଷ୍ମଚିନ୍ତନ ତଥା ଅବବୋଧକୁ 'ଆତ୍ମା' ହିଁ ପରିଚାଳିତ କରେ । ଆତ୍ମା ସମ୍ବନ୍ଧୀୟ ଜିଜ୍ଞାସାକୁ ଚିହ୍ନିବା ପାଇଁ ପ୍ରତ୍ୟେକ ଯୁଗରେ ଅସଂଖ୍ୟ ମନୀଷୀ ତଥା ସତ୍ୟାନୁସନ୍ଧିସୁମାନେ ସେମାନଙ୍କର ସାଧନା ଅବ୍ୟାହତ ରଖି ଆସିଛନ୍ତି । 'ଆତ୍ମା'ର ସୁଖଲାଭ ପାଇଁ ଆବଶ୍ୟକ ଧର୍ମାଚରଣ ଓ ଈଶ୍ୱର ବିଶ୍ୱାସ । ଭାରତୀୟ ଦିବ୍ୟଦ୍ରଷ୍ଟା ସାଧକମାନେ କହିଛନ୍ତି– ଜଣେ ଲୋକ ଖାଦ୍ୟ ବିନା ବହୁଦିନ ଚଳି ଯାଇପାରେ; କିନ୍ତୁ ଈଶ୍ୱରଙ୍କୁ ବିଶ୍ୱାସ କରୁଥିବା ବ୍ୟକ୍ତି ପାର୍ଥନା ବିନା ଗୋଟିଏ ମୁହୂର୍ତ୍ତ ରହିପାରିବ ନାହିଁ । ଏପରି ଧର୍ମାଚରଣ ହିଁ ସମଗ୍ର ମାନବ ସମାଜକୁ ଧାରଣ କରି ରଖିଥାଏ । ତେଣୁ କୁହାଯାଉଛି ଯେ ଧର୍ମ ଜୀବନର ଯେ ଧର୍ମ ଜୀବନର ପ୍ରଥମ ଓ ପ୍ରଧାନ ବିଷୟ ହେଲା ଦୃଢ଼-ଭଗବତ୍ ବିଶ୍ୱାସ । ଏହି ବିଶ୍ୱାସକୁ ନେଇ ସମସ୍ତ କାର୍ଯ୍ୟ ଏବଂ କାରଣ ଯଥା ସମୟରେ ପୂର୍ଣ୍ଣ ହେଉଛି । ଯେହେତୁ ଭଗବାନ ଇନ୍ଦ୍ରିୟଗ୍ରାହ୍ୟ ଏକ ଯାଦୁକରୀ ଖେଳନା ନୁହନ୍ତି; ତେଣୁ ତାଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରିବା ହେଲା ଆଜିର ପାଶ୍ଚାତ୍ୟ ଶିକ୍ଷାଦୃପ୍ତ ଯୁବକ ଯୁବତୀମାନଙ୍କର ଗୋଟିଏ ସୌଖୀନ ମନୋବୃତ୍ତି । ଏହି ପ୍ରକାର ସ୍ଥାଣୁ ତଥା ଉଦାସୀନ ମନୋଭାବକୁ ଲକ୍ଷ୍ୟ କରି ପାଶ୍ଚାତ୍ୟ ମନୀଷୀ ବିଲିଗ୍ରାହାମ୍ ଦୁଃଖର ସହିତ କହିଛନ୍ତି– "We donot know christ through the sixth sense, that God has given everyman-which is the ability to believe." (Peace with God) (୧)

ଧର୍ମ କେବଳ ବିଶ୍ୱାସ ଉପରେ ପର୍ଯ୍ୟବସିତ ନୁହେଁ । ବିଭିନ୍ନ ଶାସ୍ତ୍ରଗତ ଦର୍ଶନର ଭିତ୍ତିଭୂମି ଉପରେ ଏହି ଧର୍ମୀୟ ଚେତନା ପ୍ରତିଷ୍ଠିତ ହୋଇଛି । ଚିକାଗୋର ଧର୍ମ

ମହାସଭାରେ ଭାରତୀୟ ମନୀଷୀ ସ୍ୱାମୀ ବିବେକାନନ୍ଦ କହିଥିଲେ- "The Hindu does not want to live upon words and theories. If there are existences beyond the ordinary sensersous existence, he wants to come face to face with them. If there is a soul in him, which is not matter, if there is an all merciful universal soul, he will go to him direct. He must see him and that alone can destroy doubts. So, the best proof a Hindu sage gives about the soul, about God is, "I have seen the soul, I have seen God. I"(୨)

ସାଂପ୍ରଦାୟିକ ଧର୍ମଗ୍ରନ୍ଥମାନଙ୍କରେ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପ୍ରତି ଉପଦେଶ ବାଣୀ ତଥା ଅନେକ ଚମତ୍କାର କାହାଣୀଗୁଡ଼ିକ ଲିପିବଦ୍ଧ ହୋଇଛି । କିନ୍ତୁ ବେଦରେ ମନୁଷ୍ୟକୁ ସମ୍ବୋଧନ କରି ହିଁ ଶାଶ୍ୱତ ଏବଂ ସନାତନ ତତ୍ତ୍ୱଗୁଡ଼ିକ ଶୁଣାଇ ଦିଆଯାଇଛି । ବେଦରେ ସୃଷ୍ଟିର ଉପାଦାନ କାରଣକୁ 'ଆଭୁ' ବୋଲି କୁହାଯାଇଛି । ବିଭୁକ୍ଷିତ ପାରଦରେ ସୁବର୍ଣ୍ଣ ଲୀନ ହେବାପରି ଅନ୍ଧ ପ୍ରଳୟବସ୍ଥାରେ ପରମପୁରୁଷଙ୍କଠାରେ ଲୀନ ହୋଇଯାଏ । ସର୍ବାଧୁନିକ ବିଜ୍ଞାନ ବୈଜ୍ଞାନିକ ଚେତନାକୁ ସ୍ୱୀକାର କରୁଥିଲେ ସୁଦ୍ଧା ସୃଷ୍ଟି ବିଜ୍ଞାନର (Cosmology) ଯଥାର୍ଥ ସ୍ୱରୂପକୁ ହୃଦୟଙ୍ଗମ କରିପାରିନାହିଁ । ପୃଥିବୀ ପଞ୍ଚଭୂତର ତନ୍ମାତ୍ର ମାତ୍ର ଯଥାକ୍ରମେ କର୍ଣ୍ଣ, ତ୍ୱକ, ଚକ୍ଷୁ, ରସନା ଓ ନାସିକା- ଏହି ସନ୍ତୁଳିତ ଜ୍ଞାନ ଅଦ୍ୟାପି ବୈଜ୍ଞାନିକର ଦୃଷ୍ଟିଗୋଚର ହୋଇନାହିଁ । ବୈଦିକ ପଦାର୍ଥ ବିଜ୍ଞାନ ଅନୁସାରେ ଅହଙ୍କାରର ସୃଷ୍ଟି ପରେ ଶବ୍ଦ ତନ୍‌ମାତ୍ରରୁ ଆକାଶ ଉତ୍ପନ୍ନ ହୁଏ । ଏହି ସଂପୀଡ଼ିତ ଆକାଶରୁ ସ୍ପର୍ଶ ତନ୍‌ମାତ୍ର ଉତ୍ପନ୍ନ ହୁଏ । ସ୍ପର୍ଶ ତନ୍‌ମାତ୍ରରୁ ବାୟୁ ଜାତ ହୁଏ । ଏହି ରୂପରେ ଶବ୍ଦ-ଆକାଶ, ସ୍ପର୍ଶ-ବାୟୁ, ରସ-ଜଳ, ଗନ୍ଧ-ପୃଥିବୀ କ୍ରମାନ୍ୱୟରେ ସୃଷ୍ଟି ହୁଏ ।

ବୈଦିକ ଯୁଗର ଏହି ସୃଷ୍ଟି ଧାରଣା ପରବର୍ତ୍ତୀ ପୁରାଣ ଯୁଗରେ ଆକାର ବା ସ୍ୱରୂପରେ ପ୍ରକାଶ ପାଇଲା । ପୂର୍ବୋକ୍ତ ଅବ୍ୟକ୍ତ ପରମପୁରୁଷଙ୍କୁ ପରଂବ୍ରହ୍ମ ରୂପରେ ଅବସ୍ଥାପିତ କରାଇ ତାଙ୍କ ଉପରେ ସଗୁଣ ଓ ନିର୍ଗୁଣତ୍ୱ ଆରୋପ କରାଗଲା, ଅର୍ଥାତ୍ ସତ୍ତ୍ୱ, ତମ, ରଜ ଏହି ତ୍ରିଗୁଣାତ୍ମକ ରୂପର ପ୍ରୟୋଗରେ ପରଂବ୍ରହ୍ମ ବା ପୂର୍ଣ୍ଣବ୍ରହ୍ମ ସଗୁଣ ହେଲେ । ଗୁଣ ରହିତ ହେବାବେଳେ ତାଙ୍କୁ ନିର୍ଗୁଣ କୁହାଗଲା । ଶୂନ୍ୟ ବା ମହାଶୂନ୍ୟରେ ହିଁ ଏହି ନିର୍ଗୁଣ ବ୍ରହ୍ମଙ୍କୁ ଉପଲବ୍ଧି କରାଯାଇଥାଏ । ବ୍ରହ୍ମଙ୍କର ସାକାର ରୂପ କଳ୍ପନା ହେବାରୁ ଅବତାରବାଦର ଅୟମାରମ୍ଭ ହେଲା । ଏହି ଅବତାରବାଦ କ୍ରମରେ ସଗୁଣ ବ୍ରହ୍ମ ଉପାସନାରେ ସାକାର ପୂଜା-ନୀତିର ପ୍ରଚଳନ ହେଲା । ଏହି ସଗୁଣ ବ୍ରହ୍ମଙ୍କୁ ସାକାର ସ୍ତରକୁ ଅଣାଯାଇ ତାଙ୍କୁ କୁହାଗଲା ଯେ ସେ ହେଉଛନ୍ତି ପରମ ପୁରୁଷ । ଜୀବକୁ ସ୍ତ୍ରୀ ଭାବରେ କଳ୍ପନା କରି ପରମ ଏବଂ ଜୀବର ଆଧ୍ୟାତ୍ମିକ ମିଳନକୁ ମୋକ୍ଷପ୍ରାପ୍ତିର ମାଧ୍ୟମ

ବୋଲି ପ୍ରତିପାଦିତ କରାଗଲା । ଭଗବତ୍ ଚେତନାରେ ବିଭିନ୍ନ ଲୀଳାର ପ୍ରବର୍ତ୍ତନ କରାଇ ଯଥାକ୍ରମେ ମାଧୁର୍ଯ୍ୟ, ଐଶ୍ୱର୍ଯ୍ୟ ଆଦି ଗୁଣର ସମ୍ମିଶ୍ରଣରେ ଆତ୍ମା ସହିତ ସାଧକର ପ୍ରେମ ସମ୍ବନ୍ଧ ସ୍ଥାପିତ କରାଗଲା । ପରବର୍ତ୍ତୀ କାଳରେ ଏହି ଆତ୍ମାବୋଧ ସମ୍ବନ୍ଧ ସହିତ ଜ୍ଞାନ ବା ଭକ୍ତିର ସମନ୍ୱୟ କରାଯାଇ କୁହାଗଲା ବ୍ରହ୍ମଙ୍କୁ ଲାଭ କରିବାକୁ ହେଲେ ଏହି ଜ୍ଞାନମିଶ୍ରା ଭକ୍ତିମାର୍ଗ ହିଁ ସର୍ବଶ୍ରେଷ୍ଠ ମାଧ୍ୟମ ।

## ଓଡ଼ିଆ ଭଜନ ସାହିତ୍ୟର କ୍ରମବିକାଶ

ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଭଜନ ସାହିତ୍ୟ ଅନ୍ୟତମ । ଓଡ଼ିଆ କାବ୍ୟ-କବିତାର ରୂପ ବୈଭବ ଏବଂ ଭାବ ସମୃଦ୍ଧି ଯେପରି ପାଠକ ପ୍ରାଣକୁ ଅଭିଭୂତ କରେ, ଭଜନ ସାହିତ୍ୟରେ ସେହିସବୁ କଳାତ୍ମକ ଗୁଣ ପର୍ଯ୍ୟାପ୍ତ ପରିମାଣରେ ଦୃଷ୍ଟିଗୋଚର ହୋଇଥାଏ । ଅଥଚ ସାହିତ୍ୟର ଏହି ଲଳିତ ବିଭାଗ ପ୍ରତି ଯେ ଏ ପର୍ଯ୍ୟନ୍ତ ବିମୁଖତା ପ୍ରକାଶ ପାଇଛି ତାହା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ପ୍ରାଚୀ ସମିତି ଆନୁକୂଲ୍ୟରେ ଅଧ୍ୟାପକ ଡଃ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରଚେଷ୍ଟାରେ କେତେକ ଭଜନାବଳୀ ସଂଗୃହୀତ ହୋଇଥିଲେ ସୁଦ୍ଧା ତାହା ଭଜନ ସାହିତ୍ୟର ବିଧିବଦ୍ଧ ପ୍ରକାଶନ ଦିଗରେ ଏକ ପ୍ରାଥମିକ ପଦକ୍ଷେପ ମାତ୍ର । ଅବଶ୍ୟ ଚଉତିଶା ସାହିତ୍ୟ ସଂଗ୍ରହ ଓ ସଂକଳନ ନିମିତ୍ତ ଉଦ୍ୟମ ହେଉଥିବାବେଳେ ଚଉତିଶା କ୍ରମରେ ଲିଖିତ କେତେକ ଭଜନ 'ଚଉତିଶା ମଧୁଚକ୍ର'ର ପର୍ଯ୍ୟାୟଭୁକ୍ତ ହୋଇ ପାରିଛି । ପ୍ରାଚୀନ ସାହିତ୍ୟର ପ୍ରାୟ ଅଧିକାଂଶ କବିଙ୍କର ରଚନାମାନଙ୍କରେ ଭଜନ ତଥା ଜଣାଣ ଶୈଳୀର ଆଭାସ ପରିଲକ୍ଷିତ ହୋଇଥାଏ । ସାରଳା ସାହିତ୍ୟ ପୂର୍ବରୁ ଏହି ଭଜନ ରଚନାଶୈଳୀର ଉନ୍ମେଷ ହୋଇଥିଲେ ମଧ୍ୟ ଏହାର କ୍ରମବିକାଶ ପଞ୍ଚସଖା ଏବଂ ମଧ୍ୟଯୁଗୀୟ ସାହିତ୍ୟରେ ହିଁ ସମ୍ଭବ ହୋଇଥିଲା । ମୁଖ୍ୟତଃ ବହୁ ଦେବଦେବୀ ଯଥାକ୍ରମେ ଜଗନ୍ନାଥ, ଶ୍ରୀକୃଷ୍ଣ, ରାମ ପ୍ରଭୃତିଙ୍କୁ ଉପଜୀବ୍ୟ କରି ଓଡ଼ିଆ ଭଜନ ସାହିତ୍ୟ ଏକ ପବିତ୍ର ମାଧ୍ୟମ ଭାବରେ ଉତ୍କଳୀୟ ମାନସକୁ ଭକ୍ତି ସ୍ରୋତରେ ନିମଜ୍ଜିତ କରି ପାରିଥିଲା ଏପରିକି ଶରୀର ସମ୍ବନ୍ଧୀୟ ବହୁ ତଥ୍ୟ ଏବଂ ପିଣ୍ଡ-ବ୍ରହ୍ମାଣ୍ଡ ସଂକ୍ରାନ୍ତୀୟ ଗୂଢ଼ାର୍ଥର ବ୍ୟାଖ୍ୟା ମାନବ ସମାଜକୁ ସତ୍ ପଥରେ ଚାଳିତ ହେବା ପାଇଁ ଆବଶ୍ୟକୀୟ ପ୍ରେରଣା ଯୋଗାଉଥିଲା । କ୍ରମଶଃ ପାଶ୍ଚାତ୍ୟ ସଭ୍ୟତାର ଅନୁପ୍ରବେଶ ଓଡ଼ିଆ ସାହିତ୍ୟରେ ହେବା ଫଳରେ ସାହିତ୍ୟକୁ ଆଧ୍ୟାତ୍ମିକତାର ଅନ୍ତଃସ୍ରୋତ କ୍ଷୀଣ ହେବାକୁ ଲାଗିଲା । ଭଜନ ସାହିତ୍ୟର ଆଦର ଏବଂ ଆଦୃତ କେବଳ କେତେକ ମୁଷ୍ଟିମେୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ସୀମାବଦ୍ଧ ନୁହେଁ ବରଂ ପଲ୍ଲୀ ପ୍ରାଣର ନିଭୃତ କନ୍ଦରକୁ ମଧ୍ୟ ଏହାର ସୌକୁମାର୍ଯ୍ୟ ସ୍ପର୍ଶ କରି ପାରିଥିଲା । ଓଡ଼ିଆ ଭଜନର ସଂଗ୍ରହ ଏବଂ ସଂକଳନ କ୍ଷେତ୍ରରେ ନୈରାଶ୍ୟଜନକ

ପରିସ୍ଥିତି ଦେଖାଇ ଦେଇଥିବା ସ୍ଥଳେ, ରାଧାରମଣ ପୁସ୍ତକାଳୟ, ଅରୁଣୋଦୟ ପ୍ରେସ୍, ମନମୋହନ ପ୍ରେସ୍, ନବଭାରତ ପ୍ରେସ୍, ପ୍ରଭାତୀ ପୁସ୍ତକାଳୟ ପ୍ରଭୃତି ପ୍ରକାଶକ ସଂସ୍ଥାମାନଙ୍କର ସୌଜନ୍ୟ ସହୃଦୟତା ଯୋଗୁଁ ବହୁ ଜଣାଣ ତଥା ଭଜନ ପୁସ୍ତକ ପ୍ରକାଶିତ ହେବାର ସୁଯୋଗ ଲାଭ କରିପାରିଛି ।

ଜଣାଣ ଓ ଭଜନର ଭାବ ଏକାନ୍ତ ବ୍ୟକ୍ତିଗତ ତଥା ତାହା ବ୍ୟକ୍ତିର ଦୁଃଖ ଦୁର୍ଦ୍ଦଶାର କାରୁଣ୍ୟରେ ଅଧିକ ମର୍ମସ୍ପର୍ଶୀ ହୋଇଥାଏ । ଏହି ଭଜନକୁ ମୁଖ୍ୟତଃ ଖଞ୍ଜଣୀ, ଗୋପୀଯନ୍ତ୍ର, ଗିନି, ମୃଦଙ୍ଗ ଏବଂ ଝାଞ୍ଜ ପ୍ରଭୃତି ବାଦ୍ୟ ଓ କରତାଳର ମଧୁର ନାଦ ସାହାଯ୍ୟରେ ସମବେତ କଣ୍ଠରେ ଗାନ କରାଯାଏ । ଉଦାହରଣ ସ୍ୱରୂପ ପଞ୍ଚସଖା ଭଜନ, ଅଲେଖ ଭଜନ, ବ୍ରହ୍ମଜ୍ଞାନ ଭଜନ ତଥା ଜ୍ଞାନଘର ଭଜନ ଇତ୍ୟାଦି ଅଗଣିତ ଭଜନ ଓଡ଼ିଆ କଣ୍ଠରେ ନିତ୍ୟ ଝଙ୍କୃତ ହେଉଛି । ଓଡ଼ିଆ ଭଜନ ସାହିତ୍ୟ ପରି ଭାରତୀୟ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ଯଥାକ୍ରମେ ବଙ୍ଗଳାର ପଦାବଳୀ, ବାଉଲ ଗୀତ, କୀର୍ତ୍ତନ, ଆସାମର ଶଙ୍କରଦେବଙ୍କର କୀର୍ତ୍ତନ, ମରାଠୀରେ ଅଭଙ୍ଗ, ହିନ୍ଦୀରେ ଦୋହା ଇତ୍ୟାଦି ଲୋକପ୍ରିୟତା ଅର୍ଜ୍ଜନ କରିପାରିଛି । ବିଭିନ୍ନ ଭାଷାରେ ରଚିତ ଏହି ସଙ୍ଗୀତାବଳୀରେ ବିଶ୍ୱସ୍ରଷ୍ଟାଙ୍କ ପ୍ରତି ଭକ୍ତିର ଐକାନ୍ତିକ ଭକ୍ତ ତଥା ଆତ୍ମ ସମର୍ପଣ ଭାବ ପ୍ରକାଶ ପାଇଥାଏ । ପ୍ରାଥମିକ ସ୍ତରରେ ଭଜନ ତଥା ଜଣାଣରେ ଭାବର ବୈଚିତ୍ର୍ୟ ପ୍ରକାଶ ପାଇଥିଲେ ହେଁ ପରବର୍ତ୍ତୀ କାଳରେ ଏହାର କଳାତ୍ମକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି । କୌଣସି କୃତ୍ରିମ ଆଳଙ୍କାରିକ ଆଭିମୁଖ୍ୟ ଦେଇ ଭଜନ ସାହିତ୍ୟର ଆଦ୍ୟ ପ୍ରଚେଷ୍ଟା ହୋଇ ନ ଥିଲେ ମଧ କ୍ରମଶଃ ସେଥିରେ ଅଳଙ୍କାର, ସାଙ୍ଗୀତିକତା, ରାଗରାଗିଣୀ, ଶବ୍ଦ ସମ୍ଭାର ଏବଂ ଅର୍ଥ ଗାମ୍ଭୀର୍ଯ୍ୟର ସଂଯୋଗ ଘଟିଲା । ସୁତରାଂ ଯୁଗ ଭେଦରେ ତଥା ଧର୍ମୀୟ ପରମ୍ପରା ଅନୁଯାୟୀ ଓଡ଼ିଆ ଭଜନ ସାହିତ୍ୟକୁ କେତେଗୁଡ଼ିଏ ମୁଖ୍ୟ ବିଭାଗରେ ବିଭକ୍ତ କରାଯାଇପାରେ-

(୧) ଚର୍ଯ୍ୟା ଭଜନ । (୨) ଶୈବ, ବୌଦ୍ଧ ଓ ନାଥପନ୍ଥୀ ଭଜନ । (୩) ପଞ୍ଚସଖା ଭଜନ । (୪) ଗୌଡ଼ୀୟ ଧର୍ମାଶ୍ରିତ ଭଜନ । (୫) ରାମପ୍ରେମ-ଭକ୍ତି ମୂଳକ ଭଜନ । (୬) ମହିମା ଧର୍ମ ଭଜନ । (୭) ବିଭିନ୍ନ ଦେବଦେବୀଙ୍କର ଭଜନ ଏବଂ ଅନ୍ୟାନ୍ୟ ଭଜନ ।

"ଧର୍ମାନୁରକ୍ତି ଏବଂ ରଚନାଶୈଳୀ ଦୃଷ୍ଟିରୁ ଡଃ. ଦେବୀପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ଭଜନ ସାହିତ୍ୟର ଶ୍ରେଣୀ ବିଭାଗ କରିଛନ୍ତି :-

ଭଜନ

ସଗୁଣ   ନିର୍ଗୁଣ

ସ୍ତୁତିଗୀତିକା   ଦାର୍ଶନିକ   ମିଶ୍ର (ପ୍ରଭାତ ଅବକାଶ)

*ବନ୍ଦନା   ଜଣାଣ   ପ୍ରାର୍ଥନା*

ଚେତାବନୀ (ମନଃଶିକ୍ଷା) ନୀତିଶିକ୍ଷାମୂଳକ   ଶରୀର ଭେଦ   ବର୍ଣ୍ଣନାତ୍ମକ ।'' (୩)

ଓଡ଼ିଆ ସାହିତ୍ୟରେ ଭଜନ ରଚନାର ସଂଖ୍ୟା ଅଗଣିତ । ଚଉପଦୀ ତଥା ଷୋଡ଼ଶା ରୀତିରେ ବହୁ ଭଜନ ମଧ୍ୟ ରଚିତ ହୋଇଥିବାର ପ୍ରମାଣ ମିଳେ । ପ୍ରତ୍ୟେକ ଭଜନ ଗୀତି ଧର୍ମୀ ମୂର୍ଚ୍ଛନାରେ ଅନୁରଣିତ । ଆଧ୍ୟାତ୍ମିକ ଚିନ୍ତନ ହିଁ ଏହାର ମୂଳଉତ୍ସ । ଏକତାଳି, ଖେମଟା, କାମୋଦି, ଚକ୍ରକେଳି, ତ୍ରିପଟା ଇତ୍ୟାଦି ବହୁ ରାଗ-ରାଗିଣୀକୁ ନେଇ ଭଜନଗୁଡ଼ିକ ରଚିତ ହୋଇଛି । ବହୁ ଧର୍ମର ତତ୍ତ୍ୱ ଉପରେ ଆଧାରିତ ହୋଇ ଭଜନଗୁଡ଼ିକ ରଚିତ ହୋଇଥିବାରୁ ସେଗୁଡ଼ିକର ତାତ୍ତ୍ୱିକ ଅର୍ଥ ବୁଝି ନ ଥିଲେ ତାହାର ଭାବାର୍ଥ ବୁଝିବା କଷ୍ଟକର ହୋଇପଡ଼େ । ସେଥିପାଇଁ ଅଧିକାଂଶ କବି ସେମାନଙ୍କ ଭଜନରେ ଭଣିତ କରି କହିଛନ୍ତି ଯେ ଗୁରୁକୃପା ବିନା ଏହି ଭାବାର୍ଥ ବୁଝିବା ଅସମ୍ଭବ । ପଞ୍ଚସଖା କବିମାନଙ୍କର ଭଜନଗୁଡ଼ିକରେ ସଗୁଣ ଏବଂ ନିର୍ଗୁଣ ବ୍ରହ୍ମ ଉପାସନାର ସାଙ୍କେତିକ ରୂପକକୁ ଉଦାହରଣ ଭାବରେ ଦିଆଯାଇଛି ।

''ଧ୍ୱନି ଚାରିପାଖେ ଚାରିଘର
ଧବଳ ଚିତାକୁ ଲୟ କର
ତ୍ରିକୂଟ ତ୍ରିବେଣୀ ତିନିଧାର
ବହନ୍ତା ନଦୀକୁ ତଳେ କର ।
ବଙ୍କୁନାଳ ପାଣି ଟେକନ୍ତି ଉଜାଣି
ଉଡ଼ିଯିବ ତୋର ହଂସା ଘର ।'' (୪)

ଭଜନ ସାହିତ୍ୟ କେବଳ ନୀରସ ତଥ୍ୟ ଓ ତତ୍ତ୍ୱର ଗୁରୁଭାରରେ ଭାରାକ୍ରାନ୍ତ ନ ହୋଇ ସମକାଳୀନ ସମାଜର ଚଳଣି ଏବଂ ରାଜନୀତିର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିବାକୁ ସକ୍ଷମ ହୋଇପାରିଥିଲା । ବୌଦ୍ଧଗାନ ବା ଦୋହାର ଶବର ଶବରୀ ଚର୍ଯ୍ୟା ଗୀତିକାଗୁଡ଼ିକରେ ତତ୍‌କାଳୀନ ଶବରମାନଙ୍କର ଜୀବନଯାତ୍ରା ଉପରେ ଏକ ବିଶେଷ ବିବରଣୀ ପ୍ରଦତ୍ତ ହୋଇଛି ତଥା ଶରୀର ସମ୍ପର୍କୀୟ ବହୁ ଗୂଢ଼ତତ୍ତ୍ୱର ସୂଚନା ମିଳୁଛି । ଶରୀରଭେଦ ଅଥବା ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱମୂଳକ ଭଜନ ପ୍ରଭୃତିରେ ଅଲେଖ ପାଟଣା, ଗୋଲାହାଟ, ଅବ୍‌ନା ମଣ୍ଡଳ, କାଉଁରୀ ମଣ୍ଡଳ, ଅନାମ ପାଟଣା, ଭ୍ରମର ଗୁମ୍ଫା, ବଙ୍କୁନାଳ ଇତ୍ୟାଦି ବହୁ ସାଙ୍କେତିକ ରୂପକର ଅବତାରଣା କରାଯାଇଛି । ପିଣ୍ଡ ଭିତରେ ବ୍ରହ୍ମାଣ୍ଡର ପରିକଳ୍ପନା, ତେତ୍ରିଶକୋଟି ଦେବଦେବୀଙ୍କର ଅଧିଷ୍ଠାନର ଚିତ୍ର ତଥା ଏହାର ବ୍ୟାଖ୍ୟା ପଞ୍ଚସଖା ସାହିତ୍ୟରେ ବେଶ୍ ସଫଳତାର ପ୍ରୟୋଗ ହୋଇପାରିଛି । ଏହି ସବୁ ଅଗମ୍ୟ ପଥକୁ ପ୍ରବେଶ କରିବାକୁ ହେଲେ ଗୁରୁପଦ ସେବା ହିଁ ଏକମାତ୍ର ପାଥେୟ ବୋଲି ସେମାନେ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରିଛନ୍ତି । ପଞ୍ଚସଖା ଯୁଗର ଶ୍ରେଷ୍ଠ କବି ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତଙ୍କ ରଚନାରେ ଏହାର ସୂଚନା ମିଳେ । ବଳରାମ ଦାସଙ୍କର 'ବିରାଟ ଗୀତା'ରେ ବର୍ଣ୍ଣିତ ହୋଇଛି :-

"ବ୍ରହ୍ମାଣ୍ଡ ଯେତେ ବିଧିମତ
ପିଣ୍ଡରେ ଅଛନ୍ତି ସମସ୍ତ
ପିଣ୍ଡ ବ୍ରହ୍ମାଣ୍ଡ ଏକମତ ।" (୫)

ଓଡ଼ିଶାର କବିମାନେ ଶରୀର ମଧ୍ୟରେ ଗଙ୍ଗା ଯମୁନା ସରସ୍ୱତୀ-ତ୍ରିବେଣୀ ସଙ୍ଗମର ସୂଚନା ଦେଇଥାନ୍ତି । ଏହି ଶରୀରରେ ପୁଣି ପ୍ରୟାଗ, ବାରଣାସୀ ଓ ଚନ୍ଦ୍ର-ସୂର୍ଯ୍ୟଙ୍କର ପରିକଳ୍ପନା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ବର୍ଣ୍ଣିତ ହୋଇଛି । ତେଣୁ ସନ୍ଥ ସାହିତ୍ୟରେ ଦେହ ହେଉଛି ସର୍ବପୀଠର ସାଧନାସ୍ଥଳୀ । ସନ୍ଥକବି ଅଚ୍ୟୁତାନନ୍ଦଙ୍କ ଭାଷାରେ :-

ଏହି ମନ ସିନା ଚତୁର୍ଦ୍ଧା ମୂରତି; ହେ ମୂଢ଼ମତି ।ପଦ।
ମନ କହେ ଚଇତନ ହେତୁରେ ଦେଖିବୁ ବ୍ରହ୍ମ
ଏ ତତ୍ତ୍ୱ ଚାରି ବେଦେଣ ଦଣ୍ଡିବ ନାହିଁ ଶମନ
ସନକାଦି ମୁନି ଧ୍ୟାଉଛନ୍ତି ହେ ।" (୬)

ଚର୍ଯ୍ୟା ଗୀତିକାରେ ଯେପରି ଶବରୀ, ଗଛ, ଡଙ୍ଗା ଇତ୍ୟାଦି ବିଭିନ୍ନ ରୂପକ ମାଧ୍ୟମରେ ସାଧକ ଶରୀର ସମ୍ପର୍କୀୟ ବହୁ ତଥ୍ୟର ଅବତାରଣା କରିଥାଏ, ସେହିପରି ଓଡ଼ିଆ ଭଜନଗୁଡ଼ିକରେ ବୋହୂ, ବାଘ, ସାପ, ଗାଇ, ଡଙ୍ଗା, ହାଟ, ଢିଙ୍କି, କୁମ୍ଭୀର, ମୂଷା, ବେଙ୍ଗ

ପ୍ରଭୃତି ନିତ୍ୟ ବ୍ୟବହୃତ ପ୍ରତୀକ ମାଧ୍ୟମରେ ଶରୀର ଭେଦତତ୍ତ୍ୱର ବିଶ୍ଳେଷଣ କରାଯାଇଛି । ସେହି ମନୋଜ୍ଞ ଉଦାହରଣଗୁଡ଼ିକରୁ ତିନୋଟି ନିମ୍ନରେ ପ୍ରଦତ୍ତ ହେଲା-

(କ) "ମନ ମୂଷା ହୋ ଗଞ୍ଜାଇ ଖାଇ
ଦିନେ ବିରାଡ଼ିକୁ ଚିହ୍ନିଲୁ ନାହିଁ ।ପଦ।
ଗାତୁଆ ମୂଷାକୁ ବିରାଡ଼ି ଜଗିଛି
ମୂଷା ବସିଅଛି ଗଞ୍ଜାଇ ଖାଇ ।"(୭)

(ଖ) "ବୋହୂ ଚାଲି ନ ଜାଣଇ ଲୋ ! ପାଦ ପଡୁଥାଏ ବଙ୍କା
ଯେଉଁଦିନ ବୋହୂ ସଳଖି ଚାଲିବ ଘରେ ପଡ଼ିଯିବ ଡକା ।"(୮)

ଅସାର ସଂସାରର କ୍ଷଣିକ ସୁଖରେ ପ୍ରମତ୍ତ ନ ହୋଇ ଅତିନ୍ଦ୍ରିୟ ଜଗତର ସୂକ୍ଷ୍ମ ଅନୁଭୂତି ନିଜ ଜୀବଦ୍ଦଶାରେ ଅନୁଭବ କରିବା ପାଇଁ ସିଦ୍ଧ ସାଧକଗଣ ସେମାନଙ୍କ ଭଜନମାନଙ୍କରେ ମନୁଷ୍ୟ ଜାତିକୁ ଚେତାବନୀ ଶୁଣାଇ ଯାଇଛନ୍ତି । ଏହି ଆତ୍ମୀୟ ସ୍ୱଜନ କେହି ମଣିଷର ପ୍ରକୃତ ସାଥୀ ନୁହନ୍ତି । ମୃତ୍ୟୁ କାଳରେ କେହି ସାଙ୍ଗରେ ଯିବେ ନାହିଁ । ତେଣୁ ଏବେଠାରୁ ମଣିଷକୁ ଆତ୍ମା ସମ୍ପର୍କରେ ସଚେତନ ହେବାକୁ ପଡ଼ିବ । ଯୌବନର ଉଦ୍ଦାମତାରେ ଉନ୍ମତ୍ତ ହୋଇ ଧରାକୁ ସରା ଜ୍ଞାନ ନ କରି ସେହି ବିଶ୍ୱସ୍ରଷ୍ଟାଙ୍କ ପଦତଳେ ନିଜକୁ ସମର୍ପଣ କରିବା ନିମିତ୍ତ ସାଧକ କବିମାନେ ନିର୍ଦ୍ଦେଶ ଦେଇ ଯାଇଛନ୍ତି । ଯବନ କବି ସାଲବେଗଙ୍କ ଭାଷାରେ :-

"କାହିଁକି ଆସୁଛୁ ମନ କିସ ନେବା ପାଇଁରେ
ଆସିଛୁ ଲଙ୍ଗଳା ହୋଇ ଯିବୁ ଶୂନ୍ୟ ହୋଇରେ ।"(୯)

ଭଜନ ସାହିତ୍ୟର ଅନ୍ୟ ଯାହାକିଛି ବିଶେଷତ୍ୱ ଥାଉନା କାହିଁକି ଏହା ଯେ ସମସ୍ତ ଅଶାନ୍ତି ଚିତ୍ତଦୋଳନ ଭିତରୁ ଏକ ନୂତନ ମାର୍ଗ ପ୍ରଦର୍ଶନ କରିଥାଏ ତାହା ଅସ୍ୱୀକାର କରି ହେବ ନାହିଁ । ଭଜନ ସାହିତ୍ୟର ଏହି ମହାନ୍ ପରମ୍ପରାର ଜଣେ ଶ୍ରେଷ୍ଠ ଦାୟାଦ ଭାବରେ ଆଲୋଚ୍ୟ କବି ଶ୍ରୀ ଅଭିରାମ ପରମହଂସଙ୍କୁ ପାଠକମାନେ ସାଦରେ ଗ୍ରହଣ କରନ୍ତି । ଶ୍ରୀ ପରମହଂସ ସରଳ ଏବଂ ପ୍ରାଞ୍ଜଳ ଭାଷାରେ ଭାରତୀୟ ସନାତନ ଧର୍ମ-ଦର୍ଶନକୁ ବୁଝାଇବାକୁ ଉଦ୍ୟମ କରିଛନ୍ତି । ତାଙ୍କ ଦ୍ୱାରା ରଚିତ ଭଜନ, ଜଣାଣଗୁଡ଼ିକର ଭାଷା ବେଶ୍ ସାବଲୀଳ ଶୈଳୀରେ ପ୍ରକାଶିତ ହୋଇଛି ଏବଂ ଜ୍ଞାନ ଓ ଯୋଗର ଗୂଢ଼ତଥ୍ୟ ବ୍ୟାଖ୍ୟା ସେଥିରେ ସ୍ଥାନ ପାଇଛି । ସଂସ୍କୃତି 'ଶ୍ରୀମଦ୍ ଭଗବଦ୍ ଗୀତା'ର ସରଳ ତାତ୍ତ୍ୱିକ ବ୍ୟାଖ୍ୟା ସେ ଓଡ଼ିଆ ଭାଷାରେ ସୃଷ୍ଟି କରି ଯାଇଛନ୍ତି । ତାଙ୍କର ଏହି ପୁସ୍ତକଟିର ନାମ ହେଉଛି 'ସନାତନ ଧର୍ମାର୍ଥ ଗୀତା ବା କୋଇଲି ଶିକ୍ଷା' । ଗୀତାରେ ଯେଉଁ ସହଜ ସୂତ୍ରଟିକୁ ଗୋପନ ରଖାଯାଇଛି

ସେହି ସୂତ୍ରଟିକୁ ଅଭିରାମ ବିଶ୍ଳେଷଣ କରି କହିଛନ୍ତି ଯେ, ଅନାସକ୍ତ ଭାବରେ କର୍ମକରି କାର୍ଯ୍ୟସହ ସକଳ କର୍ମଫଳମାନଙ୍କୁ ପରମେଶ୍ୱରଙ୍କୁ ସମର୍ପଣ କରିବା ଉଚିତ । ପ୍ରତ୍ୟେକ ଜୀବର ଶରୀରରେ ଜୀବାତ୍ମା ଏବଂ ପରମାତ୍ମାଙ୍କର ଯେଉଁ ଖେଳ ଲାଗିଛି ତାହାର ନିହିତ ତତ୍ତ୍ୱଟିର ନାମ ହେଉଛି ଆଧ୍ୟାତ୍ମିକ ଭାଷାରେ ଅଜପା ସୂତ୍ର । ଏହି ଅଜଣା ଯୋଗଦ୍ୱାରା ହିଁ ସକଳ କର୍ମଫଳ ସବୁ ଅବସ୍ଥାରେ ସମର୍ପଣ କରିହୁଏ । 'ଅଜପା' ଯୋଗ ସାଧନା କରିବା ଦ୍ୱାରା ଜୀବାତ୍ମା ଏବଂ ପରମାତ୍ମା ହୃଦୟ-ଚକ୍ରରେ ମିଳିତ ହୁଅନ୍ତି । ତେଣୁ ସେହି ସମୟରେ ଯଦି ଜୀବ ମାନସିକ କାମନା ଦ୍ୱାରା ପ୍ରୀତିପୂର୍ବକ ପ୍ରଭୁଙ୍କୁ ବାଞ୍ଛିତ କର୍ମ ଓ କର୍ମଫଳକୁ ଭକ୍ତି ସହକାରେ ନିବେଦନ କରିପାରେ; ତେବେ ନିଶ୍ଚୟ ତାହା ସମର୍ପଣ ଭାବରେ କଥିତ ହେବ । ଗୀତାରେ କୁହାଯାଇଛି ଯେ 'ଅଭ୍ୟାସ' ଓ 'ବୈରାଗ୍ୟ' ଦ୍ୱାରା ସକଳ କର୍ମ ପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇପାରିବ । ଶ୍ରୀ ଅଭିରାମ ପରମହଂସ ଏହି ଦୁଇଟି ତଥ୍ୟକୁ କ୍ରମଶଃ ସରଳ କରିବାକୁ ଯାଇ ବୁଝାଇଛନ୍ତି ଯେ ଯିଏ ଯେତେ ପରିମାଣରେ ଅଜପା ଯୋଗ ଅଭ୍ୟାସ କରିପାରିବ ସେହି ପରିମାଣରେ ତାହାର ଚିତ୍ତ ସ୍ଥିର ହୋଇପାରିବ । କର୍ମ କରୁଥିବା ସମୟରେ ଯଦି ଜୀବନ ନିଜର କର୍ତ୍ତୃତ୍ୱାଭିମାନ ପରିବର୍ତ୍ତେ ପ୍ରଭୁଙ୍କ କର୍ମ କରୁଛି ବୋଲି ଜାଗ୍ରତ ଧାରଣା ରଖିପାରେ ତାହା ହେଲେ କର୍ମଫଳ ପ୍ରାପ୍ତିରୁ ତାହାର ନିଶ୍ଚୟ ଆସକ୍ତି ଦୂରୀଭୂତ ହୋଇଯିବ । ଏହି ସମର୍ପଣ ସୂତ୍ରକୁ ଉପଜୀବ୍ୟ କରି ଅଭିରାମ ପରମହଂସଙ୍କର ଦର୍ଶନ ପରବର୍ତ୍ତୀ କାଳରେ ବିଶେଷ ଲୋକପ୍ରିୟତା ହାସଲ କରିଥିଲା ।

## ଶ୍ରୀ ଅଭିରାମ ପରମହଂସଙ୍କ ରଚିତ କେତୋଟି ବିଶିଷ୍ଟ ସାହିତ୍ୟିକ କୃତିର ମୂଲ୍ୟାୟନ :

### ମୃତ୍ୟୁଞ୍ଜୟ ଗୀତା ଓ ସଂସାର ସାର ସଂହିତା

ଉପରୋକ୍ତ ପୁସ୍ତକଟିରେ ଶ୍ରୀ ଅଭିରାମ ପରମହଂସ କେତେକ ମୌଳିକ ତଥ୍ୟର ଅବତାରଣା କରିଯାଇଛନ୍ତି ଯେଉଁଥିରୁ ଏକ ବୈପ୍ଲବିକ ଆବେଦନର ସ୍ୱରୂପ ସମ୍ପର୍କରେ ବିଶେଷ ସୂଚନା ମିଳୁଛି । ସେ ରାଗ ଚକ୍ରକେଳି ବୃତ୍ତରେ ସନ୍ନିବେଶିତ ଭଜନଗୁଡ଼ିକୁ ଗାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛାନ୍ଦ କିମ୍ୱା ଅଧ୍ୟାୟ ବୋଲି ଉଲ୍ଲେଖ ନ କରି ଏହାକୁ ପ୍ରଥମ ଭାବ କ୍ରମରେ ନାମିତ କରିଛନ୍ତି । ସେ କହୁଛନ୍ତି ଯେ ଏହି ମାୟା ସଂସାରରୁ ଉଦ୍ଧାର ପାଇବାର ଏକମାତ୍ର ପଥ ହେଉଛନ୍ତି ସୃଷ୍ଟିକର୍ତ୍ତା ଭଗବାନ । ତେଣୁ ତାଙ୍କର ସୃଷ୍ଟି ରହସ୍ୟକୁ ଅବବୋଧ କରିବା ପ୍ରତ୍ୟେକ ଜୀବର ପ୍ରଥମ କର୍ତ୍ତବ୍ୟ । କେତେକ ଲୋକପ୍ରିୟ ପ୍ରଚଳିତ ଗ୍ରାମ୍ୟଭକ୍ତିଗୁଡ଼ିକୁ ତାଙ୍କର ରଚନାବଳୀରେ ପ୍ରୟୋଗ କରି ଏହାର ଭାବାର୍ଥକୁ ପାଠକମାନଙ୍କ ସମ୍ମୁଖରେ ସୁଗମ କରିଯାଇଛନ୍ତି ।

(୧) "ଗାଇ ପଛେ ଯେହ୍ନେ ବତ୍ସା ଗୋଡ଼ାଇ,
ପ୍ରଭୁ ସିନା ବତ୍ସା ଭକତ ଗାଇ ।
ଭକତର ଭାବ ହୋଇଛି କ୍ଷୀର,
କ୍ଷୀର ଆଶାରେ ଥାନ୍ତି ଚକ୍ରଧର ।"
(୨) "ଚଟୁ ତିଅଣ ହାଣ୍ଡିକି ଘାଣ୍ଟଇ,
ଶ୍ରଦ୍ଧାଭାବ ଯାର ସେହି ଚାଖଇ ।"(୧୦)

ମୁଖ୍ୟତଃ ଭାଷା ଏବଂ ସାହିତ୍ୟରେ ଆଞ୍ଚଳିକ କଥିତ ଭାଷାର ପ୍ରଭାବ ଅପ୍ରତିହତ ରହିଥାଏ । ଏ ଆଞ୍ଚଳିକତା ଭାଷାର ସୌକୁମାର୍ଯ୍ୟ ବୃଦ୍ଧି କରିଥାଏ । ସୁତରାଂ ଉତ୍କଳୀୟ ସାଧକମାନେ ସେମାନଙ୍କର ଧର୍ମ ମତର ସ୍ୱଚ୍ଛନ୍ଦ ପ୍ରଚାର ପାଇଁ କଥିତ ଭାଷାର ଅସଂଖ୍ୟ ରୂଢ଼ି ଏବଂ ପ୍ରବଚନଗୁଡ଼ିକୁ ସ୍ୱଗ୍ରନ୍ଥମାନଙ୍କରେ ପ୍ରୟୋଗ କରିଯାଇଛନ୍ତି । ପୁସ୍ତକର ଦ୍ୱିତୀୟ ଭାବରେ କବି 'ମୃତ୍ୟୁଞ୍ଜୟ ଗୀତା'ର ନାମକରଣ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି–

"ଶୁଣ ତୁ ମନ ମୃତ୍ୟୁଞ୍ଜୟ ଗୀତା,
ଯେ ଗୀତା ପଢ଼ିଲେ ଆନନ୍ଦ କର୍ତ୍ତା ।
ମୃତ୍ୟୁକୁ ଯେହି ଜୟ କରିଥାଇ;
ସେହି ଏ ଗୀତାର ମର୍ମ ଜାଣଇ ।"(୧୧)

ପଞ୍ଚସଖା ଯୁଗରୁ ପ୍ରଚଳିତ ହୋଇ ଆସୁଥିବା ଗୁରୁବାଦ ପରମ୍ପରାକୁ ମଧ୍ୟ ଅଭିରାମ ପରମହଂସ ସ୍ୱୀକାର କରିଛନ୍ତି । ତାଙ୍କର ପ୍ରତ୍ୟେକ ଗୂଢ଼ତତ୍ତ୍ୱକୁ ଚୈତନ୍ୟ ଗୁରୁଦେବ ରୂପରେ *ଶିଷ୍ୟ ମନକୁ ବୁଝାଇ କହୁଛନ୍ତି । ସୃଷ୍ଟି ତତ୍ତ୍ୱ ପ୍ରସଙ୍ଗରେ ପୂର୍ବରୁ ଆଲୋଚିତ ତତ୍ତ୍ୱର ବ୍ୟାଖ୍ୟାକୁ* ମଧ୍ୟ ସେ ଗ୍ରହଣ କରିଛନ୍ତି । ଷଡ଼ଚକ୍ର ଭେଦ କରି ଯୋଗ ସାଧନା ଦ୍ୱାରା ବ୍ରହ୍ମଙ୍କ ତ୍ରିକୂଟ ବିନ୍ଦୁରେ ଉପଲବ୍ଧି କରାଯାଇପାରେ ଏହି ଅନୁଭବକୁ ସେ ନିଜେ ହୃଦୟଙ୍ଗମ କରି ପୂର୍ବାଚାର୍ଯ୍ୟମାନଙ୍କର ମତ ସହିତ ଏକମତ ହୋଇଛନ୍ତି । ଗୌଡ଼ୀୟ ବୈଷ୍ଣବ ଧର୍ମର ଚୈତନ୍ୟଥେରାର ଦୈନ୍ୟଭାବକୁ ବିଶେଷ ଗୁରୁତ୍ୱପ୍ରଦାନ କରୁଛନ୍ତି । ଜ୍ଞାନଯୋଗ ସହିତ ପ୍ରେମ ଭକ୍ତିର ଏକ ସୁସଂହତ ସମନ୍ୱୟ ଆଣି ସେ ଏକ ବୈପ୍ଳବିକ ଦୃଷ୍ଟିକୋଣ ସୃଷ୍ଟି କରି ଯାଇଛନ୍ତି । ଗୌଡ଼ୀୟ ପ୍ରେମ ଭକ୍ତିରେ ରାଧାଭାବ ହେଉଛି ସର୍ବଶ୍ରେଷ୍ଠ ମୁକ୍ତିର ଶ୍ରେୟ ପନ୍ଥା । 'ଚୈତନ୍ୟ ଚରିତାମୃତ'ରେ କୁହାଯାଇଛି ଯେ ରାଧା ହେଉଛନ୍ତି ପ୍ରକୃତି ସ୍ୱରୂପିଣୀ ଏବଂ କୃଷ୍ଣ ହେଉଛନ୍ତି ହେତୁକାରକ ପୁରୁଷ । ରାଧା ଯୋନି ଏବଂ କୃଷ୍ଣ ବୀଜକୁ ଆଧାର କରି ସମଗ୍ର ସୃଷ୍ଟି ପ୍ରକ୍ରିୟା ଅବ୍ୟାହତ ରହିଛି । ରାଧାଙ୍କୁ ମହାଭାବମୟୀ ବୋଲି ସ୍ୱୀକାର କରିବା ମୂଳରେ ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ନିହିତ ଅଛି ଯେ ସେ ତ୍ରିଗୁଣାତ୍ମିକ ସ୍ଥିତିର ଶ୍ରେଷ୍ଠ

ଧାରିକା ଅଟନ୍ତି । ଏହି ମହାନ୍ ଭାବ ଏବଂ ପ୍ରେମକୁ ନେଇ ସମୟ ବିଶ୍ୱର ପ୍ରତ୍ୟେକ କାର୍ଯ୍ୟ ପରିଚାଳିତ ହେଉଛି । ଗୌଡ଼ୀୟ ବୈଷ୍ଣବ ପ୍ରେମଭକ୍ତିର ରାଧାଭାବକୁ କବି ଶ୍ରୀ ଅଭିରାମ ଗ୍ରହଣ କରି ଜ୍ଞାନ ଭକ୍ତିର ସାରତତ୍ତ୍ୱକୁ ବୁଝାଇଯାଇଛନ୍ତି । ଏହି ସମ୍ପର୍କରେ କେତେକ ଚମତ୍କାର ଉଦାହରଣ ସେ ଉପସ୍ଥାପିତ କରୁଛନ୍ତି । ଶିଷ୍ୟରୂପ ମନ ଗୁରୁରୂପୀ ଚୈତନ୍ୟକୁ ପ୍ରଶ୍ନ ପଚାରିଛି ଯେ କୃଷ୍ଣଙ୍କ ମୂରଲୀ କାହିଁକି ସର୍ବଦା ରାଧା ରାଧା ବୋଲି ଡାକୁଛି । ଏହି ନାମ ପ୍ରତି ବଂଶୀର ଏତେ ଶ୍ରଦ୍ଧା କାହିଁକି ? ସେତେବେଳେ ଚୈତନ୍ୟ ଗୁରୁଦେବ ଶିଷ୍ୟର ସନ୍ଦେହ ମୋଚନ କରି କହୁଛନ୍ତି :-

(୧) "ଶ୍ରୀ ରାଧାର ଭାବ ସାଗର ପରି,
କିଏ ବା ତାହା ମୁଖେ କହିପାରି ।
ସମୁଦ୍ର ବାଲିକି ଯେହୁ ଗୁଣିବ,
ଶ୍ରୀରାଧାର ଭାବ ସେହି କହିବ ।" (୧୨)

(୨) "ଦ୍ୱାପରେ ରାଧା ଭାବରେ ରାଣୀ
ହୋଇଥିବା ଦିନା ସାରଙ୍ଗ ପାଣି ।
ତେଣୁ ଚୈତନ୍ୟ ଅବତାର ହୋଇ ।
ରାଧାର ଋଣକୁ ଶୁଝିଲି ମୁହିଁ ।" (୧୩)

ବର୍ଣ୍ଣିତ ଉଦ୍ଧୃତିଗୁଡ଼ିକରୁ ରାଧା-କୃଷ୍ଣ ପ୍ରେମତତ୍ତ୍ୱର ଯଥାର୍ଥ ସ୍ୱରୂପକୁ ଶ୍ରୀ ଅଭିରାମ ପରମହଂସ ଉଦ୍‌ଘାଟନ କରିଛନ୍ତି । 'ମୃତ୍ୟୁଞ୍ଜୟ ଗୀତା'ର ଶେଷ କେତୋଟି ପଦ ଅତ୍ୟନ୍ତ ହୃଦୟସ୍ପର୍ଶୀ; ଏଥିରେ କବିଙ୍କର ସରଳ ହୃଦୟାବେଗ ପ୍ରକାଶ ପାଇଛି । ଶ୍ରୀରାଧାଙ୍କ ପାଦତଳେ ନିଜକୁ ସମର୍ପିତ କରି ସେ ଭାବବିହ୍ୱଳ କଣ୍ଠରେ କହିଛନ୍ତି :-

"ଅଭିରାମର ଭାବ ଉତେ ହେଉ,
ରାଧାଭାବ ଭାବି ମୋ ଦିନ ଯାଉ ।
କଥା ରହିଥିବି,
ହେ ରାଧା ବଲ୍ଲଭ ଶ୍ରୀ ବାସୁଦେବ ।
ତୁମ୍ଭ ଛଡ଼ାମୋ ଅନ୍ୟଗତି ନାହିଁ,
ସୃଷ୍ଟିଯାକ ମୁହିଁ ଖୋଦି ଖୋଜି ଅଛଇ ।"(୧୪)

'ଜଗନ୍ନାଥ' ହିଁ ପୂର୍ଣ୍ଣବ୍ରହ୍ମ ବୋଲି ଉତ୍କଳୀୟ ବୈଷ୍ଣବ ସାଧକମାନେ ଉପସ୍ଥାପିତ କରିଛନ୍ତି । ବୁଦ୍ଧଦେବଙ୍କୁ ଜଗନ୍ନାଥଙ୍କର ଏକ ଅବତାର ଭାବରେ ସେମାନେ ଗ୍ରହଣ କରନ୍ତି । ଜଗନ୍ନାଥଙ୍କ ଏହି 'ବୁଦ୍ଧତ୍ୱ' ଆରୋପ ସମ୍ପର୍କରେ ଅନେକ ପ୍ରମାଣ 'ଶୂନ୍ୟ ସଂହିତା'

ସାରଳାଦାସଙ୍କ 'ମହାଭାରତ' ତଥା ବଳରାମ ଦାସଙ୍କର ବିଭିନ୍ନ ସାହିତ୍ୟ କୃତିରେ ଭରପୂର ହୋଇ ରହିଛି । ଉତ୍କଳୀୟ ବୈଷ୍ଣବମାନେ ଜଗନ୍ନାଥଙ୍କ ବୁଦ୍ଧତ୍ୱ ସ୍ୱୀକାର କରିଥିଲେ ତଥା ଅନ୍ତରରେ ଥିଲେ ବିଶେଷତଃ ଶୂନ୍ୟବାଦୀ ସାଧକ । ଏହି ଚେତନା ଟିକକ ଶ୍ରୀ ଅଭିରାମଙ୍କୁ ବିଶେଷ ଭାବରେ ଉଦ୍‌ବୁଦ୍ଧ କରିଥିଲା । ତେଣୁ ସେ ଜଗନ୍ନାଥଙ୍କର ବୁଦ୍ଧତ୍ୱ ସ୍ୱୀକାର କରି କହିଛନ୍ତି–

"ମଧୁରା ମୂର୍ତ୍ତି ହେଲୁ ଯେଣୁ,
ବଉଦ୍ଧ ହୋଇଅଛି ତେଣୁ ।" (୧୫)

ସରଳ ଭାବପୂର୍ଣ୍ଣ ଭାଷାର ପ୍ରୟୋଗ ତଥା ଶୈଳୀର ଚାତୁର୍ଯ୍ୟ ହିଁ ତାଙ୍କ ସୃଷ୍ଟିର ମୌଳିକ ଦୃଷ୍ଟିଭଙ୍ଗୀକୁ ପାଠକ ସମ୍ମୁଖରେ ଉପସ୍ଥାପିତ କରିପାରିଛି । କବି ଯେ କବିତାରେ ଛନ୍ଦଗତ ସୌକୁମାର୍ଯ୍ୟରେ ପ୍ରଭାବିତ ତାହା ତାଙ୍କର ସରଳ କବିତାଗୁଡ଼ିକର ବିଭିନ୍ନ ପଦରୁ ସ୍ପଷ୍ଟ ବାରି ହେଉଛି ।

**ଦୁର୍ଗାମାଧବ ସ୍ତବ :**

ଏହି ଛୋଟ ଜଣାଣ ପୁସ୍ତକଟି କବିଙ୍କର ଏକ ଉଲ୍ଲେଖଯୋଗ୍ୟ କୃତି । ସରଳ ଅଭିବ୍ୟକ୍ତିର ନିଛକ ସତ୍ୟ ଜଣାଣରେ ପ୍ରକାଶ ପାଇଛି । ତେଣୁ ଜଣାଣର କେତୋଟି ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା :–

(୧) "ଖରାକୁ ଯେହ୍ନେ ଢାଙ୍କେ ଘନ,
ତୋର ଆବୃତ୍ତେ ଭଗବାନ
ଖରାପି ମୂଢ଼ଚିତ୍ତ, କାହୁଁ ଜାଣିବ ତତ୍ତ୍ୱ
ତଦୀୟ କୃପାଟି ପ୍ରଧାନ ଗୋ ।" (୧୬)

(୨) "ଲୁଠଇଁ ତବପଦ ସରୋଜ ଧରି ମୁହିଁ,
କର୍ତ୍ତବ୍ୟ କାର୍ଯ୍ୟ ଯେଣୁ ମୋର ।
ଲୋଲୁପ ଅଛିଟିକି; କହିଲୁ ମାତ ଦେଖି
ଲଗଲା ସାନପୁଅ ଠାର; ଗୋପ କୃପାମୟୀ ।"(୧୬)

ଅବଶ୍ୟ ଶ୍ରୀ ଅଭିରାମ ପରମହଂସ ପୂର୍ବବର୍ତ୍ତୀ କୌଣସି କବି ବା ଲେଖକଙ୍କ ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ । କାରଣ ସେ ଉପାସ୍ୟ ଦେବତା ଦୁର୍ଗା ମାଧବଙ୍କର ଐଶୀ କୃପାରୁ ହିଁ ଶତ ଶତ ଭଜନ, ଜଣାଣ ସୃଷ୍ଟି କରିଥିଲେ । ଏହି ଐଶୀ କୃପା କୌଣସି ପ୍ରକାରେ କିମ୍ବଦନ୍ତୀ ବା ଭାଣ୍ଡ ଗଳ୍ପକୁ ଆଶ୍ରୟ କରି ସୃଷ୍ଟି ହୋଇନାହିଁ । ଉପରୋକ୍ତ ପଦର

ଲାଳିତ୍ୟ ସହିତ ବିଶିଷ୍ଟ ବୈଷ୍ଣବ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କର 'ବିଦଗ୍ଧ ଚିନ୍ତାମଣି' ଗ୍ରନ୍ଥର ଗୋଟିଏ ପଦକୁ ତୁଳନା କରାଯାଇପାରେ–

"ଲୁବ୍ଧକ ତାରକ ବ୍ରହ୍ମାହର ଗର୍ବହର,
ଲୁଟାଇ ପାର କୃପାରେ ମୁକତି ଭଣ୍ଡାର ।" (୧୮)

ପଦର ସାଙ୍ଗୀତିକ ମାଧୁର୍ଯ୍ୟକୁ ଅବ୍ୟାହତ ରଖିବା ପାଇଁ ଶ୍ରୀ ପରମହଂସ ପରବର୍ତ୍ତୀ ପଦରେ ଲେଖିଛନ୍ତି :–

"ଲାସ୍ୟ ଶିଖାଅ ମତେ ତୁହି,
ଲଗୁଡ଼ ହସ୍ତେ ତୋର ନେଇ
ଲକ୍ଷ୍ୟ ମୋ ରାସସ୍ଥଳ–
ଲକ୍ଷ୍ୟ ମୋ ଭକତ ମେଳ
ଲକ୍ଷ୍ୟଭ୍ରଷ୍ଟ ମୁଁ ହେବି ନାହିଁ ଗୋ ।"(୧୯)

ଭାଷାର ସୌକୁମାର୍ଯ୍ୟ ବ୍ୟତୀତ ଶବ୍ଦ ବିନ୍ୟାସରେ ମଧ୍ୟ ତାଙ୍କର ପାରଦର୍ଶିତା ପ୍ରଦର୍ଶିତ ହୋଇଛି । ଯଥା–

"ଖରାପ ପୁତ୍ର ହେଲେ କୁ ଜନନୀ ହେଲେ
କ୍ଷୌଣିକା ଚଳବି ବା କାହିଁ ଗୋ କୃପାମୟୀ ।
କ୍ଷମା କରିବୁ ପୁତ୍ର ଦୋଷ, ବାତ୍ସଲ୍ୟେ ସ୍ନେହବାଣୀ ଭାଷ,
କ୍ଷନ୍ଦଇ ଅଭିରାମ କ୍ଷମାମୟୀ ଚରଣ,
କରନ୍ତୁ ମୋତେ ଶୁଭାଶିଷ ଗୋ, କୃପାମୟୀ ।" (୨୦)

ତତ୍‌ସମ ଶବ୍ଦ ତଥା ତଦ୍‌ଭବ ଶବ୍ଦର ଏକ ଅପୂର୍ବ ସମ୍ମେଳନ 'ଦୁର୍ଗାମାଧବ ସ୍ତବ' ପୁସ୍ତକରେ ଦେଖିବାକୁ ମିଳେ । ଅବଶ୍ୟ ଏହିଭଳି ପ୍ରୟୋଗକୁ ବ୍ୟାକରଣ ଦୃଷ୍ଟିରୁ 'ଗୁରୁ ଚାଣ୍ଡାଳ' ଦୋଷ ବୋଲି ସାବ୍ୟସ୍ତ କରାଯାଇଥାଏ । କିନ୍ତୁ ଛନ୍ଦଗତ ସାଙ୍ଗୀତିକତା ଦୃଷ୍ଟିରୁ ବିଚାର କଲେ, ଏହି ତାରତମ୍ୟ ନିଶ୍ଚିତ ଭାବାରେ ରସିକ ପାଠକ ଗୋଷ୍ଠୀରେ ଆଦୃତ ହେବ ।

"ଜିଂଘ୍ରଇ ଅଂଘ୍ରି ଅବ୍‌ଜ; ଘୋଣ ସୂତ୍ରରେ ମୁହିଁ
ଜ୍ୟୋତି ଜ୍ୱାଳାକୁ ଏକ କରି
ଯାଉଁଳି କବାଟକୁ ଟାଉ ଟାଉ ଫିଟାଇ
ଯାଇ ଦେଖିଲି ତୋର ପୁରୀ; ଗୋ କୃପାମୟୀ ।" (୨୧)

ଯେଉଁ ପଦ କେତୋଟି ପାଠକ ମନକୁ ବିଶେଷ ପ୍ରଭାବିତ କରିଥାଏ, ସେହି ପଦଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଉଛି । ଏହାର ଅନ୍ତର୍ନିହିତ ଭାବ ପ୍ରାଣକୁ ସ୍ପର୍ଶ କରେ–

"ଗୁରୁ ତୁମ୍ଭେ ମୋହର; ଗୁପତ ତତ୍ତ୍ୱସାର
ଗୁମ୍ଫାରେ ପଶି ଦେଲ କହି
ଗୁଣି ତୁମ୍ଭରି ନାମ ପୂରିଲା ମନସ୍କାମ
ଜ୍ଞାନ ନେତ୍ରରେ ଦେଲି ଚାହିଁ; ଗୋ କୃପାମୟୀ
ଫୁଲ ତ ନିଶ୍ଚେ ମଉଳିବ, ଫନ୍ଦା ମୋ ବିଅର୍ଥ ହୋଇବ,
ଫିଟାଇ କହିଲି ମୋ ହୃଦୟ କଥା ସବୁ– ଗୋ କୃପାମୟୀ ।" (୨୩)

'ଦୁର୍ଗାମାଧବ ସ୍ତବ' ଜଣାଣ ସେହିପରି ଆଳଙ୍କାରିକ ଉତ୍କର୍ଷତା ନ ଥିଲେ ହେଁ ନିଛକ ଭାବ ସହିତ ସରଳ ଭାଷାର ପ୍ରୟୋଗ ଏହାର ମୂଲ୍ୟକୁ ସାର୍ଥକ ଭାବରେ ମୂଲ୍ୟାୟନ କରିପାରିଛି । ସାହିତ୍ୟିକ ଅଭିବ୍ୟକ୍ତି ଦୃଷ୍ଟିକୋଣରୁ ଏହା ନିଶ୍ଚିତ ଭାବରେ ଉଚ୍ଚକୋଟୀର ବୋଲି ଗ୍ରହଣ କରାଯାଇପାରେ । ଏହାର ଭାବପୂର୍ଣ୍ଣ ବ୍ୟଞ୍ଜନା ହିଁ ଓଡ଼ିଆ ସାହିତ୍ୟର ଏକ ମୂଲ୍ୟବାନ ସମ୍ପର୍କ ।

**ଭଜନ ସାର :**

ସର୍ବମୋଟ ୮୦ଟି ଭଜନର ସମନ୍ୱିତ ସମାହାର ହେଉଛି ଏହି 'ଭଜନସାର' ପୁସ୍ତକ । ମୁଖ୍ୟତଃ ଏଥିରେ ସ୍ଥାନ ପାଇଥିବା ଭଜନଗୁଡ଼ିକରେ କବିଙ୍କର ଓଡ଼ିଶା ଭ୍ରମଣ କାଳୀନ ଅନୁଭୂତିର ସାର୍ଥକ ବିନ୍ୟାସ ସମ୍ଭବ ହୋଇଛି । ଅଭିରାମ ପରମହଂସ ୧୯୨୫ ମସିହାଠାରୁ ୧୯୩୦ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳଗୁଡ଼ିକ ଭ୍ରମଣ କରି ନିଜର ଧର୍ମ-ଆଦର୍ଶ ପ୍ରଚାର କରିଥିଲେ । ସେ ପୁସ୍ତକରେ ସନ୍ନିବେଶିତ ଭଜନଗୁଡ଼ିକୁ ଶଙ୍କରାଭରଣ ରାଗରେ ଗାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି–

"ପ୍ରତି ଅଙ୍ଗ ଲାଗି ପ୍ରତି ଅଙ୍ଗ ମୋ କାନ୍ଦଇ,
ହରି ମୋର ସ୍ୱାମୀ କହେ ଅଭିରାମ ବାଇ ।"(୨୪)

ପ୍ରତ୍ୟେକ ଯୁଗରେ ବହୁ କବି ଏହି ଭାବରେ ନିଜର ଭକ୍ତି ନୈବେଦ୍ୟକୁ ଉପାସ୍ୟ ଦେବତାଙ୍କ ପଦତଳେ ଅର୍ପଣ କରିଛନ୍ତି । ଭାରତୀୟ ଭକ୍ତି ସାହିତ୍ୟରେ ଭକ୍ତକବିମାନଙ୍କର ଭାବର ସମନ୍ୱୟ ଏକ ଉଲ୍ଲେଖଯୋଗ୍ୟ ସ୍ୱାତନ୍ତ୍ର୍ୟ ଭାବରେ ପାଠକମାନଙ୍କୁ ଅଭିଭୂତ କରେ । ଏଠାରେ ବ୍ରଜବୁଲୀ ଭାଷାର ଶ୍ରେଷ୍ଠକବି ଚଣ୍ଡୀ ଦାସଙ୍କ ଗୋଟିଏ ପଂକ୍ତି ଉଦ୍ଧାର କରୁଛି । ଯାହାର ଭାବଗତ ସାମଞ୍ଜସ୍ୟ ଅଭିରାମଙ୍କ ରଚନାବଳୀରେ ମଧ୍ୟ ରହିଛି ।

"ରୂପ ଲାଗି ଆଖି କାନ୍ଦେ ଗୁଣେ ମନଭୋର,
ପ୍ରତି ଅଙ୍ଗ ଲାଗି କାନ୍ଦେ ପ୍ରତି ଅଙ୍ଗ ମୋର ।" (୨୫)

କବି 'ଭଜନସାର' ପୁସ୍ତକରେ ଶବ୍ଦର ଅପୂର୍ବ ଚମତ୍କାରିତା ଦେଖାଇବାକୁ ଯାଇ ଶ୍ରୀକୃଷ୍ଣଙ୍କ ବାଲ୍ୟ ଚପଳତାକୁ ବର୍ଣ୍ଣନା କରି କହୁଛନ୍ତି :-

"ବଜ୍ରବାଳ ସଙ୍ଗେ ଘରେ ଘରେ ରଙ୍ଗେ
ପଶି ଭାଙ୍ଗି ସେ ଦୁଧ ମାଠିଆ
ବଂଶୀ ଖଣ୍ଡେ ଧରି ଆସେ ଥିରି ଥିରି
ଯେସନେ ଆସେ ଜନ୍ଧା ଧୂଳିଆ ।" (୨୬)

ଶ୍ରୀକୃଷ୍ଣ ବଂଶୀଟିଏ ହାତରେ ଧରି ଧୂଳିଆ ଜନ୍ଧା ଯେପରି ଛପି ଛପି ଆସେ ଠିକ୍ ସେହିପରି ମନ୍ଥର ଗତିରେ ଆସୁଛନ୍ତି । ଉତ୍କଳୀୟ ସାଧନ ପରମ୍ପରାରେ ପକ୍ଷୀ, ଗାଈ ପ୍ରଭୃତି ଏକ ଏକ ସାଙ୍କେତିକରୂପକ ଭାବରେ ବ୍ୟବହୃତ ହୋଇଛନ୍ତି । ସର୍ବସାଧାରଣଙ୍କର ବୋଧଗମ୍ୟ ହେବା ପାଇଁ ବୈଷ୍ଣବ ସାଧକମାନେ ଏହିଭଳି ରୂପକ ମାଧମରେ ସୃଷ୍ଟିର ରହସ୍ୟକୁ ବୁଝାଇବାର ପ୍ରୟାସ କରୁଥିଲେ । ପୁରୀ ଜଗନ୍ନାଥ ମନ୍ଦିରରେ ଯେଉଁ ପଞ୍ଚରାତ୍ର ପୂଜାପଦ୍ଧତି ପ୍ରଚଳିତ ହୋଇଛି ତାହାର ତତ୍ତ୍ୱଗତ ପ୍ରଭାବ ମଧ ପରବର୍ତ୍ତୀ କବିମାନଙ୍କୁ ବେଶ୍ ପ୍ରଭାବିତ କରିଥିଲା, "ପୁରୀ ଜଗନ୍ନାଥ ମନ୍ଦିରରେ ରାମାନୁଜ ପଞ୍ଚରାତ୍ର-ପଦ୍ଧତିର ପ୍ରଚଳନ କରାଇଥିଲେ ଯଦିଓ ପଞ୍ଚରାତ୍ର-ପଦ୍ଧତି ତାନ୍ତ୍ରିକ ବୌଦ୍ଧଭାବନା ଦ୍ୱାରା ପାଞ୍ଚରାତ୍ର ପଦ୍ଧତି ପ୍ରଣୋଦିତ ଥିବାରୁ ମହାବିଷ୍ଣୁ ପୁରୁଷୋତ୍ତମ ଜଗନ୍ନାଥ 'ଶୂନ୍ୟବ୍ରହ୍ମ' ରୂପରେ ପରିକଳ୍ପନା ହୋଇଛନ୍ତି ।"(୨୭)

ଏହି ସମନ୍ୱିତ ପ୍ରଭାବର ଏକ ଉଲ୍ଲେଖଯୋଗ୍ୟ ରୂପକ ଅଭିରାମଙ୍କୁ ମଧ ପ୍ରଭାବିତ କରିଛି । ତେଣୁ ସେ ଲେଖିଛନ୍ତି-

"କୁମ୍ଭାଟୁଆ କାକପୋଇ କାବାତା ପାରା ମିଶାଇ
ମଧୁମକ୍ଷିକା ମିଶିଣ ଏ ପାଞ୍ଚଜଣ
ଅଗ୍ନି, ପୃଥ୍ୱୀ, ଜଳ, ବାୟୁ, ଶୂନ୍ୟ ପାଞ୍ଚଜଣ
ଏ ପାଞ୍ଚ ପକ୍ଷୀର ମଧେ ଅନାଦି ବ୍ରହ୍ମ- 'ଅ'କାରେ
ଅଛନ୍ତି ରହି,
ଅଜାତ ପକ୍ଷୀ ଅଜାତ ଯେ ନୁହେଁ ଯୋନିରୁ ଜାତ
ଅଯୋନି ସମ୍ଭୂତ ଆଜେ ଅଜାତ ପକ୍ଷୀ ।" (୨୮)

ଶୂନ୍ୟ ପରଂବ୍ରହ୍ମଙ୍କୁ ଅଜାତ, ଅବ୍ୟକ୍ତ, ନିର୍ଗୁଣ ଭାବରେ ବ୍ୟକ୍ତ କରିବାକୁ ଯାଇ ସେ ତାଙ୍କର ସ୍ୱରୂପ ସମ୍ପର୍କରେ ଏହି ପାଞ୍ଚଗୋଟି ସଙ୍କେତର ଅବତାରଣା କରିଛନ୍ତି । ଜ୍ଞାନର ଅସୀମ ଦିଗନ୍ତ ଭିତରେ ଷଡ଼ଚକ୍ର ଭେଦ କରି, ସୁଷୁମ୍ନା ନାଡ଼ି ମଧ୍ୟରେ ଇଡ଼ା-ପିଙ୍ଗଳା ଦେଇ ଶ୍ୱାସବାୟୁ ପ୍ରଚଳନ ଦ୍ୱାରା ବ୍ରହ୍ମଙ୍କୁ ଉପଲବ୍‌ଧି କରିବାକୁ ହେଲେ ଅନନ୍ତ ମହାଭାବର ଯେ ଆବଶ୍ୟକତା ରହିଛି ତାହା କବି ଏଠାରେ ପ୍ରକାଶ କରିଛନ୍ତି । ଆତ୍ମ ସଚେତନତା ସହିତ ଅଫୁରନ୍ତ ପ୍ରେମଭକ୍ତି ହିଁ ସାଧନା ପଥର ପାଥେୟ । ଜ୍ଞାନ ଏବଂ ପ୍ରେମର ତାତ୍ତ୍ୱିକ ମିଳନକୁ ସେ ନିଜର ଆଭିମୁଖ୍ୟ ଭାବରେ ଗ୍ରହଣ କରି ସୂଚାଇଛନ୍ତି :

"କହେ ଅଭିରାମ ଭୋଳେ          ଷଟ୍‌ଚକ୍ର ଫୁଲମାଳେ
ପ୍ରେମ ଡୋରୀରେ          ଗୁନ୍ଥିବି ତୁମରି ପାଇଁ
ସୁମନ ସୂଚୀକୁ ଧରି          ଜ୍ଞାନ ପୁଷ୍ପେ ଗୁନ୍ଥିକରି
ସତ୍ୟନାରାୟଣ ସ୍ୱାମୀ ଅଷ୍ଟାଙ୍ଗ ଯୋଗେ ।"(୨୧)

ଏତଦ୍‌ବ୍ୟତୀତ ବହୁ ପ୍ରଚଳିତ ଗ୍ରାମ୍ୟ ପ୍ରବଚନ ଏବଂ ରୂଢ଼ି ପ୍ରୟୋଗ ମଧ୍ୟ ଭଜନଗୁଡ଼ିକରେ ପରିଲକ୍ଷିତ ହୁଏ ।

"କାବତା ! ତୁ କି ବତାଉଛୁ,
ଉଠୁରେ ପୁତା କିମ୍ବା ଡାକୁଛୁରେ
ପୁତ୍ର ନିରାକାର କ୍ଷରବଧି ତଟର
ଶୋଇଛନ୍ତି ତୁ କି ଜାଣିଅଛୁରେ ।" (୩୦)

ଏହି ରଚନାଶୈଳୀ ସହିତ ଜଗନ୍ନାଥ ଦାସଙ୍କ 'ତୁଳାଭିଣା' ଗଦ୍ୟର ଏକ ସାମ୍ୟତା ପରିଦୃଷ୍ଟ ହେଉଛି । କାରଣ ଏଠାରେ ପ୍ରୟୋଗ ହୋଇଥିବା 'ପୁତା' ଶବ୍ଦଟିକୁ ନେଇ ଜଗନ୍ନାଥ ଦାସ ତାଙ୍କର 'ତୁଳାଭିଣା' ପୁସ୍ତକରେ ବହୁ ସ୍ଥାନରେ ବ୍ୟବହାର କରିଛନ୍ତି । ଯେହେତୁ ପୂଜା ଶବ୍ଦଟି ଗ୍ରାମ୍ୟ ଭାଷାର ଏକ ଲୋକପ୍ରିୟ ସମ୍ବୋଧନ ତେଣୁ ଅନେକ ଓଡ଼ିଆ କବି କବିତାର ଭାଷାଗତ ମାଧୁର୍ଯ୍ୟତା ପାଇଁ ଏହାକୁ ପ୍ରୟୋଗ କରିଛନ୍ତି । "ପୁତା" ଶବ୍ଦର ଅର୍ଥ ହେଉଛି ପୁଅ । ନାଥ ସମ୍ପ୍ରଦାୟର ଗୁରୁ ଗୋରକ୍ଷନାଥଙ୍କର ରଚନାବଳୀରେ 'ପୁତା'ର ପ୍ରୟୋଗ ମଧ୍ୟ ହୋଇଛି ।

"ଚନ୍ଦ୍ର ସୂର୍ଯ୍ୟ ନାଡ଼ି ପୁତା ବେନି ସାଧ ଅଙ୍ଗ ।
ତାହାକୁ ବୋଲିଟି ପୁତା ଚନ୍ଦ୍ର ସୂର୍ଯ୍ୟ ଅଙ୍ଗ ।

x          x          x

ବାମ ପାଖେ ଚନ୍ଦ୍ର ଯେ ଦକ୍ଷିଣେ ସୂର୍ଯ୍ୟ ରହି,
ଚନ୍ଦ୍ର ସୂର୍ଯ୍ୟ ମଧ ପୁତା ଶମ୍ଭୁନାଳ କହି ।" (୩୧)

'ଘୁମୁ ଘୁମୁ ଘୁମୁରେ ପାରା ! ଆହା କି ସୁନ୍ଦର ତୋର ଘୁମୁରାରେ' ଏହି ପଦଟି ଓଡ଼ିଶାର ଲୋକଗୀତର ଏକ ଅପୂର୍ବ ସୃଷ୍ଟି । ଗ୍ରାମମାନଙ୍କରେ ଯୋଗୀ ବା ସାଧୁ ବାବାଜୀମାନେ ଏକତାରାଟିଏ କାନ୍ଧରେ ଝୁଲାଇ ଅତ୍ୟନ୍ତ ମଧୁର ସ୍ୱରରେ ଏହି ଗୀତଟି ଗାଇ ଗାଇ ଭିକ୍ଷା ମାଗିଥାନ୍ତି । ଲୋକଗୀତର ସୁଦୂରପ୍ରସାରୀ ସ୍ୱଭାବ ମଧ ଅଭିରାମଙ୍କୁ ବିହ୍ୱଳିତ କରିଛି । ତେଣୁ ସେ ନିଜ ସୃଷ୍ଟିରେ ତାକୁ ସ୍ଥାନ ଦେଇ ଲେଖିଛନ୍ତି–

"ଘୁମୁ ଘୁମୁ ଘୁମୁରେ ପାରା !
ଆହା କି ସୁନ୍ଦର ତୋର ଘୁମୁରାରେ ।
ବାରଯୁଣ ନେତ୍ର–ପଲକେ ଘୁମାଉ
ଆଦ୍ୟେ ଘୁମୁ ଘୁମୁ ପଛେ 'ରା' 'ରା' ରେ ।" (୩୨)

କବି ପରମହଂସ ଗୋଟିଏ ଭଜନରେ ଶ୍ରୀକୃଷ୍ଣ ଏବଂ ରାଧାଙ୍କର ସ୍ପଷ୍ଟଚିତ୍ର ଉଲ୍ଲେଖ ନ କରି ବକ୍ରୋକ୍ତି ଛଳରେ କହୁଛନ୍ତି :–

"କି କରିବି କହଲୋ ମିତ !
ନାରାୟଣ ମତେ ବାଇକଲା ତ ।" (୩୩)

ବୈଷ୍ଣବ କବିମାନେ ନିଜକୁ ରାଧାଙ୍କର ସେବାଦାସୀ ରୂପରେ କଳ୍ପନା କରନ୍ତି । କୃଷ୍ଣ ପ୍ରୀତି ଲାଭ କରିବାକୁ ହେଲେ ପ୍ରଥମେ ଶ୍ରୀରାଧାଙ୍କର କୃପା ଆବଶ୍ୟକ ହୋଇଥାଏ । ଗୌଡ଼ୀୟ ପ୍ରେମଭକ୍ତିର ଏହି ରାଧାଭାବ କବି ଅଭିରାମଙ୍କୁ ବିଶେଷ ଆପ୍ଲୁତ କରିଛି । ତେଣୁ ସେ କହୁଛନ୍ତି :–

"ନାରାୟଣ ଭକ୍ତଙ୍କୁ ମୋର    ଅନନ୍ତ କୋଟି ନମସ୍କାର
ଦେହେ ମୋର ନାରାୟଣ ଛପା ଦିଅ
ନାରାୟଣ ନାମ କର୍ଣ୍ଣେ ଶୁଣାତ ।
ନାରାୟଣ–ଧ୍ୱନି ଯେ ଠାରେ    ମୋର ଶବ ପୋତ ସେଠାରେ
ସବୁ ଭକତଙ୍କୁ ମାଗୁଅଛି ମୁହିଁ ।
କରିବଟି ମୋତେ ଏତିକି ହିତ ।" (୩୪)

ଚୈତନ୍ୟଙ୍କର ଶିଷ୍ୟ ଷଡ଼ଗୋସ୍ୱାମୀମାନେ ଯଥାକ୍ରମେ :– ରୂପ, ଜୀବ, ସନାତନ, ଗୋପାଳ ପ୍ରମୁଖ ନିଜକୁ ରାଧାଙ୍କର ସଖୀ ଭାବରେ ପରିକଳ୍ପନା କରି ରାଧାକୃଷ୍ଣଙ୍କର

ସେବାକାରୀ ହେବା ନିମିତ୍ତ ବ୍ୟାକୁଳତା ପ୍ରକାଶ କରିଛନ୍ତି । ବୈଷ୍ଣବ କବି ଅଭିମନ୍ୟୁ ସାମନ୍ତସିଂହାର ମଧ୍ୟ ରାଧାଭାବରେ ବିହ୍ୱଳିତ ହୋଇ ହୃଦୟର ଆବେଗକୁ ନିମ୍ନମତେ ପ୍ରକାଶ କରିଛନ୍ତି :-

"ଜୀବନ ଗଲେ ଏତିକି କରିବ
ଶ୍ୟାମ ନାମ ମୋ ହୃଦେ ଲିହିବ
ଶ୍ୟାମ ବସନରେ ଅଙ୍ଗ ଘୋଡ଼ାଇ
ଶ୍ୟାମ ଗଡିପଥେ, ମୋ ଶବ ପୋତିବ ଆପଣା ହସ୍ତେ ।" (୩୫)

କୃଷ୍ଣ ପ୍ରୀତିର ଅପୂର୍ବ ଭାବାବେଶ ଶ୍ରୀରାଧାଙ୍କୁ ଭାରତୀୟ ବୈଷ୍ଣବ ସାହିତ୍ୟରେ ଏକ ଚିରନ୍ତନ ପ୍ରେମିକା ଭାବରେ ଅଧିଷ୍ଠିତ କରିଛି । ଅଭିରାମଙ୍କର ଆଲୋଚ୍ୟ 'ଭଜନସାର' ପୁସ୍ତକରେ ଶୂନ୍ୟ ସାଧନାର ବହୁଳ ବର୍ଣ୍ଣନା ମଧ୍ୟ ଭଜନଗୁଡ଼ିକରେ ପ୍ରକାଶିତ ହୋଇଛି :-

"ମଠ ଉପରେ ରହିଛି ଶୂନ୍ୟ ବୈକୁଣ୍ଠ
ମନ ମଧ୍ୟେ ଅମନ ସେ ପଞ୍ଚବୃକ୍ଷ କଳ୍ପବଟ
ଯେ ଦେବନାଶନ ସେହି ଶୂନ୍ୟ ବୈକୁଣ୍ଠ
ଅସ୍ତବଟେ ମଠ ହୋଇ ବାଞ୍ଛାବଟେ କରେ ନାଟ ।" (୩୬)

ମଧ୍ୟଯୁଗୀୟ କାବ୍ୟ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଲା ଯେ କବିମାନେ କାବ୍ୟ କବିତାର ଶେଷରେ ନିଜର ନାମ ଭଣିତା କରି ଉପାସ୍ୟ ଦେବତାମାନଙ୍କ ପ୍ରତି ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ଏହି ପରମ୍ପରାକୁ ସ୍ୱୀକାର କରି ଅଭିରାମ ପରମହଂସ ଭଜନ ଶେଷରେ ନିଜରନାମ ଭଣିତା କରିଛନ୍ତି ।

ଉତ୍କଳ ନାଥ ତନ୍ତ୍ର ବା ଶାକ୍ତଧର୍ମର ପ୍ରାଚୀନତମ ପୀଠ, ଯାହାର ପ୍ରସିଦ୍ଧି ସମ୍ପର୍କରେ ବହୁ ଉଲ୍ଲେଖଯୋଗ୍ୟ ପ୍ରମାଣ ବିଭିନ୍ନ ତାନ୍ତ୍ରିକ ବୌଦ୍ଧ ଏବଂ ଶୈବଶାକ୍ତ ଗ୍ରନ୍ଥମାନଙ୍କରୁ ଉପଲବ୍ଧ ହେଉଛି । ଏହି ପୃଷ୍ଠଭୂମିରେ ଉତ୍କଳର ନାଥ ସମ୍ପ୍ରଦାୟର ଭୂମିକା ବିଷୟରେ ଆଲୋଚନା କରିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେ କରାଯାଏ । ନାଥପନ୍ଥୀମାନଙ୍କର ପ୍ରସିଦ୍ଧ ଗୁରୁ ଗୋରକ୍ଷନାଥଙ୍କର ଜୀବନ ପ୍ରସଙ୍ଗରେ ଅନେକ କୌତୂହଳପୂର୍ଣ୍ଣ କିମ୍ବଦନ୍ତୀ ଶୁଣାଯାଇଥାଏ । ଏହି ଗୋରକ୍ଷନାଥ ଅସ୍ତିତ୍ୱ ସମ୍ପର୍କରେ କେତେକ ତଥ୍ୟପୂର୍ଣ୍ଣ ପ୍ରମାଣ ସାରଳା ମହାଭାରତରୁ ମଧ୍ୟ ମିଳୁଛି । ନାଥ ସଂପ୍ରଦାୟର ପ୍ରସିଦ୍ଧ ଯୋଗତତ୍ତ୍ୱ ହେଉଛି ପୂର୍ବୋକ୍ତ ଶୂନ୍ୟତତ୍ତ୍ୱ । ଏହାକୁ ସେମାନେ ପରମତତ୍ତ୍ୱ ଭାବରେ ନାମିତ କରିଥାନ୍ତି । ହଠଯୋଗରେ 'ଶୂନ୍ୟ'କୁ 'ନାଦ' ତତ୍ତ୍ୱ ସହିତ ମିଶାଇ ଦିଆଯିବା ଫଳରେ ଏକ ନୂତନ ମୋକ୍ଷମାର୍ଗ ଆବିଷ୍କୃତ ହେଲା । ଏହି 'ନାଦ' ବିନ୍ଦୁରେ ଯେଉଁ ଅପ୍ରାକୃତ ମିଳନ ସମ୍ଭବ ହୁଏ

ତାହା ହିଁ ନାଥ ଯୋଗୀର ସର୍ବଶ୍ରେଷ୍ଠ କାମ୍ୟ ବା ଲକ୍ଷ୍ୟ ଭାବରେ ନାଥ ସଂପ୍ରଦାୟରେ ଗୃହୀତ ହେଲା । ଶ୍ରୀ ଅଭିରାମ ପରମହଂସଙ୍କ ସମୟବେଳକୁ ଓଡ଼ିଶାରେ ବିଭିନ୍ନ ଧର୍ମ ସଂପ୍ରଦାୟମାନଙ୍କର ଆବିର୍ଭାବ ହୋଇସାରିଥିଲା । ପ୍ରାଚୀନ ଶାସ୍ତ୍ରୋକ୍ତ ଯୋଗସାଧନା ସହିତ ବୌଦ୍ଧଧର୍ମ, ନାଥଧର୍ମ, ବାମାଚାରୀ ତନ୍ତ୍ର, ସହଜ ସାଧନା ପ୍ରଭୃତି ବହୁ ସାଧନ ପ୍ରଣାଳୀର ଏକ ନିବିଡ଼ ସଂଯୋଗ ସଙ୍ଗଠିତ ହୋଇ ତତ୍‌କାଳୀନ ସାହିତ୍ୟରେ ତାହାର ପ୍ରଭାବ ପଡ଼ିଥିଲା । କାରଣ ମଧ୍ୟଯୁଗୀୟ ସାହିତ୍ୟ ବିଶେଷତଃ ଧର୍ମକୁ ଉପଜୀବ୍ୟ କରି ହିଁ ସୃଷ୍ଟି ହୋଇଥିଲା ।

ସେଥିପାଇଁ ପଞ୍ଚସଖା ଯୁଗର ଅନ୍ୟତମ ବୈଷ୍ଣବ କବି ଅଚ୍ୟୁତାନନ୍ଦ ଦାସ କହନ୍ତି ଯେ ''ଯନ୍ତ୍ର ତନ୍ତ୍ର, ମନ୍ତ୍ର, ଛାୟା, ଜ୍ୟୋତି, ଅବଡ଼ା, ସହଜ, ସମାଧି, ରସ ଓ ଗୁଣ ଏହିସବୁ ତତ୍ତ୍ୱ ଯିଏ ଜାଣେ ସେ ହେଉଛି ଯଥାର୍ଥ ବୈଷ୍ଣବ ।'' ସୁତରାଂ ଅଭିରାମଙ୍କ ସାହିତ୍ୟକୃତିରେ ଏହି ପୂର୍ବ ପରମ୍ପରାର ଏକ ସୁଦୂରପ୍ରସାରୀ ଛାପ ଅତ୍ୟନ୍ତ ଆନ୍ତରିକ ହୋଇପଡ଼ିଛି । ଗୋରକ୍ଷନାଥଙ୍କ ଅସ୍ତିତ୍ୱ ସମ୍ପର୍କରେ ଯେତେ ମତଭେଦ ଥାଉ ନା କାହିଁକି ତାଙ୍କୁ ଉତ୍କଳର ସନ୍ଥକବିମାନେ ନିଜ ସାଧନାରେ ଗୁରୁମାନ୍ୟ କରିଥିଲେ– ତାହାର ଏକ ଦୃଷ୍ଟାନ୍ତ ଅଭିରାମଙ୍କ ସୃଷ୍ଟିରେ ସ୍ପଷ୍ଟ ରୂପ ନେଇଛି–

''ଶୁଣ ଶୁଣ ଗୋରଖ ଭାଇ,
ଯାହା ପଚାରିଲୁ ଦେବି ବତାଇ ।
ଅଜ୍ଞାନୀ ଜନଙ୍କୁ ଅସମ୍ଭବ ସିନା,
ଜ୍ଞାନୀଙ୍କି କେବଳ ସମ୍ଭବ ।'' (୩୭)

ଓଡ଼ିଆ ଭଜନ ସାହିତ୍ୟରେ ମନକୁ ଗାଇ ଭାବରେ ଚିତ୍ରଣ କରାଯାଇଥାଏ । ଅନେକ କବି କହିଛନ୍ତି– ''ମନମତ୍ତ ଦୁହାଁଳ ଗାଇ, ଗାଇ ପଳାଇଲା ପଘା ଛିଡ଼ାଇ ।'' ଅର୍ଥାତ୍ ମଣିଷର ମନ ମତ୍ତ ଗାଇଭଳି ସଦା ଚଞ୍ଚଳ । ତାହାକୁ ନିୟନ୍ତ୍ରଣାଧୀନ କରି ସଂଯତ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ଅଭିରାମ ମଧ୍ୟ ଏହି ଗାଇ ସମ୍ପର୍କରେ କହୁଛନ୍ତି–

''ଗାଇ ମୋର ହଜିଅଛି,
ଖୋଜି ଖୋଜି ନ ମିଳୁଛି ।
କହୁଅଛି ତା'ର ବର୍ଣ୍ଣ ଚିହ୍ନ,
ତ୍ରିକାଳ ସେ ହୁଏ ତିନି ପ୍ରକାର ବର୍ଣ୍ଣ ।'' (୩୮)

ସାଧକ କବି ଅଭିରାମ ପରମହଂସ ମହାପୁରୁଷ ଅରବିନ୍ଦଙ୍କ ଭଳି ଜଣେ ସାର୍ଥକ ବିପ୍ଳବୀ ଓ ସଂସ୍କାରକ । ଅରବିନ୍ଦ ଯେ ଜଣେ ମହାନ୍ ସାଧକ ଭାବରେ ପରିଗଣିତ ହେବେ ତାହା ତାଙ୍କର ସ୍ୱାଧୀନତାକାଳୀନ ସଂଗ୍ରାମରୁ ଜଣା ପଡ଼ିଥିଲା । ବିପ୍ଳବୀ ଜନନାୟକରୁ ସେ

ହେଲେ ଆଧ୍ୟାତ୍ମିକ ଦିଗ୍‌ବଳୟର ଜାଗ୍ରତ ଆତ୍ମପୁରୁଷ । ଗାନ୍ଧିଜୀଙ୍କର ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ସଂଗ୍ରାମ ଭାରତୀୟ ଜନତା, ବୁଦ୍ଧିଜୀବୀ ତଥା ମନୀଷୀମାନଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେଖାଇଥିଲା । ଅହିଂସା ସତ୍ୟାଗ୍ରହର ପଡ଼ପୁରୋଧା ମହାତ୍ମାଗାନ୍ଧୀଙ୍କର ଆତ୍ମବିଶ୍ୱାସ, ଈଶ୍ୱରାନୁରାଗ, ଦୃଢ଼ତା ଏବଂ ନିଷ୍ଠା ସମଗ୍ର ବିଶ୍ୱବାସୀଙ୍କୁ ଅଭିଭୂତ କରିଦେଇଥିଲା । ଶ୍ରୀ ଅଭିରାମ ପରମହଂସ ମଧ୍ୟ ଏହି ସତ୍ୟାଗ୍ରହ ଆନ୍ଦୋଳନକୁ ଏକ ତାତ୍ତ୍ୱିକ ବ୍ୟାଖ୍ୟା ମାଧ୍ୟମରେ ତାଙ୍କର ସର୍ବଶ୍ରେଷ୍ଠ କୃତି 'କଳି ଭାଗବତ'ରେ ଲିପିବଦ୍ଧ କରି ଯାଇଛନ୍ତି । ଆଲୋଚ୍ୟ 'ଭଜନସାର' ପୁସ୍ତକରେ ମଧ୍ୟ ଏ ସମ୍ପର୍କରେ ବହୁ ଉଦାହରଣ ରହିଛି–

''ଆସୁଛି ବିପଦ ବେଳ ନ ରହିବ ଥଳକୂଳ
ବିଦେଶୀଙ୍କ ଚିରାହେବ ପଟାଟା
ଦ୍ୱିବିଂଶରେ କଳି ଶେଷ ଯେ ରହିବେ ଅବଶେଷ
କାଳିକା ହସ୍ତେ ପାଇବେ କଟାଟା ।
ଯେହି ସତ୍ୟାଗ୍ରହୀଜନ କରିବେ ଅମୃତ ପାନ
ସ୍ୱରାଜ୍ୟ ଲାଗିବ ବଡ଼ ମିଠାଟା ।

କଳିଯୁଗ ଶେଷ ହେଲାବେଳକୁ ଯେଉଁସବୁ ବିଭ୍ରାଟ ପରିଲକ୍ଷିତ ହେବ ସେ ସମ୍ପର୍କରେ ସାରଳା ଯୁଗରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଅଜସ୍ର ମାଳିକା, ପଟଳ, ଭବିଷ୍ୟତବାଣୀ ତଥା ଜଣାଣ ରଚିତ ହୋଇସାରିଛି । ମହାଭାରତର ମହାପ୍ରାସ୍ଥାନିକ ପର୍ବରେ ବର୍ଣ୍ଣିତ ହୋଇଛି ଯେ ଯୁଧିଷ୍ଠିର ପଞ୍ଚଭ୍ରାତାଙ୍କ ସହିତ ମହାପ୍ରସ୍ଥାନ ଉଦ୍ଦେଶ୍ୟରେ ତର୍ଥ ଭ୍ରମଣ କରୁଥିବା କାଳରେ ଅଗ୍ନିଦେବ ଆବିର୍ଭୂତ ହୋଇ ସେମାନଙ୍କୁ ତାଙ୍କର ବାସସ୍ଥାନ ସହ୍ୟାଦ୍ରି ଶିଖରକୁ ନେଇଯାଇଛନ୍ତି । ସେଠାରେ ଯୁଧିଷ୍ଠିର ଅଗ୍ନିଙ୍କ ପ୍ରଦତ୍ତ ଦିବ୍ୟ ଚକ୍ଷୁରେ କଳିଯୁଗର ଆଗମନୀ ଦୃଶ୍ୟ ଅବଲୋକନ କରିଛନ୍ତି; କଳିର ଆଗମନ ଫଳରେ ସମଗ୍ର ପୃଥିବୀରେ ଅନାଚାର ବ୍ୟାପିଯାଇଛି ତାହା ଦେଖି ଯୁଧିଷ୍ଠିର ଅତ୍ୟନ୍ତ ଦୁଃଖିତ ହୋଇଛନ୍ତି । ସାଂପ୍ରତିକ ସମାଜର ନୈତିକ ଅଧଃପତନ ଦେଖି କବି ଶ୍ରୀ ଅଭିରାମ ପରମହଂସ ଯେପରି ମର୍ମାହତ ହୋଇଛନ୍ତି, ସେହିପରି ଦୃଢ଼ ମନୋବଳ ନେଇ ତା'ର ସମାଧାନ ପାଇଁ ଉଦ୍ୟମ କରିଛନ୍ତି । ଏଥିରୁ ତାଙ୍କର ବହୁମୁଖୀ ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ମିଳୁଛି ।

## ଗୁରୁଗୀତା ଓ ତତ୍ତ୍ୱଜ୍ଞାନ :

ଉତ୍କଳୀୟ ବୈଷ୍ଣବ ଧର୍ମରେ ବ୍ରହ୍ମଜ୍ଞାନ ସାଧନା ନିମିତ୍ତ ଯେ ସଦ୍‌ଗୁରୁ ସେବାର ପ୍ରୟୋଜନୀୟତା ରହିଛି ତାହା ବିଭିନ୍ନ ଗ୍ରନ୍ଥମାନଙ୍କରେ ବହୁଳ ଭାବରେ ଆଲୋଚିତ ହୋଇଛି ।

କାରଣ ଏହି ସଦ୍‌ଗୁରୁଙ୍କ ପ୍ରତ୍ୟକ୍ଷ କୃପା ବ୍ୟତୀତ ଶିଷ୍ୟ କସ୍ମିନକାଳରେ ବ୍ରହ୍ମଜ୍ଞାନ ଲାଭ କରିପାରେ ନାହିଁ । ତେଣୁ ଗୁରୁବାଦ ପ୍ରଣାଳୀ ଭାରତୀୟ ଧର୍ମ ଓ ସାଧନ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗୃହୀତ ହୋଇଛି । ପଞ୍ଚସଖାଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦଙ୍କ ସୃଷ୍ଟିରେ ଗୁରୁପୂଜାର ସବିଶେଷ ଦୃଷ୍ଟାନ୍ତ ପରିଦୃଷ୍ଟ ହୋଇଥାଏ । ତାଙ୍କର 'ଗୁରୁଭକ୍ତି ଗୀତା' ଓ 'ଚବିଶ ଉପଦେଶ' ଦୁଇଟି ବିଶିଷ୍ଟ ଗ୍ରନ୍ଥ ଭାବରେ ସ୍ୱୀକୃତ ହୋଇଛି । 'ଶୂନ୍ୟ ସଂହିତା' ପୁସ୍ତକର ପ୍ରଥମ ଭାଗ ପ୍ରଥମ ଅଧ୍ୟାୟରେ ନାମତତ୍ତ୍ୱ ପ୍ରସଙ୍ଗରେ ଅଚ୍ୟୁତାନନ୍ଦ ଗୁରୁପୂଜାର ମହତ୍ତ୍ୱ ପ୍ରତିପାଦନ କରି କହୁଛନ୍ତି :

"ସଂସାର ଯେ ମହାଘୋର ଯାତନା ଜଞ୍ଜାଳ,
ସଦ୍‌ଗୁରୁ ସେବା କଲେ ନାଶ ହୁଏ କାଳ
ସଦ୍‌ଗୁରୁ ସେବା କଲେ ଫିଟିଟାଏ ଦ୍ୱନ୍ଦ,
ବହନ୍ତା ପାଣିରେ ଯେହ୍ନେ ପଡ଼ିଯାଏ ବନ୍ଧ ।"(୪୦)

ବା

"ସଦ୍‌ଗୁରୁ କୃପା ହେଲା ଫୁଟିଲା ଅନ୍ଧାର
ଆମ୍ଭେ କି ଛାର ତୁମ୍ଭର ଛାମୁର ।" (୪୧)

ପ୍ରତ୍ୟେକ ଭକ୍ତି-ଧର୍ମରେ ଗୁରୁକୃପା ହେଉଛି ଚରମ ମୋକ୍ଷପ୍ରାପ୍ତିର ମୌଳିକ ସୋପାନ ସଦୃଶ । ଏପରିକି ପ୍ରାଚୀନତମ ଚର୍ଯ୍ୟାଗୀତିକାରେ ମଧ୍ୟ ଏହାର ଦୃଷ୍ଟାନ୍ତ ବହୁଳ ଭାବରେ ପ୍ରଦତ୍ତ ହୋଇଛି । ପୂର୍ବସୁରୀମାନଙ୍କର ଏହି ଗୁରୁବାଦ ଧାରାକୁ ସ୍ୱୀକାର କରି ଶ୍ରୀ ଅଭିରାମ ପରମହଂସ 'ଗୁରୁଗୀତା ଓ ତତ୍ତ୍ୱଜ୍ଞାନ' ନାମକ ଏକ ପୁସ୍ତକ ପ୍ରଣୟନ କରିଛନ୍ତି । ଏଥିରେ ସେ ଗୁରୁ ଏବଂ ଶିଷ୍ୟର ନିଗୂଢ଼ ସମ୍ବନ୍ଧ ବ୍ୟତୀତ ବହୁ ତାତ୍ତ୍ୱିକ ବ୍ୟାଖ୍ୟାମାନ କରି ଯାଇଛନ୍ତି । 'ଗୁରୁଗୀତା' ପ୍ରସଙ୍ଗ ଉଭୟ ଗଦ୍ୟ ଏବଂ ପଦ୍ୟ ରୀତିରେ ଲିଖିତ ହୋଇଛି ତଥା 'ତତ୍ତ୍ୱଜ୍ଞାନ' ପ୍ରସଙ୍ଗରେ ପ୍ରଥମେ ଗୁରୁମନ୍ତ୍ର ଉଚ୍ଚାରଣ କରାଯାଇ କୁହାଯାଇଛି-

"ଗୁରୁ ଗାୟତ୍ରୀ- ଓଁ କ୍ଳୀଂ ଗୁରୁଦେବାୟ ବିଦ୍ମହେ, ପ୍ରେମଦାତାୟ ଧୀମହି ତନ୍ନୋ ଗୁରୁ ପ୍ରଚୋଦୟାତ୍ ।"(୪୨)

ଉକ୍ତ ପୁସ୍ତକଟିରେ ବ୍ରହ୍ମଗାୟତ୍ରୀ, ଅଣାକ୍ଷର ସୂତ୍ର, ସପ୍ତାଙ୍ଗଯୋଗ, ନିର୍ଗୁଣ ଭକ୍ତ, ଷଡ଼ଚକ୍ର-ଭେଦ, ଗଙ୍ଗାସ୍ନାନ, ତତ୍ତ-ପୃଚ୍ଛା, ବିଧି-ବିବାହ, ଚାରିସମ୍ପ୍ରଦାୟ, ଏକାଙ୍ଗ ଭଜନ, ବ୍ରହ୍ମଚାରୀ ଲକ୍ଷଣ, ଉଦ୍ଧବ-ଗୋପୀ ସମ୍ବାଦ, ହରିବଂଶ ପୁରାଣ, ସାତ୍ତ୍ୱିକ ଲକ୍ଷଣ, ଧର୍ମ ଶିକ୍ଷା, ଈଶ୍ୱର ବିଶ୍ୱାସ, ଧର୍ମ-ସାଂଖ୍ୟଯୋଗ, ଭକ୍ତିଯୋଗ ପ୍ରଭୃତି ବିବିଧ ପ୍ରସଙ୍ଗ ଅବତାରଣରେ ସନ୍ନିହିତ ତାତ୍ତ୍ୱିକ ଅର୍ଥ ସମୂହକୁ ଶିଷ୍ୟ ଗୁରୁଙ୍କୁ ପଚାରିଛନ୍ତି ଏବଂ ଗୁରୁ

ତାହା ବିଶଦ ଭାବରେ ବୁଝାଇଦେଲେ ଶିଷ୍ୟର ସନ୍ଦେହ ମୋଚନ କରିଛନ୍ତି । ଗୁରୁ-ଶିଷ୍ୟ ସମ୍ବାଦ କ୍ରମରେ ଉପରୋକ୍ତ ବିଷୟଗୁଡ଼ିକର ତତ୍ତ୍ୱାର୍ଥ ଅତ୍ୟନ୍ତ ସରଳ ତଥା ସୁବୋଧ ଭାଷାରେ କବି ଅଭିରାମ ପ୍ରକାଶ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ- "ଯେଉଁ ମହାନୁଭବ ବ୍ୟକ୍ତି ବେଦାଖ୍ୟ ଶବ୍ଦ ବ୍ରହ୍ମରେ ପାରଦର୍ଶୀ ହୋଇଥିବେ ଏବଂ ଯାହାଙ୍କର ଭଗବାନଙ୍କଠାରେ ଐକାନ୍ତିକ ନିଷ୍ଠା ଥିବ (ନତୁବା ଅନ୍ୟ ଗୁରୁଙ୍କର କୃପା ଫଳବତୀ ହେବ ନାହିଁ), ପୁଣି ଯାହାଙ୍କର କାମ କ୍ରୋଧ, ଲୋଭାଦ ଷଡ଼ରିପୁ ବର୍ଜିତ ହୋଇଥିଲା, ଏପରି ଲକ୍ଷଣାକ୍ରାନ୍ତ ଗୁରୁ ହିଁ ସଦ୍‌ଗୁରୁ ପଦବାଚ୍ୟ ଏବଂ ତାଙ୍କରି ଉପଦେଶ ହିଁ ଗ୍ରହଣୀୟ ଅଟେ । ଅନ୍ୟଥା ବାହ୍ୟାଡ଼ମ୍ବର ବିଶିଷ୍ଟ ଲୌକିକ ଗୁରୁଙ୍କ ଉପଦେଶ ଅଗ୍ରାହ୍ୟ ଅଟେ । ଯେଣୁକରି ସେମାନେ ଅର୍ଥପିପାସୁ ବ୍ୟବସାୟୀ ମାତ୍ର । ଗୁରୁ ପଞ୍ଚବିଧ ଯଥା- (୧) ପିତାଗୁରୁ, (୨) ମାତାଗୁରୁ, (୩) ଶିକ୍ଷାଗୁରୁ, (୪) କର୍ଣ୍ଣଗୁରୁ, (୫) ତତ୍ତ୍ୱଗୁରୁ । ସଦ୍‌ଗୁରୁ ଚିହ୍ନି ତାଙ୍କଠାରୁ ତତ୍ତ୍ୱଜ୍ଞାନ ନ ଜାଣିଲେ ପିଣ୍ଡର ମୋକ୍ଷ କାରଣ ହୁଏ ନାହିଁ । ଶୁକଦେବଙ୍କ ପରି ମାତୃଗର୍ଭରୁ ବ୍ରହ୍ମଜ୍ଞାନୀ, ମହାପୁରୁଷ, ଗୁରୁ କରି ନ ଥିବାରୁ ନୈମିଷାରଣ୍ୟରେ ଋଷିମାନେ ଶୁକଦେବଙ୍କ ବସିବା ସ୍ଥାନ ଅପବିତ୍ର ହୋଇଯାଏ ବୋଲି, ପ୍ରତ୍ୟହ ମାଟିଖୋଳି କାଢ଼ି ନେଇ ନୂଆ ମାଟି ଦେଉଥିଲେ ।" (୪୩) ଏହିପରି ବହୁ ଦୃଷ୍ଟାନ୍ତର ଉଦାହରଣ ଦେଇ ଗୁରୁପୂଜାର ମହତ୍ତ୍ୱ ପାଠକମାନଙ୍କୁ ଅବିହିତ କରିବା ପାଇଁ ଯତ୍ପରୋନାସ୍ତି ଉଦ୍ୟମ କରିଛନ୍ତି । 'ଗୁରୁଗୀତା ଓ ତତ୍ତ୍ୱଜ୍ଞାନ' ପୁସ୍ତକର ସାହିତ୍ୟିକ ମୂଲ୍ୟ ଉଲ୍ଲେଖଯୋଗ୍ୟ ନ ହେଲେ ମଧ୍ୟ ଏହାର ତାତ୍ତ୍ୱିକ ମୂଲ୍ୟ ଯେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ନିମ୍ନରେ ଏକ ଉଦାହରଣ ଦେଲେ ଯଥେଷ୍ଟ ହେବ-

"ଗୁରୁ ସେବା ଥିବ ଯେବେ          ଦର୍ଶନ କରିବୁ ତେବେ
ବିନାଗୁରୁ ସେବାରେ କେ ପାଇଛି ଭେଟ ।
କାମ, କ୍ରୋଧ, ଲୋଭ-ମୋହ          ହିଂସା କପଟ କଳହ
ଗୁରୁଙ୍କ ଚରଣ ଧ୍ୟାୟୀ ଏହାଙ୍କୁ କାଟ ।
ଅଭିରାମ କହଇ ଡାକି,
ପ୍ରାଣ, ପ୍ୟାନ, ଧ୍ୟାନ ତୋର ଅଣ୍ଟି ନାହିଁ କି ।" (୪୪)

## ସନାତନ ଧର୍ମାର୍ଥ ଗୀତା ବା କୋଇଲି ଶିକ୍ଷା :

ହିନ୍ଦୁ ସନାତନ ଧର୍ମର ଆଦର୍ଶ ତଥା ତାହାର ନୀତିଗତ ଆଚାରକୁ ପଲ୍ଲୀ ଅଞ୍ଚଳର ନିରକ୍ଷର ଜନସାଧାରଣଙ୍କ ଅବରୋଧ ନିମିତ୍ତ ଶ୍ରୀ ଅଭିରାମ ପରମହଂସ ଏହି ପୁସ୍ତକଟିକୁ ପ୍ରଣୟନ କରି ଯାଇଛନ୍ତି । ସ୍ୱାମୀ ବିବେକାନନ୍ଦ ଯେପରି ଭାରତୀୟ ସନାତନ ସଂସ୍କୃତିକୁ ଚିକାଗୋ ଧର୍ମ ସମ୍ମିଳନୀରେ ବ୍ୟାଖ୍ୟା କରି ତାହାର ବିଶ୍ୱବ୍ୟାପୀ ବ୍ୟାପ୍ତିର ଦିଗନ୍ତ ସ୍ପଷ୍ଟ

କରିଥିଲେ ଠିକ୍ ସେହିପରି ଅଭିରାମ ମଧ୍ୟ ଏହି ମୂଳ ଆଦର୍ଶକୁ ଏକ ବୈପ୍ଳବିକ ଦୃଷ୍ଟିକୋଣରୁ ବିଚାର କରି ଉତ୍କଳୀୟ ସମାଜରେ ପ୍ରଚାର କରିବାର ମହାନ୍ ବ୍ରତ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ଓଡ଼ିଆ ସାହିତ୍ୟର ଏକ ମନୋଜ୍ଞ ଆକର୍ଷଣ ହେଉଛି କୋଇଲି ଗୀତ । ଅର୍ଥାତ୍ ପକ୍ଷୀ ନିକଟରେ କବି ନିଜର ମାନସିକ ଯନ୍ତ୍ରଣା ତଥା ଆନନ୍ଦ ଭାବକୁ ଏକାନ୍ତ ନିରୋଳାରେ ପ୍ରକାଶ କରେ । ଏପରି ଅସଂଖ୍ୟ କୋଇଲି ଗୀତ ଓଡ଼ିଆ ଭାଷାରେ ରଚିତ ହୋଇସାରିଛି । ତନ୍ମଧ୍ୟରୁ ଦୁଇଟି ଲୋକପ୍ରିୟ କୋଇଲି ଗୀତ ହେଉଛି ବାରମାସୀ କୋଇଲି ଏବଂ କେଶବ କୋଇଲି । ଏହି ଦୁଇଟି ଆକର୍ଷଣୀୟ କୋଇଲି ଗୀତର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା–

(୧) "ଆରେ ବାବୁ ଚାପଧାରୀ !
କି ଦଣ୍ଡ ହେଲା ତୋହରି
କାନ୍ଦି କଉଶଲ୍ୟା ବୋଲନ୍ତି
କୈକେୟୀ ଅରଜିବ କେଉଁ ଶିରୀ ଲୋ ।" (୪୫)

(୨) କୋଇଲି ! କେଶବ ଯେ ମଥୁରାକୁ ଗଲା
କାହା ବୋଲେ ଗଲା ପୁତ୍ର ବାହୁଡ଼ି ନଇଲା
ଲୋ କୋଇଲି ।" (୪୬)

ରାଗରାଗିଣୀଯୁକ୍ତ ଏହି ଗୀତଗୁଡ଼ିକୁ ଯଦି କେହି ମଧୁର ସ୍ୱରରେ ଗାନ କରେ, ତେବେ ତାହା ଶ୍ରୋତାର ଅନ୍ତଃସ୍ଥଳକୁ ନିଶ୍ଚିତ ଭାବରେ ଆପ୍ଲୁତ କରିଦେବ । ଭାରତୀୟ ଧର୍ମ ଦର୍ଶନରେ ପକ୍ଷୀ ହେଉଛି ଆତ୍ମାର ପ୍ରତୀକ । ତେଣୁ ଅଭିରାମ ପୁସ୍ତକଟିର ନାମ କେବଳ ସନାତନ ଧର୍ମାର୍ଥ ଗୀତା ନ ରଖଇ ଏକ ଦ୍ୱିତ୍ୱ ନାମ 'କୋଇଲି ଶିକ୍ଷା' ନାମରେ ନାମିତ କରିଛନ୍ତି । କାରଣ କୋଇଲିକୁ ସେ ସତ୍ୟ, ଶାନ୍ତି, ମୈତ୍ରୀର ଦୂତ ଭାବରେ ନିଯୁକ୍ତ କରି ତା' ସମ୍ମୁଖରେ ସାଂପ୍ରତିକ, ସାମାଜିକ, ନୈତିକ ବିଶୃଙ୍ଖଳାର ଚିତ୍ର ଉପସ୍ଥାପିତ କରିଛନ୍ତି ଏବଂ ପରୋକ୍ଷରେ ତା' ମାଧ୍ୟମରେ ଏହାର ପ୍ରତିକାର ପାଇଁ ସନାତନ ଧର୍ମର ଆଦର୍ଶକୁ ଗ୍ରହଣ କରିବା ପାଇଁ ଉଦାହରଣ ଦେଇଛନ୍ତି । ଶାନ୍ତିଦୂତ ଭାବରେ କୋଇଲିର ଭୂମିକା ଏହି ପୁସ୍ତକଟିରେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଶେଷ ଅଧ୍ୟାୟଗୁଡ଼ିକରେ ସେ ଶଙ୍ଖଚିଲ, ପାରା, ପିକ, କାକ ପ୍ରଭୃତିକୁ ଦୂତ ଭାବରେ ନିଯୁକ୍ତ କରିଛନ୍ତି । କବି ଅଚ୍ୟୁତାନନ୍ଦ ଯେପରି ଧର୍ମର ଐକୀକରଣ ପାଇଁ ହିନ୍ଦୁ ମୁସଲମାନ ଧର୍ମର ସମନ୍ୱୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ, ଠିକ୍ ସେହି ଭାବରେ ଅଭିରାମ ପରମହଂସ ହିନ୍ଦୁ, ମୁସଲମାନ ଏବଂ ଖ୍ରୀଷ୍ଟ ଧର୍ମକୁ ସମଦୃଷ୍ଟିରେ ଗ୍ରହଣ କରିଛନ୍ତି । ବିଭିନ୍ନ ଧର୍ମର ଏହିପ୍ରକାର ସଂହତିପୂର୍ଣ୍ଣ ବୈଶିଷ୍ଟ୍ୟ ସମ୍ପର୍କୀୟ ପ୍ରମାଣ ପ୍ରାୟ ୧୩ଶ ୧୪ଶ ଶତାବ୍ଦୀରୁ ଭାରତୀୟ ଆଞ୍ଚଳିକ ସାହିତ୍ୟମାନଙ୍କରୁ ଉପଲବ୍ଧ ହେଉଛି ।

ବିଶେଷ ଭାବରେ ଉତ୍ତରପୂର୍ବ ଭାରତୀୟ ସନ୍ଥ ସାହିତ୍ୟରେ ହିନ୍ଦୁ-ମୁସଲମାନ ଧର୍ମର ସାଂସ୍କୃତିକ ମିଳନକୁ ଉପଜୀବ୍ୟ କରି ଅସଂଖ୍ୟ ଦୋହା, ଭଜନ, ଗୀତ ପ୍ରଭୃତି ରଚିତ ହୋଇଛି । ଖ୍ରୀ: ୧୫ଶ-୧୫ଶ ଶତାବ୍ଦୀରେ ଓଡ଼ିଶାର ଭକ୍ତକବିମାନଙ୍କ ମଧ୍ୟରୁ ମୁସଲମାନ କବି ସାଲବେଗ ଓ ଇନାଏତୁଲ୍ଲୀ ପ୍ରମୁଖଙ୍କ ଭକ୍ତିମୂଳକ କବିତା ସମଗ୍ର ଦେଶର ଅଗଣିତ ଜନତାଙ୍କର ହୃଦୟରେ ପ୍ରତିଧ୍ୱନିତ ହେଉଛି । 'ଶୂନ୍ୟ ସଂହିତା'ରେ ଉଲ୍ଲେଖ କରାଯାଇଛି-

''ହିନ୍ଦୁ ଭଜେ ଅଲେଖ ତୁରୁକ ଅଲେଫ୍‌ଯେ
ଏଣୁ ଅଲେଫ୍ ତେଜ ଅଲେଖ ହିନ୍ଦୁ ଭଜେ ।'' (୪୭)

ସମଦର୍ଶୀ ଶ୍ରୀ ଅଭିରାମ ପରମହଂସ ଏହି ଭାବଧାରାକୁ ଗ୍ରହଣ କରି 'ସନାତନ ଧର୍ମାର୍ଥ ଗୀତା' ପୁସ୍ତକରେ ଅତ୍ୟନ୍ତ ଆବେଗ ପ୍ରକାଶ କରି କହୁଛନ୍ତି-

(୧) ''ବ୍ରହ୍ମ ଯେଣୁ ସର୍ବଠାରେ ସମଦର୍ଶୀ ଜାଣଇଁ,
ନାରାୟଣ, ଆଲ୍ଲା, ଖ୍ରୀଷ୍ଟଙ୍କୁ ଭିନ୍ନ ନ କରି କେହି ।'' (୪୮)

(୨) ସ୍ପର୍ଶ-ଆଦର୍ଶ ବୋଲିକରି କଳି ଲାଗେ କିପାଇଁ
ହିଂସା ଅସତ୍ୟେ ଯେ ମଜ୍ଜଇ ତାକୁ ଅସ୍ପର୍ଶ କହି । (୪୯)

ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଛୁଆଁ-ଅଛୁଆଁ ଭେଦଭାବ ଉଠାଇବା ପାଇଁ ଯେଉଁ ବଳିଷ୍ଠ ପଦକ୍ଷେପମାନ ନିଆଯାଇଥିଲା ତାହାର ଯୁଗାନ୍ତକାରୀ ପ୍ରଭାବ ପରବର୍ତ୍ତୀ ପୃଷ୍ଠଭୂମିରେ ସାର୍ଥକ ଭାବରେ ପଡ଼ିଥିଲା । 'ସର୍ବ ଘଟେ ନାରାୟଣ' ଏହି ଅନୁଭବ ଅଭିରାମ ପ୍ରତ୍ୟେକ କ୍ଷେତ୍ରରେ ଉପଲବ୍ଧି କରିଛନ୍ତି-

''ବେଦ ନ କହେ ଯାହା ମୁଖେ, ପ୍ରାଣୀ ବଡ଼ିମା ପାଇଁ,
ଜାତି ବିଭାଗ ଭ୍ୟାଇଛନ୍ତି ଏକ ବଡ଼ ପକାଇ ।
ହରି ସର୍ବଭୂତେ ଅଛନ୍ତି, ସର୍ବେ ହରିଙ୍କ ପୁତ୍ର,
କାଟି କରି ଯଦି ଦେଖିବ ସବୁ ଏକ ରକତ ।'' (୫୦)

ସ୍ୱାର୍ଥପର ମଣିଷ ନିଜର କାର୍ଯ୍ୟ ସିଦ୍ଧି ପାଇଁ ଏହିସବୁ ଜାତି ବିଭାଗ ସୃଷ୍ଟି କରି ପରସ୍ପର ମଧ୍ୟରେ ବିଭେଦ ମଞ୍ଜି ରୋପଣ କରିଛି । ସେଥିପାଇଁ କବି ଧର୍ମର ଐକ୍ୟ ପ୍ରତିଷ୍ଠା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି; ଯଥା :-

ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଧର୍ମାଦି ଯାକୁ,
ଧରମ ନୁହେଁ ସେ ସମ୍ପ୍ରଦାୟ ସିନା ବୋଲି ତାହାକୁ ।
ଧରମ ବୋଇଲେ ପୃଥିବୀ ବ୍ୟାପୀ ଗୋଟିଏ ଧର୍ମ,
ସବୁ ବର୍ଣ୍ଣର ଅଧିକାର, ନାହିଁ କେ ବଡ଼ ସାନ । (୫୧)

ଏତଦ୍‌ବ୍ୟତୀତ ଶ୍ରୀ ଅଭିରାମ ପରମହଂସ କେତେକ ମୁଷ୍ଟିମେୟ ଧର୍ମଧ୍ୱଜୀମାନଙ୍କର ଧର୍ମଗତ ଷଡ଼ଯନ୍ତ୍ରକୁ ସର୍ବ ସମ୍ମୁଖରେ ନିନ୍ଦା କରିଛନ୍ତି । କାରଣ ଏମାନେ ସେମାନଙ୍କର ନିଜସ୍ୱ ସ୍ୱାର୍ଥ ସାଧନ ନିମିତ୍ତ ଜାତି ଜାତି ମଧ୍ୟରେ ସାମ୍ପ୍ରଦାୟିକ ମନୋଭାବ ସୃଷ୍ଟି କରୁଛନ୍ତି । ପୁରୁଷୋତ୍ତମ ଜଗନ୍ନାଥଙ୍କୁ ନିଜ ନିଜର ଧର୍ମ ମତରେ ପ୍ରତିଷ୍ଠା କରି ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ବିଷ୍ଣୁସ୍ୱାମୀ ପ୍ରମୁଖ ବୈଷ୍ଣବ ଆଚାର୍ଯ୍ୟଗଣ ପୁରୀରେ ମଠମାନ ସ୍ଥାପନ କରି ଅବସ୍ଥାନ କରିଥିଲେ । ସର୍ବୋପରି ଚୈତନ୍ୟଙ୍କ ଉତ୍କଳ ଆଗମନ କାଳରେ ସୁଦ୍ଧା ଏହି ପ୍ରକାର ଧର୍ମଗତ ବିଭେଦ ଜଗନ୍ନାଥଙ୍କୁ କେନ୍ଦ୍ର କରି ନିୟମିତ ଚାଲିଥିଲା । ସୁତରାଂ ଉପରୋକ୍ତ ଧର୍ମୀୟ ଅସମତା ଅଭିରାମଙ୍କୁ ବିଚଳିତ କରିଦେଇଥିଲା । ତେଣୁ ସେ ନିଜ ଧର୍ମ ଦର୍ଶନରେ ଏକ ସମନ୍ୱୟ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି ।

"କୋଇଲି କହଇ ଭକତି ଜ୍ଞାନ ମିଶିବେ ଯେବେ,
ମଣି କାଞ୍ଚନ ପରି ଶୋଭା ସିନା ପାଇବେ ତେବେ ।
ଭାଗ୍ୟବାନ ବ୍ୟକ୍ତି ଭକତି ଜ୍ଞାନ ମିଶ୍ରଣ କରେ,
ଇହ ଜନ୍ମେ ଅଳ୍ପ ସମୟେ ଶାନ୍ତିପୁରେ ବିହରେ ।" (୫)

ଶ୍ରୀ ଅଭିରାମ ପରମହଂସଙ୍କର ଏହି ପୁସ୍ତକଟିରେ ଏକ ସଂସ୍କାରମୂଳକ ଆବେଦନ ରହିଛି ।

**ଭାବ କଲ୍ଲୋଳ :**

କବିଙ୍କର 'ଭାବ କଲ୍ଲୋଳ' ଧର୍ମ ଓ ଦର୍ଶନ ସମ୍ପର୍କିତ ଏକ ଅଭିନବ ଗ୍ରନ୍ଥ । ହିନ୍ଦୁ ଦର୍ଶନର ଗୂଢ଼ ତତ୍ତ୍ୱକୁ ସେ ସରଳ ଭାବରେ କବିତାଗୁଡ଼ିକରେ ବ୍ୟାଖ୍ୟା କରିଯାଇଛନ୍ତି । କାବ୍ୟରସ ସହିତ ଭାବଭକ୍ତିର ସମ୍ମେଳନ କରି ଉତ୍କଳୀୟ କବିମାନେ ଧର୍ମ ତଥା ସାହିତ୍ୟର ଅବିଚ୍ଛେଦ୍ୟ ସମ୍ପର୍କ ପ୍ରତିଷ୍ଠା କରିଯାଇଛନ୍ତି । ଶୁଦ୍ଧା ଭକ୍ତିର ବୈଷ୍ଣବ ସାଧକ କବିମାନେ ସେମାନଙ୍କ କାବ୍ୟ କବିତାରେ ଗୋପୀ ଭାବରେ ନିଜକୁ ପରିଚିତ କରାଇଥାନ୍ତି । ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣି' ଗ୍ରନ୍ଥରେ ଦାସୀ ଭାବରେ ନିଜ ଅନ୍ତରର ଆକୁଳତା ପ୍ରକାଶ କରୁଛନ୍ତି–

"ଓଷଧୀ ଶାନନ ହେ ! ମାଗୁଛି ପଦ ଧରି,
'ଓ' କରିବି ଆଲୋ ଦାସୀ ଡାକିଲେ କିଶୋରୀ ।" (୫୩)

ଅନ୍ୟତମ ବୈଷ୍ଣବ କବି ଗୋପାଳକୃଷ୍ଣ ପଟ୍ଟନାୟକ ମଧ୍ୟ ଅନୁରୂପ ଭାବରେ ଅନୁପ୍ରାଣିତ ହୋଇ ଲେଖିଛନ୍ତି–

"ଏଡ଼େ ଭାଗ୍ୟ ମୋର ହେବ କି ?
ହେବି ବୃନ୍ଦାବନେଶ୍ୱରୀ ସେବକୀ ।" (୫୪)

ଆଲୋଚ୍ୟ କବି ଅଭିରାମ ପରମହଂସ ଗୌଡ଼ୀୟ ପ୍ରେମ ଭକ୍ତିର ଗୋପୀ ଭାବ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପୀକାମାନଙ୍କର କୃଷ୍ଣଙ୍କ ପ୍ରତି ଯେଉଁ ଅପୂର୍ବ ଅନୁରାଗ ରହିଛି ସେ ସମ୍ପର୍କରେ ସୂଚନା ଦେଇ କହୁଛନ୍ତି–

"ଯେପରି ବରଜ ସୁରମଣୀ ମିଶି
ମିଠା ଜଳ କରି ଦ୍ୟନ୍ତି ଶୂଳପାଣି ।
ସ୍ୱନାମ ଗୁଣକୁ ଦିଅନ୍ତି ପାଶୋରି,
ତୋ ନିଷ୍କାମୀ ଭକ୍ତମାନେ ସେହିପରି ।
ରାସୋତ୍ସବେ ଯାହା ଲଭିଲେ କୈବଲ୍ୟ,
ଜଗତେ ଅଛି କି କରିବାକୁ ମୂଲ୍ୟ ।" (୫୫)

ଯୋଗ ସାଧନା ସହିତ ଭାବଭକ୍ତିର ମଧୁର ଐକ୍ୟ ପ୍ରତିଷ୍ଠା କରି ଶ୍ରୀ ପରମହଂସ ଏକ ସମନ୍ୱିତ ଆଦର୍ଶ ସୃଷ୍ଟି କରି ଯାଇଛନ୍ତି । ତେଣୁ ଷଡ଼ଚକ୍ର ଭେଦ କରି ଭ୍ରୂ ଦ୍ୱୟ ମଧ୍ୟରେ ବ୍ରହ୍ମ ଉପଲବ୍ଧିର ସ୍ୱରୂପ ବୁଝାଇବାକୁ ସେ 'ଭାବ କଲ୍ଲୋଳ'ରେ ଉଦ୍ୟମ କରିଛନ୍ତି–

"ସଂକଳ୍ପ ବିକଳ୍ପାତ୍ମକ ତୋର ରୂପ,
ସାର୍ଦ୍ଧ ତ୍ରିହସ୍ତଟି ତୋ ଘରର ମାପ ।
ପାଞ୍ଚୋଟି ବସ୍ତୁରେ ହୋଇଛି ତିଆରି,
ବ୍ୟୋମ, ବାୟୁ, ବହ୍ନି, ବାରି, ବସୁନ୍ଧରି ।
ସେ ଘରେ ଅଛନ୍ତି ଏକଶତ ନାଡ଼ି,
ପଦ୍ମ ନାଡ଼ି ଯେହ୍ନେ ରହିଛି ସଜାଡ଼ି ।" (୫୬)

ତନ୍ତ୍ର ସାଧନା ମତରେ ଏହି ନାଡ଼ିମାନଙ୍କ ମଧ୍ୟରେ ତିନୋଟି ନାଡ଼ି ବିଶେଷ ଗୁରୁତ୍ୱପୂର୍ଣ୍ଣ । ଯଥା– ଇଡ଼ା, ପିଙ୍ଗଳା ଏବଂ ସୁଷୁମ୍ନା । ଯୋଗ– ଇନା, ପିଙ୍ଗଳା ଏବଂ ସୁଷୁମ୍ନା । ଯୋଗ ସାଧନାରେ ମଧ୍ୟ ଉଲ୍ଲିଖିତ ତିନୋଟି ନାଡ଼ିର ବିଶେଷତ୍ୱ ରହିଛି । ତାହାର ସ୍ପଷ୍ଟ ସୂଚନା କରି ଆଲୋଚ୍ୟ ପୁସ୍ତକରେ ଦେଇଛନ୍ତି ।

"ସେହି ସୁଷୁମ୍ନା ପଦ୍ମପାଦୁ ଧାର,
ମକରନ୍ଦ ସ୍ରବୁଅଛି ଝରଝର ।
ଶିବଙ୍କ ମସ୍ତକେ ପଡୁଅଛି ଖସି,
ଖୁସି ହୋଇ ପିଉଛନ୍ତି କାଶୀବାସୀ ।" (୫୭)

ମଣିଷର ଏହି ରକ୍ତମାଂସର ଶରୀର ମଧ୍ୟରେ ତେତ୍ରିଶ କୋଟି ଦେବଦେବୀ ବିଦ୍ୟମାନ ଅଛନ୍ତି । ପ୍ରାଣାୟାମ, ଯୋଗ, ଧ୍ୟାନ ପ୍ରଭୃତି ଅଭ୍ୟାସ ଦ୍ୱାରା ଏହି ଦେବତାମାନଙ୍କଠାରେ

ଲୟ ରଖିବା ପ୍ରଥା ଭାରତୀୟ ସାଧନା ପରମ୍ପରାରେ ସ୍ୱୀକୃତ ହୋଇ ଆସିଛି । ଏଗୁଡ଼ିକୁ ଆଧାର କରି ଅସଂଖ୍ୟ କାବ୍ୟ-କବିତା, ଚଉତିଶା ପ୍ରଭୃତି ଓଡ଼ିଆ ସାହିତ୍ୟରେ ରଚିତ ହୋଇସାରିଛି । ସେଥିପାଇଁ ସେ ବିଭିନ୍ନ ପନ୍ଥା ନିର୍ଦ୍ଦେଶ କରି ଧର୍ମ ଭାବାପନ୍ନ ହେବା ପାଇଁ ପାଠକମାନଙ୍କୁ ଆହ୍ୱାନ ଦେଇ ଯାଇଛନ୍ତି ।

**ଭକ୍ତି କଲ୍ଲୋଳ :**

'ଭାବ କଲ୍ଲୋଳ' ରଚନା ପରେ ଶ୍ରୀ ପରମହଂସ 'ଭକ୍ତି କଲ୍ଲୋଳ'ର ଅପୂର୍ବ ମନ୍ଦାକିନୀ ସ୍ରୋତ ଓଡ଼ିଆ ସାହିତ୍ୟରେ ପ୍ରବାହିତ କରିଦେଇ ଯାଇଛନ୍ତି । 'ଭକ୍ତି କଲ୍ଲୋଳ' ସର୍ବମୋଟ ତିନୋଟି ଭାଗରେ ବିଭକ୍ତ ହୋଇଛି । ଗୁରୁଦେବ ଚୈତନ୍ୟ ଶିଷ୍ୟ ମନରାଜକୁ ସମସ୍ତ ଗୂଢ଼ତତ୍ତ୍ୱ ଅର୍ଥ କରି କହୁଛନ୍ତି ଏହି କ୍ରମରେ 'ଭକ୍ତି କଲ୍ଲୋଳ' ରଚିତ ହୋଇଛି । ଏହାର ନାମକରଣର ସାର୍ଥକତା ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । କବି ଦୀନକୃଷ୍ଣ ଦାସଙ୍କର 'ରସ କଲ୍ଲୋଳ' ଗ୍ରନ୍ଥ ପାଠକମାନଙ୍କୁ ରସ ପରିବେଷଣ କଲାପରି ଅଭିରାମଙ୍କର 'ଭକ୍ତି କଲ୍ଲୋଳ' ଭକ୍ତି ରସରେ ପ୍ରାଣକୁ ପୁଲକିତ କରିଥାଏ । ତେଣୁ ସେ ଯଥାର୍ଥରେ କହିଛନ୍ତି-

"ଭକ୍ତିରେ କହ୍ଲାଇ ଯାଆନ୍ତି ପହ୍ନାଇଁ,
ଭକତ ପିଅଇ ସୁଧାମୟ କ୍ଷୀର,
ଭକତ-ଅଭୀଷ୍ଟ କାମଧେନୁ ମୋର,
ବେଦ ପଢ଼ିତତେ କିଏ ପାଇଛି କି ?
ଭକତିକି ଯିଏ ନ ଜାଣିଛି ଶିଖି ।" (୫୮)

ବେଦ ବେଦାନ୍ତ ପ୍ରଭୃତି ଶାସ୍ତ୍ର ଅଧ୍ୟୟନ କରି କେବେହେଲେ ବ୍ରହ୍ମ ସ୍ୱାଦ ଉପଲବ୍ଧ କରେ ନାହିଁ । ଏଥିନିମନ୍ତେ ଆବଶ୍ୟକ ହୃଦୟର ନିର୍ମଳ ଭକ୍ତି । ଭକ୍ତର ଅଧୀନ ସର୍ବଦା ଭଗବାନ ହୋଇଥାନ୍ତି । ଭକ୍ତ ତାଙ୍କୁ ଭାବରେ ବାନ୍ଧି ରଖିଥାଏ ।

"ଉର୍ଣ୍ଣନାଭ ପରି ଘେରାଇବୁ ଜାଲ
ଶେଷରେ ଗିଳିବୁ ଦେଇ ହରିବୋଲ ।" (୫୯)

ଉତ୍କଳୀୟ ଜ୍ଞାନମିଶ୍ରା ଭକ୍ତିର ସାଧକ କବି ଦୀନକୃଷ୍ଣ ଦାସ ମଧ୍ୟ ଗୌଡ଼ୀୟ ଶ୍ରଦ୍ଧା ଭକ୍ତିର ଗୋପୀଭାବ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ଉଭୟ ଧର୍ମର ଏକ ସମନ୍ୱୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ । ସେହି ପରମ୍ପରାର ଜଣେ ଶ୍ରେଷ୍ଠ ଉତ୍ତରାଧିକାରୀ ଭାବରେ ଶ୍ରୀ ପରମହଂସଙ୍କର ଓଡ଼ିଆ ସାହିତ୍ୟ, ଧର୍ମ, ସଂସ୍କୃତି ପ୍ରତି ଅବଦାନ ଉଲ୍ଲେଖଯୋଗ୍ୟ ।

**ଗଜେନ୍ଦ୍ର ଗୀତ :**

ଏହି ଛୋଟ ପୁସ୍ତକଟିରେ କେତେଗୁଡ଼ିଏ ମନୋଜ୍ଞ ଗୀତଗୁଚ୍ଛର ସମାବେଶ ହୋଇଛି । ପୁରାଣ ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ହୋଇଛି ଯେ, ହସ୍ତୀ ସମୁଦ୍ର ଭିତରେ କୁମ୍ଭୀରର ଆକ୍ରମଣ ଯୋଗୁ ବ୍ୟତିବ୍ୟସ୍ତ ହୋଇ ନାରାୟଣଙ୍କୁ ଏହି ବିପଦରୁ ରକ୍ଷା ପାଇଁ ପ୍ରାର୍ଥନା କରିଥିଲା । ତାହାର ଆର୍ତ୍ତ ପ୍ରାର୍ଥନା ଶୁଣି ସ୍ୱୟଂ ବିଷ୍ଣୁ ନିଜର ସୁଦର୍ଶନ ଚକ୍ର ପେଷଣ କରିଥିଲେ ଏବଂ ହସ୍ତୀକୁ ରକ୍ଷା କରିଥିଲେ । ପ୍ରତ୍ୟେକ ଭକ୍ତ ନିଜ ହୃଦୟର ଭକ୍ତି ନୈବେଦ୍ୟକୁ ଭକ୍ତବତ୍ସଳ ଭଗବାନଙ୍କ ନିକଟରେ ଅର୍ପଣ କରି ତାଙ୍କର କରୁଣା ଲାଭ ନିମନ୍ତେ ଆଶାୟୀ ହୁଅନ୍ତି । ଭକ୍ତ ଭଗବାନଙ୍କର ଏହି ଶାଶ୍ୱତ ନିବିଡ଼ ସମ୍ବନ୍ଧ ସମଗ୍ର ବିଶ୍ୱକୁ ଆଲୋଡ଼ିତ କରେ । 'ଗଜେନ୍ଦ୍ର ଗୀତିକା'ର ଆଧ୍ୟାତ୍ମିକ ଭାବୋଚ୍ଛ୍ୱାସ ଉପରୋକ୍ତ ସମ୍ବନ୍ଧକୁ ଆହୁରି ଘନିଷ୍ଠ କରି ଗଢ଼ିତୋଳିଛି । ରାଜା ପରୀକ୍ଷିତଙ୍କୁ ମହର୍ଷି ଶୁକଦେବ 'ଗଜେନ୍ଦ୍ର ସ୍ତୁତି'ର ଅର୍ଥ ବୁଝାଇ କହିଛନ୍ତି । କବି ଶ୍ରୀ ପରମହଂସ ଏଥିରେ ଗଜ ବା ହସ୍ତୀକୁ ଏକ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଏଠାରେ ଯୁକ୍ତି କରାଯାଇପାରେ ଯେ ସଂପ୍ରତି ଓଡ଼ିଆ କବିତାରେ ରୂପକ ଏବଂ ପ୍ରତୀକ ବ୍ୟବହାରର ସ୍ରୋତ ବୋହି ଚାଲିଥିଲାବେଳେ ଅନେକ ସମାଲୋଚକ ମତ ପ୍ରକାଶ କରିଥାନ୍ତି ଏହି ଚିନ୍ତାଧାରା ନୂତନ ଭାବରେ କେବଳ ପାଶ୍ଚାତ୍ୟ ସାହିତ୍ୟରୁ ହିଁ ଆନୀତ ହୋଇଛି । କିନ୍ତୁ ଏହି ବଦ୍ଧମୂଳ ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ । କାରଣ ବର୍ତ୍ତମାନ ଯେଉଁସବୁ ରୂପକ ବା ପ୍ରତୀକ ବ୍ୟବହୃତ ହେଉଛି– ତାହାର ଆବେଦନ ବହୁ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଲୁକ୍କାୟିତ ହୋଇ ରହିଥିଲା । ପ୍ରମାଣ ସ୍ୱରୂପ ପ୍ରାଚୀନ ଚର୍ଯ୍ୟାଗୀତିକା, ସାରଳା ସାହିତ୍ୟ, ପଞ୍ଚସଖା ସାହିତ୍ୟ ତଥା ଭଞ୍ଜ ସାହିତ୍ୟ ପ୍ରଭୃତିକୁ ଅନୁସନ୍ଧାନ କରାଯାଇପାରେ । ଏହି ପରିପ୍ରେକ୍ଷୀରେ ଅଭିରାମ ପରହମଂସଙ୍କ 'ଗଜେନ୍ଦ୍ର ଗୀତି'ରେ 'ଗଜ' ପ୍ରଭୃତି ପ୍ରତୀକ କିପରି ବ୍ୟବହୃତ ହୋଇଛି ତାହାର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା–

> "ଏ ଜୀବ ଅଟଇ ଗଜେନ୍ଦ୍ର ରୋଗରୂପୀ କୁମ୍ଭୀର,
> ଧରିଥିଲା ତାକୁ ତାରିଲେ ନିଶ୍ଚେ ସାରଙ୍ଗଧର,
> ପୁରୁଷ ମଧ୍ୟ ଏକ ଗଜ ସ୍ତ୍ରୀ ରୂପିଣୀ କୁମ୍ଭୀର,
> ଧରି ଓଟାରିଲ କୌଶଳେ ସାଧୁ ହେତୁ କର ।" (୬୦)

ଏହିଭଳି ବହୁ ଚମତ୍କାର ପ୍ରତୀକର ଅପୂର୍ବ ସଂଯୋଜନା 'ଗଜେନ୍ଦ୍ର ଗୀତିକା'ର ଯଥାର୍ଥ ମୂଲ୍ୟାୟନ କରିପାରିଛି ।

**ସ୍ତୁତି ରତ୍ନହାର :**

ଏହି କ୍ଷୁଦ୍ର ପୁସ୍ତକଟି ଆୟତନ ଦୃଷ୍ଟିରୁ କ୍ଷୀଣ ହେଲେହେଁ ଏଥିରେ ପ୍ରକାଶିତ ଭାବ ଏବଂ ଦର୍ଶନର ଐକ୍ୟ [illegible]କୁ ବିସ୍ମିତ କରେ । କବି ଅଭିରାମ ପରମହଂସ ଯେ ଜଣେ ନିଛକ ନିରସ ଜ୍ଞାନଯୋଗୀ ନୁହନ୍ତି ବରଂ ରସିକ ଗୁଣଗ୍ରାହୀ ତାହା ତାଙ୍କର ରଚନାବଳୀ ଅଧ୍ୟୟନ କଲେ ହୃଦବୋଧ କରିହୁଏ । ଏହାର ସେଭଳି ଗୁଣାତ୍ମକ ସାହିତ୍ୟିକ ଶୈଳୀ ପରିଦୃଷ୍ଟ ହୁଏ ନାହିଁ ।

**କଳି ଭାଗବତ :**

ଆଧ୍ୟାତ୍ମିକ ତତ୍ତ୍ୱର ମୌଳିକ ଦୃଷ୍ଟିକୋଣରୁ ପର୍ଯ୍ୟବେକ୍ଷଣ କଲେ କବିଙ୍କର 'କଳି ଭାଗବତ' ରଚନା ସର୍ବଶ୍ରେଷ୍ଠ କୃତି ବୋଲି କୁହାଯାଇପାରେ । 'ମନ ଓ ଚୈତନ୍ୟ' ସମ୍ବାଦ ଛଳରେ ସୂକ୍ଷ୍ମ ଆଧ୍ୟାତ୍ମିକ ତତ୍ତ୍ୱର ଯେଉଁ ମାର୍ମିକ ବିଶ୍ଳେଷଣ ସେ କରଛନ୍ତି ତାହା ଉତ୍କଳର ସୁପ୍ରାଚୀନ ଧର୍ମ ଧାରଣାର ପରିପକ୍ୱ ଭିତ୍ତିଭୂମି ସ୍ୱରୂପ । ଯୁଗ ଯୁଗ ଧରି ଉତ୍କଳର ନିଜସ୍ୱ ଚେତନାରେ ଯେଉଁ ସାଧନ ପଦ୍ଧତି ପରିପୁଷ୍ଟ ହୋଇଥିଲା ତାହା ଅଭିରାମଙ୍କ ସାହିତ୍ୟ କୃତିମାନଙ୍କର ସ୍ପଷ୍ଟ ରୂପ ପରିଗ୍ରହ କରିପାରିଛି । ଉତ୍କଳର ମୌଳିକ ତଥା ନିଜସ୍ୱ ଧର୍ମ ଚେତନାର ଯଥାର୍ଥ ମାନଦଣ୍ଡ ତଥା ପ୍ରତୀକ ହେଉଛନ୍ତି ପୁରୁଷୋତ୍ତମ ଜଗନ୍ନାଥ, ଉତ୍କଳର ଧର୍ମ ଧାରଣା, ସାମାଜିକ ଜୀବନର ମୂଲ୍ୟବୋଧ ତଥା ଚେତନାର ଦିଗ୍‌ଦର୍ଶନ 'ଜଗନ୍ନାଥ'ଙ୍କୁ କେନ୍ଦ୍ରକରି ଯୁଗେ ଯୁଗେ ନିୟନ୍ତ୍ରିତ ହୋଇଥିବାରୁ 'ଜଗନ୍ନାଥ' ଉତ୍କଳର ସାଂସ୍କୃତିକ ଏବଂ ରାଜନୈତିକ ଇତିହାସରେ ନିଶ୍ଚିତ ରୂପରେ ନିୟାମକର ସ୍ଥାନ ଅଧିକାର କରନ୍ତି । ଜୈନ, ବୌଦ୍ଧ, ବୈଦିକ, ଶୈବ, ଶାକ୍ତ, ପାଶୁପତ ଇତ୍ୟାଦି ବହୁ ଧର୍ମମତ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ଗଢ଼ିଉଠି ଉତ୍କଳୀୟ ଚେତନାକୁ ଏକ ଉଦାର ପରିବ୍ୟାପ୍ତ ଦିଗ୍‌ଦର୍ଶନରେ ଉଦ୍‌ଭାସିତ କରିଥିଲା । ସୁତରାଂ ଜଗନ୍ନାଥ ଭାରତର ଆଧ୍ୟାତ୍ମିକ ଜୀବନଧାରାରେ ଜଣେ 'ସମନ୍ୱୟାତ୍ମକ ପୁରୁଷ' ଭାବରେ ସ୍ୱୀକୃତ ହୋଇ ଆସିଛନ୍ତି । ଉତ୍କଳରେ ମୁଖ୍ୟତଃ ଚାରିଗୋଟି ଧର୍ମମତ ବିଶେଷ ଲୋକପ୍ରିୟତା ହାସଲ କରିଥିଲା । ସେଗୁଡ଼ିକ ହେଲା– ନାଗାନ୍ତୀ, ଯୋଗାନ୍ତୀ, ବେଦାନ୍ତୀ ଏବଂ ସିଦ୍ଧାନ୍ତୀ ସଂପ୍ରଦାୟ । ଉତ୍କଳୀୟ ଜନଜୀବନର ପ୍ରବାହକୁ ସ୍ପର୍ଶ କରିବା ପୂର୍ବରୁ ଏହି ସଂପ୍ରଦାୟମାନଙ୍କୁ 'ପୁରୁଷୋତ୍ତମ ଚେତନା'ରେ ଅନ୍ୱିତ ହେବାକୁ ପଡ଼ିଥିଲା । ମାଧ୍ୟମିକ ବୌଦ୍ଧ ଦର୍ଶନର ଆଚାର୍ଯ୍ୟ ନାଗାର୍ଜ୍ଜୁନ ପ୍ରଥମ ଶତାବ୍ଦୀରେ ଓଡ଼ିଶାକୁ ଆସି ଶୂନ୍ୟବାଦ ପ୍ରଚାର କରିଥିଲେ । ଉତ୍କଳର ରାଜା 'ମୁଞ୍ଜ' ସେହି ଧର୍ମରେ ଦୀକ୍ଷିତ ହେବା ବିଷୟ ତାରାନାଥ ଉଲ୍ଲେଖ କରିଛନ୍ତି । ନାଗାନ୍ତକ ଦର୍ଶନର ଶୂନ୍ୟତା ପରବର୍ତ୍ତୀ ଯୁଗରେ ବୈଦାନ୍ତିକମାନଙ୍କ 'ବ୍ରହ୍ମ' ରୂପରେ ସ୍ୱୀକୃତି ପାଇଲେ । ଶଙ୍କରାଚାର୍ଯ୍ୟ ମଧ୍ୟ ନିଜେ ଓଡ଼ିଶାରେ

ଅଦ୍ୱୈତବାଦ ପ୍ରଚାର କରିଥିଲେ । ଉପନିଷଦରେ ଯେଉଁ ବ୍ରହ୍ମଙ୍କୁ ମନ ଓ ବଚନର ଅଗୋଚର ତତ୍ତ୍ୱ ବୋଲି ଘୋଷଣା କରାଯାଇଛି, ସେହି ନିରାଧାର ପରମାତ୍ମାଙ୍କୁ ନାଗାର୍ଜୁନ ଦର୍ଶନରେ 'ପ୍ରଜ୍ଞା' ବା 'ଶୂନ୍ୟତା' ସହିତ ଅଭିନ୍ନ ବୋଲି ସ୍ୱୀକାର କରାଗଲା ।

'ଜଗନ୍ନାଥ'ଙ୍କୁ ନାଗାର୍ଜୁନମାନେ 'ପ୍ରଜ୍ଞା' ଓ ବୈଦାନ୍ତିକମାନେ 'ବ୍ରହ୍ମ' ବା 'ପରମାତ୍ମା' ଭାବରେ ଗ୍ରହଣ କରିବାକୁ ଉଭୟ ମତବାଦର ଏକ ସମନ୍ୱୟ ପ୍ରତିଷ୍ଠା ହୋଇପାରିଲା । ପରବର୍ତ୍ତୀ କାଳରେ ରାମାନୁଜ, ମାଧ୍ୱ, ନିମ୍ବାର୍କ ଓ ବଲ୍ଲଭ ପ୍ରଭୃତି ବୈଷ୍ଣବ ଆଚାର୍ଯ୍ୟମାନେ ଏହି ସମନ୍ୱୟାତ୍ମକ ବେଦାନ୍ତିକ ଧାରାକୁ ବିବିଧ ସଂସ୍କାର ମାଧ୍ୟମରେ ପରିବର୍ତ୍ତିତ କରି ବୈଷ୍ଣବ ଧର୍ମ ପ୍ରଚାର କଲେ । ପରିଶେଷରେ ଗୌଡ଼ୀୟ ମତାବଲମ୍ବୀ ଶ୍ରୀ ଚୈତନ୍ୟ ଶୁଦ୍ଧା ପ୍ରେମ ଭକ୍ତିର ସ୍ରୋତ ଉତ୍କଳୀୟ ବୈଷ୍ଣବ ଚେତନାରେ ପ୍ରବାହିତ କରିଦେଇ ଗଲେ । ଫଳରେ ଉତ୍କଳୀୟ ଧର୍ମଚେତନା ଭକ୍ତିକୁ ଜ୍ଞାନର ପରିପନ୍ଥୀ ବୋଲି ନ ଭାବି ଗୋଟିକୁ ଅନ୍ୟଟିର ପରିପୂରକ ବୋଲି ଗ୍ରହଣ କରିନେଇଥିଲା । ଏପରିକି ପଞ୍ଚସଖାଙ୍କ ଧର୍ମମତ ଶ୍ରୀ ଚୈତନ୍ୟଙ୍କୁ ଗ୍ରହଣ କରି ପୁରୁଷୋତ୍ତମ ଚେତନାରେ ଅନ୍ୱିତ ହୋଇଥିଲା । ପରବର୍ତ୍ତୀ ତାନ୍ତ୍ରିକ ପଦ୍ଧତିର ସଂପ୍ରଦାୟ ହେଲେ ସିଦ୍ଧାନ୍ତୀ ମତବାଦ । ପ୍ରାଚୀ ନଦୀ କୂଳରେ ଦଣ୍ଡକାରଣ୍ୟ ମଧ୍ୟରେ, ମୟୂରଭଞ୍ଜ ଏବଂ ନୀଳଗିରିରେ ଏହି ସିଦ୍ଧାନ୍ତୀ ସମ୍ପ୍ରଦାୟ ସେମାନଙ୍କର ତନ୍ତ୍ର ସାଧନାର କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଶ୍ରୀ ଚୈତନ୍ୟଙ୍କ ସହିତ ସିଦ୍ଧାନ୍ତୀ ବୀରସିଂହର ସାକ୍ଷାତ ହୋଇଥିବା ବିଷୟ ଅଚ୍ୟୁତାନନ୍ଦ ଦାସ 'ଶୂନ୍ୟ ସଂହିତା'ରେ ଉଲ୍ଲେଖ କରିଛନ୍ତି । ଉତ୍କଳରେ ଚତୁର୍ଥ ଧର୍ମମତବାଦଟି ନାଥପନ୍ଥୀମାନଙ୍କ ଦ୍ୱାରା ପ୍ରଚାରିତ ହୋଇଛି । ଏହି ଚାରି ସମ୍ପ୍ରଦାୟ ପରସ୍ପରର ପରିପୂରକ ଭାବରେ 'ଜଗନ୍ନାଥ'ଙ୍କୁ ଉପଜୀବ୍ୟ କରି ସମନ୍ୱୟାତ୍ମକ ଧର୍ମଧାରଣାର ମୂଳଭିତ୍ତି ସ୍ଥାପନ କଲେ । ଏହିସବୁ ସମନ୍ୱୟାତ୍ମକ ଆଦର୍ଶ 'କଳି ଭାଗବତ' ପୁସ୍ତକରେ ପ୍ରକାଶିତ ହୋଇଛି ।

'ଅନୁରାଗ' କିପରି ସୃଷ୍ଟି ହୁଏ ସେ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଇପାରେ । ଦ୍ରୌପଦୀ କୁରୁସଭାରେ ଅତ୍ୟାଚାରିତ ହେଉଥିଲାବେଳେ ନିଜର ଆକସ୍ମିକ ଦୁଃଖରେ ମୁହ୍ୟମାନ ହୋଇ ଆତ୍ମ-ରକ୍ଷା ନିମିତ୍ତ ପଞ୍ଚପତିଙ୍କୁ ଆଶ୍ରାକରି ପରିଶେଷରେ ନିରାଶ ହେଲେ । ଚତୁର୍ଦ୍ଦିଗରୁ ତାଙ୍କର ଭରସାର ବନ୍ଧନ-ରଜ୍ଜୁ, ଛିଣ୍ଡିଯାଇ ଉଡ଼ିଗଲା । ନାବିକ ବିହୀନ ତରଣୀ ପ୍ରାୟ ଦ୍ରୌପଦୀ ଅଥଳ ସମୁଦ୍ରର ତରଙ୍ଗ କୋଳାହଳ ମଧ୍ୟରେ ଭାସି ବୁଡ଼ିଯାଇ ଏକନିଷ୍ଠ ହୋଇ ଆକାଶକୁ ଚାହିଁଲେ । ଆକାଶ ଏଠାରେ ତାଙ୍କର ଭରସାର ଏକମାତ୍ର ପାଥେୟ ଭାବରେ ଦଣ୍ଡାୟମାନ ହୋଇଛି । ଅଥଚ ତତ୍ତ୍ୱଦୃଷ୍ଟିରୁ ଦେଖିଲେ ଜାଣିହୁଏ ଆକାଶର କୃପାରୁ ହିଁ ଆକାଶ ସମ୍ପର୍କିତ ଭରସା ମିଳେ । ଆକାଶ ପ୍ରତି ପହିଲି ଅନୁରାଗ ହିଁ ଆକାଶର କୃପାର

ଫଳ । ସେହି ଅନୁରାଗରୁ ହିଁ କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗର ଉତ୍ପତ୍ତି ଏବଂ ଫଳପ୍ରାପ୍ତି ସମ୍ଭବ ହୋଇଥାଏ; କିନ୍ତୁ ମୌଳିକ ଭିତ୍ତିଭୂମିଟି ହେଉଛି କଥିତ ଅହେତୁକ କୃପାଜନିତ 'ଅନୁରାଗ' । ଅତଏବ କର୍ମଯୋଗୀ, ଭକ୍ତ ଏବଂ ଜ୍ଞାନୀଙ୍କ ମଧ୍ୟରେ ପନ୍ଥାଗତ ପାର୍ଥକ୍ୟ ଥିଲେ ହେଁ ସେମାନଙ୍କ ମୂଳପତ୍ତନ ଏକ ଏବଂ ଅଭିନ୍ନ । ସେହି ମୂଳ-ପତ୍ତନଟି ହେଉଛି ଈଶ୍ୱର ନିଷ୍ଠା ବା ଈଶ୍ୱର ଅନୁରାଗ । ତାହା ଉପରୋକ୍ତ ଯୋଗସାଧନା ଜନିତ ନୁହେଁ । ବରଂ ସ୍ୱତଃସ୍ଫୂର୍ତ୍ତ ଭାବାବେଶରୁ ଏହି ଆବେଗର ସ୍ଫୁରଣ ହୋଇଥାଏ । ଆଲୋଚ୍ୟ କବି ଶ୍ରୀ ଅଭିରାମ ପରମହଂସ ମଧ୍ୟ ସ୍ୱ ଅନୁଭବରୁ 'ସତ୍ୟ' ନାମରେ ନାମିତ କରି ଆଲୋଚିତ ତତ୍ତ୍ୱକୁ ସ୍ୱୀକାର କରିଛନ୍ତି ।

ସେ 'ଅଦ୍ୱୟ ତତ୍ତ୍ୱ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । କାରଣ ଲୀଳା ଏବଂ ଲୟ ଯେ ଅଭିନ୍ନ; ତାହାର ସଙ୍କେତ ବୌଦ୍ଧମାନଙ୍କର 'ନିର୍ବାଣ' ଏବଂ 'ସଂସାର'ର ଅଭିନ୍ନତାରୁ ସୂଚିତ ହେଉଛି । ଅଦ୍ୱୈତ ବେଦାନ୍ତରେ ଯିଏ ବ୍ରହ୍ମ, ସେ ହିଁ ଜଗତ ନାମରେ ସମର୍ଥିତ ହୁଅନ୍ତି । ତେଣୁ ଲୟ ହିଁ ଲୀଳାର ଅଭିନ୍ନତା ପ୍ରସଙ୍ଗ ପ୍ରତ୍ୟେକ ଶାସ୍ତ୍ରରେ ସ୍ୱୀକୃତ ହୋଇଆସିଛି । ଏପରିକି ଶାକ୍ତମାନେ ମଧ୍ୟ ମତ ପ୍ରକାଶ କରି କହନ୍ତି 'ଶକ୍ତି' ଏବଂ 'ଶକ୍ତିମାନ' ଅଭେଦ । ଏହି ପରମତତ୍ତ୍ୱକୁ 'କଳି ଭାଗବତ'ରେ ଅତ୍ୟନ୍ତ ନାମରେ ନାମିତ କରାଯାଇଛି । ତାଙ୍କୁ ଆଶ୍ରୟ କରି ସମସ୍ତ କାର୍ଯ୍ୟ-କାରଣର ସମ୍ପର୍କ ନିର୍ଣ୍ଣିତ ହେଉଥିଲେ ହେଁ ସ୍ୱରୂପତଃ ଅବ୍ୟକ୍ତ । ସେ ଅକୈତବ, ଅବର୍ଣ୍ଣ ତଥା ସ୍ୱତଃସିଦ୍ଧ ବୋଲି ନାମିତ ହୋଇଛନ୍ତି । ତାହାଙ୍କୁ ସ୍ଥୂଳ ଦୃଷ୍ଟିରେ ଅବଲୋକନ କରି ବର୍ଣ୍ଣନା କରିବା ନିମିତ୍ତ କୌଣସି ଯଥାର୍ଥ ବର୍ଣ୍ଣର ସାମର୍ଥ୍ୟ ସୁଦ୍ଧା ନାହିଁ ।

"ଯେ ଅଟେ ଅବନା ମନ୍ଦିର,
ଆଚମ୍ୱିତ ଯେ ନାମ ତା'ର ।
ଅବନା ସ୍ଥାନ ଅକଳିତ,
ଅଦୃଷ୍ଟି ଅଶ୍ରୁତି, ଅବ୍ୟକ୍ତ ।" (୬୧)

ଏହି 'ଅବନା ମନ୍ଦିର' ହିଁ ସକଳ ବିରୋଧାଭାସର ମନ୍ଦିର । ସେଠାରେ ଘୋର ଅମାବାସ୍ୟା ହୋଇଥିଲେ ହେଁ ଏକ ସମୟରେ ନିର୍ମିତ ପୂର୍ଣ୍ଣିମା ହେବା ମଧ୍ୟ ସମ୍ଭବପର । ଏପରିକି ରାତ୍ରି କାଳରେ ଯୁଗପତ୍ ସୂର୍ଯ୍ୟୋଦୟ ହୋଇପାରେ ବୋଲି 'କଳି ଭାଗବତ'ର ପଞ୍ଚଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

ଶ୍ରୀ ଅଭିରାମ ପରମହଂସ ଜଗନ୍ନାଥଙ୍କୁ ଅଦ୍ୱୟ ତତ୍ତ୍ୱର ମୂଳାଧାର ରୂପେ ଗ୍ରହଣ କରି କହୁଛନ୍ତି–

"ଶୁଣ ତୁ ଅଣକ୍ଷର ଭାବ,
ଦେବଙ୍କୁ ସେ ଭାବ ଦୁର୍ଲ୍ଲଭ ।
ଯେ ଷୋଳକଳା ଜଗନ୍ନାଥ,
ତାହାର ନାମଟି ଅବ୍ୟକ୍ତ,
ଅଦୃଷ୍ଟି, ଅଶ୍ରୁତି, ଅବ୍ୟକ୍ତ ।" (୬୨)

ଜଗନ୍ନାଥଙ୍କର ଅନ୍ୟ ଏକ ନାମ ହେଉଛି 'ସତ୍ୟ ନାରାୟଣ' ବା 'ସତନାରାୟଣ' । ସତନାରାୟଣ ଏହି ଶବ୍ଦର ବ୍ୟାଖ୍ୟା କରି ସେ 'କଳି ଭାଗବତ'ର ତୃତୀୟ ଅଧ୍ୟାୟରେ ଲେଖିଛନ୍ତି– 'ସ' କାର ଅର୍ଥାତ୍ ଶକ୍ତି, 'ତ' କାର ଅର୍ଥ ତମୋଗୁଣ ଶୂନ୍ୟ, 'ନା' କାର ଅର୍ଥ ମହାଶୂନ୍ୟ, 'ରା' କାର ଅର୍ଥ ଦିବାରାତ୍ରିର 'ଅତୀତ', 'ୟ' କାର ଅର୍ଥ ଅଦ୍ୱୟ, 'ଣ'ର ଅର୍ଥ ଆଧାତ୍ମିକ ଏବଂ ଅଲେଖ । ଏ ସମସ୍ତ ଏକତ୍ର ମିଶିଲେ 'ପୂର୍ଣ୍ଣବ୍ରହ୍ମ'ଙ୍କ ସ୍ୱରୂପ ଅଭିବ୍ୟଞ୍ଜିତ ହୁଏ । 'କଳି ଭାଗବତ'ରେ ସତ୍ୟ–ନାରାୟଣଙ୍କୁ ସକଳ ସ୍ଥିତି ତଥା ତତ୍ତ୍ୱର ଊର୍ଦ୍ଧ୍ୱତତ୍ତ୍ୱ ବୋଲି ନିର୍ଣ୍ଣୟ କରିବାକୁ ଯାଇ ସେ ନିଜର ମୌଳିକତା ପ୍ରକାଶିତ କରିଛନ୍ତି । ଉତ୍କଳୀୟ ସହଜାତ ଧର୍ମର ଐକ୍ୟ ତଥା ଜଗନ୍ନାଥ ଚେତନାର ଆଦର୍ଶଗତ ମର୍ଯ୍ୟାଦା ସମ୍ପୂର୍ଣ୍ଣ ଭାବରେ 'କଳି ଭାଗବତ'ରେ ସୁରକ୍ଷିତ ହୋଇଛି ।

ଏତଦ୍‌ବ୍ୟତୀତ ଏଥିରେ ଏକ ନୂତନ ଚିତ୍ରକଳ୍ପର ପ୍ରୟୋଗ ହୋଇଛି । ଯାହାକୁ ପୁରାତନ ଓ ନୂତନ ଚିନ୍ତାଧାରାର ଏକ ଯୁଗୋପଯୋଗୀ ସମନ୍ୱୟ ବୋଲି କୁହାଯାଇପାରେ । ଗୌଡ଼ୀୟ ପ୍ରେମଭକ୍ତିର ପୁରୋଧା ଚୈତନ୍ୟ ଉତ୍କଳକୁ ଆସି ତାଙ୍କ ଧର୍ମକୁ ରାଜଧର୍ମ ରୂପେ ଘୋଷିତ କରିବା ପାଇଁ ବହୁ ଉଦ୍ୟମ କରିଥିଲେ । ଶେଷରେ ଶୁଦ୍ଧା ଭକ୍ତି ଧର୍ମ ରାଜଧର୍ମ ରୂପେ ସ୍ୱୀକୃତ ହୋଇଥିଲା । ଏହି ଐତିହାସିକ ପରିବର୍ତ୍ତନ ତତ୍‌କାଳୀନ ସାହିତ୍ୟକୁ ମଧ୍ୟ ବେଶ୍ ପ୍ରଭାବିତ କରିଥିଲା । ଅଭିରାମ ପରମହଂସ ମଧ୍ୟ ଏହି ପରିବର୍ତ୍ତନକୁ 'କଳି ଭାଗବତ'ରେ ସ୍ଥାନ ଦେଇ ଏକ ନୂତନତ୍ୱ ସୃଷ୍ଟି କରିଛନ୍ତି । ସେ 'ମନ'କୁ ଚଞ୍ଚଳମତି ଉତ୍କଳର ଗଜପତି ପ୍ରତାପରୁଦ୍ରଙ୍କ ସହିତ ତୁଳନା କରି କହୁଛନ୍ତି–

"ଯେ ଅଟେ ପ୍ରତାପ ରାଜନ,
ବୁଝିଲେ ତୁହି ଅଟୁ ମନ ।" (୬୩)

ରାଜା ପ୍ରତାପରୁଦ୍ର–ତର୍କ ବିତର୍କ ଦ୍ୱାରା ଚୈତନ୍ୟଙ୍କୁ ପରାଜିତ କରିବାକୁ ପ୍ରଥମେ ଚେଷ୍ଟା କରିଥିଲେ । ଚୈତନ୍ୟଙ୍କର ମହାମନ୍ତ୍ର ତତ୍ତ୍ୱକୁ ସେ ସେତେବେଳେ ସ୍ୱୀକାର କରି ନ

ଥିଲେ । 'କଳି ଭାଗବତ'ରେ ମନ ରାଜା ମଧ୍ୟ ପ୍ରତାପରୁଦ୍ରଙ୍କ ଭଳି ଚୈତନ୍ୟଙ୍କ ତତ୍ତ୍ୱୋପଦେଶରେ ଆଦୌ ଆସ୍ଥା ସ୍ଥାପନ କରିନାହିଁ । ଏହି ପ୍ରସଙ୍ଗଟି ମନ-ଚୈତନ୍ୟ ଉବାଚ ଶୀର୍ଷକ ଆଲୋଚନାରେ ଆଲୋଚିତ ହୋଇଛି । ମନରୂପୀ ଅବୋଧ ଶିଷ୍ୟଙ୍କୁ ଗୁରୁଦେବ ଚୈତନ୍ୟ ବୁଝାଇ କହୁଛନ୍ତି-

"ତୁ ମନ ଅଟଉ ଅବୋଧ,
ନ ଦେଖିଲେ ନୋହୁ ବୋଧ ।" (୬୪)

ଅବାଧ ହେବା ହେଉଛି ମନର ପ୍ରଭାବ । ସେଥିପାଇଁ ପ୍ରାଚୀନ ସାହିତ୍ୟରେ ମନକୁ ମୂଷା ବୋଲି ଆଖ୍ୟାତ କରାଯାଇଛି । ମନର ପ୍ରକୃତି ହେଉଛି ପାହାଡ଼ିଆ ମୂଷା ସଦୃଶ । ଏହି ଅବାଧ ମନକୁ ସଂଯତ କରିବା ସର୍ବାଧିକ ଆୟାସସାଧ କାର୍ଯ୍ୟ । ଶ୍ରୀମଦ୍ ଭାଗବତ୍‌ରେ ଉଦ୍ଧବଙ୍କୁ ଉପଦେଶ ଦେଇ ଭଗବାନ ଶ୍ରୀକୃଷ୍ଣ ସ୍ପଷ୍ଟ କରି ଦେଇଛନ୍ତି-

"ମନ ତୋହର ନିଜ ଗୁରୁ,
ଉଦ୍ଧବ ତୁ କେତେ ପଚାରୁ ।" (୬୫)

ସୁତରାଂ ମନର ଗୁରୁ ମନ ନିଜେ । ମନ ମନକୁ ହିଁ ଶାସନ କରେ । ମନ ନିଜେ ନିଜ ଦ୍ୱାରା ଶାସିତ ହୁଏ ।

'କଳି ଭାଗବତ' ରଚନାର ଏକ ମୁଖ୍ୟ ବିଶେଷତ୍ୱ ରୂପେ ସମସାମୟିକ ଭାରତୀୟ ଚେତନାରେ ମହାତ୍ମାଗାନ୍ଧୀଙ୍କର ଅହିଂସା ସତ୍ୟାଗ୍ରହ ଆନ୍ଦୋଳନକୁ ଗ୍ରହଣ କରାଯାଏ । କାରଣ ତାହାର ଯୁଗାନ୍ତକାରୀ ସୁଦୂରପ୍ରସାରୀ ପ୍ରଭାବ ଶ୍ରୀ ପରମହଂସଙ୍କୁ ପ୍ରଭାବିତ କରିଥିଲା । ଅର୍ଥାତ୍ ସତ୍ୟାଗ୍ରହର ବଳିଷ୍ଠ ଆହ୍ୱାନ ଯେ 'କଳି ଭାଗବତ' ପୃଷ୍ଠାରୁ ନିଃସରିତ ହୋଇଥିଲା ତାହା ନୁହେଁ ବରଂ ସାଧକ ଅଭିରାମ ନିଜର ବୌଦ୍ଧିକ ଦିଗ୍‌ବଳୟ ଭିତରେ ଥିଲେ ଜଣେ ଯଥାର୍ଥ ସ୍ୱୟଂକ୍ରିୟ ସତ୍ୟାଗ୍ରହୀ । ଅସତ୍ୟ ନିକଟରେ ମୁଣ୍ଡ ନୁଆଁଇବା ତାଙ୍କର ପ୍ରକୃତି ବିରୁଦ୍ଧ ନୀତି ଥିଲା । ଏହି ସତ୍ୟ ସଚେତନତା ପାଇଁ ପ୍ରତ୍ୟେକ ଯୁଗରେ ସତ୍ୟାନୁସନ୍ଧ ବିପ୍ଳବୀ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରାଯାଏ ଏବଂ ସକ୍ରେଟିସ୍‌ଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥାଏ । ସତ୍ୟାଗ୍ରହୀ ନିଜେ ନିଜର ସ୍ଥିତିରେ ଜାଗ୍ରତ ରହି ସତ୍ୟର ଆଗ୍ରହକୁ ପରୀକ୍ଷା କରିନିଏ । ସେ ସତ୍ୟାଗ୍ରହ ଦ୍ୱାରା ଅନ୍ୟ ବ୍ୟକ୍ତି, ଗୋଷ୍ଠୀ କିମ୍ବା ଦଳବିଶେଷଙ୍କୁ ପ୍ରଭାବିତ କରିବାର ଉଦ୍ଦେଶ୍ୟ ରଖି ନ ଥାଏ । ସେଥିପାଇଁ ସତ୍ୟାଗ୍ରହୀ ନିଜ ସ୍ୱଭାବରେ ଏକାନ୍ତ ନିଃସଙ୍ଗ, ଅନିକେତ ଏବଂ ଏକାକୀ ତା'ର ଡାକ ଶୁଣି ଯଦି କେହି ନ ଆସନ୍ତି ତେବେ ସେ ଏକେଲା ଆଗେଇ ଚାଲେ । ଏଇମିତି ଏକେଲା ଚାଲିବା ତା'ର ପ୍ରକୃତି । ସଙ୍ଗରେ ଅନ୍ୟ ସତ୍ୟାଗ୍ରହୀମାନେ ଚାଲିଲେ ସେ ଆପତ୍ତି କରେ ନାହିଁ ବରଂ ସୁଖୀ ହୁଏ । ବିଂଶ ଶତାବ୍ଦୀର

ଆଧୁନିକ ଜନ ଜୀବନରେ ସାଥର୍କ ସତ୍ୟାଗ୍ରହର ସମର୍ଥ ପ୍ରବକ୍ତା ଏବଂ ଆଚରଣ ସିଦ୍ଧ ଆଚାର୍ଯ୍ୟ ଥିଲେ ମହାତ୍ମାଗାନ୍ଧୀ । 'ସତ୍ୟାଗ୍ରହ' ଆନ୍ଦୋଳନ ଓ 'ସତ୍ୟାଗ୍ରହ' ଶବ୍ଦର ନବୀକରଣ ସେ କରିଥିଲେ । ସାଂପ୍ରତିକ କାଳରେ ଅବଶ୍ୟ ଏହି 'ଆନ୍ଦୋଳନ' ଆଉ ଚଳୁ ନାହିଁ କିନ୍ତୁ ଶବ୍ଦଟି ଚଳନ୍ତି ହୋଇଯାଇଛି । ସତ୍ୟାଗ୍ରହକୁ ଆନ୍ଦୋଳନର ମାଧ୍ୟମ କରିବା ନିମିତ୍ତ ଯେଉଁ ଆଧ୍ୟାତ୍ମିକ ପ୍ରସ୍ତୁତି ଆବଶ୍ୟକ ତାହାର ଅଭାବ ବର୍ତ୍ତମାନ ଜନସାଧାରଣ ତଥା ସଞ୍ଚାଳକମାନଙ୍କଠାରେ ପରିଲକ୍ଷିତ ହେଉଛି ।

ଆଧ୍ୟାତ୍ମିକ ପ୍ରସ୍ତୁତି ବ୍ୟତୀତ ସତ୍ୟାଗ୍ରହକୁ ଗ୍ରହଣ କିମ୍ବା ପ୍ରୟୋଗ କରି ହୁଏ ନାହିଁ ବୋଲି ବହୁବାର ମହାତ୍ମାଗାନ୍ଧୀ ସ୍ପଷ୍ଟୋକ୍ତି କରିଯାଇଛନ୍ତି । କାରଣ ସତ୍ୟାଗ୍ରହ ଏକ ଆଧ୍ୟାତ୍ମିକ ଅସ୍ତ୍ର ବିଶେଷ । ସତ୍ୟାଗ୍ରହୀ ସ୍ୱୟଂ ଏକ ବିଶେଷ ଆଧ୍ୟାତ୍ମିକ ସ୍ଥିତିରେ ଆରୂଢ଼ ନ ହେଲେ ସତ୍ୟାଗ୍ରହକୁ ପ୍ରୟୋଗ କରି ପାରେ ନାହିଁ । ତେଣୁ ସତ୍ୟାଗ୍ରହୀ ନିମନ୍ତେ କୁରୁକ୍ଷେତ୍ର, କେବଳ ମାତ୍ର କୁରୁକ୍ଷେତ୍ର ନୁହେଁ ତାହା ସର୍ବାଦୌ ଧର୍ମକ୍ଷେତ୍ର । ଭଗବଦ୍ ଗୀତାର ପ୍ରଥମ ଶବ୍ଦଟି ହେଉଛି ଧର୍ମକ୍ଷେତ୍ର ଏବଂ ପରବର୍ତ୍ତୀ ଶବ୍ଦଟି ହେଉଛି କୁରୁକ୍ଷେତ୍ର । ପ୍ରାରମ୍ଭରୁ ଏହା ସାଙ୍କେତିକ ଭାବରେ ସୂଚାଇ ଦେଉଛି ଯେ ଭଗବଦ୍ ଗୀତା ମୁଖ୍ୟତଃ ସତ୍ୟାଗ୍ରହୀର ଶାସ୍ତ୍ର । ସେଥିପାଇଁ ଭଗବଦ୍ ଗୀତାକୁ ମହାତ୍ମାଗାନ୍ଧୀ ନିଜର ଜନନୀ ତଥା ଜନ୍ମଦାତ୍ରୀ ବୋଲି କହି ଆସିଛନ୍ତି । ସତ୍ୟାଗ୍ରହ ଦ୍ୱାରା ଯେ ଆତ୍ମଦର୍ଶନ ହୁଏ ଏହି ମତ ସହିତ ଅଭିରାମ ସମ୍ପୂର୍ଣ୍ଣ ଏକମତ । ଆଧ୍ୟାତ୍ମିକ ସାଧନା ସହିତ ସତ୍ୟାଗ୍ରହକୁ ଅଭିନ୍ନ ଭାବରେ ଗ୍ରହଣ କରି କବି 'କଳି ଭାଗବତ'ରେ ଏକ ବୈଶିଷ୍ଟ୍ୟ ପ୍ରତିପାଦନ କରିଯାଇଛନ୍ତି । ଏହାର ଦ୍ୱାବିଂଶ, ସପ୍ତବିଂଶ ଏବଂ ଅଷ୍ଟବିଂଶ ଅଧ୍ୟାୟରେ 'ସତ୍ୟାଗ୍ରହ'ର ବିଶେଷ ଆଲୋଚନା ହୋଇଛି । ଏହି ଉଲ୍ଲିଖିତ ଅଂଶବିଶେଷ ପାଇଁ କବି ଅଭିରାମଙ୍କୁ ଇଂରେଜ ସରକାର ଜେଲ୍‌କୁ ପଠାଇଥିଲେ । 'କଳି ଭାଗବତ' ପୁସ୍ତକ ବାଜ୍ୟାପ୍ତ ହୋଇଥିଲା ଏବଂ ସେ ଏକବର୍ଷ କାରାଦଣ୍ଡ ଭୋଗ କରିଥିଲେ । 'କଳି ଭାଗବତ'ରେ ସାଙ୍କେତିକ ରୂପକ ମାଧ୍ୟମରେ ଅନାଗତ ୧୯୪୨ ମସିହା କଥା ମଧ୍ୟ ସୂଚାଇ ଦିଆଯାଇଛି–

"ବୟାଳିଶରେ ହେବ ଖେଳ,
ଭକତ ମାନେ ହେବେ ମେଳ ।" (୬୬)

ପରବର୍ତ୍ତୀ ପଦରେ ବୟାଳିଶ ସଂଖ୍ୟାର ତାତ୍ତ୍ୱିକ ବ୍ୟାଖ୍ୟା କରି ସେ ଲେଖିଛନ୍ତି–

"ବୟାଳିଶ ଯାକୁ କହି,
ଚାରି ଡାହାଣେ ସିନା ଦୁଇ ।" (୬୭)

ଏଠାରେ ଦିଆଯାଇଥିବା ଚାରିଅଙ୍କର ଅର୍ଥ ହେଉଛି ଚାରୋଟି ବେଦର ସଙ୍କେତ । ତାହାଣରେ ଦୁଇର ଅର୍ଥ ହେଉଛି ଜୀବ ଏବଂ ପରମର ଅବସ୍ଥିତି ନିର୍ଣ୍ଣୟ । ଅର୍ଥାତ୍ ଯେତେବେଳେ ଚାରିବେଦର ମର୍ମ ସହିତ ଅଭିନ୍ନ ହୋଇ ଜୀବାତ୍ମା-ପରମାତ୍ମାଙ୍କର ଏକତ୍ୱ ପ୍ରତିଷ୍ଠିତ ହେବ ସେହି ସମୟରେ ହିଁ ସକଳ ସମସ୍ୟାର ସମାଧାନ ହୋଇ ପାରିବ ବୋଲି କବି ଆଶା ପ୍ରକାଶ କରୁଛନ୍ତି । ସମୟ ଆସିବ ବିଦେଶୀମାନେ ସେମାନଙ୍କ ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ । ସ୍ୱଦେଶୀମାନେ ସ୍ୱାଧୀନତା ଲାଭ କରିବେ । ସ୍ୱରାଜ୍ୟ ପ୍ରତିଷ୍ଠିତ ହେବ । ଏହି ୧୯୪୨ ମସିହାରେ ସ୍ୱରାଜ୍ୟ ପ୍ରାପ୍ତିର ଆଦ୍ୟପ୍ରସ୍ତୁତି ପର୍ବ ଆରମ୍ଭ ହେବ । ପାଞ୍ଚମନକୁ ପଞ୍ଚମଜର୍ଜ ଭାବରେ ତୁଳନା କରାଯାଇଛି । ଇଂଲଣ୍ଡର ରାଜା ପଞ୍ଚମଜର୍ଜଙ୍କୁ କବି ବ୍ୟବସାୟୀ ଭାବରେ ଚିତ୍ରଣ କରିଛନ୍ତି । ସେମାନଙ୍କର ଏକଛତ୍ରବାଦ ଶାସନ ବିରୁଦ୍ଧରେ ଭାରତୀୟ ସତ୍ୟାଗ୍ରହୀମାନେ ଆନ୍ଦୋଳନ ଚଳାଇଛନ୍ତି :-

''ସତ୍ୟାଗ୍ରହୀ ହୋଇଲେ ମେଳି,
ଅନ୍ତର ହୋଇଯିବ କଳି ।
ଇଉରୋପିୟାନ୍ ଯିବେ ଛାଡ଼ି,
ମୋହନ ସିନା ଦେବେ କାଢ଼ି ।'' (୬୮)

ସତ୍ୟାଗ୍ରହୀମାନଙ୍କର ପ୍ରଧାନ ସେନାପତି ହେଉଛନ୍ତି ମହାତ୍ମା 'ମୋହନ' । ଯିଏ ମହତ୍ ଆତ୍ମା ସେ ହିଁ ମହାତ୍ମା ରୂପେ ପରିଚିତ ହୁଅନ୍ତି । ଅର୍ଥାତ୍ ମହାତ୍ମାଗାନ୍ଧୀ ନିଜ ଆତ୍ମାକୁ ସକଳ ଆତ୍ମାରୂପ ଏବଂ ସର୍ବାତ୍ମାକୁ ନିଜ ଆତ୍ମାରୂପରେ ଅନୁଭବ କରିଥିଲେ । ଅବଶ୍ୟ କେବଳ ମହାତ୍ମାଗାନ୍ଧୀଙ୍କୁ ଉପଲକ୍ଷ୍ୟ କରି ଅଭିରାମ ପରମହଂସ ଏକଥା କହୁନାହାନ୍ତି ବରଂ ସେ ଉପସ୍ଥାପିତ କରିବାକୁ ଚାହିଁଛନ୍ତି ଯେ ଏହିଭଳି ଆଚରଣସିଦ୍ଧ ମହାତ୍ମାମାନେ ହିଁ ସତ୍ୟାଗ୍ରହ ସଂଗ୍ରାମର ସେନାପତି ବା ରଥୀ ସଦୃଶ କାର୍ଯ୍ୟ କରିଥାନ୍ତି । ଗାନ୍ଧିଜୀଙ୍କର ସମ୍ପୂର୍ଣ୍ଣ ନାମ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ନାମର ମହତ୍ତ୍ୱକୁ ସୂଚାଇ ସେ କହୁଛନ୍ତି : ''ଗାନ୍ଧିଜୀ ସମସ୍ତଙ୍କୁ ନିଜ ପାଖରେ ଆକର୍ଷଣ କରି ପ୍ରେମରେ ବାନ୍ଧିରଖି ପାରନ୍ତି ବୋଲି ତାଙ୍କର ନାମ 'ମୋହନ' ହୋଇଛି । 'କଳି ଭାଗବତ'ରେ ଏହି ମହାତ୍ମା ମୋହନଙ୍କୁ ସତ୍ୟାଗ୍ରହର ମୁଖ୍ୟ ସେନାପତି ଭାବରେ ନିଯୁକ୍ତ କରାଯାଇ ଅବସ୍ଥାପିତ କରାଯାଇଛି । ଇଂରେଜମାନଙ୍କର ରାଜା 'ପଞ୍ଚମଜର୍ଜ' ହେଉଛି 'ଲୋଭାସକ୍ତ ମନ'ର ପ୍ରତିନିଧି ସ୍ୱରୂପ । ଯିଏ ଅତିରିକ୍ତ ଲୋଭ କରେ ସିଏ ହିଁ ପର ଆପଣା ଭେଦଭାବ ସୃଷ୍ଟି କରିଥାଏ । ଏହି ଦ୍ୱୈତ ବୁଦ୍ଧିରୁ ଅସତ୍ୟ ବା ମିଥ୍ୟାଭାବ ଜାତ ହୁଏ । କିନ୍ତୁ ସତ୍ୟାଗ୍ରହୀମାନେ ଯଥାର୍ଥରେ ସତ୍ୟାନୁରାଗୀ । 'ସକଳ ଘଟେ ଚକ୍ରଧର, ସକଳ ସ୍ଥାନେ ଚକ୍ରଧର' ଏହି ବିଶ୍ୱାସ ଓ ଭରସା ହିଁ ସତ୍ୟାଗ୍ରହୀର

ଚୂଡ଼ାନ୍ତ ସମ୍ବଳ । ତେଣୁ ସତ୍ୟାଗ୍ରହୀ ପାର୍ଥିବ ଆବଶ୍ୟକତା ଦୃଷ୍ଟିରୁ ନିଃସଙ୍ଗ ହେଲେହେଁ ଦୁର୍ବଳ ବା ଅସହାୟ ନୁହେଁ । ବୋଧହୁଏ ଏଥିପାଇଁ ସତ୍ୟର ମର୍ଯ୍ୟାଦା ରକ୍ଷା ନିମିତ୍ତ ସତ୍ୟାଗ୍ରହୀ କାରାବରଣ କରିବାକୁ କୁଣ୍ଠିତ ହୁଏନାହିଁ କିମ୍ବା ନିର୍ଘାତ ଶାରୀରିକ ପୀଡ଼ନ ଓ ଅତ୍ୟାଚାରରେ ପଥଭ୍ରଷ୍ଟ ହୁଏ ନାହିଁ; କିମ୍ବା ପ୍ରୟୋଜନ ପଡ଼ିଲେ ହସି ହସି ଫାଶୀଖୁଣ୍ଟରେ ଝୁଲିପଡ଼ିବା ପାଇଁ ପଶ୍ଚାଦ୍‌ପଦ ହୁଏ ନାହିଁ । ବିପ୍ଳବୀ ଅରବିନ୍ଦ ଆଲିପୁର ବୋମା ବିସ୍ଫୋରଣ ମକଦ୍ଦମାର ବିଚାର ନିମନ୍ତେ କାରାବରଣ କରିଥିବାବେଳେ ତାଙ୍କର ଏହିଭଳି ଅଭ୍ରାନ୍ତ ପ୍ରତ୍ୟୟ ଜାତ ହୋଇଥିଲା । ଏହି ଧ୍ରୁବ ସତ୍ୟକୁ ନିଜେ ଅଭିରାମ ଉପଲବ୍ଧି କରି କହିଛନ୍ତି–

"ଯେ ଦେଖିଅଛି ସେ ଜାଣିଛି,
କହିଲେ କିସ କାର୍ଯ୍ୟ ଅଛି ।" (୬୯)

ସତ୍ୟାଗ୍ରହୀର ଏହି ସତ୍ୟଦୃଷ୍ଟି ତାହାକୁ ନିର୍ଭୀକ କରେ । ଏହି ନିର୍ଭୀକତା କୌଣସି ଧନବଳ, ଜନବଳ ଏବଂ ରାଷ୍ଟ୍ରବଳକୁ ନେଇ ସୃଷ୍ଟି ହୋଇ ନ ଥାଏ । ଯିଏ ସତ୍ୟାଗ୍ରହୀ ସେ ସର୍ବଦା ଅପ୍ରଧର୍ଷ୍ୟ, ଦୁର୍ଜୟ ହୋଇ ସଂଗ୍ରାମରେ ଜୟଯୁକ୍ତ ହୁଏ । 'ସକଳ ଘଟେ ଚକ୍ରଧର'– ଏହି ସତ୍ୟାନୁଭବ ଯେତେ ପରିମାଣରେ ଅନୁଭୂତ ହେଉଥିବ, ଅହିଂସା ଦୃଷ୍ଟିକୋଣ ସେତିକି ବୃଦ୍ଧିପ୍ରାପ୍ତ ହେଉଥିବ । ତେଣୁ ଅହିଂସାକୁ ସତ୍ୟ ଉପଲବ୍ଧିର ମାଧମିକ ସାଧନ ଭାବରେ ଗ୍ରହଣ କରାଯାଇଛି ।

"ଲୋଭରେ ମନ ପାଞ୍ଚ କଲା,
ଏକରୁ ପାଞ୍ଚଗୋଟି ହେଲା ।
ଏ ହେଲା ପଞ୍ଚମ ସମ୍ରାଟ,
ପୃଥ୍ୱୀକୁ ହୋଇଲା ସେ ନଷ୍ଟ ।" (୭୦)

ମନ ହେଉଛି ଇନ୍ଦ୍ରିୟମାନଙ୍କର ଅଧିପତି । ମନକୁ କେନ୍ଦ୍ରକରି ଏହି ଜଗତ ତିଷ୍ଠି ରହିଛି । ସେ ଯେତେବେଳେ ନିଜର ଲାଭକୁ ମୂଳକରି ଲୋଭରେ ରାଜପଣ କରେ, ସେତେବେଳେ ସେ ଇନ୍ଦ୍ରିୟ ପରତନ୍ତ୍ର ତଥା ସଂସାରୀ ହୋଇଯାଏ ।

ନିଜର ସ୍ୱାର୍ଥ ଏବଂ ସମୃଦ୍ଧି ନମନ୍ତେ ମନ ଏ ଜଗତକୁ ନିୟନ୍ତ୍ରଣାଧୀନ କରି ମନୁଷ୍ୟକୁ ଶୋଷଣ କରେ । ତାହାର ଅତ୍ୟାଚାରରେ ପ୍ରଜାବର୍ଗ ଉଚ୍ଛନ୍ନ ହୋଇପଡ଼ନ୍ତି । ଠିକ୍ ସେହିପରି ରାଜ୍ୟ ଶାସନକୁ ବ୍ୟବସାୟର ଏକ ଆୟୁଧ ଭାବରେ ଗ୍ରହଣ କରି ନିଜର ଲାଭ ଦୃଷ୍ଟିରୁ ଶାସକଗୋଷ୍ଠୀ ପ୍ରଜାମାନଙ୍କୁ ପୀଡ଼ନ କରିଥାନ୍ତି । 'କଳି ଭାଗବତ'ର ଚତୁର୍ଥ ଅଧ୍ୟାୟରେ ଏହିସବୁ ପଂକ୍ତିର ଅର୍ଥ କରାଯାଇ କୁହାଯାଇଛି–

''ପାଞ୍ଚମନଟି ଯାକୁ କହି,
ପଞ୍ଚମ ଜର୍ଜ ଅଟେ ସେହି ।
ଗୋରା ପଲ୍‌ଟଣ ଯାକୁ କହି,
ପଚିଶ ପ୍ରକୃତିଟି ଏହି ।
ଏହିଟି ବିଦେଶୀ ଅଟନ୍ତି,
ସ୍ୱରାଜ୍ୟ ଉଜାଡ଼ିଣ ଦ୍ୟନ୍ତି ।'' (୭୧)

ଅଭିରାମଙ୍କ ମତରେ ଅହିଂସା, ସତ୍ୟ, ଶାନ୍ତି, ଦୟା, କ୍ଷମା, ନିଷ୍କାମ, ନିର୍ମାୟା, ସଚେତନତା (ଚେତା ଦେହ), ଧାର୍ମିକତା ତଥା ଧୀରବୁଦ୍ଧି ପ୍ରଭୃତି ଭାବଗୁଡ଼ିକ ସତ୍ୟାଗ୍ରହର ବିଶେଷତ୍ୱ ଭାବରେ ଗୃହୀତ ହୋଇଛନ୍ତି । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଆନ୍ଦୋଳନର ମୁଖ୍ୟ ସଂଗଠନ କଂଗ୍ରେସର ନାମ ସହିତ କୌଣସି ରାଜନୈତିକ ଶାସକ ଦଳର ନ୍ୟସ୍ତସ୍ୱାର୍ଥ ଜଡ଼ିତ ନ ଥିଲା । କାରଣ ସେଦିନର 'କଂଗ୍ରେସ' ଆନ୍ଦୋଳନ ଯଥାର୍ଥରେ ଭାରତର ଆତ୍ମିକ ଗଣଚେତନାର ନେତୃତ୍ୱ ନେଇ ପାରିଥିଲା । ସେ ସୁଦିନର କଂଗ୍ରେସ ଥିଲା ଆଧାତ୍ମିକ ଜୀବନର ପରୀକ୍ଷାମୂଳକ ଆୟୋଜନ । ତେଣୁ ମହାନ ତ୍ୟାଗର ଏହି ଜୈତ୍ରଯାତ୍ରାକୁ ଶ୍ରୀ ପରମହଂସ ଆଧାତ୍ମିକ ସ୍ୱୀକୃତି ପ୍ରଦାନ କରିଛନ୍ତି । 'କଳି ଭାଗବତ' ପୁସ୍ତକରେ ନିର୍ଦ୍ଦେଶିତ କଂଗ୍ରେସ ଦଳ ଅବଗାହୀ ସତ୍ୟାଗ୍ରହୀମାନଙ୍କର ସଂଗଠନ । ଆଜି ଯଦି କେହି କଂଗ୍ରେସରେ ପୁନର୍ଜୀବନ ଲାଗି ଉତ୍କଣ୍ଠିତ ହେଉଥାନ୍ତି ତେବେ ସତ୍ୟାଗ୍ରହୀ ଜୀବନର ପୁନଃସଂସ୍ଥାନ ନିମିତ୍ତ ସେମାନେ ଉତ୍କଣ୍ଠିତ ହେବା ଉଚିତ । ସତ୍ୟାଗ୍ରହ ହିଁ କଂଗ୍ରେସରେ ଆତ୍ମା ଏବଂ କଂଗ୍ରେସ ହିଁ ସତ୍ୟାଗ୍ରହ ଏହି ମୂଳ ଆଦର୍ଶଟିକୁ ଅଭିରାମ ପରମହଂସ ପ୍ରାଞ୍ଜଳ ଭାରେ ବୁଝାଇଛନ୍ତି । ସତ୍ୟାଗ୍ରହୀର ସଂଗ୍ରାମ ମୁଖ୍ୟତଃ ଆତ୍ମମୁକ୍ତିର ସଂଗ୍ରାମ ବୋଲି ଅଭିହିତ କରାଯାଇଛି । ନିଜ ଅବଚେତନର ସଂସ୍କାର ନିମିତ୍ତ ତାହାର ନିରବଚ୍ଛିନ୍ନ ଉଦ୍ୟମ ଅବ୍ୟାହତ ରହିଛି । ତେଣୁ ସତ୍ୟାଗ୍ରହୀ ନିଜ ଆତ୍ମା ଉପରେ ବିଶ୍ୱ ବିପ୍ଳବକୁ ରୂପଦିଏ । ଉଦାର ସାର୍ବଜନୀନ ଦୃଷ୍ଟିକୋଣରୁ ମହାତ୍ମାଗାନ୍ଧୀଙ୍କୁ ବିଶ୍ଳେଷଣ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଉ ଯେ ସେ ଆଦୌ ବ୍ରିଟିଶ୍ ଦ୍ରୋହୀ ନ ଥିଲେ । ସେ ଉଭୟ ବ୍ରିଟିଶ୍ ଏବଂ ଭାରତୀୟ ଅବଚେତନ 'ହଁ'ର ମୂଳୋତ୍ପାଟନ କରିଯାଇଛନ୍ତି । ତେଣୁ ତାଙ୍କର ଏହି ସତ୍ୟାଗ୍ରହ ସଂଗ୍ରାମ ଏକ ଆତ୍ମିକ ନିରପେକ୍ଷତା ଉପରେ ପ୍ରତିଷ୍ଠିତ ହୋଇ ଲୋକପ୍ରିୟ ହୋଇଥିଲା ।

ଶ୍ରୀ ଅଭିରାମ ପରମହଂସଙ୍କର ମୂଳ ସାଧନ ପନ୍ଥା 'ସମର୍ପଣ ସୂତ୍ର' ସହିତ ସତ୍ୟାଗ୍ରହର ଆବେଦନ ନିବିଡ଼ ଭାବରେ ଗ୍ରଥିତ ହୋଇ ରହିଛି । 'କଳି ଭାଗବତ' ଏକାଧାରରେ ସତ୍ୟାଗ୍ରହ ଶାସ୍ତ୍ର ବା ଆତ୍ମୋପଲବ୍ଧି ଶାସ୍ତ୍ର ଭାବରେ ବିଖ୍ୟାତ ହୋଇଛି ।

ଏହାର ସାହିତ୍ୟିକ ମୂଲ୍ୟ ଓଡ଼ିଆ ସାହିତ୍ୟ ନିମନ୍ତେ ଯଥେଷ୍ଟ ଅଧିକ ବୋଲି କୁହାଯାଇପାରେ । କବିଙ୍କର ଉଚ୍ଚାଦର୍ଶ, ଭାବର ସମନ୍ୱୟତା ତଥା ବିଶ୍ଳେଷଣ ପଦ୍ଧତି ପାଠକମାନଙ୍କୁ ବିଶେଷ ପ୍ରଭାବିତ କରେ ।

## ଅଭିରାମ ପରମହଂସଙ୍କର ରଚନାଶୈଳୀରେ ସ୍ୱତନ୍ତ୍ରତା ତଥା ମୌଳିକତାର ବୈଶିଷ୍ଟ୍ୟ ପ୍ରତିପାଦନ :

ଶ୍ରୀ ଅଭିରାମ ପରମହଂସ ଏକାଧାରରେ ଯୋଗୀ, ଭକ୍ତ ଏବଂ କବି । ସେ ରାଜଯୋଗାଶ୍ରିତ ଜ୍ଞାନମିଶ୍ରା ଭକ୍ତି ସାଧନା ପରମ୍ପରାର ଉତ୍ତର ସାଧକ ଭାବରେ ପରିଚିତ ହୁଅନ୍ତି । ଏ ପର୍ଯ୍ୟନ୍ତ ତାଙ୍କର ୪୪ରୁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ପୁସ୍ତକ ସଙ୍କଳିତ ହୋଇଛି । ସେଗୁଡ଼ିକ ମଧ୍ୟରୁ କେତେକ ଭାଗବତ, କେତେକ ସ୍ତୁତି ସ୍ତବ, ସଂକୀର୍ତ୍ତନ ଗୀତା, ବୋଲି ଏବଂ ଖଣ୍ଡିଏ ପୂଜା ପଦ୍ଧତି, ଖଣ୍ଡିଏ ଟୀକା ଉଲ୍ଲେଖଯୋଗ୍ୟ । ଭଜନଗୁଡ଼ିକୁ ସେ କଲ୍ଲୋଳ, ଲହରୀ ଏବଂ ସାଗର ନାମରେ ନାମିତ କରିଛନ୍ତି । ପ୍ରତ୍ୟେକ ସୃଷ୍ଟିର ଅନ୍ତଃସ୍ୱର ହେଉଛି ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ ଏବଂ ତଦ୍‌ଜନିତ ନିତ୍ୟ ଆନନ୍ଦର ସ୍ୱରୂପ ଉପଲବ୍‌ଧି । ଆଧ୍ୟାତ୍ମିକ ଜୀବନର ଉନ୍ନତି ନିମନ୍ତେ ସେ ଆପଣାର ଅନୁଭୂତି ସମ୍ବଳିତ ବହୁ ଜ୍ଞାନଗର୍ଭକ, ଉପଦେଶାତ୍ମକ ବିଷୟକୁ ଛନ୍ଦୋବଦ୍ଧ ପଦ୍ୟ ଶୈଳୀରେ ପ୍ରକାଶ କରି ଯାଇଛନ୍ତି । ତାଙ୍କର ପ୍ରଣୀତ 'ଭଜନ ସାର' ପୁସ୍ତକରେ ସେ ବିଭିନ୍ନ ରୂପକର ଆଶ୍ରୟ ଦେଇ ଜ୍ଞାନ ଏବଂ ଭକ୍ତି ତତ୍ତ୍ୱର ଚମତ୍କାର ବିଶ୍ଳେଷଣ କରିଛନ୍ତି । କୁମ୍ଭାଟୁଆ, କାଉ, କପୋତ, ପାରା ଏବଂ ମହୁମାଛି– ଏହିମାନଙ୍କୁ ପଞ୍ଚଭୂତର ପ୍ରତୀକ ରୂପରେ ଗ୍ରହଣ କରିଛନ୍ତି ତଥା ଏହି ପ୍ରତୀକଗୁଡ଼ିକଙ୍କ ଆତ୍ମାରେ 'ଅନାଦି ବ୍ରହ୍ମ', 'ଅ' କାର ସୂତ୍ରରେ ରହିଛନ୍ତି । ଏହାକୁ କବି 'ଅଜାତପକ୍ଷୀ' ଭାବରେ ନାମିତ କରୁଛନ୍ତି । ଏହି ଅଜାତପକ୍ଷୀର ରୂପଗୁଣ ପୂର୍ଣ୍ଣ ଭାବରେ ବିଦ୍ୟମାନ ଅଛି; କିନ୍ତୁ ସେ ଅଯୋନୀ ସମ୍ଭୂତ । ବହୁ ଭଜନ ଏବଂ ଜଣାଣରେ କବି ଦେହ ଓ ନାଡ଼ି ସାଧନାର ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ତାଙ୍କର ଅନ୍ୟତମ କୃତି 'ଭଜନ ଅମୃତ ଲହରୀ' ପୁସ୍ତକରେ ରାଧା ଏବଂ ଦୂତୀଙ୍କର କଥୋପକଥନ ଛଳରେ କବି ରାଗାନୁଗା ପ୍ରେମ ତତ୍ତ୍ୱର ଗୂଢ଼ ଅର୍ଥ ପ୍ରକାଶ କରିଛନ୍ତି । ଅପ୍ରାକୃତ ପ୍ରେମର ପ୍ରତିମୂର୍ତ୍ତି ରାଧାକୃଷ୍ଣ ଭକ୍ତି ଏବଂ ଜ୍ଞାନର ସମନ୍ୱୟରେ ଆତ୍ମାଭାବରେ ଉପଲବ୍‌ଧି କରିବା ପାଇଁ ସେ ଉପଦେଶ ଦେଇଛନ୍ତି । ତାଙ୍କ ମତରେ ଆତ୍ମ ସମର୍ପଣ ଭାବ ସହିତ ଅଷ୍ଟାଙ୍ଗ ଯୋଗ ସାଧନା କରିବା ସର୍ବାଦୌ ଆବଶ୍ୟକ ବୋଲି ସେ ପ୍ରତିପାଦିତ କରିଛନ୍ତି । ସାଧକ ପଦ୍ମାସନରେ ବସି ଷଡ଼ଚକ୍ର ଭେଦ କରି କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିବ ଏବଂ ଇଡ଼ା ପିଙ୍ଗଳା ନାଡ଼ିର ପ୍ରାଣବାୟୁ ଆହରଣ କରି ସୁଷୁମ୍ନା ମଧ୍ୟରେ ଚାଳିତ କଲେ ହିଁ ମସ୍ତିଷ୍କସ୍ଥିତ ସହସ୍ରାର ଚକ୍ରରେ ନିତ୍ୟ ରାଧାକୃଷ୍ଣଙ୍କର ରାସଲୀଳା ଅନୁଭବ କରିପାରିବ ।

ବହୁବିଧ ଉପମା, ରୂପକଳ୍ପ, ପ୍ରତୀକର ସାର୍ଥକ ପ୍ରୟୋଗ କ୍ଷେତ୍ରରେ କବି ନିଜର ସ୍ୱାତନ୍ତ୍ର୍ୟଗତ ମୌଳିକତାର ପରିଚୟ ଦେଇଛନ୍ତି । ସେହି ଉଦାହରଣଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା–

(କ) ମୀନ ହୋଇ ତୁହି ଖେଳୁଛୁ ଚେଲାଇ
ଏ ସଂସାର ଅଟେ ଅଗାଧ ଜଳ,
ଏ ଯେ ମାୟାଜାଲ ଅଟଇ ଜଞ୍ଜାଳ
ଧୀବର ବସିଛି ହୋଇଣ କାଳ ।

(ଖ) "ଏହି ଜୀବ ଆତ୍ମା ଅଟଇ କେଶରୀ
ସର୍ବଦା ଭ୍ରମୁଛି ଶୃଗାଳର ପରି ।" (୭୩)

(ଗ) "ଏଣୁ ଏ ଶରୀର ନନ୍ଦିଘୋଷ ରଥ
ଜୀବ ମାତ୍ରା ଅଟେ ମୁହିଁ,
ସାରଥି ହୋଇଣ ରଥ ବାହୁଥାଅ
ଅବ୍ୟକ୍ତରୁ ବ୍ୟକ୍ତ ହୋଇ ।" (୭୪)

ଗ୍ରାମ୍ୟ ପ୍ରଚଳିତ ପ୍ରବଚନଗୁଡ଼ିକ ମଧ ଅଭିରାମଙ୍କ ସାହିତ୍ୟିକ ସୃଷ୍ଟି ଭିତରେ ଯଥାଯଥ ରୂପ ନେଇ ଏଇ ସ୍ୱାତନ୍ତ୍ର୍ୟ ପ୍ରକାଶ କରିଛି–

(ଘ) "ଡାହାଣୀ ରୂପରେ ତୁମ୍ଭେ ଗ୍ରାସୁଛ
ଗୁଣିଆ ରୂପରେ ତୁମ୍ଭେ ଝାଡୁଛ ।" (୭୫)

"ପାଳ ଦଉଡ଼ିକୁ ମଣୁଛୁ ସାପ" ଇତ୍ୟାଦି ପ୍ରବଚନ ଗୁଡ଼ିକରେ କବିଙ୍କର ମନନଶୀଳତା ପ୍ରକାଶ ପାଇଛି । ଶବ୍ଦବିନ୍ୟାସ ଚାତୁରୀ ତଥା ଆଳଙ୍କାରିକ ବୈଚିତ୍ର୍ୟ ହିଁ କାବ୍ୟ କବିତାର ଆଂଶିକ ଏବଂ ଆତ୍ମିକ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ସେହି ସୂକ୍ଷ୍ମ ଅନୁଶୀଳନ ଅତ୍ୟନ୍ତ ସାର୍ଥକ ଭାବରେ ଅଭିରାମଙ୍କ ରଚନାବଳୀରେ ସ୍ଥାନ ପାଇଛି । ଅନେକ ଯୁଗ୍ମ ଶବ୍ଦର ପ୍ରୟୋଗ ମଧ ଦେଖାଯାଏ । ଯଥା– କୁଉକୁଉ, ଭୁକୁଭୁକୁ, ଦୁକୁଦୁକୁ ଇତ୍ୟାଦି ।

(ଙ) "କୁଉ କୁଉ କରି ଭୁକୁ ଭୁକୁ କରୁ,
ଦୁକୁଦୁକୁ ମୋର ଉଲୁସେ ଦେହରେ ।
କୁ କୁ ରାବ କଲୁ, ଷ ଷ ନ କହିଲୁ
ବନବାସୀ ପରା ମିଛ ନ କହି ।" (୭୬)

ପୂର୍ବାଚାର୍ଯ୍ୟମାନଙ୍କ ସମଦର୍ଶୀତାରେ କବି ଅଭିରାମ ବିଶେଷ ପ୍ରଭାବିତ ହୋଇଛନ୍ତି । ତାଙ୍କର ଯେ ଏକ ଉଦାର ଧର୍ମ ଚେତନା ବ୍ୟାପ୍ତ ଦିଗନ୍ତକୁ ନେଇ ପରିପୁଷ୍ଟ ହୋଇଥିଲା ତାହାର ସୂଚନା ଦେଲେ ଯଥେଷ୍ଟ ହେବ ।

"ହିନ୍ଦୁ ଇସଲାମ ଖ୍ରୀଷ୍ଟ ଏକ ଧର୍ମ କହି,
ନ ବୁଝିବା ହେତୁ କ୍ରୟ ମାର୍ଗରେ ବଳଇ ।
ଯେତେବେଳେ ବୁଝିଯିବେ ବିଶ୍ୱବାସୀଜନ,
ସମସ୍ତ ଜୀବନ କର୍ତ୍ତା ଏକ ଭଗବାନ ।" (୭୭)

ଗୋଟିଏ ଲୋକପ୍ରିୟ ଉକ୍ତି ମାଧ୍ୟମରେ ଏହି ବିଶ୍ୱୈକ ପ୍ରାଣତାକୁ ଜୀବନ୍ତ କରି କବି କହୁଛନ୍ତି–

"ଧ୍ୟାନରୁ ଚକ୍ଷୁକୁ କାଢ଼, ରେ ବାଇମନ ।
ଏକଇ ବିଭୁ ବୋଲି କର ଯୋଡ଼ି,
କୋଟିଏ ଭାବନା ଛାଡ଼ରେ ।" (୭୮)

ସାଧକ କବି ଅଭିରାମ ପରମହଂସ ଆଞ୍ଚଳିକ କଥିତ ଭାଷାର ନିବିଡ଼ ସଂସ୍ପର୍ଶରେ ଆସିଛନ୍ତି । ଫଳତଃ ଗ୍ରାମାଞ୍ଚଳର ପ୍ରତ୍ୟେକ ରୀତି, ନୀତି, ସାମାଜିକ ଜୀବନ ପ୍ରଣାଳୀ, ଆଚାର-ବ୍ୟବହାର ତାଙ୍କୁ ଖୋରାକ ଯୋଗାଇଛି । ପଲ୍ଲୀର ସରଳ ଲୋକମାନେ ପରସ୍ପର ମଧ୍ୟରେ ବନ୍ଧୁତା ସ୍ଥାପନ କରି ସେମାନଙ୍କର ପ୍ରିୟ ଫଳ, ଫୁଲ, ପର୍ବପର୍ବାଣୀ ପ୍ରଭୃତିର ନାମ ଦେଇ ଶ୍ରଦ୍ଧାରେ ବନ୍ଧୁକୁ ସମ୍ବୋଧନ କରିଥାନ୍ତି । ଏହି ଆନ୍ତରିକ ହୃଦ୍ୟତା ସହରର ଶୁଷ୍କ ଆଭିଜାତ୍ୟରେ ନ ଥାଏ । କବିଙ୍କ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ ଦୃଷ୍ଟିରୁ ଏହା ବାଦ୍ ଯାଇନାହିଁ । ମଧ୍ୟଯୁଗୀୟ ସାହିତ୍ୟରେ ଏହି ପ୍ରକାର ସମ୍ବୋଧନର ବହୁଳ ପ୍ରୟୋଗ ପରିଦୃଷ୍ଟ ହୋଇଥାଏ ।

୧– ଆସ ଆସ ବଉଳଫୁଲ ! ଶ୍ରୀ ନାରାୟଣଙ୍କୁ ଦେଖିବା ଚାଲ ।
୨– ରସଦାନୀ ମିତ ଗୋ ! ଯାହା କଲ ପ୍ରତିଉଂକ୍ତି ତାହା ସତ୍ୟ ଗୋ !
୩– କି କରିବି କହ ଲୋ ମିତ ! ନାରାୟଣ ମତେ ବାଇ କଲା ତ ! (୭୯)

ଏପରିକି ଦେଶଜ ଶବ୍ଦର ସଂହିତ ବିନ୍ୟାସ ତାଙ୍କର ରଚନାବଳୀରେ ପରିଲକ୍ଷିତ ହୋଇଥାଏ ।

"ଚରୁ ଡିଆଣ ହାଣ୍ଡିକି ଘାଣ୍ଟଇ,
ଶ୍ରଦ୍ଧାଭାବ ଯାର ସେହି ଚାଖଇ ।
ବଡ଼କୁହାଳିଆ କର୍ମ ତା' ଫଟା ।" (୮୦)

କୌଣସି ବ୍ୟକ୍ତିଗତ ସିଦ୍ଧି ଲାଭର ମୋହ କବିଙ୍କୁ କବଳିତ କରି ନଥିଲା । ସାଧକ ସିଦ୍ଧିର ଚରମ ଉତ୍କର୍ଷତାରେ ଉପନୀତ ହେବା ପରେ ତା'ର ବ୍ୟକ୍ତିଚେତନା ବିଶ୍ୱଚେତନା ସହିତ ଏକୀଭୂତ ହୋଇଯାଏ । ଏଣୁ ବ୍ୟଷ୍ଟି ପରିବର୍ତ୍ତେ ସମଷ୍ଟି, ବା ବ୍ୟକ୍ତି ପରିବର୍ତ୍ତେ ବିଶ୍ୱର ସମୂହ କଲ୍ୟାଣ ଥିଲା ଆଲୋଚ୍ୟ ସାଧକ କବି ଅଭିରାମଙ୍କର ଏକମାତ୍ର ଲକ୍ଷ୍ୟ । ସେଥିପାଇଁ ତାଙ୍କର ରଚନାବଳୀରେ କେତେକ ସମକାଳୀନ ତଥା ଯୁଗୋପଯୋଗୀ ଭାବଗତ ଐକ୍ୟର ସଂହତି ପ୍ରକାଶ ପାଇଛି । ଆଧୁନିକ ବିଜ୍ଞାନର ଅଗ୍ରଗତି ସମ୍ପର୍କରେ ସେ ପୂର୍ଣ୍ଣ ସଚେତନ ଥିଲେ । କିନ୍ତୁ ଏହି ସମସ୍ତ ବୈଜ୍ଞାନିକ ଆବିଷ୍କାର ଅବଶେଷରେ ଘୃଣ୍ୟ ଅସ୍ତ୍ରଶସ୍ତ୍ର ଉତ୍ପାଦନର ଆୟୁଧ ହେବା ଦେଖି ବିଶ୍ୱର ବହୁ ମନୀଷୀ ଏବଂ ଚିନ୍ତାନାୟକମାନେ ଶାନ୍ତିର ପଥ ଦର୍ଶାଇବାକୁ ତତ୍ପର ହୋଇପଡ଼ିଛନ୍ତି । ଶାନ୍ତିପୂର୍ଣ୍ଣ ସମାଧାନ ମାଧ୍ୟମରେ ହିଁ ଏହି ଭୟଙ୍କର ପରମାଣୁ ପ୍ରତିଯୋଗିତା ସମାପ୍ତ ହୋଇପାରିବ ବୋଲି ସେମାନେ ଯଥାସାଧ୍ୟ ଉଦ୍ୟମ ଚଳାଇଛନ୍ତି । କବି ଅଭିରାମ ମଧ୍ୟ ଏହି ପରିପ୍ରେକ୍ଷୀରେ ନିଜର ଆଶଙ୍କା ପ୍ରକଟ କରି କହିଛନ୍ତି–

"ଆଧୁନିକ ଅସ୍ତ୍ର ହେଲାଣି ବହୁତ,
ପ୍ରଜା ସୃଷ୍ଟି ତୋର ହେବ ଭସ୍ମସାତ ।
ଚିନ୍ମୟ ଯଦି ହୋଇଯିବ ଡେରି,
ଜଡ଼ ମାରୁଥିବ ପରମାଣୁ ଧରି ।" (୮୧)

ସଂପ୍ରତି ପୃଥିବୀର ଜନସାଧାରଣଙ୍କ ବୁଦ୍ଧି ବଳୟ ଭିତରୁ ଆଧ୍ୟାତ୍ମିକ ବିଶ୍ୱାସ ସଂପୂର୍ଣ୍ଣ ଦୂରୀଭୂତ ହେବା ଫଳରେ ସେମାନେ ଏଭଳି ହିଂସ୍ର ପ୍ରତିଯୋଗିତାରେ କ୍ରମଶଃ ଉନ୍ମତ୍ତ ହୋଇ ପଡୁଛନ୍ତି । ପୃଥିବୀର ଜାତି ଜାତି ମଧ୍ୟରେ ଏହିପ୍ରକାର ବ୍ୟକ୍ତିଗତ କଳହ ଲାଗି ରହିବା ଫଳରେ ସ୍ୱାଭାବିକ ଜୀବନ ଯାତ୍ରା ପ୍ରଣାଳୀ ବ୍ୟାହତ ହେଉଛି । ହିଂସା, ଦ୍ୱେଷ, ପରଶ୍ରୀକାତରତା, ସ୍ୱାର୍ଥପରତାର ଆଗ୍ନେୟ ଉତ୍ତାପରେ ସମଗ୍ର ମାନବ ଜାତି ଉତ୍ପୀଡ଼ିତ ହେଉଛନ୍ତି । ଜଡ଼ ବିଜ୍ଞାନୀଙ୍କର ଏହି ବୌଦ୍ଧିକ ବିକାଶ ଓ ଗବେଷଣା ଯେତେ ଦ୍ରୁତ ଗତିରେ ଅଗ୍ରଗତି କଲେ ମଧ୍ୟ ତାହା ପ୍ରାକୃତ ଜଗତର ସଂକୀର୍ଣ୍ଣ ଗଣ୍ଡି ଭିତରେ ହିଁ ସୀମାବଦ୍ଧ ହୋଇ ରହିବ । ଅପ୍ରାକୃତିକ ଚେତନା ଜଗତର ସତ୍ୟକୁ ଭେଦ କରିବାର ସାମର୍ଥ୍ୟ ବା ଅଧିକାର ସେମାନଙ୍କର ନାହିଁ ।

ଆଧ୍ୟାତ୍ମିକ ସାଧନା ବଳରେ ଯେଉଁମାନଙ୍କର ଚେତନା ବିଶୁଦ୍ଧ ଓ ଜଡ଼ାତୀତ ହୋଇଥିଲା ଏକମାତ୍ର ସେହି ମହାମାନବମାନେ ହିଁ ଅପ୍ରାକୃତ ରାଜ୍ୟର ସନ୍ଧାନ ଦେଇ ଯାଇଛନ୍ତି । ସେମାନେ ଦୃଢ଼ କଣ୍ଠରେ କହିଛନ୍ତି ଯେ ଏହି ବ୍ୟକ୍ତି ଜଗତର ପଶ୍ଚାତରେ ଜଣେ ସର୍ବଶକ୍ତିମାନ,

ସର୍ବବ୍ୟାପୀ, ସର୍ବଜ୍ଞ ଚେତନ-ପୁରୁଷ ଅବ୍ୟକ୍ତ ଭାବରେ ବିରାଜମାନ କରିଛନ୍ତି । ସେମାନେ ଏହି ସର୍ବକାରଣ ମହାନ୍ ପୁରୁଷଙ୍କୁ ପ୍ରତ୍ୟକ୍ଷ ଅନୁଭବ କରି, ଦର୍ଶନ କରି ତାଙ୍କର ମହିମା ଗାନ କରି ଯାଇଛନ୍ତି । – "ବେଦାହଂମେତଂ ପୁରୁଷ ମହନ୍ତଂ, ଆତିତ୍ୟଂ ବର୍ଣ୍ଣଂ ତମସଃ ପରସ୍ତାତ୍ ।" ଏହି ଚିନ୍ତାଧାରାକୁ ମଧ୍ୟ ଶ୍ରୀ ଅଭିରାମ ପରମହଂସ ଗ୍ରହଣ କରି ବିଶ୍ୱବାସୀଙ୍କୁ ସନାତନ ଧର୍ମାଚରଣ କରି ସେହି ପଥରେ ଅଗ୍ରସର ହେବାକୁ ଉପଦେଶ ଦେଇଛନ୍ତି । ଲମ୍ବାଯିବା ବାଟଟିଏ କେଉଁଦିନରୁ ତିଆରି ହୋଇସାରିଛି । କେତେ ହଜାର ବର୍ଷ ହେଲାଣି ସେଥିରେ ଏମିତି କେତେ ଶହ ଶହ ମଣିଷ ଗଲେଣି ତା'ର ହିସାବ କେଉଁଠାରେ ନାହିଁ । ହେଲେ ସେଇ ଯିବାବାଟଟିକୁ ଯେଉଁମାନେ ଏକଦମ୍ ଭିନ୍ନ ବାଟରେ ପରିଣତ କରିଦେଲେ, ନୂଆଦିଗରେ ଦର୍ଶାଇବାକୁ ଚେଷ୍ଟାକଲେ ସେହିମାନଙ୍କ ଭିତରେ ଥିଲେ ବୁଦ୍ଧଦେବ, ମହାବୀର, ଯୀଶୁଖ୍ରୀଷ୍ଟ, ମହମ୍ମଦ, ଲାଓତ୍ସୁ, ଓଶୋ, ମୀରାବାଈ, ସ୍ୱାମୀ ହରିହରାନନ୍ଦ, ଠାକୁର ଅଭିରାମ ପରମହଂସ, କବୀର, ଶ୍ରୀ ଅରବିନ୍ଦ ପ୍ରମୁଖ ଭିନ୍ନ ଅନନ୍ୟ ବ୍ୟକ୍ତିତ୍ୱ । ଏହି ମହାମନୀଷୀମାନଙ୍କର ଅନ୍ତଃପ୍ରେରଣାର ଯତ୍ନ ଓ ଉତ୍ସାହ ଫଳରେ ମାନବିକ ଅବବୋଧରେ ଶାଶ୍ୱତ ଆଧ୍ୟାତ୍ମିକ ସ୍ଫୁରଣ ହେବାର ସୁଯୋଗ ସୃଷ୍ଟି ହୋଇଥିଲା । ଆଧ୍ୟାତ୍ମିକ ନୈତିକ ଅନୁଭବ ମୂଳରେ ଏକ ନିତ୍ୟ ଦୁଃଖ ଓ ବିରହର ବ୍ୟାକୁଳତା ସବୁବେଳେ ଘାରୁଥାଏ । ସେଥିପାଇଁ ସାଧକ ବ୍ୟକ୍ତିଟି ଅହରହ ଲୁହ ଓ ମୋହ ଭିତରେ ଥିବା ପାର୍ଥକ୍ୟକୁ ଅଲଗା କରିଦିଏ ।

ନିଜ ଅନ୍ତରର ଆହ୍ୱାନକୁ ଶାନ୍ତ ମନରେ ବସି ଶୁଣିବାର ଉଦ୍ୟମ କଲେ ନିଶ୍ଚୟ ଦୁଃଖର ଉପଶମ ହେବ । ଆମେ ଆମର ଭ୍ରମାତ୍ମକ ଦୃଷ୍ଟିଭଙ୍ଗୀ ପାଇଁ ଏତେ ଉଦାସ ଦୁଃଖୀ ହୋଇ ପଡ଼ିଛୁ । ଟିକେ ସହଜ ଭାବରେ ସରଳ ଭାବରେ ପ୍ରାକୃତିକ ନୈସର୍ଗିକ ରୂପରେ ଜୀବନକୁ ଦେଖିଲେ ଏକ ଅପୂର୍ବ ଆନନ୍ଦର ସଞ୍ଜିବନୀରେ ସମଗ୍ର ଅସ୍ତିତ୍ୱକୁ ଛିଞ୍ଚିଦେବ । ଅନ୍ତଃସ୍ମରଣର ଆଶୀର୍ବାଦ କେତେବେଳେ ହେଲେ କାହା ଉପରେ ନିଶ୍ଚୟ ଝରିପଡ଼ିବ ସେଥିରେ ସନ୍ଦେହ ନାହିଁ ।

ଅଭିରାମ ପରମହଂସଙ୍କର ରଚନାବଳୀରେ ଯେଉଁ ମୌଳିକତା ତଥା ସ୍ୱାତନ୍ତ୍ର୍ୟ ପ୍ରକାଶିତ ହୋଇଛି ତାହା ତାଙ୍କୁ ଏକ ସାର୍ଥକ କବିତ୍ୱର ସମ୍ମାନରେ ସମ୍ମାନିତ କରିଛି । ପ୍ରକାଶଭଙ୍ଗୀର ଅକୃତ୍ରିମତା ହିଁ ଏହି ବୈଶିଷ୍ଟ୍ୟର ରୂପାୟନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସୁତରାଂ ଏହି ଦୃଷ୍ଟିକୋଣରୁ ଓଡ଼ିଆ ର୍ମ ସାହିତ୍ୟର କ୍ରମ ବିକାଶରେ ଶ୍ରୀ ପରମହଂସଙ୍କର କୃତିଗୁଡ଼ିକ ଏକ ସ୍ୱତନ୍ତ୍ର ସ୍ଥାନ ଦାବୀ କରେ । ଭାଷା, ଭାବ, ଦାର୍ଶନିକତା ଏବଂ ରସିକତା ଦୃଷ୍ଟିରୁ ବିଚାର କଲେ ଅଭିରାମଙ୍କର କାବ୍ୟ କବିତାଗୁଡ଼ିକ ଓଡ଼ିଆ ସାହିତ୍ୟରେ ଅନନ୍ୟ ସାଧାରଣ ଏବଂ ତାଙ୍କର ଦାନ ମଧ୍ୟ ଅବିସ୍ମରଣୀୟ ।

◆

## – ସହାୟକ ଗ୍ରନ୍ଥାବଳୀ –


(୧) ଆମ ଧର୍ମ- (ଆଲୋଚନା) ଲେ : ଶ୍ରୀ ରାଧାଗୋବିନ୍ଦ ଦାସ । ଶରଣଦ ଷଷ୍ଠ ବର୍ଷ, ଜୟନ୍ତୀ ସଂଖ୍ୟା । ପୃ : ୩୪ (୨) ଏଜନ । ପୃଷ୍ଠା :୩୫ ।

(୩) ଓଡ଼ିଆ ସାହିତ୍ୟର ଇତିହାସ-(ପଞ୍ଚସଖା ବିଶେଷାଙ୍କ) ତୃତୀୟ ଭାଗ । ଲେଖକ : ଡଃ ବଂଶୀଧର ମହାନ୍ତି । ଆଲୋଚନା : ଓଡ଼ିଆ ଭଜନ ସାହିତ୍ୟର ବିକାଶ ପୃ : ୫୨୯, ୫୩୦ ।

(୪) ପୂବୋକ୍ତ ନଂ (୩) ପୃ : ୫୨୬, (୫) ପୂର୍ବୋକ୍ତ ନଂ (୩) ପୃ : ୫୨୭, ୫୩୦, (୬) ଏଜନ, (୭) ଏଜନ, (୮) ତତ୍ରୈବ (୯) ଏଜନ ।

(୧୦) ମୃତ୍ୟୁଞ୍ଜୟ ଗୀତା ଓ ସଂସାର ସଂହିତା-ଲେ : ଶ୍ରୀ ଅଭିରାମ ପରମହଂସ ପୃ : ୨୩ ।

(୧୧) ଏଜନ, (୧୨) ତତ୍ରୈବ ପୃ : ୯ (୧୩) ଏଜନ । (୧୪) ପୂର୍ବୋକ୍ତ ନଂ (୧୨) ପୃ : ୧୧ ।

(୧୫) ଏଜନ ପୃ : ୨୩ ।

(୧୬) ଦୁର୍ଗାମାଧବ ସ୍ତବ- ଲେଖକ : ଶ୍ରୀ ଅଭିରାମ ପରମହଂସ ପୃ : ୧, ୨ ।

(୧୭) ଏଜନ (୧୮) ବିଦଗ୍ଧ ଚିନ୍ତାମଣି- ଶ୍ରୀ ଅଭିମନ୍ୟୁ ସାମନ୍ତ ସିଂହାର । ପ୍ରଥମ ଛାନ୍ଦ, ୯ମ ପଦ ପୃ : ୧ ।

(୧୯) ଦୁର୍ଗାମାଧବ ସ୍ତବ- ଲେଖକ : ଶ୍ରୀ ଅଭିରାମ ପରମହଂସ, ପୃ : ୧୧ ।

(୨୦) ଏଜନ । (୨୧) ପୂର୍ବୋକ୍ତ ନଂ (୧୯) । (୨୨) ଏଜନ, (୨୩) ଏଜନ ।

(୨୪) ଭଜନ ସାର- ଲେଖକ : ଶ୍ରୀ ଅଭିରାମ ପରମହଂସ ପୃ : ୩ ।

(୨୫) କବିତା ଯୁଗେ ଯୁଗେ- ଲେଖକ : ଅଧ୍ୟାପକ ଡଃ ନିତ୍ୟାନନ୍ଦ ଶତପଥୀ । ଆଲୋଚନା ଚିରନ୍ତନ ପ୍ରେମିକା ରାଧା । ପୃ : ୪୧ ।

(୨୬) ଭଜନ ସାର- ଲେଖକ : ଶ୍ରୀ ଅଭିରାମ ପରମହଂସ । ପୃ : ୩ ।

(୨୭) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ- ସୁରେନ୍ଦ୍ର ମହାନ୍ତି । ଆଲୋଚନା- ପଞ୍ଚସଖା ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମି । ପୃ : ୧୫୯ ।

(୨୮) ଭଜନ ସାର– ଲେଖକ : ଶ୍ରୀ ଅଭିରାମ ପରମହଂସ । ପୃ : ୫ ।

(୨୯) ଏଜନ ପୃ : ୭ । (୩) ଏଜନ ।

(୩୧) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ– ଡଃ ସୁରେନ୍ଦ୍ର ମହାନ୍ତି । ପୃ : ୨୮୯ ।

(୩୨) ଭଜନ ସାର– ଲେଖକ : ଶ୍ରୀ ଅଭିରାମ ପରମହଂସ । ପୃ : ୧ ।

(୩୩) ଏଜନ । ପୃ : ୧୨ । (୩୪) ଏଜନ ।

(୩୫) ବିଦଗ୍ଧ ଚିନ୍ତାମଣି– ଶ୍ରୀ ଅଭିମନ୍ୟୁ ସାମନ୍ତସିଂହାର । ପୃ : ୧୧୧ ।

(୩୬) ଭଜନ ସାର– ଲେଖକ : ଶ୍ରୀ ଅଭିରାମ ପରମହଂସ । ପୃ : ୧୭, ୧୮ ।

(୩୭) ଏଜନ୍ ପୃ ୨୨ । (୩୮) ପୂର୍ବୋକ୍ତ ନଂ (୩୬) ପୃ : ୨୮ । (୩୯), ଏଜନ ପୃ : ୪୮ ।

(୪୦) ଶୂନ୍ୟ ସଂହିତା– (ପ୍ରଥମ ଓ ଦ୍ୱିତୀୟ ଭାଗ) ଲେଖକ : ଶ୍ରୀ ଅଚ୍ୟୁତାନନ୍ଦ ଦାସ । ଚତୁର୍ଥ ଏବଂ ପଞ୍ଚମ ଅଧ୍ୟାୟ । ପୃ. ୧, ୨ । (୪୧) ଏଜନ ।

(୪୩) ଏଜନ ପୃ : ପ । (୪୪) ଏଜନ ପୃ : ୪୫ ୮ମ ପଦ ।

(୪୫) ବାରମାସୀ କୋଇଲି– ଲେଖକ : ଶ୍ରୀ ଶଙ୍କର ଦାସ । ପୃ : ୧, ପଦ ୧ ।

(୪୬) କେଶବ କୋଇଲି– ଲେଖକ : ଶ୍ରୀ ମାର୍କଣ୍ଡ ଦାସ । ପୃ : ୪୨, ୪୩ ।

(୪୭) ଶୂନ୍ୟ ସଂହିତା– ଶ୍ରୀ ଅଚ୍ୟୁତାନନ୍ଦ ଦାସ । ପୃ. ୪୨, ୪୩ ।

(୪୮) ସନାତନଧର୍ମାର୍ଥ ଗୀତା ବା କୋଇଲି ଶିକ୍ଷା– ପ୍ରଣେତା : ଶ୍ରୀ ଅଭିରାମ ପରମହଂସ, ପୃ : ୨, ୩ । (୪୯) ଏଜନ । (୫୦) ଏଜନ ପୃ. ୧୨ । (୫୧) ଏଜନ ଚତୁର୍ଥ କୋଇଲି– ପୃ. : ୧୫ । (୫୨) ଏଜନ, ସଗୁଣ ଓ ନିର୍ଗୁଣ ମୀମାଂସା ପ୍ରସଙ୍ଗ । ପୃ. ୭୭ ।

(୫୩) ବିଦଗ୍ଧ ଚିନ୍ତାମଣି– ଲେଖକ : ଶ୍ରୀ ଅଭିମନ୍ୟୁ ସାମନ୍ତ ସିଂହାର । ପ୍ରଥମ ଛାନ୍ଦ । ପୃ. ୧ ।

(୫୪) ଗୋପାଳକୃଷ୍ଣ ପଦ୍ୟାବଳୀ– ଗୋପାଳକୃଷ୍ଣ ପଟ୍ଟନାୟକ, ପୃ. ୧୪ ।

(୫୫) 'ଭାବ କଲ୍ଲୋଳ'– ଲେଖକ : ଶ୍ରୀ ଅଭିରାମ ପରମହଂସ, ପୃ. : ୧୯ ।

(୫୬) ଏଜନ ତୃତୀୟ କଲ୍ଲୋଳ ପୃ. ୧୦, ୧୧ । (୫୭) ଏଜନ ।

(୫୮) ଭକ୍ତି କଲ୍ଲୋଳ– ଲେଖକ : ଶ୍ରୀ ଅଭିରାମ ପରମହଂସ, ପୃ. ୨୬, ୨୭ ।

(୫୯) ଏଜନ । (୬୦) ଗଜେନ୍ଦ୍ର ଗୀତି– ଲେଖକ : ଶ୍ରୀ ଅଭିରାମ ପରମହଂସ, ପୃ. ୧୪, ୧୫ ।

(୬୧) କଳି ଭାଗବତ- ଲେଖକ : ଶ୍ରୀ ଅଭିରାମ ପରମହଂସ, ପଞ୍ଚଦଶ ଅଧ୍ୟାୟ, ପୃ. ୭୫ ।

(୬୨) କଳି ଭାଗବତ- ଲେଖକ : ଶ୍ରୀ ଅଭିରାମ ପରମହଂସ, ସପ୍ତମ ଅଧ୍ୟାୟ ପୃ. ୩୪, ୩୫ ।

(୬୩) ଏଜନ ଊନତ୍ରିଂଶ ଅଧ୍ୟାୟ ପୃ : ୧୬୪ । (୬୦) ଏଜନ ।

(୬୪) 'ଶ୍ରୀମଦ୍ ଭାଗବତ ଗୀତା'- ('କଳି ଭାଗବତ ସମୀକ୍ଷା') ଲେଖକ : ଶ୍ରୀ ହୃଦାନନ୍ଦ ରାୟ, 'ଶରଣଦ- ଅଷ୍ଟମ ବର୍ଷ : ତୃତୀୟ ସଂଖ୍ୟା ପୃ : ୪, ୫ ।

(୬୬) କଳି ଭାଗବତ- ଲେଖକ : ଶ୍ରୀ ଅଭିରାମ ପରମହଂସ, ଦ୍ୱାବିଂଶ ଅଧ୍ୟାୟ, ପୃ. ୧୧୨ ।

(୬୭) ଏଜନ, (୬୮) ଏଜନ, (୬୯) ଏଜନ, ପୃ ୧୪୮ । (୭୦) ଏଜନ ପୃ : ୧୧୧ ।

(୭୧) ଏଜନ ଚତୁର୍ଥ ଅଧ୍ୟାୟ, ପୃ. ୨୦ ।

(୭୨) 'ଶ୍ରୀ ଅଭିରାମ ପରମହଂସ ରଚନାବଳୀର ମର୍ମ କଥକା,- (ଆଲୋଚନା) ଆଲୋଚକ- ଶ୍ରୀ ରଜତ କୁମାର କର । ଶରଣଦ- ଅଷ୍ଟମ ବର୍ଷ, ଚତୁର୍ଥ ସଂଖ୍ୟା, ପୃ. ୨୪, ୨୫, (୭୩) ଏଜନ, (୭୪) ଏଜନ ।

(୭୫) ଭଜନ ନୀଳପଦ୍ମ- ଲେଖକ : ଶ୍ରୀ ଅଭିରାମ ପରମହଂସ- (ପଞ୍ଚପକ୍ଷୀର ଭଜନ) । ପୃ : ୬, ୭ ।

(୭୭) ଏଜନ ।

(୭୮) ଭଜନ ସାର- ଲେଖକ ଶ୍ରୀ ଅଭିରାମ ପରମହଂସ, ପୃ. ୪୩ ।

(୭୯) ଭଜନ ସାର- ଲେଖକ : ଶ୍ରୀ ଅଭିରାମ ପରମହଂସ, ପୃ : ୨, ୩, ୪ ।

(୮୦) ମୃତ୍ୟୁଞ୍ଜୟ ଗୀତା ଓ ସଂସାର ସାର ସଂହିତା- ଲେଖକ : ଶ୍ରୀ ଅଭିରାମ ପରମହଂସ, ପୃ. ୩ ।

(୮୧) ସନାତନ ଧର୍ମାର୍ଥ ଗୀତା ଓ କୋଇଲି ଶିକ୍ଷା- ଲେଖକ : ଶ୍ରୀ ଅଭିରାମ ପରମହଂସ, ପୃ : ୭୦ ।

◆

## – ଶ୍ରୀ ଅଭିରାମ ପରମହଂସଙ୍କ ରଚିତ ପୁସ୍ତକାବଳୀର –
## – ଏକ ତାଲିକା –

(୧) ଅଧ୍ୟାତ୍ମ ମହାପୁରାଣ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୨) ଅମୃତ ଗୀତା, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୩) ଅନ୍ତରଙ୍ଗ ସଂକୀର୍ତ୍ତନ ଓ ଶ୍ରୀ ଚୈତନ୍ୟ ଜନ୍ମ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ ।

(୪) କଳି ଭାଗବତ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ବାବାଜୀ ।

(୫) ଗଜେନ୍ଦ୍ର ଗୀତି, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୬) ଗୀତି ଗୋଲକ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୭) ଗୁରୁଗୀତା ଓ ତତ୍ତ୍ୱଜ୍ଞାନ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ ।

(୯) ଚଉତିଶା ମଞ୍ଜୁଷା, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ ।

(୧୦) ଜଣାଣ ପ୍ରେମ ସାଗର, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୧୧) ଦୁର୍ଗାମାଧବ ସ୍ତବ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୧୨) ନବ ବୋଲି, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୧୩) ପୂଜା ପଦ୍ଧତି ଓ ପର୍ବଗୀତ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶାନ୍ତି ଆନନ୍ଦାଶ୍ରମ, ପୁରୀ ।

(୧୪) ଫଣୀ ରାସ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୧୫) ଭଜନ ସାର, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ ।

(୧୬) ଭଜନ ଭାବାମୃତ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୧୭) ଭଜନ ସୁଧାସିନ୍ଧୁ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ ।

(୧୮) ଭଜନ ଅମୃତ ଲହରୀ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୧୯) ଭଜନ ଆନନ୍ଦ ଲହରୀ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ ।

(୨୦) ଭଜନ ନୀଳପଦ୍ମ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ

(୨୧) ଭକ୍ତି କଲ୍ଲୋଳ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଶ୍ରୀ ଅଭିରାମ ସତ୍‌ସଙ୍ଗ

(୨୨) ଭକ୍ତି କଲ୍ଲୋଳ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀବୈକୁଣ୍ଠନାଥ ଦାସ ବାବାଜୀ ।

(୨୩) ଭକ୍ତି କଲ୍ଲୋଳ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ

(୨୪) ଭାବ କଲ୍ଲୋଳ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶାନ୍ତି ଆନନ୍ଦାଶ୍ରମ ।

(୨୫) ଭକ୍ତି ରସାବଳୀ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଗୁରୁ ଭଣ୍ଡାର ।

(୨୬) ମୃତ୍ୟୁଞ୍ଜୟ ଗୀତା ବା ସଂସାର ସାର ସଂହିତା, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ ।

(୨୭) ରାସୋତ୍ସବ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ ।

(୨୮) ସନାତନ ଧର୍ମାର୍ଥ ଗୀତା ବା କୋଇଲି ଶିକ୍ଷା, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ

(୨୯) ସହଜ ସେବା ଓ ଜୀବସ୍ତୁତି, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୩୦) ସାର ନବବୋଲି, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶାନ୍ତି ଆନନ୍ଦାଶ୍ରମ ।

(୩୧) ସନାତନ ଧର୍ମର ମୌଳିକ ନିତ୍ୟାବଳୀ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ

(୩୨) ସ୍ତୁତି ରତ୍ନହାର, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୩୩) ଶ୍ରୀମତୀ ଯୋଗାଭିସାର, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାନାର୍ଜୀ ।

(୩୪) ଶ୍ରୀ ବୈଷ୍ଣବ ଗୀତା, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ

(୩୫) ଶରୀର ବିଜ୍ଞାନ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର ।

(୩୬) ଶ୍ରୀକୃଷ୍ଣ କୌତୁକ ଗୀତା, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ ।

(୩୭) ହଂସ ମିଳନ, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ ।

(୩୮) ଯୋଗାଭିସାର, ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁର ଭଣ୍ଡାର ।

◆

## – ସହାୟକ ଗ୍ରନ୍ଥାବଳୀ –


(୧) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ- ଲେଖକ : ଡଃ. ସୁରେନ୍ଦ୍ର ମହାନ୍ତି, ପ୍ରକାଶକ ଶ୍ରୀ ଅନନ୍ତ ମିଶ୍ର । କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ-୨ । ପ୍ରକାଶକାଳ-୧୯୭୯ ।

(୨) ଓଡ଼ିଆ ସାହିତ୍ୟର ଇତିହାସ- (ପଞ୍ଚସଖା ବିଶେଷାଙ୍କ)- ତୃତୀୟ ଭାଗ, ଲେଖକ : ଡଃ. ବଂଶୀଧର ମହାନ୍ତି, ପ୍ରକାଶକ : ସହଦେବ ପ୍ରଧାନ । ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨ । ପ୍ରଥମ ମୁଦ୍ରଣ-୧୯୭୭ ।

(୩) ଓଡ଼ିଆ ସାହିତ୍ୟର ଇତିହାସ- (ପ୍ରଥମ ଭାଗ), ଲେଖକ : ଡଃ. ଡଃ. ସୂର୍ଯ୍ୟନାରାୟଣ ଦାସ, ପ୍ରକାଶକ : ଶ୍ରୀ ଅଭିରାମ ମହାପାତ୍ର । କଟକ, ବ୍ରହ୍ମପୁର । ପ୍ରଥମ ମୁଦ୍ରଣ- ୧୯୬୩,୧୮୭୮ ଓ ୧୯୭୯ ।

(୪) କଳି ଭାଗବତ- ଲେଖକ : ଶ୍ରୀ ଅଭିରାମ ପରମହଂସ । ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ । ପ୍ରକାଶକ : ଶାନ୍ତି ଆନନ୍ଦାଶ୍ରମ, କରମଳା, ପୁରୀ, ଷଷ୍ଠ ମୁଦ୍ରଣ ।

(୫) କବିତା ଯୁଗେ ଯୁଗେ- ଅଧ୍ୟାପକ ଡଃ. ନିତ୍ୟାନନ୍ଦ ଶତପଥୀ, ପ୍ରଃ ଗ୍ରନ୍ଥମନ୍ଦିର, କଟକ-୨ । ବ୍ରହ୍ମପୁର-୧, ପ୍ରଥମ ମୁଦ୍ରଣ-୧୯୭୪ ।

(୬) କବିତା ପ୍ରବେଶ : ମାଧ୍ୟମିକ ଶିକ୍ଷା ବୋର୍ଡ଼, ସମ୍ପାଦନା, କଟକ-୨ ।

(୭) ଗୁରୁ ଗୀତା ଓ ତତ୍ତ୍ୱଜ୍ଞାନ- ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ, ଶାନ୍ତି ଆନନ୍ଦାଶ୍ରମ, ପୁରୀ ।

(୮) ଗଜେନ୍ଦ୍ର ଗୀତି ଓ ସ୍ତୁତି ରତ୍ନାହାର- ଲେ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀଗୁରୁ ଭଣ୍ଡାର, ଶାତି ଆନନ୍ଦାଶ୍ରମ, ପୁରୀ ।

(୯) ଗୋପାଳକୃଷ୍ଣ ପଦ୍ୟାବଳୀ : ଶ୍ରୀ ଗୋପାଳକୃଷ୍ଣ ପଟ୍ଟନାୟକ, ପ୍ରକାଶକ : ଧର୍ମଗ୍ରନ୍ଥ ଷ୍ଟୋର, କଟକ-୨ ।

(୧୦) ଦୁର୍ଗାମାଧବ ସ୍ତବ- ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ, ଶାନ୍ତି ଆନନ୍ଦାଶ୍ରମ, ପୁରୀ ।

(୧୧) ମୃତ୍ୟୁଞ୍ଜୟ ଗୀତା ଓ ସଂସାର ସାର ସଂହିତା- ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ବୈକୁଣ୍ଠନାଥ ଦାସ ବାବାଜୀ । ଶାନ୍ତି ଆନନ୍ଦାଶ୍ରମ, କରମଳା, ପୁରୀ ।

(୧୨) ବିଦଗ୍ଧ ଚିନ୍ତାମଣି : ଶ୍ରୀ ଅଭିମନ୍ୟୁ ସାମନ୍ତ ସିଂହାର, ପ୍ରକାଶକ : ପ୍ରାଚୀ ପ୍ରକାଶନୀ, କଟକ-୨ ।

(୧୩) ଭଜନ ସାର- ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଅଭିରାମ ସତ୍‌ସଙ୍ଗ କରମଳା, ପୁରୀ ।

(୧୪) ଭାବ କଲ୍ଲୋଳ- ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶାନ୍ତି ଆନନ୍ଦାଶ୍ରମ, ପୁରୀ ।

(୧୫) ଭକ୍ତି କଲ୍ଲୋଳ- (ପ୍ରଥମ, ଦ୍ୱିତୀୟ, ତୃତୀୟ ଭାଗ), ଲେଖକ : ଶ୍ରୀ ଅଭିରାମ ପରମହଂସ, ପ୍ରକାଶକ : ଶ୍ରୀ ଅଭିରାମ ସତ୍‌ସଙ୍ଗ, କରମଳା, ପୁରୀ ।

(୧୬) ଶ୍ରୀରାଧା ରସାମୃତ ଗୀତା- ଲେଖକ : ଶ୍ରୀ ଶିବଦାସ, ପ୍ରକାଶକ : ଧର୍ମଗ୍ରନ୍ଥ ଷ୍ଟୋର, ଅଲିଶା ବଜାର, ୨ ।

(୧୭) ଶୂନ୍ୟ ସଂହିତା- ଲେଖକ : ଶ୍ରୀ ଅଚ୍ୟୁତାନନ୍ଦ ଦାସ, ପ୍ରକାଶକ : ଧର୍ମଗ୍ରନ୍ଥ ଷ୍ଟୋର, ଅଲିଶାବଜାର, କଟକ-୨ ।

(୧୮) ସନାତନ ଧର୍ମାର୍ଥ ଗୀତା ବା କୋଇଲି ଶିକ୍ଷା- ଲେଖକ : ଶ୍ରୀ ଅଭିରାମ ପରମହଂସ, ପଣ୍ଡିତ ଶ୍ରୀ ଅଭିରାମ ସତ୍‌ସଙ୍ଗ, ଶାନ୍ତି ଆନନ୍ଦାଶ୍ରମ, କରମଳା, ପୁରୀ । ଷଷ୍ଠ ମୁଦ୍ରଣ ।

**ବଙ୍ଗଳା ପୁସ୍ତକ :**

୧ । ଚୈତନ୍ୟ ଚରିତାମୃତ । (ମଧ୍ୟଲୀଳା, ଦ୍ୱିତୀୟ ଖଣ୍ଡ) ଶ୍ରୀଲ କୃଷ୍ଣ ଦାସ କବିରାଜ ଗୋସ୍ୱାମୀକୃତ ତଥା ଶ୍ରୀ ତାରାଗୋବିନ୍ଦ ନାଥଙ୍କଦ୍ୱାରା ସମ୍ପାଦିତ ଏବଂ ଗୌରୀକୃପା ଦ୍ୱାରା ତରଙ୍ଗିଣୀ ଟୀକା ସଂଯୋଜିତ । ସାଧନା ପ୍ରକାଶନ । ଚତୁର୍ଥ ସଂସ୍କରଣ, ସୀତାରାମ ଘୋଷ ଷ୍ଟ୍ରୀଟ୍, କଲିକତା-୯ ।

**ସହାୟକ ପତ୍ରିକା:**

ଶାନ୍ତି ଆନନ୍ଦାଶ୍ରମ କରମଳାର ବୈଷ୍ଣବ ଗୋଷ୍ଠୀର ମୁଖ୍ୟ ତ୍ରୟମାସିକ ଧର୍ମ ସଂସ୍କୃତି ସମ୍ବନ୍ଧୀୟ ପତ୍ରିକା 'ଶରଣଦ'ର ବିଭିନ୍ନ ସଂଖ୍ୟାରେ ଆଲୋଚିତ ପ୍ରସଙ୍ଗଗୁଡ଼ିକ ନିବନ୍ଧରେ ଗ୍ରହଣ କରାଯାଇ ପ୍ରକାଶ କରାଯାଇଛି ।

୧ । ଶରଣଦ : ସମ୍ପାଦନା- ଶ୍ରୀ ରବିନାରାୟଣ ଦାସ ବାବାଜୀ ।

୨ । Sanatan Dharma Sammilani, Souvenir, 5-6, May-1982.

୩ । ଶରଣଦ, ପୃ : ୨୦/୨୧ ।

◆



ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରଭାବଶାଳୀ ପ୍ରତିଭା ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଇଟିଏ, ପ୍ରଜ୍ଞା, ପ୍ରତିଭା ଓ ପ୍ରଗଳ୍‌ଭତାରେ ସେହିପରି ପରିପୂର୍ଣ୍ଣ କଥା–ଗଦ୍ୟଶିଳ୍ପୀ । ଗତ ବିଂଶଶତକର ଅଷ୍ଟମ–ନବମ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀ କାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକା ଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳବ୍ୟାପୀ ସାରସ୍ୱତ ସାଧନା ମଧ୍ୟରେ ତାଙ୍କ ରଚିତ ପୁସ୍ତକଗୁଡ଼ିକ ଭିତରୁ'ସୀତାକାନ୍ତ ମହାପାତ୍ରଙ୍କ 'କାବ୍ୟମାନସ, ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା', 'ହୃଦୟଭିକ୍ଷା', 'ପ୍ରେମରୁ ସମାଧି', 'ସିଦ୍ଧାନ୍ତ କେବଳ ତୁମର' (ଲଳିତ ନିବନ୍ଧ ଓ ସମାଲୋଚନା), 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ', (ଗବେଷଣା ନିବନ୍ଧ), ଉପନ୍ୟାସ ମଧ୍ୟରେ 'ଶୁଣ ପାଲ୍‌ଗୁନୀ', 'ମହାନାୟକ', 'ରକ୍ତ ରଞ୍ଜିତ ନାୟକ', 'କୃଷ୍ଣା', 'ପାର୍ଥ', 'କାଳଦର୍ଶୀ' ଏବଂ ଏକମାତ୍ର ସ୍ୱରଚିତ ଓଡ଼ିଆ କବିତା ସଂକଳନ 'ହଂସଧ୍ୱନି' ଏବଂ ତାହାର ଇଂରାଜୀ ସଂସ୍କରଣ 'SWANSONG' (ପ୍ରକାଶକ : ଇନ୍ଦ୍ରପ୍ରସ୍ଥ ପ୍ରକାଶନ, ଲକ୍ଷ୍ମୀନଗର, ଦିଲ୍ଲୀ) ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛନ୍ତି ସେତିକି ନୁହେଁ, ଓଡ଼ିଶାର ବୁଦ୍ଧିଜୀବୀ ପାଠକ ମାନସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର ହୋଇପାରିଛନ୍ତି।

ଡକ୍ଟର ବିଧୁପ୍ରଭା ବ୍ରହ୍ମପୁର କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ 'କଥାକାର ସୁପ୍ରୀତିଦେବୀ ଗନ୍ତାୟତ ସ୍ମାରକୀ ସମ୍ମାନ', କଟକ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ବିଷୁବ ସୁବ୍ରତ ସ୍ମାରକୀ ସମ୍ମାନ', ବ୍ରହ୍ମପୁରର 'କସ୍ତୁରୀ ସମ୍ମାନ',ଧର୍ମଶାଳାର 'ଗୋକର୍ଣ୍ଣିକା ପୁରସ୍କାର' ଓ ରାଜଧାନୀ ଭୁବନେଶ୍ୱରର 'ଚଲାପଥ' ପୁରସ୍କାର, 'ଉପେନ୍ଦ୍ର ଭଞ୍ଜ ଫାଉଣ୍ଡେସନ୍ ସମ୍ମାନ', 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ' ସମେତ ବହୁ ପୁରସ୍କାର ତଥା ସମ୍ମାନର ଅଧିକାରିଣୀ ।

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଆ ସାହିତ୍ୟ ଅକାଦେମୀର ସଦସ୍ୟା ଭାବେ ଡକ୍ଟର ବିଧୁପ୍ରଭା ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଅତୀତରେ ମନୋନୀତ ହୋଇ ପରବର୍ତ୍ତୀକାଳରେ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସାଧାରଣ ପରିଷଦର ବରେଣ୍ୟ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ। ତିନିବର୍ଷର କାର୍ଯ୍ୟକାଳ ମଧ୍ୟରେ ଯେ ଯେତେସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେଥି ମଧ୍ୟରେ ସମଗ୍ର ଓଡ଼ିଶାର ଓ ଓଡ଼ିଶା ବାହାରେ ଥିବା ଓଡ଼ିଆ ଲେଖକ ଲେଖିକାମାନଙ୍କ ତାଲିକା ପ୍ରସ୍ତୁତି ଓ ଲେଖକ ପରିଚୟ ଗ୍ରନ୍ଥ ପ୍ରକାଶନ ଅନ୍ୟତମ । ସେ ଓଡ଼ିଶା ଲେଖିକା ସଂସଦର ମଧ୍ୟ ପ୍ରତିଷ୍ଠାତା ସଦସ୍ୟା।

ପ୍ରକାଶକ

ସିଦ୍ଧେଶ ପବ୍ଲିଶିଙ୍ଗ ହାଉସ୍

ଅଲିଶା ବଜାର, କଟକ–୭୫୩୦୦୨,ମୋ.ନଂ.୯୪୩୮୪୩୮୬୦୯
Email : sidheshpublishinghouse@gmail.com